# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩ /୨୦୧୯ (୨୦ ପୃଷ୍ଠା) Bhubaneswar, Sunday, March 3/ 2019 (ଛୁଟିଦିନ ସହ) ★★★★★★

୪୫ଶ ଭାଗ ୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## 'ନୋ କିସିଂ' ନିୟମ ଭାଙ୍ଗିବେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆ ଅଭିନେତା ହ୍ରିତିକ୍ ରୋଶନଙ୍କ କ୍ଷେତ୍ରରେ 'ନୋ କିସିଂ' ନିୟମ ଭାଙ୍ଗିବେ ବୋଲି କହିଛନ୍ତି।

୦୨

୧୮

## ପୂଜାଙ୍କୁ ସ୍ୱର୍ଣ୍ଣ ପଦକ

ବୁଲ୍‌ଗେରିଆର ରୁସେଠାରେ ଅନୁଷ୍ଠିତ ଡାନ୍ କୋଲୋଭ ନିକୋଲ ପେଟ୍ରୋଭ ରେସ୍‌ଲିଂ ମିଟ୍‌ରେ ଭାରତର ପୂଜା ଧଣ୍ଡା ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।








ଅଜିତ୍ ସିଂ ଲୋକାଯୁକ୍ତ ଅଧ୍ୟକ୍ଷ



୩

ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ଛୁରି ଭୁସି ହତ୍ୟା

୨୦

**ଆଜିର ସମ୍ପାଦକୀୟ**

**କ୍ଷୁଣ୍ଣ ହେଉଛି ମହାନତା**

**କିଛି ତଥ୍ୟ**

୨୦୧୮-୧୯ ମାର୍କେଟିଂ ବର୍ଷରେ ଆଖୁ ଚାଷୀଙ୍କ ବକେୟା ବାବଦ ଅର୍ଥ ୨୦,୦୦୦ କୋଟି ଟଙ୍କା ଟପିଛି।

– କୃଷି ମନ୍ତ୍ରଣାଳୟ

### ମାଟ୍ରିକ ପରୀକ୍ଷାରେ ପୁଣି ବିଭ୍ରାଟ: ମାନିଲେ କର୍ତ୍ତୃପକ୍ଷ

# ଗଣିତ ପ୍ରଶ୍ନପତ୍ର ଭାଇରାଲ

କଟକ ଅଫିସ/ ଭବାନୀପାଟଣା/ ଜୟପାଟଣା, ୨।୩ (ଡି.ଏନ.ଏ.)

**୩ ନିଲମ୍ବିତ**

- ପ୍ରଧାନ ଶିକ୍ଷକ, ପରୀକ୍ଷା ନିରୀକ୍ଷକଙ୍କ ସମେତ ୩ ଗିରଫ
- ଜାମିନ ନାମଞ୍ଜୁର ପରେ ଜେଲ ହାଜତକୁ ପଠାଗଲା

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ପୁଣି ବିଭ୍ରାଟ ସୃଷ୍ଟି ହୋଇଛି। ପୂର୍ବରୁ ଓଡ଼ିଆ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଶନିବାର ପୁଣି ଗଣିତ ପ୍ରଶ୍ନପତ୍ର ଭାଇରାଲ ହୋଇଛି। ପରୀକ୍ଷା ଆରମ୍ଭର ଦେଢ଼ ଘଣ୍ଟା ପରେ ଗଣିତ 'ସେଟ୍-ଡି' ସବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଫଟୋ ସୋସିଆଲ ମିଡିଆରେ ଘୂରି ବୁଲିଥିଲା। ଏହି ଖବର ପାଇ ବୋର୍ଡ କର୍ତ୍ତୃପକ୍ଷ ତଦନ୍ତ କରିବାରୁ ତାହା କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲିସ୍ଥିତ ପରମାନନ୍ଦ ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରୁ ହୋଇଥିବା ଜଣାପଡ଼ିଥିଲା। କେନ୍ଦ୍ରରେ ରିଲିଭର ଭାବେ ଦାୟିତ୍ୱରେ ଥିବା ପୁଷ୍ପାଞ୍ଜଳି ଦଳପତି ଏହି ଫଟୋ ☞ପୃଷ୍ଠା-୪



SET : D

The figures in the right-hand margin indicate marks.

Answer all questions as directed

Time : 1 Hour 30 Minutes Full Marks : 50

Take π as $\frac{22}{7}$

Prove that the corresponding chords of two congruent arcs in a circle are congruent.

କିମ୍ବା / OR

Prove that the bisector of an angle of a triangle divides the side opposite to the angle into two segments whose lengths are proportional to the lengths of the corresponding adjacent sides.

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ପ୍ରଶ୍ନପତ୍ର।

# ପାଇଲଟ ବାଜି

**ନିର୍ବାଚନୀ ଫାଇଦା ଚାହାନ୍ତି ମୋଦି: ବିରୋଧୀ**



**ନୋବେଲ ଶାନ୍ତି ପୁରସ୍କାର ଉପରେ ଇମ୍ରାନଙ୍କ ନଜର**



ନୂଆଦିଲ୍ଲୀ, ୨।୩

ପୁଲ୍‌ୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଏଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ଉଦ୍ୟମ ହେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଭାରତୀୟ ବାୟୁସେନା (ଆଇଏଏଫ୍) ପାକିସ୍ତାନରେ ପଶି ବାଲାକୋଟରେ ଏୟାର ଷ୍ଟ୍ରାଇକ୍ କରି ଜୈଶ-ଇ-ମହମ୍ମଦ(ଜେଇଏମ୍)ର ସବୁଠୁ ବଡ଼ ତାଲିମ ଶିବିରକୁ ଧ୍ୱଂସ କରିଥିଲା। ସେହିପରି ପାଇଲଟ ଅଭିନନ୍ଦନ ବର୍ଥମାନ ପାକିସ୍ତାନରୁ ମୁକୁଳିବା ପରେ କେନ୍ଦ୍ର ସରକାର ଏହାକୁ ନିଜର କୂଟନୈତିକ ବିଜୟ ବୋଲି ଅଭିହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ପୁଞ୍ଜିକରି ଆଗାମୀ ଲୋକ ସଭା ନିର୍ବାଚନରେ ଭୋଟ ସାଉଁଟିବାକୁ ପ୍ରୟାସ ଚଳାଇଥିବା କୁହାଯାଉଛି। ଅନ୍ୟପଟେ ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସକରି ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇଆଣିବା ଉଦ୍ଦେଶ୍ୟରେ ପାଇଲଟଙ୍କୁ ମୁକ୍ତ କରିଥିବା ଦାବି କରିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ଏହାଦ୍ୱାରା ସେ ବିଶ୍ୱ ସମୁଦାୟ ଆଗରେ ନିଜର ଭାବମୂର୍ତ୍ତି ସଜାଡ଼ିବା ସହ ଶାନ୍ତି ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ମନ୍ତବ୍ୟ**

" ବାଲାକୋଟ ଆକ୍ରମଣକୁ ନେଇ ଭାଜପା ଉତ୍ସବ ମନାଇବା ଦ୍ୱାରା ଭାରତରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବା

–ଏଚ୍.ଡି. କୁମାରସ୍ୱାମୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ






ଭାରତରେ ଉତ୍ତେଜନା ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କୁ ଇସ୍‌ଲାମାବାଦ ଆଶ୍ରୟ ଦେଇଆସୁଛି। ଏବେ ଆତଙ୍କବାଦ ବିରୋଧରେ ପାକିସ୍ତାନର ନେତାମାନେ ଏକାଠି ହେବାର ସମୟ ଆସିଛି।
-ତୁଲସୀ ଗାବାର୍ଡ, ଆମେରିକା ଡେମୋକ୍ରାଟ ପାର୍ଟିର ଆଶାୟୀ ରାଷ୍ଟ୍ରପତି ପ୍ରାର୍ଥୀ

## ସଂକ୍ଷେପରେ

### ଲାଡେନଙ୍କ ପୁଅଙ୍କୁ ଆତଙ୍କବାଦୀ ଘୋଷଣା କଲା ଜାତିସଂଘ



**ଜାତିସଂଘ,୨।୩ (ପି.ଟି.):** ନିହତ ଅଲ୍‌କାଏଦା ମୁଖ୍ୟ ଓସାମା ବିନ୍ ଲାଡେନଙ୍କ ପୁଅ ହାମ୍‌ଜା (୨୯)ଙ୍କୁ ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କବାଦୀ ଘୋଷଣା କରିଛି। ପାକିସ୍ତାନ-ଆଫଗାନିସ୍ତାନ ସୀମାନ୍ତରେ ହାମ୍‌ଜା ଲୁଚି ରହି ଅଲ୍‌କାଏଦାର ବର୍ତ୍ତମାନ ମୁଖ୍ୟ ଏମନ-ଅଲ୍-ଜଓ୍ୱାହିରିଙ୍କ ଉତ୍ତରାଧିକାରୀ ଭାବେ ନିଜକୁ ପ୍ରସ୍ତୁତ କରୁଛି। ହାମ୍‌ଜାଙ୍କ ବିଷୟରେ ସୂଚନା ପ୍ରଦାନକାରୀଙ୍କୁ ଆମେରିକା ସରକାର ୧ ମିଲିୟନ ଡଲାର ପୁରସ୍କାର ରାଶି ଘୋଷଣା କରିଥିବାବେଳେ ଏହାର ଗୋଟିଏ ଦିନ ପରେ ଜାତିସଂଘ ସୁରକ୍ଷା ପରିଷଦ ତାଙ୍କୁ ଆତଙ୍କବାଦୀ ତାଲିକାଭୁକ୍ତ କରିଛି।

### ହସ୍ପିଟାଲରେ ଆଝାର



**ନୂଆଦିଲ୍ଲୀ,୨।୩(ପି.ଟି.):** ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାର ଏବେ ପାକିସ୍ତାନର ରାଓ୍ୱଲପିଣ୍ଡିସ୍ଥିତ ସେନା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ବୃକ୍କ ସମସ୍ୟା ଥିବାରୁ ନିୟମିତ ଡାଏଲିସିସ୍ କରାଯାଉଛି ବୋଲି ଜଣେ ସୁରକ୍ଷା ଅଧିକାରୀ ଶନିବାର ସୂଚନା ଦେଇଛନ୍ତି।

### ଓଆଇସିର କଶ୍ମୀର ପ୍ରସ୍ତାବକୁ ଭାରତର ବିରୋଧ

**ନୂଆଦିଲ୍ଲୀ,୨।୩(ପି.ଟି.):** ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି) ବୈଠକରେ ଅଣାଯାଇଥିବା ପ୍ରସ୍ତାବ ଉପରେ ଭାରତ ପ୍ରତିକ୍ରିୟା ପ୍ରକାଶ କରିଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରାଭିସ କୁମାର କହିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦର ମୁଖ୍ୟ କାରଣ ଜମ୍ମୁ-କଶ୍ମୀର। ଦକ୍ଷିଣ ଏସିଆରେ ଶାନ୍ତି ପାଇଁ ଏହାର ସମାଧାନ ଅନିବାର୍ଯ୍ୟ ବୋଲି ଓଆଇସି ସଦସ୍ୟ ରାଷ୍ଟ୍ରଗୁଡିକ ଉକ୍ତ ପ୍ରସ୍ତାବରେ ଦୋହରାଇଛନ୍ତି।

### ଦୁର୍ଘଟଣାରେ ୧୧ ମୃତ

**କାଠମାଣ୍ଡୁ,୨।୩ (ପି.ଟି.):** ନେପାଳରେ ଏକ ଯାତ୍ରୀବାହୀ ଜିପ୍ ଦୁର୍ଘଟଣାଗ୍ରସ୍ତ ହୋଇ ନଦୀ ମଧ୍ୟକୁ ଖସିପଡ଼ିଛି। ଏଥିରେ ୭ ମହିଳା ଓ ଶିଶୁଙ୍କ ସମେତ ୧୧ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଦର୍ଚୁଲା-ଟିଙ୍କର ରୋଡ଼ ଦେଇ ଖାଲାଙ୍ଗାରୁ ହିକିଲା ଅଭିମୁଖେ ଯାତ୍ରା କରୁଥିବାବେଳେ ଭାରତ ସୀମା ନିକଟରେ ଜିପ୍ ଭାରସାମ୍ୟ ହରାଇ ୫ଶହ ମିଟର ତଳକୁ ମହାକାଳୀ ନଦୀଗର୍ଭକୁ ଖସି ପଡ଼ିଥିଲା।

### ଇତିହାସର ଆଇନାରେ
### ମାର୍ଚ୍ଚ ୩ର ପ୍ରମୁଖ ଘଟଣା

୧୯୯୫ ମାର୍ଚ୍ଚ ୩ରେ ସ୍ପେସ୍ ଶଟଲ୍ ଉଡାଇବାରେ ପ୍ରଥମ ମହିଳା ଥିଲେ ମହାକାଶଚାରୀ ଏଇଲିନ୍ କଲିନ୍ସ। ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଉକ୍ତ ଶଟଲ୍ ଛଡାଯାଇଥିଲା। ଏଇଲିନ୍ ମେରି କଲିନ୍ସଙ୍କ ଜନ୍ମ ୧୯୫୬ ନଭେମ୍ବର ୧୯ରେ। ଏହି ନାସା ମହାକାଶଚାରୀ ବାୟୁସେନାରୁ କଲୋନେଲ ଭାବେ ଅବସର ନେଇଥିଲେ।

୨୦୦୭ ମାର୍ଚ୍ଚ ୩ରେ ବାଗଦାଦ୍ ମାର୍କେଟରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୧୩୫ ଲୋକ ନିହତ ହୋଇଥିବାବେଳେ ୩୩୯ ଆହତ ହୋଇଥିଲେ। ଏକ ଟ୍ରକ୍‌ରେ ବମ୍ ଖଞ୍ଜି ଇରାକ୍‌ର ରାଜଧାନୀ ବାଗଦାଦ୍‌ର ବ୍ୟସ୍ତବହୁଳ ମାର୍କେଟରେ ବିସ୍ଫୋରଣ ଘଟାଯାଇଥିଲା।

# ଏଫ୍-୧୬ର ଅପବ୍ୟବହାର



## ପାକିସ୍ତାନକୁ ତଥ୍ୟ ମାଗିଲା ଆମେରିକା

**ୱାଶିଂଟନ,୨।୩(ପି.ଟି.)**

ଆମେରିକା ନିର୍ମିତ ଯୁଦ୍ଧବିମାନ ଏଫ-୧୬ର ବ୍ୟବହାର ଚୁକ୍ତିନାମାକୁ ପାକିସ୍ତାନ ଉଲ୍ଲଂଘନ କରି ଭାରତ ବିରୋଧରେ ଏହାର ଅପବ୍ୟବହାର କରିଛି। ଏଥିପାଇଁ ଆମେରିକା ଇସ୍‌ଲାମାବାଦକୁ ଅଧିକ ତଥ୍ୟ ମାଗିଛି। ଗତ ଗୁରୁବାର ଭାରତୀୟ ବାୟୁସେନା ଆମ୍ରାମ୍ କ୍ଷେପଣାସ୍ତ୍ରର ଅଂଶବିଶେଷ ଦେଖାଇବା ପରେ ଏହାକୁ ନିକ୍ଷେପ କରିବା ଲାଗି ପାକିସ୍ତାନ ଏଫ-୧୬ ଲଢୁଆ ବିମାନ ବ୍ୟବହାର କରିଥିବା ସ୍ପଷ୍ଟ ହୋଇଛି। ବାଲାକୋଟରେ ଭାରତର ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପରେ ୨୭ ତାରିଖରେ ପାକିସ୍ତାନ ପ୍ରତିଶୋଧ ନେବା ଲକ୍ଷ୍ୟରେ ଏଫ-୧୬ ଲଢୁଆ ବିମାନକୁ ବ୍ୟବହାର କରିଥିଲା। ଏହି ବିମାନ ସହାୟତାରେ ଭାରତୀୟ ସାମରିକ ଘାଟିଗୁଡିକୁ ଟାର୍ଗେଟ କରିଥିଲା ପାକିସ୍ତାନୀ ବାୟୁସେନା। ତେବେ ଏହି ବିମାନ ବ୍ୟବହାରକୁ ପାକିସ୍ତାନ ଅସ୍ୱୀକାର କରିଥିଲା। ଏପରିକି ଭାରତୀୟ ବାୟୁସେନା ଉକ୍ତ ବିମାନକୁ ଖସାଇଥିଲେ ମଧ୍ୟ ଇସ୍‌ଲାମାବାଦ ଏହାକୁ ମାନି ନ ଥିଲା। ଭାରତ ପ୍ରମାଣ ଦେଖାଇବା ପରେ ପାକିସ୍ତାନର ମିଛ ପଦାରେ ପଡିଥିଲା। ଆମେରିକା ପ୍ରକୃତ ଘଟଣା ଜାଣିବା ପରେ ଇସ୍‌ଲାମାବାଦକୁ ଅଧିକ ତଥ୍ୟ ମାଗିଥିବା ଏହାର ପରରାଷ୍ଟ୍ର ବିଭାଗ ମୁଖପାତ୍ର କହିଛନ୍ତି।

ଆମେରିକା ନିର୍ମିତ ଉଚ୍ଚ ପ୍ରଯୁକ୍ତିଯୁକ୍ତ ପ୍ରତିରକ୍ଷା ସରଞ୍ଜାମ ବ୍ୟବହାର ପାଇଁ ଏଣ୍ଡ-ୟୁଜର୍ ମନିଟରିଂ ରାଜିନାମା ରଖାଯାଇଛି। ଏଫ-୧୬ ଯୁଦ୍ଧବିମାନ କିଣିବାବେଳେ ପାକିସ୍ତାନ ଆମେରିକା ସହ ଉକ୍ତ ରାଜିନାମାରେ ସ୍ୱାକ୍ଷର କରିଥିଲା। ଉକ୍ତ ରାଜିନାମା ଅନୁଯାୟୀ ଏଫ-୧୬କୁ କେବଳ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନ ସମୟରେ ବ୍ୟବହାର କରାଯାଇପାରିବ। କିନ୍ତୁ ପାକିସ୍ତାନ ଭାରତୀୟ ସେନା ଘାଟି ଉପରେ ଏହାକୁ ବ୍ୟବହାର କରି ରାଜିନାମାର ଉଲ୍ଲଂଘନ କରିଥିବା କୁହାଯାଉଛି। ବିଦେଶୀ ରାଷ୍ଟ୍ରକୁ ପ୍ରତିରକ୍ଷା ସାମଗ୍ରୀ ବିକ୍ରି ରାଜିନାମାରେ ଏହାକୁ ଗୋପନ ରଖାଯାଉଥିବାରୁ ଏ ସମ୍ପର୍କରେ ସବିଶେଷ ବିବରଣୀ ଦେବାକୁ ପ୍ରତିରକ୍ଷା ବିଭାଗ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କଲୋନେଲ କୋନ୍ ଫକ୍‌ନର ମନା କରିଦେଇଛନ୍ତି। ତେବେ ସାଧାରଣରେ ମିଳିଥିବା ତଥ୍ୟ ଅନୁଯାୟୀ ଏଫ-୧୬ର ବ୍ୟବହାର ଲାଗି ପାକିସ୍ତାନ ଉପରେ ଆମେରିକା ଅନେକ କଟକଣା ଲଗାଇଥିଲା। ୨୦୦୬ ଜୁଲାଇ ୨୦ରେ ଆମେରିକା କଂଗ୍ରେସରେ ଏକ ଶୁଣାଣି ବେଳେ ରାଜନୈତିକ ସାମରିକ ବ୍ୟାପାର ସହକାରୀ ସଚିବ ଜନ୍ ମୁଲର୍ କହିଥିଲେ, ଆମେରିକା ପ୍ରଯୁକ୍ତି ଓ ଉପକରଣ ହସ୍ତାନ୍ତରଣ ପୂର୍ବରୁ ଏହାର ସମ୍ଭାବ୍ୟ ବିପଦ ସମ୍ପର୍କରେ ଦେଶ ଗୁରୁତର ସହ ଚିନ୍ତା କରିଛି। ପାକିସ୍ତାନକୁ ଏଫ-୧୬ ବିକ୍ରି ପୂର୍ବରୁ ଲାଗୁ ହୋଇଥିବା କଟକଣାଗୁଡିକ ସମ୍ପର୍କରେ ମୁଲର ରୁଦ୍ଧଦ୍ୱାର ଶୁଣାଣିରେ ଆଇନ ପ୍ରଣୟନକାରୀମାନଙ୍କୁ ଜଣାଇଥିଲେ।

# ସୀମାରେ ୪୦୦ ବଙ୍କର ନିର୍ମାଣକୁ ମଞ୍ଜୁରୀ

**ଜମ୍ମୁ,୨।୩(ପି.ଟି.)**

ଗତ ୫ ଦିନ ହେଲା ପାକିସ୍ତାନୀ ସେନା ସୀମାନ୍ତ ଗ୍ରାମଗୁଡିକ ଉପରେ ପ୍ରବଳ ସେଲ୍ ମାଡ଼ କରିଚାଲିଛି। ଏଥିରୁ ସୀମାନ୍ତବାସୀଙ୍କୁ ସୁରକ୍ଷା ଦେବା ଲାଗି ଜମ୍ମୁ-କଶ୍ମୀର ପ୍ରଶାସନ ପୁଞ୍ଚ ଓ ରାଜୌରୀ ଜିଲାରେ ଅତିରିକ୍ତ ୪୦୦ ବଙ୍କର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଉଭୟ ଜିଲାରେ ୨୦୦ଟି ଲେଖାଏ ବଙ୍କର ନର୍ମାଣ ପ୍ରସ୍ତାବକୁ ଶନିବାର ପ୍ରଶାସନିକ ମଞ୍ଜୁରୀ ମିଳିଛି। ମାସକ ମଧ୍ୟରେ ସେଗୁଡିକର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ପାକିସ୍ତାନୀ ସେନାର ସେଲ୍ ମାଡରେ ୪ ଜଣ ସାଧାରଣ ଲୋକଙ୍କ ଜୀବନ ଯାଇଛି। ଏଲ୍‌ଓସି ନିକଟ କ୍ରିଷ୍ଣାଘାଟି ସେକ୍ଟର ଅନ୍ତର୍ଗତ ସାଲୋତ୍ରୀ ଗ୍ରାମର ଗୋଟିଏ ଘର ଉପରେ ଶୁକ୍ରବାର ରାତିରେ ସେଲ୍ ମାଡ଼ ହେବାରୁ ଜଣେ ମହିଳା ଓ ତାଙ୍କର ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଦୁଇ ଜଣ ଯବାନ ଏବଂ ୨ ନିରୀହ ଲୋକ ଆହତ ହୋଇଥିଲେ। ପରେ ଉଭୟ ସେନା ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା।

### ଗିନିଜ୍ ବୁକ୍‌ରେ ସ୍ଥାନ ପାଇବାକୁ ଉଦ୍ୟମ



କୁମ୍ଭମେଳା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଲୋକ ଝାଡୁ ଧରି ଗଙ୍ଗାନଦୀ କୂଳ ସଫା କରୁଛନ୍ତି।

# ଅଭିନନ୍ଦନଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିଲା

**ନୂଆଦିଲ୍ଲୀ,୨।୩:** ପାକିସ୍ତାନ କବ୍‌ଜାରେ ଥିବାବେଳେ ବାୟୁସେନା ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇ ନ ଥିଲେ ମଧ ମାନସିକ ଭାବେ ତାଙ୍କୁ ଅନେକ ହଇରାଣ କରାଯାଇଥିଲା ବୋଲି ସେ କହିଛନ୍ତି। ଭାରତକୁ ହସ୍ତାନ୍ତର କରିବା ପୂର୍ବରୁ ତାଙ୍କୁ କ୍ୟାମେରା ସମ୍ମୁଖରେ କେତେକ ମନ୍ତବ୍ୟ ରେକର୍ଡ କରାଇବାକୁ ପାକିସ୍ତାନୀ କର୍ତ୍ତୃପକ୍ଷ ବାଧ କରିଥିଲେ। ଶାନ୍ତି ଉଦ୍ୟମ ସ୍ୱରୂପ ତାଙ୍କୁ ଛଡାଯାଉଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କହିଥିଲେ । କିନ୍ତୁ ଛାଡିବା ପୂର୍ବରୁ ଅଭିନନ୍ଦନଙ୍କୁ ଧମକ ଦେଇ ତାଙ୍କ ମୁହଁରେ ପାକିସ୍ତାନ ସପକ୍ଷରେ କୁହାଯାଇଥିଲା ବୋଲି ଜଣେ ଭାରତୀୟ ଅଧିକାରୀ କହିଛନ୍ତି।

ଅଭିନନ୍ଦନଙ୍କୁ ଏବେ କୁଲିଂ ଡାଉନ୍ ପ୍ରକ୍ରିୟାରେ ରଖାଯାଇଛି। ସେ ଭାରତୀୟ ବାୟୁସେନା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ଶନିବାର ଅଭିନନ୍ଦନଙ୍କୁ ଭେଟି ତାଙ୍କର ସାହସ ଓ ଦୃଢ଼ସଂକଳ୍ପ ଲାଗି ସାରା ଦେଶ ଗର୍ବିତ ବୋଲି ଜଣାଇଥିଲେ। ଏହି ଅବସରରେ ଅଭିନନ୍ଦନ ପାକିସ୍ତାନରେ କଟାଇଥିବା ୬୦ ଘଣ୍ଟାର ଅନୁଭୂତି ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଇଥିବା କୁହାଯାଉଛି।

ୱିଙ୍ଗ କମାଣ୍ଡର ଚଳାଉଥିବା ମିଗ୍-୨୧ ଖସିପଡିବାରୁ ସେ ପାରାଚ୍ୟୁଟ ସହାୟତାରେ ଓହ୍ଲାଇପଡିଥିଲେ। ଏହା ପୂର୍ବରୁ ସେ ପାକିସ୍ତାନର ଏଫ-୧୬ ଯୁଦ୍ଧବିମାନକୁ ଖସାଇଦେଇଥିଲେ। ତେବେ ସେ ପାକ୍ ଅଧିକୃତ କଶ୍ମୀର ଅଞ୍ଚଳରେ ପଡିଯିବାରୁ ତାଙ୍କୁ ପାକିସ୍ତାନୀ କର୍ତ୍ତୃପକ୍ଷ ନିଜ କବ୍‌ଜାକୁ ନେଇଥିଲେ। ଶୁକ୍ରବାର ରାତିରେ ସେ ଭାରତ ଫେରିବା ପରେ ତାଙ୍କ ଡାହାଣ ଆଖି ତଳଭାଗ ଫୁଲିଥିବା ଦେଖାଯାଇଥିଲା। ଦିଲ୍ଲୀରେ ପହଞ୍ଚିବା ପରେ ପ୍ରଥମେ ସେ ତାଙ୍କ ପରିବାର ସଦସ୍ୟ ଏବଂ ବାୟୁସେନାର ଉଚ୍ଚ ପଦାଧିକାରୀମାନଙ୍କୁ ଭେଟିଥିଲେ। ଏହା ପରେ କୁଲିଂ ଡାଉନ ପ୍ରକ୍ରିୟାର ଅଂଶ ସ୍ୱରୂପ ତାଙ୍କର ଏକାଧିକ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପର୍ଯ୍ୟାୟ ସମ୍ପୂର୍ଣ୍ଣ ଶେଷ ହେବା ପରେ ପାକିସ୍ତାନରେ ତାଙ୍କ ପ୍ରତି କ'ଣ ସବୁ ଘଟିଥିଲା ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି।



ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଭେଟୁଛନ୍ତି।

# ଜମାତ୍-ଇ-ଇସ୍‌ଲାମୀର ବ୍ୟାଙ୍କ ଆକାଉଣ୍ଟ ଅଚଳ

**ଶ୍ରୀନଗର,୨।୩**

ସୀମାପାର୍ ଆତଙ୍କବାଦୀ ଗୋଷ୍ଠୀଙ୍କ ସହ ସମ୍ପର୍କରେ ଥିବା ବିଚ୍ଛିନ୍ନତାବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ଶନିବାର ଜମାତ୍-ଇ-ଇସ୍‌ଲାମୀ (ଜେଇଆଇ)ର ୭୦ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟକୁ ସିଲ୍ କରାଯାଇଛି। ଏଥିସହ ସଙ୍ଗଠନର ୫୨ କୋଟି ଟଙ୍କାର ପାଣ୍ଠିକୁ ଅଚଳ କରି ଦିଆଯାଇଛି। ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ରହିଥିବା ଜେଇଆଇ ସଙ୍ଗଠନର ସମ୍ପତ୍ତିକୁ ଚିହ୍ନଟ କରି ବ୍ୟାଜାପ୍ତ କରାଯିବାକୁ ସରକାରୀସ୍ତରରେ ଅଭିଯାନ ଆରମ୍ଭ ହୋଇଛି। ଗତ ୨୪ ତାରିଖରେ ଏହାର ପରିଚାଳନା ମୁଖ୍ୟ ଅବଦୁଲ୍ ହାମିଦ୍ ଫୟାଜ୍‌ଙ୍କ ସମେତ ଏକାଧିକ ନେତାଙ୍କୁ ଅଟକ ଏବଂ ଗିରଫ କରାଯାଇଛି। ଜେଇଆଇ ଉପରେ ଏଭଳି ପ୍ରତିବନ୍ଧକ ଏବଂ କାର୍ଯ୍ୟାନୁଷ୍ଠାନକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ (ପିଡ଼ିପି) ଅଧକ୍ଷା ମେହବୁବା ମୁଫ୍‌ତି ବିରୋଧ କରିଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନର ପରିଣାମ ଭୟଙ୍କର ହେବ ବୋଲି ସେ ସୂଚାଇଛନ୍ତି।

# ପୁଲଓ୍ୱାମା ଭଳି ଆକ୍ରମଣ ଯୋଜନା କରିଥିଲେ ନିହତ ଆତଙ୍କବାଦୀ

**ଶ୍ରୀନଗର,୨।୩(ପି.ଟି.)**



ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ଗତ ୨୪ ତାରିଖ ଏନ୍‌କାଉଣ୍ଟରରେ ନିହତ ୩ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପୁଲଓ୍ୱାମା ଭଳି ଆକ୍ରମଣ ଯୋଜନା କରିଥିଲେ। ଆତଙ୍କବାଦୀଙ୍କଠାରୁ ମିଳିଥିବା ଏକ ଭିଡିଓରୁ ଏହା ଜଣାପଡିଛି। ନିହତ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ରକିବ ଅହମ୍ମଦଙ୍କ ଘର ଶିଗାନପୋରାରେ। ମୃତ୍ୟୁ ପୂର୍ବରୁ ଏହି ଭିଡିଓ ଶୁଟିଂ ହୋଇଥିଲା ଯାହା ଶନିବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୬ ମିନିଟର ଏହି ଭିଡିଓରେ ସୁରକ୍ଷା ବଳ ଉପରେ ଆତ୍ମଘାତୀ ଆକ୍ରମଣ ଲାଗି ସେ କରିଥିବା ଯୋଜନା ସମ୍ପର୍କରେ କହିଛନ୍ତି।

## ଫୁର୍‌ସତ

# ନବଜାତକର ନାମ 'ଅଭିନନ୍ଦନ'

**ଜୟପୁର:** ରାଜସ୍ଥାନର ଅଲ୍‌ୱାର ଜିଲା ଅଧୀନ କିଷନଗଡ଼ରେ ଜଣେ ନବଜାତକର ନାମ ଦିଆଯାଇଛି ଅଭିନନ୍ଦନ। ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ଶୁକ୍ରବାର ପାକିସ୍ତାନ ଦ୍ୱାରା ମୁକ୍ତ ହେବାକୁ ଯାଉଥିବା ବେଳେ ସେଦିନ ସଂଧ୍ୟାରେ ଉକ୍ତ ଶିଶୁଟି ଜନ୍ମ ହୋଇଥିଲା। ଅଭିନନ୍ଦନଙ୍କ ନାମାନୁସାରେ ନବଜାତ ଶିଶୁର ନାମ ରଖିବା ପାଇଁ ପରିବାର ଲୋକେ ଖୁବ୍ ପସନ୍ଦ କରିଥିଲେ। ଏ ସମ୍ପର୍କରେ ଶିଶୁର ଜେଜେବାପା ଜନେଶ ଭୂତାନି କହନ୍ତି, ତାଙ୍କ ବୋହୂ ଏକ ଶିଶୁପୁତ୍ର ଜନ୍ମ ଦେଇଥିବାରୁ ବାୟୁସେନା ପାଇଲଟ୍‌ଙ୍କ ସମ୍ମାନାର୍ଥେ ଆମେ ତା'ର ନାମ ଅଭିନନ୍ଦନ ଦେଇଛୁ। ଆମେ ପାଇଲଟ୍‌ଙ୍କ ପାଇଁ ଗର୍ବିତ। ତାଙ୍କ ଫେରିବା ଖବର ଜାଣିବା ପାଇଁ ନ୍ୟୁଜ୍ ଚ୍ୟାନେଲ୍ ଦେଖୁଥିବା ସମୟରେ ବୋହୂ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପୁତ୍ରର ନାମ ଅଭିନନ୍ଦନ ଦିଆଯାଇଥିବାରୁ ପାଇଲଟ୍‌ଙ୍କ ବୀରତ୍ୱ ମନେପକାଇବୁ ଏବଂ ସେ ବଡହେବା ପରେ ଆମେ ତାକୁ ବୀର ସୈନିକ ହେବାକୁ ଚାହିଁବୁ ବୋଲି ନବଜାତକର ମା' ସପନ ଦେବୀ ପ୍ରକାଶ କରିଛନ୍ତି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୮ | ୧୫.୫ |
| ଚାନ୍ଦବାଲି | ୨୯.୨ | ୧୭.୪ |
| କଟକ | ୩୦.୬ | ୧୬.୨ |
| ପାରାଦ୍ୱୀପ | ୨୮.୪ | ୧୮.୨ |
| ଭୁବନେଶ୍ୱର | ୩୧.୨ | ୧୮.୦ |
| ଗୋପାଳପୁର | ୩୦.୦ | ୨୦.୫ |
| ପୁରୀ | ୨୮.୬ | ୧୯.୦ |
| ଅନୁଗୋଳ | ୩୧.୧ | ୧୪.୦ |
| ବାରିପଦା | ୨୮.୦ | ୧୫.୫ |
| ଝାରସୁଗୁଡ଼ା | ୩୧.୨ | ୧୬.୦ |
| କେନ୍ଦୁଝର | ୨୮.୨ | ୧୪.୨ |
| ସମ୍ବଲପୁର | ୩୨.୦ | ୧୮.୦ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୩୦.୧ | ୧୭.୬ |
| ତାଳଚେର | ୩୧.୫ | ୧୭.୩ |
| ଭବାନୀପାଟଣା | ୩୩.୦ | ୧୯.୫ |
| ବଲାଙ୍ଗୀର | ୩୨.୦ | ୧୭.୦ |
| କୋରାପୁଟ | ୩୧.୦ | ୧୬.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୭.୦ |
| ମାଲକାନଗିରି | ୩୬.୬ | ୧୮.୫ |
| ସୋନପୁର | ୩୩.୨ | ୧୮.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

# 'ନୋ କିସିଂ' ନିୟମ ଭାଙ୍ଗିବେ



ତମନ୍ନା ଭାଟିଆ

**ଚେନ୍ନାଇ:** ଅଭିନେତ୍ରୀ ତମନ୍ନା ଭାଟିଆ ଅଭିନେତା ହ୍ରିତିକ୍ ରୋଶନ୍‌ଙ୍କ କ୍ଷେତ୍ରରେ 'ନୋ କିସିଂ' ନିୟମ ଭାଙ୍ଗିବାକୁ ଯାଉଛନ୍ତି। ସେ କୌଣସି ଫିଲ୍ମରେ କାମ କରିବା ପୂର୍ବରୁ କାହାରିକୁ କିସ୍ କରିବେ ନାହିଁ ବୋଲି ଚୁକ୍ତି କରିଥାଆନ୍ତି। ତେବେ ହ୍ରିତିକ୍‌ଙ୍କ ପାଇଁ ସେ ଏହି ନିୟମ ଭାଙ୍ଗିଦେବେ ବୋଲି କହିଛନ୍ତି। ଚାଟ୍ ଶୋ' 'ଫେମସ୍‌ଲି ଫିଲ୍ମଫେୟାର'(ତାମିଲ) ଏପିସୋଡ୍‌ରେ ତମନ୍ନା କହିଲେ, କେବେ ଯଦି ସେ ହ୍ରିତିକ୍‌ଙ୍କ ସହ କାମ କରିବାର ସୁଯୋଗ ପାଆନ୍ତି ତେବେ ପୂର୍ବ ନିୟମ ଭଙ୍ଗ କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ବିଶେଷକରି ତମନ୍ନା ସ୍କ୍ରିନ୍‌ରେ ଚୁମ୍ବନ ଦୃଶ୍ୟକୁ ପସନ୍ଦ କରନ୍ତି ନାହିଁ। ପୂର୍ବରୁ ଏଥିପାଇଁ ଚୁକ୍ତି କରିଥାନ୍ତି। ତେବେ ହ୍ରିତିକ୍‌ଙ୍କ କ୍ଷେତ୍ରରେ ଏହି ନିୟମ ବଦଳିଯିବ ବୋଲି ସେ କହିଛନ୍ତି। 'ବାହୁବଳୀ: ଦି ବିଗ୍‌ନିଙ୍ଗ୍'ର ଅଭିନେତ୍ରୀ ହ୍ରିତିକ୍‌ଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତକୁ ମନେପକାଇ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ସେ ହ୍ରିତିକ୍‌ଙ୍କର ଉଚ୍ଚ ପ୍ରଶଂସକ। 'ହମ୍‌ଶକଲ୍ସ', 'ଏଣ୍ଟରଟେନ୍‌ମେଣ୍ଟ' ଏବଂ 'ହିମ୍ମତ୍‌ୱାଲା' ଭଳି ବହୁ ବଲିଉଡ୍ ଫିଲ୍ମରେ ସେ ଅଭିନୟ କରିଛନ୍ତି। କିନ୍ତୁ ଦକ୍ଷିଣ ଭାରତୀୟ ଫିଲ୍ମ ପାଇଁ ସେ ଅଧିକ ଚର୍ଚ୍ଚିତ। ତେଲୁଗୁ, ତାମିଲ କି କନ୍ନଡ ଫିଲ୍ମ ହେଉ ତମନ୍ନା ଅନେକ ଦକ୍ଷିଣ ଭାରତୀୟ ଫିଲ୍ମରେ ଅଭିନୟ କରିଛନ୍ତି। ଅଭିନେତ୍ରୀ କଙ୍ଗନା ରଣାଓ୍ୱତ୍‌ଙ୍କ ଅଭିନୀତ 'କୁଇନ୍' ତେଲୁଗୁ ରିମେକ୍ ରିଲିଜ୍ ପାଇଁ ସେ ବର୍ତ୍ତମାନ ଖୁବ୍ ବ୍ୟସ୍ତ ଅଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



କଂଗ୍ରେସ ସହ ମେଣ୍ଟ ବୁଝାମଣା ଫେଲ୍ ମାରିବା ପରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଶନିବାର ଦିଲ୍ଲୀର ୭ ଲୋକ ସଭା ଆସନ ମଧ୍ୟରୁ ୬ଟିରେ ଆଶାୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଆସନ୍ତା ନିର୍ବାଚନରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ଓ ଭାଜପାର ନିର୍ବାଚନ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଯୋଗ୍ୟତା ଆଧାରରେ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବା ଦଳ ତରଫରୁ କୁହାଯାଇଛି। ଦିଲ୍ଲୀ ଏଏପି ସଂଯୋଜକ ଗୋପାଳ ରାୟ ଖବରଦାତା ସମ୍ମିଳନୀରେ ଏହା ଜଣାଇଛନ୍ତି।




# ଯୁକ୍ତ୨ ପରୀକ୍ଷା ପାଇଁ କଟକଣା ଜାରି

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

- ସ୍ମାର୍ଟ ଘଣ୍ଟା, ମୋବାଇଲ୍ ଫୋନ୍ ମନା
- ଟଏଲେଟ୍ ଗଲେ ପ୍ରଶ୍ନପତ୍ର ଜିମା ଦେବାକୁ ହେବ
- ତ୍ରିସ୍ତରୀୟ ସ୍କ୍ୱାଡ୍ ସହ କଡ଼ା ସୁରକ୍ଷା ବ୍ୟବସ୍ଥା

ଚଳିତବର୍ଷ ମାର୍ଚ୍ଚ ୭ରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇ ୩୦ ତାରିଖରେ ସରିବ। ମାଟ୍ରିକ୍ ପ୍ରଶ୍ନପତ୍ର ଲିକ୍ ହେବାପରେ ଯୁକ୍ତ୨ ପରୀକ୍ଷାରେ କିପରି ସେଭଳି କିଛି ଅବହେଳା ନ ହେବ ସେଥିପାଇଁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତତ୍ପରତା ପ୍ରକାଶ କରିଛି। ଯୁକ୍ତ୨ ପରୀକ୍ଷାକୁ ନେଇ ପରିଷଦ ପକ୍ଷରୁ ଶନିବାର କେତେକ କଟକଣା ଜାରି କରାଯାଇଛି। ପରୀକ୍ଷା ହଲ୍‌କୁ ଛାତ୍ରୀଛାତ୍ରମାନେ ସାଧାରଣ ଘଣ୍ଟା ପିନ୍ଧି ଯାଇପାରିବେ। କିନ୍ତୁ ସ୍ମାର୍ଟ ଘଣ୍ଟା ପିନ୍ଧି ଯାଇପାରିବେ ନାହିଁ। ଏହାଛଡ଼ା ପରୀକ୍ଷା ହଲ୍‌କୁ ମୋବାଇଲ ଫୋନ୍ ନେଇପାରିବେ ନାହିଁ। ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କେହି ବି ପରୀକ୍ଷା ଚାଲିଥିବା ସମୟରେ ଫୋନ୍ ଧରି ପାରିବେ ନାହିଁ। ପ୍ରଶ୍ନପତ୍ର ନ ନେଇ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଅଧାରୁ ହଲ୍ ଛାଡ଼ିପାରିବେ ନାହିଁ। ଟଏଲେଟ୍ ଗଲେ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପରୀକ୍ଷକଙ୍କୁ ଜିମା ଦେଇ ଯିବାକୁ ପଡ଼ିବ। ଟଏଲେଟ୍ ଯାଇ ୨ ମିନିଟ୍‌ରୁ ଅଧିକ ସମୟ ରହିଲେ ପରୀକ୍ଷା ନିରୀକ୍ଷକ ଯାଞ୍ଚ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ରରେ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ସକାଳ ୭ଟାରୁ ୯ଟା ୩୦ ସୁଦ୍ଧା ସବୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ। ନକ୍ସଲ ପ୍ରବଣ ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପରୀକ୍ଷା ପାଇଁ ୨୦୨ଟି ହବ୍ କରାଯାଇଥିବାବେଳେ ମୋଟ ୧୦୯୧ କେନ୍ଦ୍ର ମଧ୍ୟରୁ ୯୩୭ କେନ୍ଦ୍ରରେ ସିସିଟିଭି ଲାଗିଛି। ବାକି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯିବ। ଆବଶ୍ୟକ ପଡ଼ିଲେ ସିସିଟିଭି ଲାଗି ନ ଥିବା କେନ୍ଦ୍ରକୁ ସମ୍ବେଦନଶୀଳ କେନ୍ଦ୍ର ରୂପେ ଘୋଷଣା କରାଯିବ। ଚଳିତବର୍ଷ ମୋଟ ୩ ଲକ୍ଷ ୬୯ ହଜାର ୫୩୭ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ ବୋଲି ପରିଷଦ ଅଧ୍ୟକ୍ଷ କହିଛନ୍ତି।

# 'ସମସ୍ତଙ୍କ ଧ୍ୟେୟ ହେଉ ଗ୍ରାମ୍ୟ ବିକାଶ'



ନୂଆଦିଲ୍ଲୀରେ ଶନିବାର 'କୌଶଳ ଭବନ'ର ଶିଳାନ୍ୟାସ ଅବସରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**ନୂଆଦିଲ୍ଲୀ,୨।୩**

- ଦକ୍ଷତା ବିକାଶ ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପରାଷ୍ଟ୍ରପତି
- ନୂଆ ଭାରତର ପ୍ରତିଚ୍ଛବି ହେବ 'କୌଶଳ ଭବନ': ଧର୍ମେନ୍ଦ୍ର

ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଶନିବାର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ନୂତନ କାର୍ଯ୍ୟାଳୟ ଭବନର ଶୁଭ ଦେଇଛନ୍ତି । ରାମ ରାଜ୍ୟ-ଗ୍ରାମ ରାଜ୍ୟ ବିନା ସମ୍ଭବ ନୁହେଁ। ତେଣୁ ଗ୍ରାମ୍ୟ ବିକାଶ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ ବୋଲି ଏହି ଭବନର ଶୁଭ ଦେବା ଅବସରରେ ସେ କହିଛନ୍ତି।

ନୂଆଦିଲ୍ଲୀଠାରେ 'କୌଶଳ ଭବନ'ର ଶିଳାନ୍ୟାସ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏହି ଭବନ ନୂଆ ଭାରତର ପ୍ରତିଚ୍ଛବି ହେବ ଏବଂ ଏହା ନୂଆ ପିଢ଼ିକୁ ନୂତନ ଉତ୍ସାହର ସହ କାମ କରିବାକୁ ପ୍ରେରଣା ଦେବ। ଏହି ଭବନର ଭିତ୍ତିପ୍ରସ୍ତର ସ୍ଥାପନ ଦେଶର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସୃଷ୍ଟି ପରର ପ୍ରଗତିର ଏକ ମାଇଲଖୁଣ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଯୁବପିଢ଼ିକୁ ବିକାଶ ରାସ୍ତାରେ ନେଇ ସେମାନଙ୍କୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ମୋଦି ସରକାରଙ୍କ ଉଦ୍ୟମ ସହ ଯୁବପିଢ଼ି ଉତ୍ସାହର ସହ ଯୋଡି ହୋଇଛନ୍ତି ବୋଲି ସେ କହିଛନ୍ତି। ସ୍କିଲ୍ ମିଶନ ମାଧ୍ୟମରେ ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଲାଗି ଉତ୍ତମ ବାତାବରଣ ସୃଷ୍ଟି କରିବା ଜରୁରୀ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଅଜିତ୍ ସିଂ ଲୋକାୟୁକ୍ତ ଅଧ୍ୟକ୍ଷ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ଗୁଆହାଟୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଅଜିତ ସିଂ ଓଡିଶାର ପ୍ରଥମ ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ ଏହାକୁ ଶନିବାର ଅନୁମୋଦନ କରିଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏ ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ ଯେ, ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବା ପରେ ୨୦୧୯ ଫେବୃୟାରୀ ୧୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ନାମ ଚୂଡ଼ାନ୍ତ ହୋଇଥିଲା ଓ ରାଜ୍ୟପାଳଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା।


ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ସିତାଂଶୁ ରଞ୍ଜନ କର ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରୁଛନ୍ତି।

# ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ରର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକକ ଶନିବାର ସଚିବାଳୟ ପରିସରରୁ ପତାକା ଦେଖାଇ ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ସୁନେତ୍ର ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୮ ଜିଲାର ୫୩ ସ୍ଥାୟୀ ଦୃଷ୍ଟିଯତ୍ନ କେନ୍ଦ୍ର ସହ ୧୦ ଜିଲାର ଭ୍ରାମ୍ୟମାଣ ଦୃଷ୍ଟିଯତ୍ନ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ, ଯିଏକି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଆଇଏପିବିର ଅନ୍ଧତ୍ୱ ଦୂରୀକରଣ ସମ୍ପର୍କିତ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସୁନେତ୍ର ଯୋଜନାରେ ଉନ୍ନତମାନର ଚକ୍ଷୁ ଚିକିତ୍ସା, ଚଷମା ଯୋଗାଇବା ଆଦି ବ୍ୟବସ୍ଥା ହୋଇଛି। ଏଥିସହିତ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର, ଗୋଷ୍ଠୀସ୍ତରରେ ଚକ୍ଷୁ ପରୀକ୍ଷା, ମଧୁମେହଜନିତ ରେଟିନୋପାଥି ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଅତ୍ୟାଧୁନିକ ଯନ୍ତ୍ରପାତି ସହ ୫୩ ଦୃଷ୍ଟି ଭିଜନ କେନ୍ଦ୍ର ସ୍ଥାପନ କରାଯାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷାକୁ ବ୍ୟାପକ କରାଯିବ। ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଡିଜିଟାଲ କରାଯିବା ପାଇଁ ୱେବ ପୋର୍ଟାଲ, ମୋବାଇଲ ଆପ୍ ଏବଂ ଇଲେକ୍ଟ୍ରୋନିକ ମେଡିକାଲ ରିପୋର୍ଟ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବିଭାଗୀୟ ସଚିବ ଡା ପ୍ରମୋଦ ମେହେର୍ଦ୍ଧା ଏବଂ ସୁନେତ୍ର କାର୍ଯ୍ୟକ୍ରମର ସିଇଓ ଅର୍ଚ୍ଚନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

NECC NATIONAL EGG CO-ORDINATION COMMITTEE 02.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers








ଜର୍ମାନୀର ଦକ୍ଷିଣାଞ୍ଚଳ ନ୍ୟୁରେମବର୍ଗ ସହରରେ ଏକ ଘରେ ନିଆଁ ଲାଗି ୫ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଶିଶୁ ଓ ଜଣେ ମହିଳା ରହିଛନ୍ତି। ଅଗ୍ନିଶମ ବିଭାଗ ସୂଚନାନୁଯାୟୀ, ଶନିବାର ଭୋର ୩ଟା ସମୟରେ ଅଗ୍ନିକାଣ୍ଡଜନିତ ସୂଚନା ମିଳିଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ଘରର ତଳ ମହଲା ଜଳି ପୋଡ଼ି ଛାରଖାର୍ ହୋଇସାରିଥିଲା। କେଉଁ ପରିସ୍ଥିତିରେ ଉକ୍ତ ଘରେ ନିଆଁ ଲାଗିଲା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଜାରି ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦନ୍ତା ଆକ୍ରମଣରେ ୨ ମୃତ

**ଢେଙ୍କାନାଳ ଅଫିସ/ତାଳଚେର (ନି.ପ୍ର), ୨।୩**

ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ହାତୀ ଆତଙ୍କ ଦେଖାଦେଇଛି। ଶନିବାର ପୃଥକ୍ ସ୍ଥାନରେ ଦନ୍ତା ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋଟଙ୍ଗା ଥାନା ହିନ୍ଦୋଳରୋଡ ଫାଣ୍ଡି ଆର୍ତ୍ତସାନ୍ତରାକାଟେଣୀ ଗ୍ରାମର ଦୟାନିଧି ସାହୁ (୬୫) ଏବଂ ତାଳଚେର ସହର ଦେଉଳବେଡ଼ାର କେଦାରନାଥ ପ୍ରସାଦ। ଆକ୍ରମଣରେ ଗୁରୁତର ହୋଇଥିବା ଆର୍ତ୍ତସାନ୍ତରାକାଟେଣୀର ରଶ୍ମିତା ସାହୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଦୟାନିଧିଙ୍କ ମୃତ୍ୟୁପରେ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ୫୫ନଂ. ଜାତୀୟ ରାଜପଥର ନାଧରା ଛକ ନିକଟରେ ସକାଳ ୭ଟାରୁ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ୪୦ ହଜାର ଟଙ୍କା ସହାୟତା ଦିଆଯିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା।



ମୃତଦେହ ରଖି ରାସ୍ତାରୋକୋ।

### ଦକ୍ଷତା ବିକାଶ କ୍ଷେତ୍ରରେ ଆଉ ଏକ ପଦକ୍ଷେପ

# ସିସ୍କୋ, ଟାଟା ଷ୍ଟ୍ରାଇଭ୍ ସହ ଓଏସ୍‌ଡିଏର ଏମ୍‌ଓୟୁ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ଯୁବତୀଯୁବକଙ୍କ ନିଯୁକ୍ତି ଓ ଔଦ୍ୟୋଗିକ ଦକ୍ଷତା ବୃଦ୍ଧି ପାଇଁ ଶନିବାର ଇଡ୍‌କୋ ବୋର୍ଡ ରୁମ୍‌ରେ ସିସ୍କୋ ସିଷ୍ଟମ୍ସ ଇଣ୍ଡିଆ ପ୍ରା.ଲି. ଏବଂ ଟାଟା ଷ୍ଟ୍ରାଇଭ୍ ସହିତ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟି (ଓଏସ୍‌ଡିଏ) ଦୁଇଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ପ୍ରଥମେ ଓଏସ୍‌ଡିଏ ସହିତ ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇଭିଟି) ଏବଂ ସିସ୍କୋ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଏସ୍‌ଡିଏ ସିଇଓ ତଥା ନିୟୋଜନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ, ଏସ୍‌ସିଟିଇଭିଟିର ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂ ଓ ସିସ୍କୋର ଉପସଭାପତି ମାଲାଭାରାପୁ ବିକ୍ରମ କୁମାର ଏଥିରେ ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ଆଇଟିଆଇ ଓ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନରେ ତାଲିମ ନେଉଥିବା ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶ୍ରମଶକ୍ତିର ବିକାଶ ନିମନ୍ତେ ସୁଯୋଗ ମିଳିବ। ସିସ୍କୋ ବିଶ୍ୱରେ ନେଟ୍‌ୱର୍କ ଏକାଡେମୀ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷ ଛାତ୍ରୀଛାତ୍ରଙ୍କୁ ଆଇଟି ସେବା ପ୍ରଦାନ କରୁଛି। ଏହି ବୁଝାମଣାପତ୍ର ଦ୍ୱାରା ରାଜ୍ୟର ସମସ୍ତ ସରକାରୀ ପଲିଟେକ୍ନିକ୍ ଏବଂ ଆଇଟିଆଇକୁ ଅନ୍‌ଲାଇନ୍ ପାଠ୍ୟକ୍ରମ ଶିକ୍ଷା ଓ ସାର୍ଟିଫିକେଟ୍ ପ୍ରୋଗ୍ରାମ ସହିତ ସମ୍ପୃକ୍ତ କରାଯିବ। ଏଥିପାଇଁ ସିସ୍କୋ ଏକାଡେମିକ୍ ପ୍ରୋଗ୍ରାମ ଯୋଗାଇଦେବ। ଏହା ବ୍ୟତୀତ ସିସ୍କୋ ରାଜ୍ୟର ଆଇଟିଆଇ ଓ ପଲିଟେକ୍ନିକ୍‌ରେ ସାର୍ଟିଫାଏଡ୍ ଏଣ୍ଟ୍ରି ନେଟ୍‌ୱର୍କ ଟେକ୍ନିସିଆନ୍ କୋର୍ସ ପ୍ରଦାନ କରିବ।

ସେହିଭଳି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଉପସ୍ଥିତିରେ ଓଏସ୍‌ଡିଏ ଏବଂ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ ମଧ୍ୟରେ ନାନୋ ୟୁନିକର୍ନ ପ୍ରୋଗ୍ରାମ ଉପରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ନାନୋ ୟୁନିକର୍ନ ହେଉଛି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଏକ ଯୋଜନା। ଏହାଦ୍ୱାରା ବ୍ୟବସାୟିକ ମନୋବୃତ୍ତି ଥିବା କୁଶଳ ଯୁବପିଢ଼ିଙ୍କୁ ସଫଳ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀରେ ପରିଣତ କରିବା ସହିତ ତୃଣମୂଳ ସ୍ତରରେ ସେମାନଙ୍କ ଦ୍ୱାରା ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଓଏସ୍‌ଡିଏ ସିଇଓ ତଥା ନିୟୋଜନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପାଟିଲ ଓ ଟାଟା କମ୍ୟୁନିଟି ଇନିସିଏଟିଭ୍ ଟ୍ରଷ୍ଟ ସିଇଓ ଅନୀତା ରାଜନଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

### ଗ୍ରାମାଞ୍ଚଳ ଗୃହନିର୍ମାଣ ଗାଇଡ୍‌ଲାଇନ ଅଡୁଆ

# ଅଧାରେ ଲଟକିଛି ୫୨୧ ପ୍ରକଳ୍ପ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

- ପଞ୍ଚାୟତିରାଜ ବିଭାଗ ଉପରେ ନିଷ୍ପତ୍ତି ଛାଡ଼ି ହାତ ବାନ୍ଧି ବସିଛି ରେରା
- ପ୍ରକଳ୍ପ ପଞ୍ଜୀକରଣକୁ ନେଇ ଚିନ୍ତାରେ ବିଲ୍ଡର



ଗ୍ରାମାଞ୍ଚଳରେ ଗୃହନିର୍ମାଣ ପ୍ରକଳ୍ପକୁ ନେଇ ଅଡୁଆରେ ପଡିଛନ୍ତି ବିଲ୍‌ଡର ଓ ରିୟଲଇଷ୍ଟେଟ ବ୍ୟବସାୟୀ। ୨୦୦୫ରୁ ୨୦୧୧ ମଧ୍ୟରେ ନିର୍ମାଣ ହୋଇଥିବା ୧୪୦ଟି ଗୃହନିର୍ମାଣ ପ୍ରକଳ୍ପର ୧୦ ହଜାର ବାସଗୃହ ପଞ୍ଜୀକରଣ ନ ହୋଇ ପଡିରହିଛି। ଅକୁପାନ୍ସି ସାର୍ଟିଫିକେଟ ଦେଇ ପାରୁ ନ ଥିବାରୁ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୩୮୧ଟି ପ୍ରକଳ୍ପକୁ ଅନୁମୋଦନ ମିଳୁନି । ଓଡିଶା ରିୟଲଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ପ୍ରକଳ୍ପଗୁଡ଼ିକୁ ଅନୁମତି ଦେଉ ନ ଥିବାରୁ ସେଗୁଡିକର ଭାଗ୍ୟ ଅନ୍ଧକାର ମଧ୍ୟକୁ ଚାଲିଯାଇଛି। ବହୁ କୋଟି ଟଙ୍କା ବ୍ୟୟ କରି ରିୟଲଇଷ୍ଟେଟ ବ୍ୟବସାୟୀମାନେ ନିଜର ଭାଗ୍ୟକୁ ଆଦରି ରହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ନୂତନ ଗାଇଡଲାଇନ ପ୍ରସ୍ତୁତ କରିବାକୁ ରେରା ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ବାରମ୍ବାର ଅବଗତ କରାଗଲେ ମଧ୍ୟ ଏ ନେଇ କୌଣସି ପ୍ରତିକାର ହେଉ ନାହିଁ।

ବାସଗୃହ, ବ୍ୟବସାୟିକ ଗୃହ କିଣୁଥିବା ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ସହ ରିୟଲଇଷ୍ଟେଟ, ବିଲଡରମାନଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ସରକାର ରିୟଲଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଅନୁଯାୟୀ ବିଲଡରମାନଙ୍କ ପ୍ରକଳ୍ପଗୁଡ଼ିକୁ ପଞ୍ଜୀକରଣ କରିବା ପାଇଁ ରାଜ୍ୟରେ ଓଡିଶା ରିୟଲଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା) ଗଠନ କରାଯାଇଛି। ତେବେ ଗ୍ରାମାଞ୍ଚଳରେ ନିର୍ମାଣ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ନେଇ ରେରା ଅଡୁଆରେ ପଡ଼ିଛି। ଏ ନେଇ ସରକାର କୌଣସି ସ୍ପଷ୍ଟ ଗାଇଡଲାଇନ ଜାରି କରୁ ନ ଥିବାରୁ ରିୟଲଇଷ୍ଟେଟ ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଏବଂ ପରେ ବହୁତଳ ଅଟ୍ଟାଳିକା ନିର୍ମାଣ କରୁଥିବା ସଂସ୍ଥାଗୁଡିକ ହରଡଘଣାରେ ପଡିଛନ୍ତି। ଏହାଛଡା ଅଗ୍ନିଶମ ବିଭାଗ, ପରିବେଶ, ଲିଜ୍‌ଜମି, ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ଆପତ୍ତି ବିହୀନ ସାର୍ଟିଫିକେଟ(ଏନଓସି) ଆଦି ମିଳିବାରେ ବିଳମ୍ବ ହେବା ଯୋଗୁ ରିୟଲଇଷ୍ଟେଟ ପ୍ରକଳ୍ପଗୁଡ଼ିକୁ ପଞ୍ଜୀକରଣ ମିଳିବାରେ ମାସ ମାସ ଲାଗି ଯାଉଛି। ରିୟଲଇଷ୍ଟେଟ ଆଇନ କାର୍ଯ୍ୟକାରୀ ହେବା ପରେ ଗ୍ରାମାଞ୍ଚଳ ପାଇଁ ପଞ୍ଚାୟତିରାଜ ବିଭାଗ ଗୃହନିର୍ମାଣ ସକାଶେ ୨୦୧୬ ମେ ୨୦ ତାରିଖରେ ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଥିଲା। ଏହାକୁ ପରିବର୍ତ୍ତନ କରି ପୁଣି ୨୦୧୮ ଜୁନ ୭ ତାରିଖରେ ବିଭାଗ ପକ୍ଷରୁ ଆଉ ଏକ ଗାଇଡଲାଇନ ଜାରି କରାଗଲା। ଏହି ଗାଇଡଲାଇନରେ କୁହାଗଲା ଯେ, ଗ୍ରାମାଞ୍ଚଳରେ ୫୦୦ ମିଟରରୁ ଉର୍ଦ୍ଧ୍ୱ ଅଞ୍ଚଳରେ ବହୁତଳ ଅଟ୍ଟାଳିକା, ଆବାସିକ କିମ୍ବା ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ କରିବାକୁ ଚାହୁଁଥିବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ପଞ୍ଚାୟତ ସରପଞ୍ଚଙ୍କ ନିକଟରୁ ବିଲ୍ଡିଂ ପ୍ଲାନ ଅନୁମୋଦନ କରିବେ। ଆବାସିକ ଗୃହ ପାଇଁ ପ୍ରତିବର୍ଗ ମିଟରକୁ ୫ ଟଙ୍କା, ଅଣଆବାସିକ କୋଠା ପାଇଁ ୧୦ ଓ ଜମି ବିଭାଜନ ପାଇଁ ପ୍ରତି ବର୍ଗ ମିଟରକୁ ୫ ଟଙ୍କା ଜମା କରିବାକୁ ପଡିବ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସଶକ୍ତୀକରଣ କରିବା ପାଇଁ ସରକାର ଏଭଳି ଗାଇଡଲାଇନ ଜାରି କରିଥିବା ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଗାଇଡଲାଇନ ଅନୁଯାୟୀ ଆବେଦନଗୁଡ଼ିକୁ ପଞ୍ଚାୟତ ଏକ୍ସଟେନଶନ ଅଫିସର(ପିଇଓ) ସ୍କ୍ରୁଟିନ କରି ୭ ଦିନ ମଧ୍ୟରେ ପଞ୍ଚାୟତ ସମିତିକୁ ପଠାଇବେ। ସେଠାରୁ ୧୫ ଦିନ ମଧ୍ୟରେ ଜିଲା ଟାଉନ ପ୍ଲାନିଂକୁ ଯିବ । ସେଠାରୁ ସହର ଯୋଜନା ନିର୍ଦ୍ଦେଶକଙ୍କ ଅନୁମୋଦନ ପାଇଁ ପଠାଯିବ। ମୋଟାମୋଟି ୩୦ ଦିନ ମଧ୍ୟରେ ପ୍ରକଳ୍ପ ଅନୁମୋଦନ କରାଯିବ। ଅନୁମୋଦନ ପରେ ଗୃହ ନିର୍ମାଣକାରୀ ସଂସ୍ଥା ରେରା ନିକଟରେ ପ୍ରକଳ୍ପର ପଞ୍ଜୀକରଣ ପାଇଁ ଆବେଦନ କରିବେ। ପଞ୍ଜୀକରଣ ପାଇଁ ଅକୁପାନ୍ସି ସାର୍ଟିଫିକେଟ ବାଧ୍ୟତାମୂଳକ କରାଯାଇଛି। ମାତ୍ର ପଞ୍ଚାୟତିରାଜ ବିଭାଗ ଅକୁପାନ୍ସି ସାର୍ଟିଫିକେଟ କାହାଠାରୁ ନିଆଯିବ ସେ ନେଇ ଗାଇଡଲାଇନରେ ଉଲ୍ଲେଖ କରିନାହିଁ। ଫଳରେ ରେରା ନିକଟରେ ଗ୍ରାମାଞ୍ଚଳରୁ ଆସିଥିବା ୩୮୧ଟି ପ୍ରକଳ୍ପ ପଞ୍ଜୀକରଣ ନ ହୋଇ ପଡିରହିଛି। ଏ ସମ୍ପର୍କରେ ରେରାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗାଇଡ ଲାଇନରେ ସଂଶୋଧନ କରିବାକୁ ପଞ୍ଚାୟତିରାଜ ବିଭାଗକୁ ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଥିଯୋଗୁ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ନୂତନ ଗାଇଡ ଲାଇନ ନ ହେବା ଯାଏ କୌଣସି ପ୍ରକଳ୍ପ ପଞ୍ଜୀକରଣ ହେବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ନିଜ ରାଶିକୁ ଚନ୍ଦ୍ର ସଙ୍ଗରେ ଶୁକ୍ରଙ୍କୁ ନେଇ ଅବଲୋକନ କରୁଥିବାରୁ ମାଙ୍ଗଳିକ କାର୍ଯ୍ୟରେ ବନ୍ଧୁମିଳନ ଅବଶ୍ୟ ଘଟିବ। ପାରିବାରିକ ସ୍ତରରେ ସାଧାରଣ ବ୍ୟତିକ୍ରମ ବେଶୀକ୍ଷଣ ତିଷ୍ଠି ରହିବ ନାହିଁ। କଥା ପ୍ରସଙ୍ଗରେ ବନ୍ଧୁଙ୍କ ଦୁଃଖଦ ପରିସ୍ଥିତି ଶ୍ରବଣ କରି ସାମୟିକ ବ୍ୟସ୍ତତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଗୃହ ଭୂମି ସମ୍ପର୍କୀୟ ଆଲୋଚନା ପ୍ରାୟତଃ ଅନୁକୂଳ ରହିବ।

**ବୃଷ**



କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବା ସହ ନୂତନ ମିତ୍ରତା ସୃଷ୍ଟି ହେବ। କିନ୍ତୁ କର୍ମାଧିପ ଅଷ୍ଟମସ୍ଥ ହେତୁ କାର୍ଯ୍ୟହାନୀ କାରଣରୁ ମନରେ ସରସତା ରହି ନ ପାରେ। ସ୍ୱାସ୍ଥ୍ୟଗତ ଦୁର୍ବଳତା ଅନୁଭବ କରିବା ସହ ସୁଯୋଗ ପାଇଲେ ମଧ୍ୟ ତାହାର ସଦୁପଯୋଗ କରିବା କଷ୍ଟକର ହୋଇପାରେ। ଶିଳ୍ପ ଓ ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**



ଶୁକ୍ରଙ୍କ ନକ୍ଷତ୍ରରେ ମଙ୍ଗଳ ରହିଥିବାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। ଆନୁଷ୍ଠାନିକ କାମ କିମ୍ବା ଆଲୋଚନା ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ**



ଚନ୍ଦ୍ର ସହ ଶୁକ୍ରଙ୍କ ସମ୍ବନ୍ଧ ରହିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ବିଳାସବ୍ୟସନ ଦିଗକୁ ମନ ଢଳିପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବ୍ୟୟ ଅଟଳଳ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ।

**ସିଂହ**



ବ୍ୟୟାଧିପ ଚନ୍ଦ୍ର ଷଷ୍ଠଭାବରେ ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇପାରନ୍ତି। ରାଶିପ୍ରତି ରବିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟୋନ୍ନତି, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଆଶାକୁ ପୂରଣ ହୋଇପାରିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ଆଇନ, ଜମିଜମା କାରବାର କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା**



ଦେବଗୁରୁ ଧର୍ମଭାବକୁ ଅବଲୋକନ କରି ଧର୍ମକାର୍ଯ୍ୟ, ତିର୍ଥାଟନ ସକାଶେ ମାର୍ଗ ଉନ୍ମୁକ୍ତ କରିପାରନ୍ତି। କିନ୍ତୁ ସ୍ୱସ୍ଥାନ ହନ୍ତା ବୃହସ୍ପତି ଭ୍ରାତୃ ସମ୍ପର୍କ ହାନୀ, ପଡୋଶୀଙ୍କ ସହ କଳହ, ଏବଂ କୌଣସି ଦୁଃସାହସିକ କାମ କରିବାରେ ପଶ୍ଚାଦ୍‌ପଦ ହୋଇପାରନ୍ତି। କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ।

**ତୁଳା**



ମଙ୍ଗଳ ଓ ବୃହସ୍ପତି ଧନସ୍ଥାନକୁ ପ୍ରଭାବିତ କରୁଥିବାରୁ ଅର୍ଥଲାଭର ସୁଯୋଗ ପାଇବେ। ସଭାସମିତିରେ ଯୁକ୍ତିତର୍କ ମାଧ୍ୟମରେ ନିଜର ମତ ସାବ୍ୟସ୍ତ କରିବାରେ ସଫଳ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଧାର ସୂତ୍ରରେ ଅର୍ଥ ପାଇବେ। ଗଣତନ୍ତ୍ରର ଗ୍ରହ ଶନି ସାଂଗଠନିକ ସ୍ତରରେ, ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରାଇପାରନ୍ତି।

**ବିଛା**



ଚନ୍ଦ୍ରଙ୍କ ଏକଦଶସ୍ଥ ବୃହସ୍ପତି ଆପଣଙ୍କ ଆଶା ଓ କାମନାକୁ ପୂରଣ କରିବାର ମନୋବଳ ଦୃଢୀଭୂତ କରିବ। କଠିନ ଶ୍ରମ ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ପାରିବାରିକ ଅସ୍ଥିରତା କାରଣରୁ ସାୟାହ୍ନେ ମନ ଭଲ ରହି ନ ପାରେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିବାର ସୂଚନା ରହିଛି।

**ଧନୁ**



ପଡୋଶୀମାନେ ସ୍ନେହ, ସୌଜନ୍ୟତା ଦେଖାଇ ନିଜର କରିବାକୁ ଚେଷ୍ଟା କରିପାରନ୍ତି। ମୁଖଭାବରେ ଚନ୍ଦ୍ର ଓ ଶୁକ୍ର ଆପଣଙ୍କୁ ଅର୍ଥ, ମିଷ୍ଟାନ୍ନଭୋଜନ, ବସ୍ତ୍ରଭୂଷଣାଦି ପ୍ରଦାନ କରିବାର ପରିବେଶ ସୃଷ୍ଟିକରିବେ। ରାଶ୍ୟାଧିପତି ଦ୍ୱାଦଶସ୍ଥ ହେତୁ ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବାକୁ ପଡିପାରେ। କୌଣସି କାରଣରୁ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ।

**ମକର**



କୌଣସି ଶୁଭଖବର, ଅଭିଳାଷ ପୂରଣର ସୂଚନା ମନକୁ ଖୁସୀ କରାଇଦେଇପାରେ। ସ୍ୱଗୃହୀ ମଙ୍ଗଳ ଆପଣଙ୍କୁ ମାଙ୍ଗଳିକ କାମ, ଆନୁଷ୍ଠାନିକ ସହ ଯୋଗ, କାର୍ଯ୍ୟସିଦ୍ଧି ହେତୁକ ଶୁଭଫଳ ପ୍ରଦାନ କରିବ। ଶନିଙ୍କ ଦୃଷ୍ଟି ରବିଙ୍କ ଉପରେ ପତିତ ହେଉଥିବାରୁ ଯେକୌଣସି ପରିସ୍ଥିତିକୁ ସୁଧାରି ନେଇପାରିବେ। ବନ୍ଧୁମାନଙ୍କ ଅନୁରୋଧରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି।

**କୁମ୍ଭ**



କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ପଦାର୍ପଣ କରିପାରନ୍ତି। ସରକାରୀ ସହାୟତା, ଉପରିସ୍ଥଙ୍କ ଅନୁକମ୍ପା ସ୍ଥଗିତ କାମକୁ ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ। ପ୍ରତ୍ୟେକ କ୍ଷେତ୍ରରେ ଅତୀତକୁ ଧରିବସିଲେ ଏହି ସମୟର ସୁବିଧା ସୁଯୋଗକୁ ହରାଇବାକୁ ପଡିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାର ସୁଯୋଗ ମିଳିବ।

**ମୀନ**



କେନ୍ଦ୍ରାଧିପ ବୁଧ ରାଶିରେ ବନ୍ଧୁ କିମ୍ବା ଆତ୍ମୀୟ ମାନଙ୍କ ସହଯୋଗରେ କାର୍ଯ୍ୟ ହାସଲ କରାଇବ। ରାଶ୍ୟାଧିପ ପାପଗ୍ରହ ମଧ୍ୟସ୍ଥ ହେତୁ ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଆଇନ ବିଭାଗର ଗ୍ରହ ଶନି କର୍ମସ୍ଥାନରେ କଚେରୀ ମାମଲାରେ ସଫଳତା ପ୍ରଦାନ କରିବେ କିନ୍ତୁ ପାରିବାରିକ ଅଶାନ୍ତିର କାରଣ ହୋଇପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ରବିବାର, ମାର୍ଚ୍ଚ ୩ ତାରିଖ, ରାଶି ନକ୍ଷତ୍ର-ଦିବା ଘ୯।୩୭ମି. ଗତେ, ଶ୍ରବଣା/ମକର, ମେଷ ରାଶିର ଘାତବାର, ଦ୍ୱାଦଶୀର ଏକୋଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭।୩୬ମି. ଗତେ ଘ୯।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୯।୦୩ମି. ଗତେ ଘ୧୦।୩୦ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୪।୨୧ମି. ଗତେ ଘ୫।୪୮ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ପାଇଲଟ...

ଉଦ୍ୟମ ଲାଗି ନୋବେଲ ପୁରସ୍କାର ପାଇବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଉଭୟ ନେତାଙ୍କ ମନୋଭାବକୁ ଅନୁଧ୍ୟାନ କଲେ ଫାଇଦା ହାସଲ ଲାଗି ପାଇଲଟଙ୍କୁ ବାଜି ଲଗାଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ସାଧାରଣ ନିର୍ବାଚନ ଜିତି ପୁଣି ଥରେ କ୍ଷମତାକୁ ଆସିବା ଲାଗି ପୁଲଓ୍ୱାମା ପରବର୍ତ୍ତୀ ସଫଳତାର ଉପଯୋଗ କରିବାକୁ ଚାହୁଁଥିବା ବିରୋଧୀ ମହଲରେ ଚର୍ଚ୍ଚା ହେଉଛି। ଅଭିନନ୍ଦନଙ୍କୁ ଛଡାଯିବ ବୋଲି ପାକିସ୍ତାନ ଘୋଷଣା କରିବା ପରେ 'ପାଇଲଟ ପ୍ରୋଜେକ୍ଟ' ସଫଳ ହେଲା ବୋଲି ମୋଦି ଗୁରୁବାର କହିଥିଲେ। ନୂଆ ଭାରତର ସାମର୍ଥ୍ୟ ବଢ଼ିଛି, ଯାହା 'ଅଭିନନ୍ଦନ'ର ପରିଭାଷା ବଦଳାଇଦେଇଛି ବୋଲି ପ୍ରଧାନମନ୍ତ୍ରୀ ଶନିବାର କହିଛନ୍ତି। ଆଇଏଏଫ୍‌ର ଏୟାର ଷ୍ଟ୍ରାଇକ୍ କର୍ଣ୍ଣାଟକରେ ଭାଜପାକୁ ୨୨ ଆସନ ଜିତାଇବାରେ ସହାୟକ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା ମନ୍ତବ୍ୟ ଦେଇ ଦଳର ଅସଲ ଉଦ୍ଦେଶ୍ୟକୁ ପଦାରେ ପକାଇଦେଇଥିଲେ। ପାଇଲଟ ଅଭିନନ୍ଦନଙ୍କୁ ଫେରାଇଆଣିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବଡ଼ କୂଟନୈତିକ ସଫଳତା ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ ଦଳର ଅନ୍ୟ ନେତାମାନେ କହି ବୁଲୁଛନ୍ତି। କେବଳ ମୋଦି ସରକାର ପାକିସ୍ତାନ ଓ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ସକ୍ଷମ ବୋଲି ଶାହ ନିର୍ବାଚନ ପ୍ରଚାର ବେଳେ ବାହୁସ୍ଫୋଟ ମାରୁଛନ୍ତି। ଅନ୍ୟପକ୍ଷରେ ସୀମାରେ ଉତ୍ତେଜନା ଏବଂ ପାକିସ୍ତାନ ପଟୁ ଗୁଳିଗୋଳା ମାଡରେ ପ୍ରତିଦିନ ଯବାନ ଶହୀଦ ହେଉଥିବାବେଳେ ନିରୀହ ଲୋକଙ୍କ ମୁଣ୍ଡ ଗଡୁଛି। ଏଭଳି ସମୟରେ ରବିବାର ବିହାର ରାଜଧାନୀ ପାଟନାରେ ହେବାକୁ ଥିବା ଏନ୍‌ଡିଏର ବିଶାଳ ସମାବେଶକୁ ନେଇ ବିରୋଧୀ ଦଳଗୁଡିକ ପ୍ରଶ୍ନ ଉଠାଇଛନ୍ତି। ସେହିପରି ବାଲାକୋଟ ଆକ୍ରମଣକୁ ନେଇ ଭାଜପା ଉତ୍ସବ ମନାଇବା ଦ୍ୱାରା ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିହେବ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ସତର୍କ କରାଇଦେଇଛନ୍ତି। ଅନ୍ୟପଟେ ଦୁଇଦିନ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେଉଁଠି ଆକ୍ରମଣ କରାଯାଇଛି ଓ କେତେ ମରିଛନ୍ତି ବୋଲି ମୋଦି ସରକାରଙ୍କୁ ପ୍ରମାଣ ମାଗି ଏନ୍‌ଡିଏର ଉଦ୍ଦେଶ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ।

ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ତ୍ତମାନ ୨୭ ତାରିଖରେ ଶତ୍ରୁପକ୍ଷର ବିମାନକୁ ପିଛା କରିବାକୁ ଯାଇ ପାକିସ୍ତାନ ସୀମା ଅତିକ୍ରମ କରିଥିଲେ। ସେ ପାକିସ୍ତାନୀ ବାୟୁସେନାର ଏଫ୍-୧୬ ବିମାନକୁ ଟାର୍ଗେଟ କରି ଖସାଇ ଦେଇଥିଲେ। ତେବେ ଦୁର୍ଭାଗ୍ୟକୁ ତାଙ୍କ ବିମାନଟି ମଧ୍ୟ ଖସିପଡିଥିଲା ଏବଂ ସେ ପାକ୍-ଅଧିକୃତ କଶ୍ମୀର (ପିଓକେ) ଅଞ୍ଚଳରେ ପଡିଯିବାରୁ ପାକିସ୍ତାନୀ ସେନା ତାଙ୍କୁ କାବୁ କରିନେଇଥିଲା। ଅଭିନନ୍ଦନଙ୍କ ରକ୍ତ ଜୁଡୁବୁଡୁ ଓ ଆଖିରେ ପଟିବନ୍ଧା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଅନ୍ତର୍ଜାତୀୟ ସ୍ତରରେ ଇସ୍‌ଲାମାବାଦକୁ ଅଡୁଆରେ ପକାଇଥିଲା। ଫଳରେ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରର ଚାପ ଆଗରେ ମୁଣ୍ଡ ନୁଆଁଇ ପାକିସ୍ତାନ ପାଇଲଟଙ୍କୁ ମୁକ୍ତ କରିବାକୁ ବାଧ୍ୟ ହୋଇଥିଲା। ତେବେ ଭାରତ ସହ ଶାନ୍ତି ସ୍ଥାପନ ଉଦ୍ୟମ ସ୍ୱରୂପ ପାଇଲଟଙ୍କୁ ଛାଡିଦିଆଯିବା କଥା ଗତ ଗୁରୁବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ସେଠାକାର ପାର୍ଲାମେଣ୍ଟରେ ଘୋଷଣା କରିଥିଲେ। ଫଳରେ ନିଜ ମାଟିରେ ଆତଙ୍କବାଦକୁ ଜନ୍ମ ଦେଇ ଏହାକୁ ପାଳିପୋଷି ଅନ୍ୟ ଦେଶରେ ହିଂସା ଓ ଅସ୍ଥିରତା ସୃଷ୍ଟି ଲାଗି ବ୍ୟବହାର କରୁଥିବା ପାକିସ୍ତାନ ଏବେ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ଶାନ୍ତି ଉଦ୍ୟମକାରୀ ରାଷ୍ଟ୍ରର ପରିଚୟ ସୃଷ୍ଟି କରିବା ଯୋଜନାରେ ରହିଛି। ଏହା ପଛର ଉଦ୍ଦେଶ୍ୟକୁ ଆହୁରି ସ୍ପଷ୍ଟ କରିଛି ଶନିବାର ପାକିସ୍ତାନ ପାର୍ଲାମେଣ୍ଟରେ ଇମ୍ରାନଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ପ୍ରସ୍ତାବ ଆଗତ ହେବା। ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ ଏହି ପ୍ରସ୍ତାବ ଆଣି କହିଛନ୍ତି, ଭାରତୀୟ ପାଇଲଟଙ୍କୁ ମୁକ୍ତ କରିଦେଇ ପଡୋଶୀ ଦେଶ ସହ ଉତ୍ତେଜନା ହ୍ରାସ କରାଇବାରେ ପ୍ରଧାନମନ୍ତ୍ରୀ ଇମ୍ରାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ତେଣୁ ତାଙ୍କୁ ମର୍ଯ୍ୟାଦାଜନକ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ସୋମବାର ଉକ୍ତ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଏହି ପରିପ୍ରେକ୍ଷୀରେ ଉଭୟ ଭାରତ ଓ ପାକିସ୍ତାନର ପ୍ରଧାନମନ୍ତ୍ରୀ ନିଜ ନିଜ ଦେଶର ଜନସାଧାରଣଙ୍କ ଭାବାବେଗକୁ ନେଇ ଫାଇଦା ଉଠାଉବାକୁ ଉଦ୍ୟମ କରୁଥିବା କୁହାଯାଉଛି।

### 'ମୋଦିଙ୍କୁ ଟାର୍ଗେଟ କର, ଦେଶକୁ ନୁହେଁ'

ବାଲାକୋଟ ଆତଙ୍କବାଦୀ ଶିବିରରେ ବାୟୁସେନାର ଆକ୍ରମଣ ଉପରେ ପ୍ରଶ୍ନ ଉଠାଉଥିବା ବିରୋଧୀ ଦଳଗୁଡ଼ିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ମୋଦିଙ୍କୁ ଟାର୍ଗେଟ କର, କିନ୍ତୁ ଦେଶକୁ ନୁହେଁ ବୋଲି ସେ କହିଛନ୍ତି। ଆତଙ୍କବାଦ ନିରୋଧୀ ଲଢ଼େଇରେ ଭାରତ ପଛରେ ସାରା ବିଶ୍ୱ ଛିଡ଼ାହୋଇଥିବାବେଳେ କେତେକ ରାଜନୈତିକ ଦଳ ଏହା ଉପରେ ପ୍ରଶ୍ନ ଉଠାଇବା ଦୁର୍ଭାଗ୍ୟଜନକ। କାହାକୁ ସମାଲୋଚନା କରିବାକୁ ମନା ନାହିଁ। ତେବେ ସେମାନଙ୍କର ମୋଦି ବିରୋଧୀ ମନୋଭାବ ମାସୁଦ ଆଝାର, ହଫିଜ ସୟିଦଙ୍କ ଭଳି ଆତଙ୍କବାଦୀଙ୍କ ପାଇଁ ସହାୟକ ନ ହେଉ। ସାରା ଦେଶ ଏବେ ରାଫାଲ ଯୁଦ୍ଧବିମାନର ଅଭାବ ଅନୁଭବ କରୁଛି। ରାଫାଲ ଥିଲେ ଫଳ ଭିନ୍ନ ହୋଇଥାନ୍ତା ବୋଲି ଇଣ୍ଡିଆ ଟୁଡେ କନ୍‌କ୍ଲେଭରେ ପ୍ରଧାନମନ୍ତ୍ରୀ କହିଛନ୍ତି।

## ଗଣିତ...

ଭାଇରାଲ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ କହିଛନ୍ତି। ପୁଷ୍ପାଞ୍ଜଳିଙ୍କ ସମେତ ପରୀକ୍ଷା ନିରୀକ୍ଷକ ବ୍ରଜେନ୍ଦ୍ର ବେହେରା ଓ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର କୁମାର ମୁଣ୍ଡଙ୍କୁ ନିଲମ୍ବନ କରାଯାଇଛି। ଏହାଛଡ଼ା ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂଙ୍କ ଜରିଆରେ ଏହି ୩ଜଣଙ୍କ ନାମରେ ଜୟପାଟଣା ଥାନାରେ ଏତଲା ଦିଆଯାଇଛି। ପୋଲିସର ହସ୍ତକ୍ଷେପ ପରେ ଏହି ଘଟଣାରେ ଆଉ କେତେଜଣ ସାମିଲ ଅଛନ୍ତି ତାହା ସ୍ପଷ୍ଟ ହେବ ବୋଲି ସଭାପତି ବେଗମ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ଏକ ମାମଲା(ନଂ.୭୭/୨୦୧୯) ରୁଜୁ କରିବା ସହ ଉକ୍ତ ୩ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ୩ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜୟପଟଣା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ କହିଛନ୍ତି। କେବଳ ପ୍ରଶ୍ନପତ୍ର ନୁହଁ, ଜଣେ ଛାତ୍ରୀଙ୍କ ଆଡ୍‌ମିଟକାର୍ଡ ମଧ୍ୟ ଭାଇରାଲ ହୋଇଥିଲା। ପରୀକ୍ଷା ହଲ୍ ଭିତରକୁ ମୋବାଇଲ ଫୋନ ନେବା ମନାଥିବା ସତ୍ତ୍ୱେ ପ୍ରଶ୍ନପତ୍ର କିପରି ଭାଇରାଲ ହେଲା ସେ ନେଇ ପୋଲିସ ଖୋଳତାଡ଼ କରୁଛି।

ସୂଚନାଥାଉ କି ଗଣିତ ପରୀକ୍ଷା ସକାଳ ୧୦ଟାରୁ ୧୨.୪୫(ଅଧିକ ୧୫ ମିନିଟ୍ ସହ) ପର୍ଯ୍ୟନ୍ତ ଥିଲା। ୧୧.୧୫ ମଧ୍ୟରେ ଅବ୍‌ଜେକ୍ଟିଭ ପରୀକ୍ଷା ଶେଷ ହୋଇଥିଲା। ପରେ ସବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଦିଆଯିବା ପରେ ଏହି ପ୍ରଶ୍ନପତ୍ରର ଫଟୋ ହ୍ୱାଟସ୍‌ଆପ୍‌ରେ ଭାଇରାଲ ହୋଇଥିଲା। ଅନ୍ୟପକ୍ଷରେ ଶନିବାର ମୋଟ ୧୭୪ଜଣ କପିକରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି।

### ଦକ୍ଷିଣ ତଟ ରେଳ ଜୋନ୍ ଘୋଷଣାକୁ ଓଡ଼ିଶାର ବିରୋଧ

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

**ଓଡ଼ିଶାରେ ଆଉ ଦୁଇ ନୂତନ ରେଳ ଡିଭିଜନ କରିବାକୁ ଦାବି**

ରେଳମନ୍ତ୍ରୀ ପୀୟୁଷ ଗୋୟଲ ନୂତନ ଦକ୍ଷିଣ ତଟ ରେଳପଥ (ସାଉଥ୍ କୋଷ୍ଟ ରେଲ୍‌ୱେ ଜୋନ୍) ପ୍ରତିଷ୍ଠା ପାଇଁ ନିକଟରେ ଘୋଷଣା କରିଛନ୍ତି। ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନକୁ ନେଇ ଏହି ଜୋନ୍ ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଡ଼ା ବିରୋଧ କରିଛନ୍ତି। ଓଡ଼ିଶା ସହ କୌଣସି ବିଚାରବିମର୍ଶ ନ କରି ଏହି ନିଷ୍ପତ୍ତି ନିଆଯାଇଛି। ଏଥିରୁ ନିବୃତ୍ତ ରହିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଏ ନେଇ ଶନିବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଦକ୍ଷିଣ ତଟ ରେଳପଥ ଘୋଷଣା କରିବା ବିଷୟ ଗଣମାଧ୍ୟମରୁ ଜଣାପଡିଛି। ଓଡ଼ିଶାରେ ରେଲ୍‌ୱେକୁ ପୁନର୍ଗଠନ କରି ୩ଟି ନୂତନ ଡିଭିଜନରେ ପରିଣତ କରିବାକୁ କେନ୍ଦ୍ର ଉପା ସରକାର-୨ ଏବଂ ବର୍ତ୍ତମାନର ଏନ୍‌ଡିଏ ସରକାରଙ୍କୁ ବହୁବାର ଚିଠି ଲେଖିଛି। ପୂର୍ବତଟ ରେଲ୍‌ୱେ ମୁଖ୍ୟାଳୟ ଅଧୀନରେ ଓଡ଼ିଶାର ୭୦ ପ୍ରତିଶତ ଅଞ୍ଚଳ ରହିଛି। ଓଡ଼ିଶା ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ, କୋଇଲା ଭଳି ପ୍ରାକୃତିକ ଖଣିଜ ସମ୍ପଦରେ ଭରିରହିଛି। ରାଜ୍ୟର ଅଭିବୃଦ୍ଧି ପାଇଁ ଓଡ଼ିଶାରେ ଦୃଢ ରେଳ ନେଟଓ୍ୱର୍କର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟର ପ୍ରମୁଖ ଖଣିଜ ସମ୍ପଦ ଲୁହାପଥର ଏବଂ କୋଇଲା ରାଜ୍ୟ ବାହାର ରେଳ ଜୋନ୍ ଦ୍ୱାରା ପରିଚାଳିତ ହେଉଛି। ରାଜ୍ୟ ସରକାର ହରିଦାସପୁର-ପାରାଦୀପ ଏବଂ ଅନୁଗୋଳ ସୁକିନ୍ଦା ନୂତନ ରେଳ ଲାଇନ ପାଇଁ ଅଧିକ ପୁଞ୍ଜି ନିବେଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦକ୍ଷିଣ ଓ ପୂର୍ବ ରେଳପଥ ଅଧୀନରେ ଓଡ଼ିଶାର ରେଳର ପୁନର୍ଗଠନର ଆବଶ୍ୟକତା ରହିଛି। ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳ ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ରାଉରକେଲା ଓ ଯାଜପୁର ଭଳି ଦୁଇଟି ନୂତନ ରେଳ ଡିଭିଜନ ନିର୍ମାଣ କରିବା ଏବଂ ଓଡ଼ିଶା ସରକାରଙ୍କ ସହ ଆଲୋଚନା ନ କରି ଦକ୍ଷିଣତଟ ରେଳ ଜୋନ୍ ଘୋଷଣା ନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅନୁରୋଧ କରିଛନ୍ତି ।

# ଛାତ୍ରୀଙ୍କୁ ସମ୍ପର୍କୀୟ ଭାଇଙ୍କ ବଳାତ୍କାର ଅଭିଯୋଗ

**ଗଣିଆ, ୨।୩ (ଡି.ଏନ.ଏ.)**

ଭଉଣୀଭାଇର ପବିତ୍ର ସମ୍ପର୍କ ମଧ୍ୟରେ କଳଙ୍କର ଛିଟା। ଏଭଳି ଘଟଣା ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସ୍କୁଲକୁ ପଢିବାକୁ ଯାଇଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ତାଙ୍କ ସମ୍ପର୍କୀୟ ଭାଇ ସ୍କୁଲରେ ପହଞ୍ଚି ପାସପୋର୍ଟ ଫଟୋ ଉଠାଇବାକୁ ଯିବା ପାଇଁ ତୁମ ମା' ମୋତେ ପଠାଇଥିବା ଛାତ୍ରୀଙ୍କୁ କହିଥିଲେ। ଫଳରେ ସ୍କୁଲରେ ଛୁଟି ଦରଖାସ୍ତ ଦେଇ ଛାତ୍ରୀଜଣକ ଯାଇଥିଲେ। କିଛିବାଟ ଯିବା ପରେ ଯୁବକ ଜଣକ ଛାତ୍ରୀଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ହାତଗୋଡ ବାନ୍ଧି ବଳାତ୍କାର କରିଥିଲେ। ପରେ ଛାତ୍ରୀଙ୍କୁ ବିଭିନ୍ନ ଧମକଚମକ ଦେଇ ସ୍କୁଲ ନିକଟରେ ଛାଡିଦେଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପୀଡିତା କାନ୍ଦି କାନ୍ଦି ଶିକ୍ଷୟିତ୍ରୀମାନଙ୍କୁ ସବୁକଥା କହିଥିଲେ। ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ସହ ଶନିବାର ଅପରାହ୍ନରେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ମା' ମଧ୍ୟ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୦୯/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ସଚିବାଳୟ ବ୍ୟକ୍ତିଗତ ସଚିବ କ୍ୟାଡର ପୁନର୍ଗଠନ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସଂଘ ପକ୍ଷରୁ କ୍ୟାଡର ପୁନର୍ଗଠନ ନେଇ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। ସରକାର ସଂଘର ଦାବିକୁ ଗ୍ରହଣ କରି ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକମାନଙ୍କର କ୍ୟାଡର ପୁନର୍ଗଠନ କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କ୍ୟାଡର ପୁନର୍ଗଠନ ହେବା ପରେ ମୋଟ ପଦବୀ ସଂଖ୍ୟା ୫୧୮ରୁ ୬୫୦କୁ ବୃଦ୍ଧି କରାଯାଇଛି। ତେବେ ବ୍ୟକ୍ତିଗତ ସହାୟକ ମୂଳ ପଦବୀ ୧୯୯ରୁ ୭୪ଟିକୁ ଉଚ୍ଛେଦ କରାଯାଇ ୧୨୫ ରଖାଯାଇଛି। ସେହିପରି ଜୁନିୟର ଷ୍ଟେନୋଗ୍ରାଫର ସଂଖ୍ୟା ୧୦ରୁ ୧୭୯କୁ ବୃଦ୍ଧି କରାଯାଇଥିବା ବେଳେ ସିନିୟର ଷ୍ଟେନୋଗ୍ରାଫର ସଂଖ୍ୟା ୧୨୨ରୁ ୧୪୦, ପ୍ରମୁଖ ବ୍ୟକ୍ତିଗତ ସଚିବ ପଦବୀ ୧୧ରୁ ୧୮, ବରିଷ୍ଠ ବ୍ୟକ୍ତିଗତ ସଚିବ ପଦବୀ ସଂଖ୍ୟା ୪୩ରୁ ୫୩କୁ ବୃଦ୍ଧି କରାଯାଇଛି। ବ୍ୟକ୍ତିଗତ ସଚିବ, ବରିଷ୍ଠ ପ୍ରମୁଖ ସଚିବ ଏବଂ ଅତିରିକ୍ତ ଶାସନ ସଚିବ ପଦବୀ ସଂଖ୍ୟାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସଂଘର ସଭାପତି ଲିଙ୍ଗରାଜ ସାହୁ, ସାଧାରଣ ସମ୍ପାଦକ ବିଘ୍ନରାଜ ପ୍ରଧାନ ଏବଂ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ କରିଛନ୍ତି।


ଆଫଗାନିସ୍ତାନର ଫାରିୟାବ୍ ପ୍ରଦେଶରେ ଶନିବାର ସେନା ଏବଂ ତାଲିବାନ୍ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୧୫ ଆତଙ୍କବାଦୀ ଏବଂ ୬ ଜଣ ଯବାନ ପ୍ରାଣ ହରାଇଛନ୍ତି। ଫାରିୟାବରୁ ତାଲିବାନଙ୍କୁ ହଟାଇବା ଲାଗି ଆଫଗାନ୍ ସେନା ଏହି ଆତଙ୍କବାଦୀ ସଂଗଠନ ଉପରେ ଆକ୍ରମଣ କରିଥିଲା।

## ସଂକ୍ଷେପରେ

■ ଆଇଏଏସ୍ ସ୍ତରରେ ଅଦଳବଦଳ

### ବିଷ୍ଣୁପଦ କମର୍ସିଆଲ ଟ୍ୟାକ୍ସ, ଜିଏସ୍‌ଟି କମିଶନର

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସର ସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କୁ କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି କମିଶନର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସେ ପୂର୍ବପରି ସ୍ୱତନ୍ତ୍ର ରିଲିଫ୍ କମିଶନରଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି କମିଶନର ଥିବା ଶାଶ୍ୱତ ମିଶ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ପଦୋନ୍ନତି ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସମବାୟ ସଚିବ ଥିବା କ୍ରିଷ୍ଣନ କୁମାରଙ୍କୁ ପୂର୍ତ୍ତ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କଟକସ୍ଥିତ ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ଥିବା ପ୍ରଶାନ୍ତ କୁମାର ସେନାପତିଙ୍କୁ ରାଜସ୍ୱ ପର୍ଷଦର ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରାଣୀସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତଙ୍କୁ ମତ୍ସ୍ୟସମ୍ପଦର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ ଥିବା ବଲୱନ୍ତ ସିଂଙ୍କୁ କୃଷି ବିପଣନ ଏବଂ ଓଏସ୍ଏମ୍‌ର ସଦସ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ବଲୱନ୍ତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ଭାବେ ମଧ୍ୟ ଅତିରକ୍ତ ଦାୟିତ୍ୱ ତୁଲାଇବେ। ସେ ଦାୟିତ୍ୱ ନେବା ଯାଏଁ ଆଇଏଫ୍ଏସ୍ ଅଫିସର ପ୍ରେମ କୁମାର ଝା ବିଡିଏ ଦାୟିତ୍ୱରେ ରହିବେ। ସେହିପରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ପ୍ରେମ୍ ଚନ୍ଦ୍ର ଚୌଧୁରୀ ଲିଗାଲ ମେଟ୍ରୋଲୋଜି ତଥା ଉପଭୋକ୍ତା ବ୍ୟାପାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ରସାନନ୍ଦ ସାହୁଙ୍କୁ ଓଡ଼ିଶା ସବୋର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନର ସଦସ୍ୟ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

### ୩୮ ନୂଆ ଜଳସେଚନ ପ୍ରକଳ୍ପ ନେଇ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ରାଜ୍ୟର ୫୬,୯୧୮ ହେକ୍ଟର ଚାଷଜମିକୁ ଜଳସେଚିତ କରିବା ଲାଗି ୩୮ଟି ନୂଆ ଜଳସେଚନ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଶନିବାର ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ତନ୍ମଧ୍ୟରୁ ୬୮୬ କୋଟି ଟଙ୍କା ବ୍ୟୟରେ ୧୪ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ସରକାର ଉଚ୍ଚସ୍ଥାନରେ ଥିବା ଜମିକୁ ଜଳ ଯୋଗାଇବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ୨୦୧୧-୧୨ ଆର୍ଥିକ ବର୍ଷରେ ବୃହତ ଉଠାଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସମାଜସେବୀ ପାର୍ବତୀ ଗିରିଙ୍କ ନାଁରେ ନାମିତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଶନିବାର ଏହି ଯୋଜନା ଅନ୍ତର୍ଗତ ୧୨୪୦ କୋଟି ଟଙ୍କା ବ୍ୟୟରେ ଅବଶିଷ୍ଟ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କରିଛନ୍ତି। ଏହାବ୍ୟତୀତ ଅନ୍ୟ ୬ଟି ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରାଯାଇଛି। ତନ୍ମଧ୍ୟରେ ୫,୪୪୦ ହେକ୍ଟର ଚାଷ ଜମି ପାଇଁ ଜଳସେଚନ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି।

ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୬୫୫୭ କୋଟି ଟଙ୍କା ଅଟକଳରେ ୧୭୧ଟି ପ୍ରକଳ୍ପ ପ୍ରାଥମିକ ଭାବେ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ଉଚ୍ଚସ୍ଥାନରେ ଥିବା ପ୍ରାୟ ୨ ଲକ୍ଷ ୩୪ ହଜାର ହେକ୍ଟର ଚାଷଜମିକୁ ଜଳ ଯୋଗାଇ ଦିଆଯାଇପାରିବ। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ମୋଟ ୭୩ଟି ପ୍ରକଳ୍ପର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ସମୟରେ କରାଯାଇଛି।

### କଂଗ୍ରେସକୁ ଫେରିଲେ ୩ ନେତା

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ମୟୂରଭଞ୍ଜ ଜିଲାର ହିମାଂଶୁ କୁମାର ପରିଡ଼ା, ନିରଞ୍ଜନ ମାଥୁର ଓ ପ୍ରମୋଦ ଚନ୍ଦ୍ର ସିଂ ବାବୁ ଶନିବାର କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୌଣସି କାରଣବଶତଃ ୨୦୧୬ରେ ସେମାନେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେମାନେ ଦଳକୁ ଫେରିଥିବା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବ ମୟୂରଭଞ୍ଜରେ କଂଗ୍ରେସକୁ ଅଧିକ ସକ୍ରିୟ କରିବ ବୋଲି ପିସିସି ସଭାପତି ନିରଞ୍ଜନ କହିଛନ୍ତି।

■ ଚାନ୍ଦବାଲି ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

# ‘କାଳିଆ’ ଏକ ଐତିହାସିକ ଯୋଜନା

ଭଦ୍ରକ ଅଫିସ/ଚାନ୍ଦବାଲି, ୨।୩ (ଡି.ଏନ.ଏ.)

**୧୮ ପ୍ରକଳ୍ପ ଉଦ୍‌ଘାଟିତ, ୧୮ ଶିଳାନ୍ୟାସ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭଦ୍ରକ ଜିଲା ଚାନ୍ଦବାଲି ଗସ୍ତରେ ଆସି ମୋଟ ୧୫୦୦ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଦୁର୍ଗାପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ‘କାଳିଆ’ ଯୋଜନା ଏକ ଐତିହାସିକ ଯୋଜନା ବୋଲି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ଆସି ମଧ୍ୟାହ୍ନରେ ନିର୍ଦ୍ଧାରିତ ସମୟରେ ଚାନ୍ଦବାଲିରେ ପହଞ୍ଚିଥିଲେ। ପରେ ସେ ୩୯୭.୪୬ କୋଟି ଟଙ୍କାର ୧୮ ପ୍ରକଳ୍ପର ଉଦ୍‌ଘାଟନ ଓ ୧୧୭୭.୮୬କୋଟି ଟଙ୍କାର ୧୮ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ହୋଇଥିବାବେଳେ ୩ଟି ଭଦ୍ରକ, ଗୋଟିଏ ତିହିଡ଼ି ଓ ଗୋଟିଏ ଧାମନଗର ବ୍ଲକରେ ରହିଛି। ଉଦ୍‌ଘାଟିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ପାଇକରାପୁର ୧୩୨/୩୩ କେଭି ଗ୍ରୀଡ, ଭଦ୍ରକ-ଚାନ୍ଦବାଲି ରାସ୍ତା, ଗଦି ୩୩/୧୧ କେଭି ଷ୍ଟ୍ରକ୍‌ଚର, ମତୋ ୩୩/୧୧ କେଭି ଷ୍ଟ୍ରକ୍‌ଚର, ଚାନ୍ଦବାଲି ପାୱାର ଗ୍ରୀଡ, ଧାମରା ବନ୍ଦର ପରିସରରେ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ, ଭଦ୍ରକ-ଚାନ୍ଦବାଲି ରାସ୍ତାରୁ ଚାଲୁଣିଆ ରାସ୍ତା, ଛତରାଜୋର ନାଳ ଉପରେ ପୋଲ, କରଣପଲ୍ଲୀ(ଧାମରା) ଦକ୍ଷତା ବିକାଶ କେନ୍ଦ୍ର, ଚାନ୍ଦବାଲିଠାରେ ନେହେରୁ ଶିଶୁ ଉଦ୍ୟାନ, ଚାନ୍ଦବାଲି ସ୍ୱର୍ଗଦ୍ୱାର, ଚାନ୍ଦବାଲି ଷ୍ଟାଡିୟମ, ଖଦାଳପୋଖରୀ ପାନୀୟଜଳ ପ୍ରକଳ୍ପ, ଭଦ୍ରକ ପାନ୍ଥିକା, ମହିଳା ପଲିଟେକ୍‌ନିକ ଓ ସର୍କିଟ ହାଉସ ପ୍ରମୁଖ ରହିଛି। ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୮୯୨ କୋଟିରେ ମେଗା ପାନୀୟ ଜଳ ପ୍ରକଳ୍ପ ସର୍ବାଗ୍ରେ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଲୁଣାଞ୍ଚଳ କୁହାଯାଉଥିବା ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ ପାଇଁ ମଧୁର ପାଣି ଉପଲବ୍ଧ ହେବ। ସେହିପରି ୨୧୫ କୋଟି ବ୍ୟୟରେ ଜାମଝାଡି-ଧାମରା ଭାୟା ବାସୁଦେବପୁର ରାସ୍ତା ନିର୍ମାଣ କରାଯିବ। ଏହାପରେ ମୁଖ୍ୟମନ୍ତ୍ରୀ ଦୁର୍ଗାପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା ଦ୍ୱାରା ଚାଷୀ ବେଶ୍ ଉପକୃତ ହେଉଥିବା କହିଥିଲେ। ପ୍ରଥମ କିସ୍ତି ସମସ୍ତ ଚାଷୀ ପାଇସାରିଥିବା ବେଳେ ୨ୟ କିସ୍ତି ଖୁବ୍‌ଶୀଘ୍ର ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ସେ କହିଥିଲେ। ନାମମାତ୍ର ଓ ଭୂମିହୀନ ଚାଷୀ ଏହି ଯୋଜନାରେ ସାମିଲ ହେବେ। ଜିଲାରେ ଏକକାଳୀନ ପ୍ରାୟ ୧୫୦୦ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେବ। ‘ଏଣୁ ଆପଣମାନେ ଖୁସି ତ’ କହି ଲୋକଙ୍କୁ ହାତ ହଲାଇ ମାତ୍ର ୭ରୁ ୮ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ସାରିଥିଲେ। ଏହି ସଭା ଆଗାମୀ ନିର୍ବାଚନ ପାଇଁ ବିଜେଡି ସଭାପତିଙ୍କ ଦ୍ୱାରା ପ୍ରାଥମିକ ବିଗୁଲ୍ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଅର୍ଜୁନ ଚରଣ ସେଠୀ, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମାନସୀ ସାହୁ, ପୂର୍ବତନ ବିଧାୟକ ବିଜୟ ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ଯୁବନେତା ସଞ୍ଜୀବ ମଲ୍ଲିକ ଓ ଅଶୋକ ବଳ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଜିଲାର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ବିଜେଡି ନେତା ଅଜୟ ନାୟକ, ଦୁର୍ଗା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।


ଚାନ୍ଦବାଲି ସାଧାରଣ ସଭାରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଆଜି ଆସୁଛନ୍ତି ଜୟନ୍ତ ସିହ୍ନା

ଭୁବନେଶ୍ୱର,୨।୩,(ବ୍ୟୁରୋ)

ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା ରବିବାର ଭୁବନେଶ୍ୱର ଆସୁଛନ୍ତି। ସେ ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା ବୈଠକ କରିବେ। ପରେ ସେ ଏକ ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ।

## ବାତ୍ୟା ଆଶ୍ରୟସ୍ଥଳୀରେ ହେବ ବଜ୍ରପାତ ନିରୋଧ ବ୍ୟବସ୍ଥା

ଭୁବନେଶ୍ୱର,୨।୩(ବ୍ୟୁରୋ)

୨୫ଟି ଜିଲାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ବଜ୍ରପାତରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୪୦ ଆଶ୍ରୟସ୍ଥଳୀରେ ବଜ୍ରପାତ ନିରୋଧ ବ୍ୟବସ୍ଥା କରାଯିବ। ଏଥିପାଇଁ ବିଶ୍ୱବ୍ୟାଙ୍କ ଏବଂ ଜାତୀୟ ବାତ୍ୟା ନିରୋଧ ପ୍ରକଳ୍ପ ୧୭ କୋଟି ଟଙ୍କା ସହାୟତା ଦେବ। ପରେ ଅବଶିଷ୍ଟ ୨୩୯ ଆଶ୍ରୟସ୍ଥଳୀରେ ଘଡ଼ଘଡ଼ି ନିରୋଧୀ ବ୍ୟବସ୍ଥା ଲାଗିବ। ଶନିବାର ସଚିବାଳୟଠାରେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଗଭର୍ନିଂ ବଡି ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

# ବାଟମାରଣା ହେଉଛି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ଥ

ଭୁବନେଶ୍ୱର, ୨।୩(ବ୍ୟୁରୋ)

**ଅଭିଯୋଗ ଆଣିଲେ ନିରଞ୍ଜନ**

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି। ରାଜ୍ୟବାସୀ ଏହାର ସୁଫଳ ପାଉନାହାନ୍ତି। ଅନ୍ୟପଟେ ଏଥିପାଇଁ ଆସୁଥିବା ବିପୁଳ ଅର୍ଥ ବାଟମାରଣା ହେଉଛି। ଯୋଜନା ଅଗ୍ରଗତି ଏବଂ ସ୍ଥିତି ନେଇ କେନ୍ଦ୍ର ସରକାର ମଧ୍ୟ ସମୀକ୍ଷା କରୁ ନ ଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ, ଓଡ଼ିଶାରେ ୧୭୭୦ଟି ପଞ୍ଜୀକୃତ ଏବଂ ୫୪ଟି ଅଣ ପଞ୍ଜୀକୃତ ରୋଗୀକଲ୍ୟାଣ ସମିତି ରହିଛି। ଏହି ରୋଗୀ କଲ୍ୟାଣ ସମିତିଗୁଡ଼ିକୁ ବାର୍ଷିକ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି। ଉକ୍ତ ଅର୍ଥ କିଭଳି ଖର୍ଚ୍ଚ କରାଯିବ ଏବଂ କେଉଁ ଜିନିଷପତ୍ର କିଣାଯିବ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସରକାରୀ ନିର୍ଦ୍ଦେଶାବଳୀ ରହିଛି। ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଜିଲା ଶିଳ୍ପକେନ୍ଦ୍ରକୁ ପ୍ରାଥମିକତା ପ୍ରଦାନ କରାଯିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଅଗ୍ରାଧିକାର ଦେବାକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆର୍‌ଏଚ୍‌ଏମ୍) ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି। ହେଲେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଏ ସମ୍ପର୍କିତ କୌଣସି ତଥ୍ୟ ସ୍ୱାସ୍ଥ୍ୟ ସଚିବ କିମ୍ବା ମିଶନ ନିର୍ଦ୍ଦେଶିକାଙ୍କ ପାଖରେ ନାହିଁ। ସେହିପରି ମିଶନ ନିର୍ଦ୍ଦେଶିକା ୨୦୧୫ ଶେଷଭାଗରୁ ୨୦୧୭ ଆରମ୍ଭ ମଧ୍ୟରେ କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିନାହାନ୍ତି। ରୋଗୀ କଲ୍ୟାଣ ସମିତିଗୁଡିକ ସେମାନଙ୍କୁ ଦିଆଯାଉଥିବା ଅର୍ଥକୁ କିଭଳି ଖର୍ଚ୍ଚ କରୁଛନ୍ତି ତାହା ମଧ୍ୟ ସମୀକ୍ଷା କରୁ ନ ଥିବା ନିରଞ୍ଜନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋରାପୁଟ-ବଲାଙ୍ଗୀର-କଳାହାଣ୍ଡି(କେବିକେ)ଅଞ୍ଚଳରେ ଅଧିକାରୀଙ୍କ ପାଦ ପଡେନାହିଁ। ପ୍ରାପ୍ତ ଅଡିଟ ରିପୋର୍ଟ ଅନୁଯାୟୀ ରୋଗୀ କଲ୍ୟାଣ ସମିତି ଅର୍ଥକୁ ସରକାରୀସ୍ତରରେ ହରିଲୁଟ କରାଯାଇଛି। ରାଜ୍ୟ ସରକାର ଏ ସମ୍ପର୍କରେ ଜାଣି ମଧ୍ୟ ନୀରବ ରହିଛନ୍ତି। ଆରଟିଆଇ ତଥ୍ୟ ଅନୁଯାୟୀ ମୟୂରଭଞ୍ଜ ଜିଲାରେ ପ୍ରାୟ ୩୪ ଲକ୍ଷ, କେନ୍ଦ୍ରାପଡା ଜିଲାରେ ପ୍ରାୟ ୭୩ ଲକ୍ଷ, ଗଜପତି ଜିଲାରେ ଆଶାକର୍ମୀ ପ୍ରୋତ୍ସାହନ ପାଣ୍ଠିରୁ ପ୍ରାୟ ୮ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ରାଜଧାନୀସ୍ଥିତ ଭୁବନେଶ୍ୱର ୪ ନମ୍ବର ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତି ଅର୍ଥ ତନ୍ମଧ୍ୟରୁ ବାଦ୍ ପଡିନାହିଁ। ଅଡିଟ ରିପୋର୍ଟ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ନିରଞ୍ଜନ କହିଛନ୍ତି।



**OFFICE SPACE REQUIRED**

A very reputed Indian FMCG company is looking out for 1000-1200 sq.ft. office space with toilet and small pantry at two locations **(A) CUTTACK:** Kalyani Nagar, OMP Square, Chauliaganj, Gandarpur, Mahanadi Vihar/New CDA Colony, Sikharpur, **(B) BHUBANESWAR:** Mancheswar Industrial Estate, Acharya Vihar, Jayadev Vihar, IRC Village (Nayapalli), Baramunda, either in standalone building or commercial complex, preferably on ground floor with three phase commercial electricity connection and in proximity to main / service road on long term lease basis for immediate possession. Interested parties may send details of their property/premises with offer to e-mail ID : **moupiya.sarkar@amul.coop** within 10 days of release of this advertisement.

# କଂଗ୍ରେସ-ବାମପନ୍ଥୀଙ୍କ ବୈଠକ ବିଫଳ

ଭୁବନେଶ୍ୱର, ୨।୩(ବ୍ୟୁରୋ)

**ବାଲିକୁଦା-ଏରସମା ପାଇଁ ଜିଦ୍ ଧରୁଛି ସିପିଆଇ**

କଂଗ୍ରେସ ଏବଂ ସିପିଆଇ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ରୂପ ନେଉନାହିଁ। ଏଥିପାଇଁ ଉଭୟ ଦଳ ମଧ୍ୟରେ ଆଲୋଚନା ଜାରି ରହିଛି। ଏହି କ୍ରମରେ ଶନିବାର ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଳିଥିବା ସୂଚନାନୁଯାୟୀ କଂଗ୍ରେସ ସିପିଆଇକୁ ଆସ୍କା ଲୋକ ସଭା ଏବଂ ୪ଟି ବିଧାନସଭା ଦେବା ପାଇଁ ରାଜି ହୋଇଛି। ଏହି ବିଧାନସଭା ଆସନଗୁଡିକ ହେଉଛି-ବୌଦ୍ଧ, ଛତ୍ରପୁର, ବ୍ରଜରାଜନଗର ଏବଂ ଖଲ୍ଲିକୋଟ। ହେଲେ ଏଥିରେ ରାଜ୍ୟ ସିପିଆଇ ନେତୃତ୍ୱ ସନ୍ତୁଷ୍ଟ ହୋଇନାହିଁ। ଜଗତସିଂହପୁର ଜିଲା ବାଲିକୁଦା-ଏରସମା ବିଧାନସଭା ଆସନ ପାଇଁ ଜିଦ୍ କରୁଛି। ସେହି ଅଞ୍ଚଳରେ ଅତୀତରେ ଦଳ ପୋସ୍କୋ ଆନ୍ଦୋଳନ ମୁଣ୍ଡେଇଥିବାରୁ ସେଠାରେ ଭଲ ସଙ୍ଗଠନ ରହିଛି। ତେଣୁ ସେଠାରେ ଦଳ ପ୍ରାର୍ଥୀ ଦେଲେ ଭଲ ପ୍ରଦର୍ଶନ କରିବା ନେଇ ବାମପନ୍ଥୀ ନେତାମାନେ ଆଶାବାଦୀ। ଶନିବାର ଏ ନେଇ ବୈଠକ ବିଫଳ ହେବାପରେ ରବିବାର ସିପିଆଇର ଜରୁରୀ ବୈଠକ ଡକାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଏଥିରେ ଯୋଗଦେବେ। ଯଦି କଂଗ୍ରେସ ବାଲିକୁଦା-ଏରସମା ପାଇଁ ରାଜି ନ ହୁଏ, ତେବେ ସିପିଆଇ ମେଣ୍ଟ ନେଇ ନିଷ୍ପତ୍ତିର ପୁନର୍ବିଚାର କରିବ ବୋଲି ଜଣାପଡିଛି। କଂଗ୍ରେସ ସହ ମେଣ୍ଟ ଭାଙ୍ଗିଲେ ସିପିଆଇ, ବିଏସ୍‌ପି ସହ ଯିବା ପାଇଁ ଚିନ୍ତା କରିପାରେ ବୋଲି ସୂଚନା ଦେଇଥିଲା। ଆସ୍କାରୁ ଲୋକ ସଭା ପ୍ରାର୍ଥୀ ପାଇଁ ସିପିଆଇ କେନ୍ଦ୍ରୀୟ କମିଟିକୁ ରାମକୃଷ୍ଣ ପଣ୍ଡା ଏବଂ ନାରାୟଣ ରେଡ୍ଡୀଙ୍କ ନାମ ସୁପାରିସ କରିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, କଂଗ୍ରେସ ନେତା ଅନନ୍ତ ସେଠୀ, ଜଗନ୍ନାଥ ପଟ୍ଟନାୟକ, ସିପିଆଇ ନେତା ନାରାୟଣ ରେଡ୍ଡୀ ଏବଂ ଆଶିଷ କାନୁନଗୋ ଉପସ୍ଥିତ ରହିଥିଲେ।






ମା’ ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ– ତା’ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ ।

–ଶ୍ରୀଅରବିନ୍ଦ



# କ୍ଷୁଣ୍ଣ ହେଉଛି ମହାନତା



ଆକାର ପଟେଲ

ଗତ ସପ୍ତାହରେ ଯାହା ଘଟିଲା ତାହାକୁ ନେଇ ବିଶେଷ ଉତ୍ସାହିତ ହୋଇ ନ ଥିବା ଅଳ୍ପସଂଖ୍ୟକ ଭାରତୀୟଙ୍କ ଭିତରେ ମୁଁ ଜଣେ । ମୁଁ ପାକିସ୍ତାନର ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଭାରତୀୟ ବାୟୁସେନାର ଆକ୍ରମଣ, ପରଦିନ ଏହା ଉପରେ ସେମାନଙ୍କର ପ୍ରତିକ୍ରିୟା, ତା’ପରେ ପାକିସ୍ତାନ କବ୍ଜାକୁ ଚାଲିଯାଇଥିବା ପାଇଲଟଙ୍କୁ ନେଇ ଦୁଇଦିନ ଧରି ଯେଉଁ ଡ୍ରାମା ଚାଲିଲା ଏବଂ ଶେଷରେ ଶୁକ୍ରବାର ରାତିରେ ତାଙ୍କୁ ମୁକ୍ତି ମିଳିଲା, ସେଇ କଥା କହୁଛି । ମୁଁ ଏହାକୁ ନେଇ ବିଶେଷ ଉତ୍ସାହିତ ନ ହେବାର ଅନେକ କାରଣ ଅଛି ଏବଂ କେତେକ ବିଷୟରେ ଆପଣମାନେ ଏକମତ ନ ହୋଇପାରନ୍ତି ।

ଆପଣ ପାକିସ୍ତାନକୁ ଘୃଣା କରନ୍ତୁ ନାହିଁ । ମୁଁ ଅନେକ ଥର ସେ ଦେଶକୁ ଯାଇଛି ଏବଂ ସେ ଦେଶର ଅନେକ ଲୋକଙ୍କୁ ଜାଣିଛି । ମୁଁ ଜାଣେ ସେମାନଙ୍କ ସରକାର ଅନେକ ଭୟଙ୍କର କାମ କରୁଛନ୍ତି, କିନ୍ତୁ ସେଥିପାଇଁ ସେ ଦେଶର ସବୁ ଅଧିବାସୀଙ୍କୁ ଦୋଷ ଦେବା ଠିକ୍ ନୁହେଁ । ଯଦି ଆମ ଦେଶରେ, ବିଶେଷତଃ କଶ୍ମୀରରେ ଆମେ ଏକାଠି ମିଳିମିଶି କାମ କରିପାରନ୍ତୁ, ତେବେ ସେମାନଙ୍କ ସରକାର ଯାହା କରନ୍ତୁ ନା କାହିଁକି, ତାହା ଆମ ଦେଶକୁ ବିଶେଷଭାବେ ପ୍ରଭାବିତ କରିପାରନ୍ତା ନାହିଁ । ନରେନ୍ଦ୍ର ମୋଦିଙ୍କ କଡ଼ା ଶାସନରେ କଶ୍ମୀରରେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି, ଯାହା ୨୦୧୪ରେ ୧୮୯ ଥିବାବେଳେ ୨୦୧୬ରେ ୨୬୭, ୨୦୧୭ରେ ୩୫୭ ଓ ୨୦୧୮ରେ ୪୫୧ ହୋଇଛି । ସେଠାରେ ଶହୀଦ ହୋଇଥିବା ଆମ ସୈନିକଙ୍କ ସଂଖ୍ୟା ମଧ୍ୟ ୪୭ରୁ ୯୧କୁ ବୃଦ୍ଧି ପାଇଛି । ବୃଥାଟାରେ ଆମେ ଏତେ ଲଢୁଆ ଯୋଦ୍ଧାଙ୍କୁ ହରେଇବା କ’ଣ ଭାରତ ପାଇଁ ଭଲ ? ଯଦି ଆମେ ଆମ ସରକାରଙ୍କ ପ୍ରଦର୍ଶନ ଓ ନୀତିଗୁଡ଼ିକୁ ଦେଖିବା, ତେବେ ଆମକୁ ତଥ୍ୟ ଓ ପରିସଂଖ୍ୟାନ ଉପରେ ନଜର ପକାଇବାକୁ ହେବ । କଶ୍ମୀରରେ ଆମେ ବିଫଳ ହୋଇଛୁ ଏବଂ ଆମ ପ୍ରଦର୍ଶନକୁ ଭଲ ଦର୍ଶାଇବା ପାଇଁ ନାଟକବାଜିର ଆଶ୍ରୟ ନେଉଛୁ ।

ପାକିସ୍ତାନରେ ବୋମାମାଡ଼ କରି ଭାରତର କିଛି ଲାଭ ହେବ ବୋଲି ମୁଁ ଭାବୁନାହିଁ । ଏ ସମ୍ପର୍କରେ ମୋଦିଙ୍କ ଯୁକ୍ତି କ’ଣ ମୁଁ ଜାଣେ, କିନ୍ତୁ ମୁଁ ଭାବୁଛି ତାହା ଭୁଲ୍ । ସାମରିକ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଯେଉଁସବୁ ଯୁକ୍ତି ମୁଁ ଶୁଣିଆସୁଛି, ସେଗୁଡ଼ିକ ହେଲା– ୧) ପାକିସ୍ତାନ ଆମର କ୍ଷତି କରୁଛି, ତେଣୁ ଆମେ ତା’ର କ୍ଷତି କରିବା ଉଚିତ । ୨) ଯଦି ଆମେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ, ତା’ହେଲେ ଭବିଷ୍ୟତରେ ଆମର କ୍ଷତି କରିବା ପୂର୍ବରୁ ସେମାନେ ଦୁଇଥର ଭାବିବେ । ୩) ପାକିସ୍ତାନ ତା’ ମାଟିରେ ଆତଙ୍କବାଦୀ ଭିତ୍ତିଭୂମି ବନ୍ଦ କରିବା ପାଇଁ ଏହି ଆକ୍ରମଣ ତା’ ଉପରେ ଚାପ ପକାଇବ । ଏହି ଯୁକ୍ତିଗୁଡ଼ିକ ଉପରେ ନିର୍ଦ୍ଦିଷ୍ଟ ଭାବେ ମୋର କିଛି ଆପତ୍ତି ନାହିଁ । କିନ୍ତୁ ମୁଁ ଭାବୁଛି ଏହା ଆଶାନୁରୂପ ଫଳପ୍ରଦ ହେବ ନାହିଁ । ଏହାଦ୍ୱାରା ଯେତିକି ସୁଫଳ ମିଳିବ, ତା’ଠୁ ଅଧିକ କୁଫଳ ମିଳିବ, ଯାହା ଭାରତୀୟଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ ।

ଏହି କାର୍ଯ୍ୟାନୁଷ୍ଠାନ ଆଉ ଏକ ଯୁକ୍ତିକୁ ବଳ ଯୋଗାଉଛି ଯେ, ଆମେ ପ୍ରତିରକ୍ଷା କ୍ଷେତ୍ରରେ ଏବଂ ଲଢୁଆ ବିମାନ ଓ ଅସ୍ତ୍ରଶସ୍ତ୍ର ଆଦି କିଣିବାରେ ଅଧିକ ବ୍ୟୟବରାଦ କରିବା ଉଚିତ । ଆମେ ପ୍ରତିରକ୍ଷା କ୍ଷେତ୍ରରେ ବର୍ଷକୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛୁ । ଭାରତ ପରି ଗରିବ ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟରୁ କାଟି ଏହି ଅର୍ଥକୁ ଆମେ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରୁଛେ । ସେନା ଉପରେ ଗୁରୁତ୍ୱ ରହିଲେ ସାମରିକ କ୍ଷେତ୍ରରେ ଅଧିକ ବ୍ୟୟ କରିବା ପ୍ରସ୍ତାବକୁ ନେତାମାନେ ସହଜରେ ବିରୋଧ କରିପାରିବେ ନାହିଁ ।

ସରକାର ଲୋକଙ୍କ ଦୃଷ୍ଟିକୁ ଅନ୍ୟଆଡ଼େ ନେବା ପାଇଁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଗତ ସପ୍ତାହରେ ମଧ୍ୟ ଖବର ଆସିଥିଲା ଯେ ଆମର ଅର୍ଥନୀତି ମାନ୍ଦା ହୋଇଛି ଏବଂ ଅଭିବୃଦ୍ଧି ହ୍ରାସ ପାଇଛି । ବେକାରି ୭% ଟପିଛି, ଯାହା ଗତ ୪୦ ବର୍ଷ ଭିତରେ ସର୍ବାଧିକ । ଏହା ଉପରେ ଏବେ କାହାରି ଦୃଷ୍ଟି ପଡୁନାହିଁ, କାରଣ ଆମର ଦୃଷ୍ଟିକୁ ଏବେ ଅନ୍ୟ ଆଡ଼କୁ ଟାଣି ନିଆଯାଇଛି ।

ମୁଁ ଭାରତକୁ ଏକ ଜାତି, ଏକ ଦେଶ ଓ ଏକ ସଂସ୍କୃତି ହିସାବରେ ଭାବେ, ଯାହାର ସମଗ୍ର ପୃଥିବୀ ଓ ସମଗ୍ର ମାନବଜାତି ପ୍ରତି କିଛି ଅବଦାନ ରହିବା ଆବଶ୍ୟକ । ଗତ କିଛିବର୍ଷ ଭିତରେ ଆମେ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ଭିତରେ ପରସ୍ପରର ଶତ୍ରୁ ଭାବେ ନିଜକୁ ଓ ନିଜ ଦେଶକୁ ସଂକୁଚିତ କରିସାରିଛୁ । ଯେତେ ସମୟ ପର୍ଯ୍ୟନ୍ତ ଆମେ ପାକିସ୍ତାନକୁ ଜବତ କରିପାରୁଛୁ, ସେ ପର୍ଯ୍ୟନ୍ତ ଆମେ ଖୁସି । ଆମେ ବାସ୍ତବରେ ସେମାନଙ୍କୁ ଜବତ କରିନୁ, ତେବେ ତାହା ଏକ ଭିନ୍ନ ପ୍ରସଙ୍ଗ । ଆମର ଉଚ୍ଚାଭିଳାଷ ଓ ଦୃଷ୍ଟିକୋଣ ସଂକୀର୍ଣ୍ଣ ହୋଇଯାଇଛି । ଆମେରିକା, ପଶ୍ଚିମ ୟୁରୋପ ବା ଚାଇନା ସହ ପ୍ରତିଯୋଗିତା କରିବା ଲାଗି ଆମ ପାଖରେ କିଛି ନାହିଁ । ସେମାନଙ୍କ ସହ ବାସ୍ତବ ପ୍ରତିଦ୍ୱନ୍ଦ୍ୱିତା କଥା ଆମେ ଚିନ୍ତା ବି କରିପାରୁନୁ । ଆମର ଏକମାତ୍ର ଲକ୍ଷ୍ୟ ହେଉଛି ନିଜକୁ ପାକିସ୍ତାନଠାରୁ ଉତ୍କୃଷ୍ଟ ସାବ୍ୟସ୍ତ କରିବା । ଭାରତ ପରି ମହାନ୍ ଦେଶର ଉଚ୍ଚାଭିଳାଷ କ’ଣ ଏତିକିରେ ସୀମିତ ରହିବା ଉଚିତ ? ଆମେ ପାକିସ୍ତାନଠୁ କାହିଁରେ କେତେଗୁଣ ବଡ଼ ଏବଂ ବିଶ୍ୱକୁ ଅବଦାନ ଦେବା ଲାଗି ଆମର ସାମର୍ଥ୍ୟ ଅଛି– ଆମେ ଏହିପରି ଚିନ୍ତା କରିବା ଉଚିତ । ପାକିସ୍ତାନ ପରି ଛାର ଦେଶ ଉପରେ ଗୁରୁତ୍ୱ ଦେଇ ଆମେ ଯେତିକି ଶକ୍ତିସାମର୍ଥ୍ୟ ସାରୁଛୁ, ସେଥିରେ ଆମର ମହାନତା କ୍ଷୁଣ୍ଣ ହେଉଛି ।

Email: aakar.patel@gmail.com

# ହୃତ୍‌ପିଣ୍ଡ ଓ ହୃଦୟ



ଚିତ୍ର–ଚରିତ୍ର

ନିରଞ୍ଜନ ପାଢ଼ୀ

ହୃତ୍‌ପିଣ୍ଡ ଓ ହୃଦୟ । ପ୍ରତ୍ୟେକ ପ୍ରାଣୀର ବକ୍ଷ ତଳେ ଅହରହ ସ୍ପନ୍ଦିତ ହୋଇ ଗୋଟିଏ ଗତିମାନ ଜୀବନର ସ୍ପଷ୍ଟ ସୂଚନା ଦେଉଥିବା ସେଇ ଜୈବିକ ଯନ୍ତ୍ରଟିର ନାମ ହୃତ୍‌ପିଣ୍ଡ ନା ହୃଦୟ ? ସାଧାରଣ ବାହ୍ୟ ଦୃଷ୍ଟିରେ ଏ ଦୁଇଟି ଶବ୍ଦ ମଧ୍ୟରେ ଏକ ସ୍ୱଚ୍ଛ ପାର୍ଥକ୍ୟ ପରିଲକ୍ଷିତ ହେଉଥିଲେ ମଧ୍ୟ ଅନ୍ତର୍ଦୃଷ୍ଟିରେ ଦୁହେଁ ଯାକ ଏକ ଓ ଅଭିନ୍ନ । ଦାରୁଦେବତା ଜଗନ୍ନାଥଙ୍କ ମଧ୍ୟରେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରାଣସତ୍ତା ନିହିତ ଥିଲାଭଳି ଅଳିନ୍ଦ, ନିଳୟ ଓ ରକ୍ତବାହୀ ଧମନୀକୁ ନେଇ ହୃତ୍‌ପିଣ୍ଡ ହିଁ ଗୋଟିଏ ହୃଦୟର ସାକାର ଶବ୍ଦସ୍ୱର । ସ୍ନେହ, ଶ୍ରଦ୍ଧା, ମାୟା, ମମତା, ପ୍ରୀତି ପ୍ରଣୟ, ସେବା ଶୁଶ୍ରୂଷା ବା ସମ୍ବେଦନା ଓ ସହୃଦୟତା ଆଦି ମାନବୀୟ ଗୁଣରାଜିର ଗଭୀର ଗନ୍ତାଘର ହିଁ ହୃଦୟ । ପୁଣି ଶରୀରତତ୍ତ୍ୱ ଅନୁଯାୟୀ ସେଇ ଜୈବିକ ଯନ୍ତ୍ରଟିର ନାମ ହୃତ୍‌ପିଣ୍ଡ, ଯାହା ହୃଦୟ ଭଳି ଭିନ୍ନ ଭିନ୍ନ ପରିବେଶ ଓ ପରିସ୍ଥିତିରେ ଭିନ୍ନ ଭିନ୍ନ ପ୍ରକାରର ପ୍ରତିକ୍ରିୟା ପ୍ରକାଶ କରିଥାଏ । ହର୍ଷମୁଖର ଅନୁଭବକୁ ନେଇ ହୃଦୟ ଆହ୍ଲାଦିତ ହେଲେ ହୃତ୍‌ପିଣ୍ଡରେ ରକ୍ତ ସଞ୍ଚାଳନ ତୀବ୍ରତର ହୁଏ । ପୁଣି ବିଷାଦଭରା ମୁହୂର୍ତ୍ତଗୁଡ଼ିକୁ ମୁକାବିଲା କରି ନ ପାରି ହୃଦୟରେ ଦାରୁଣ ଆଘାତ ଲାଗିଲେ ହୃଦୟର ସ୍ପନ୍ଦନ ମନ୍ଥର ହୋଇଉଠେ, ଏମିତିକି ବେଳେବେଳେ ନିସ୍ପନ୍ଦ ହୋଇଯାଏ ଚିରଦିନ ପାଇଁ ।

ହୃଦୟ ଓ ହୃତ୍‌ପିଣ୍ଡ ମଧ୍ୟରେ ଏ ପ୍ରକାର ସମାନତା କେବଳ କବିର କଳ୍ପନା ନୁହେଁ କି ଲେଖକଙ୍କର ଲିପିଲୀଳା ନୁହେଁ । ଏହି ଅଭିନ୍ନତା ବିଜ୍ଞାନସମ୍ମତ ଓ ବିଜ୍ଞାନୀ ସମର୍ଥିତ । ତା’ ନ ହେଲେ ହୃଦ୍‌ରୋଗୀଙ୍କୁ ଚିକିତ୍ସା କରୁଥିବା ଚିକିତ୍ସକ ବହୁବିଧ ଉପଚାର ମଧ୍ୟରେ ଏ କଥା କହନ୍ତେ ନାହିଁ ଯେ, କୌଣସି କଥାରେ ଟେନ୍‌ସନ୍ ନେବନାହିଁ । ମନ ଭିତରୁ ସୃଷ୍ଟି ହୋଇଥିବା କୌଣସି ଅସମାହିତ ସମସ୍ୟାକୁ ସେଇ ଉପରେ ଉପରେ ଛାଡ଼ିଦେବ ସିନା, ମୁଣ୍ଡରୁ ତଳକୁ ଆଣି ଛାତି ଭିତରକୁ ନେବନାହିଁ । ଅଥଚ ବିଡମ୍ବନାର ବିଷୟ ରୋଗୀଙ୍କୁ ହୃଦୟ ଓ ହୃତ୍‌ପିଣ୍ଡର ଅଭିନ୍ନତା ସମ୍ପର୍କରେ ସତର୍କ କରୁଥିବା ଡାକ୍ତରମାନଙ୍କ ମଧ୍ୟରୁ ଅନେକେ ଲକ୍ଷ ଲକ୍ଷ ଟଙ୍କାର ସହଜଲଭ୍ୟ ଅର୍ଥ ଅର୍ଜନ କରିବା ଅଭିଳାଷ ନେଇ ନିଜେ ହୃତ୍‌ପିଣ୍ଡରୁ ହୃଦୟକୁ ଦୂରେଇ ଦିଅନ୍ତି । ହାତରେ ଅସ୍ତ୍ର ଧରି ହୃତ୍‌ପିଣ୍ଡରେ ସ୍ପନ୍ଦନ ଶକ୍ତି ସଞ୍ଚାରିତ କରୁଥିଲା ବେଳେ ନିଜେ ଅତ୍ୟନ୍ତ ହୃଦୟହୀନ ହୋଇପଡ଼ନ୍ତି ।

ପୂର୍ବରୁ ଚିକିତ୍ସା ବିଜ୍ଞାନ ଯେତେବେଳେ ଅନ୍ୟ ବହୁ ବିଜ୍ଞାନ ପରି ଏତେଟା ବିକଶିତ ହୋଇ ନ ଥିଲା ସେତେବେଳେ ମଣିଷର ସମଗ୍ର ଶରୀରର ଚିକିତ୍ସା କରୁଥିଲେ ଜଣେ ଡାକ୍ତର । ମାତ୍ର ଏବେ ବିଜ୍ଞାନର ଜୟଯାତ୍ରା ଯେତେବେଳେ ଉତ୍ତୁଙ୍ଗ ଶିଖରରେ, ଶରୀରତତ୍ତ୍ୱକୁ ନେଇ ଯେଉଁଠି ନିତିଦିନ ନୂଆ ନୂଆ ଗବେଷଣା, ସେତେବେଳେ ମଣିଷ ଶରୀରର ପ୍ରତ୍ୟେକ ଅଙ୍ଗ ପାଇଁ ଜଣେ ଜଣେ ବିଶାରଦ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣପ୍ରାପ୍ତ । ଶରୀରର ସମସ୍ତ ଅଙ୍ଗ ମଧ୍ୟରେ ସବୁଠୁ ମୂଲ୍ୟବାନ ବୋଲି ହୃତ୍‌ପିଣ୍ଡର ଚିକିତ୍ସା ଯେମିତି ବ୍ୟୟବହୁଳ, ଏହାର ସଫଳ ଚିକିତ୍ସକ ମଧ୍ୟ ସେମିତି ବିରଳ । ସୁତରାଂ ଚିକିତ୍ସା ଜଗତରେ ଏମାନେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ, ସବୁଠୁଁ ମହତ୍ତ୍ୱପୂର୍ଣ୍ଣ ଆସନରେ ଆସୀନ । ଏମାନଙ୍କ ହାତରେ କାଉଁରି ସ୍ପର୍ଶରେ ଜୀବନ–ଯନ୍ତ୍ରଣାର ଜ୍ୱଳନରେ ଅହରହ ଜଳୁଥିବା ହୃଦ୍‌ରୋଗୀଟିଏ ଲାଭ କରିପାରେ ଶୀତଳ ଚନ୍ଦନର ମୁଗ୍ଧ ଅନୁଭବ । ନିଜ ପ୍ରିୟଜନଙ୍କ ଜୀବନ ନାଟିକାର ସମ୍ଭାବ୍ୟ ଯବନିକାରେ ବିକଳ ହୋଇ ପଡିଥିବା ସମ୍ପର୍କୀୟମାନଙ୍କ ଆଖିରେ ଏମାନେ ଭରିଦେଇପାରନ୍ତି ମୁଠା ମୁଠା ମିଠା ମିଠା ସ୍ୱପ୍ନ ।

ମାତ୍ର ବିଡ଼ମ୍ବନାର ବିଷୟ ସମସ୍ତଙ୍କ ପାଇଁ ଏ ସ୍ୱପ୍ନ ଆଦୌ ସୁଲଭ ନୁହେଁ । ଯେଉଁମାନେ ଅକାତରେ ଖର୍ଚ୍ଚ କରିଥାନ୍ତି ଲକ୍ଷ ଲକ୍ଷ ଟଙ୍କା, ସେଇମାନେ ହିଁ କେବଳ ଏ ପ୍ରକାର ସ୍ୱପ୍ନ କିଣିପାରନ୍ତି । ମୃତ୍ୟୁର ଶକ୍ତ ପଞ୍ଝା ମଧ୍ୟରୁ ନିଜକୁ ମୁକୁଳାଇ ନେଇପାରନ୍ତି । ଭଙ୍ଗା ଆଇନାକୁ ସଜାଡି ଦେଇ ତା’ ଭିତରେ ମୁହଁ ଦେଖି ପାରିବାର ସାମର୍ଥ୍ୟ ଅର୍ଜନ କରିପାରନ୍ତି । ତେବେ ଅର୍ଥ କ’ଣ ଏତେ ଶକ୍ତିଶାଳୀ ଯେ ଟ୍ରାଫିକ ପୋଲିସ ପରି ହାତ ଦେଖାଇ ମୃତ୍ୟୁକୁ ଅଟକାଇ ଦେଇପାରେ । ଏ ପ୍ରସଙ୍ଗରେ ଜଣେ ହୃଦ୍‌ରୋଗୀ ପିତାଙ୍କ ହତଭାଗ୍ୟ ପୁଅଟିର ଏ ମର୍ମସ୍ପର୍ଶୀ କାହାଣୀଟି ଶୁଣାଯାଉ ।

ଆର୍ଥିକ ଦୃଷ୍ଟିରୁ ଏତେ ସ୍ୱଚ୍ଛଳ ନ ହେଲେ ବି ଷାଠିଏ ଅତିକ୍ରମ କରିଥିବା ବାପାଙ୍କ ହୃଦ୍‌ରୋଗର ଚିକିତ୍ସା କରିବାକୁ ରାଜଧାନୀର ସବୁଠୁଁ ବ୍ୟୟବହୁଳ ତଥା ନିର୍ଭରଶୀଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ ପୁଅ । ତାଙ୍କୁ କୁହାଯାଇଥିଲା, ‘‘ରାଜ୍ୟର ସବୁଠାରୁ ସୁଖ୍ୟାତ ଏହି ହସ୍ପିଟାଲରେ ଆମେ ଏ ଯାଏ ଶତକଡା ପଞ୍ଚାନବେ ହାରରେ ସଫଳତା ପାଇଛୁ । ସୁତରାଂ ଚିନ୍ତା କରିବାର କିଛି କାରଣ ନାହିଁ, ସପ୍ତାହେରୁ ଦଶଦିନ ପର୍ଯ୍ୟନ୍ତ ହସ୍ପିଟାଲରେ ରହଣି, ଅପରେଶନ ଓ ଆନୁଷଙ୍ଗିକ ଔଷଧର ସର୍ବମୋଟ ଖର୍ଚ୍ଚ ପଡ଼ିବ ପ୍ରାୟ ତିନି ଲକ୍ଷ ଟଙ୍କା । ବାପାଙ୍କୁ ଆଡମିଶନ୍ କରାଇ ତାଙ୍କ ଶଯ୍ୟା ପାଖରେ ବସି ଅପରେଶନ ଦିନଟିକୁ ଅପେକ୍ଷା କରୁଥିଲା ବେଳେ ପୁଅ ଭାବୁଥିଲେ, ‘‘ସବୁ କାଳରେ ଦାରିଦ୍ର୍ୟ ସମସ୍ତଙ୍କ ପାଇଁ ଏକ ଅଭିଶାପ । ଦରିଦ୍ର ହୋଇ ଜନ୍ମ ନେବା ତ ଏକ ଦୁର୍ଭାଗ୍ୟ । ଦରିଦ୍ର ହୋଇଥିବା ଯୋଗୁ ବିନା ଚିକିତ୍ସାରେ ଅକାଳରେ ମରିଯିବା ହିଁ ତାହାଠୁଁ ବଳି ବଡ଼ ଦୁର୍ଭାଗ୍ୟ । ଟଙ୍କା ଖର୍ଚ୍ଚ କରି ଯେଉଁଠି ଜୀବନକୁ ମୃତ୍ୟୁମୁଖରୁ ଅଟକାଇ ଦେଇହୁଏ, ସେଠି ଏକ ନିରାମୟ ଜୀବନ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବାର ବା ଆବଶ୍ୟକତା କ’ଣ ? ସେଇ ମୁହୂର୍ତ୍ତରେ ସେହି ହସ୍ପିଟାଲର ଡାକ୍ତରମାନେ ଈଶ୍ୱରଙ୍କଠାରୁ ପୁଅଟିକୁ ବଡ଼ ଜଣା ପଡୁଥିଲେ ।

ଅଥଚ ସପ୍ତାହେ ନୁହେଁ ପ୍ରାୟ ଚାରି ସପ୍ତାହ ରହିବାକୁ ପଡ଼ିଥିଲା ତାଙ୍କ ବାପାଙ୍କୁ ସେହି ଖ୍ୟାତିସମ୍ପନ୍ନ ହସ୍ପିଟାଲରେ । ତିନିଲକ୍ଷ ଟଙ୍କାର ପ୍ରସ୍ତାବିତ ବ୍ୟୟ ଅଟକଳ ପ୍ରାୟ ଦୁଇଗୁଣ ହୋଇଯାଇଥିଲା ଡିସ୍‌ଚାର୍ଜ ହେଲାବେଳକୁ । ଏକ ନିଶ୍ଚିତ ଆରୋଗ୍ୟର ଆଶା କଥା ଦୂରେ ଥାଉ, ପ୍ରତ୍ୟେକ ମୁହୂର୍ତ୍ତ ବିତୁଥିଲା ଚରମ ଅନିଶ୍ଚିତତା ମଧ୍ୟରେ । ହୃଦ୍‌ଯନ୍ତ୍ର ମରାମତି କରିବାରେ ନିପୁଣତା ହାସଲ କରିଥିବା ସେଇ ବିଶାରଦମାନେ ଶେଷଆଡକୁ କେମିତି ସମର୍ପଣ କରି ଆସୁଥିଲେ ଈଶ୍ୱର ବୋଲି ସେଇ ରହସ୍ୟମୟ ଶକ୍ତି ଆଗରେ । କହୁଥିଲେ, ‘ଆମେ ସିନା ଚିକିତ୍ସା କରୁଛୁ, କିନ୍ତୁ ଆରୋଗ୍ୟ କରନ୍ତି ଈଶ୍ୱର । ଶେଷରେ ମାସକର ଚିକିତ୍ସା ଓ ଛଅଲକ୍ଷ ଟଙ୍କାର ଶେଷଗତି ଘଟିଲା ଏକ କରୁଣ ଉପସଂହାରରେ । ନିଜ ବାପାଙ୍କ ଦୁଃଖଦ ବିୟୋଗରେ ।

ହୃତ୍‌ପିଣ୍ଡର ଚିକିତ୍ସା କରୁଥିବା ହୃଦ୍‌ରୋଗ ବିଶେଷଜ୍ଞମାନଙ୍କୁ ହୃଦ୍‌ଯନ୍ତ୍ର ବଦଳରେ ହୃଦୟ ଶବ୍ଦଟିର ପ୍ରୟୋଗ କରିବାକୁ କୁହାଗଲେ ସେମାନେ ହୁଏତ ହସିବେ ଓ କହିବେ, ‘ହୃଦୟ ଏକ କାବ୍ୟିକ ଉଚ୍ଚାରଣ, ଏକ ମାନବୀୟ ଆବେଦନ । ଚିକିତ୍ସା ବିଜ୍ଞାନରେ ଏପରି ଶବ୍ଦ ପ୍ରୟୋଗର କିଛି ମହତ୍ତ୍ୱ ନାହିଁ । ଆମ ଚିକିତ୍ସକଙ୍କ ଦୃଷ୍ଟିରେ ହୃତ୍‌ପିଣ୍ଡ ଶରୀରର ଏକ ପ୍ରମୁଖ ଅଙ୍ଗ ଓ ଏହାକୁ ସୁସ୍ଥ ରଖିବାକୁ ନିଜ ବିଦ୍ୟା ଓ ବିଜ୍ଞାନ ପ୍ରୟୋଗ କରିବା ଜଣେ ହୃଦ୍ ବିଶେଷଜ୍ଞଙ୍କ ପ୍ରଧାନ କର୍ତ୍ତବ୍ୟ । ଏମିତି ବି ଭାବୁଥିଲେ ଅନ୍ୟ ବହୁ ଡାକ୍ତରଙ୍କ ପରି ଦିଲ୍ଲୀର ସ୍ୱନାମଧନ୍ୟ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡାକ୍ତର କୋଠାରୀ, ଯେ ଯାଏ ସେ ସେଇ ୭ ବର୍ଷର ଝିଅଟିକୁ ନିଜ ରୋଗୀ ଭାବରେ ପାଇ ନ ଥିଲେ । ବଡ଼ ବିଚିତ୍ର ସେ ଅନୁଭବ, ତାଙ୍କ ଡାକ୍ତରୀ ଜୀବନର ଏକ ଚମତ୍କାର !

ସାତବର୍ଷର ଟିକି ଝିଅଟିର ଆୟୁଷ ସରି ସରି ଆସୁଥିଲା । ଜନ୍ମ ବେଳରୁ ନିଜ ହୃତ୍‌ପିଣ୍ଡରେ ଏକ ଛିଦ୍ର ନେଇ ପୃଥିବୀକୁ ଆସିଥିବାରୁ ସେ ଅନ୍ୟମାନଙ୍କ ଭଳି ସ୍ୱାଭାବିକ ଜୀବନଟିଏ ଜିଇପାରୁ ନ ଥିଲା । ସାତବର୍ଷ ନ ହେଲେ ତାକୁ ଅପରେଶନ କରିବା ପାଇଁ ସ୍ପଷ୍ଟ ମନା କରିଥିଲେ ଡାକ୍ତର । ମା’ବାପା ଦୁହେଁ ପ୍ରତି ମୁହୂର୍ତ୍ତରେ ଗଣି ଚାଲିଥିଲେ ଝିଅଟିର ବୟସ । ସାତବର୍ଷ ହେଲା ପରେ ଯେତେବେଳେ ତାକୁ ଡାକ୍ତର କୋଠାରୀଙ୍କ ପାଖକୁ ଅଣାଗଲା, ସେତେବେଳେ ସେ ତାଙ୍କୁ ଚମକାଇ ଦେଇଥିଲା ତାଙ୍କ ଉପରେ ଅଦ୍ଭୁତ ଦାୟିତ୍ୱ ଅର୍ପଣ କରି । କହିଥିଲା, ‘‘ମୋ ମାଆଙ୍କ ପାଖରୁ ଶୁଣିଛି, ଈଶ୍ୱର କାଳେ ହୃଦୟରେ ଥାଆନ୍ତି । ଆପଣ ଯେତେବେଳେ ମୋ ହୃଦୟର ଅପରେଶନ କରିବେ, ସେତେବେଳେ ତାଙ୍କୁ ଦେଖିବେ ନିଶ୍ଚୟ । ତାଙ୍କୁ ପଚାରିବେ, ମୋ ବୟସର ସବୁ ଝିଅପୁଅ ଆନନ୍ଦରେ ଖେଳାବୁଲା କରୁଥିଲା ବେଳେ ସେ ମୋତେ କାହିଁକି ଏ ରୋଗ ଦେଲେ ? ସେ ଯାଏ ଜୀବନରେ ସାତଶହରୁ ଊର୍ଦ୍ଧ୍ୱ ହୃଦ୍‌ଯନ୍ତ୍ରର ଅପରେଶନ କରିଥିବା ଡାକ୍ତର କୋଠାରୀ ପ୍ରଥମଥର ପାଇଁ ଦୁର୍ବଳ ଅନୁଭବ କରୁଥିଲେ ।’’

ଝିଅଟିର ଅବସ୍ଥା ଆଦୌ ଭଲ ନ ଥିଲା । ଅପରେଶନ ଟେବୁଲରେ ବି କ’ଣ କିଛି ହୋଇଗଲା ଭଳି ଅବସ୍ଥା । ସାହସ ବାନ୍ଧି ଓଟି ଭିତରକୁ ପଶିଲେ ଡାକ୍ତର କୋଠାରୀ । ଦେଖିଲେ ତାଙ୍କ ସହକାରୀ ଜୁନିୟର ଡାକ୍ତରମାନେ ତାଙ୍କୁ ଅପେକ୍ଷା କରିଛନ୍ତି ଏକ କରୁଣ ମୁଦ୍ରାରେ । ଝିଅଟିର ହୃତ୍‌ପିଣ୍ଡରେ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଇଛି । ସୁତରାଂ ଆଉ କିଛି କରାଯାଇ ନ ପାରେ । ତାଙ୍କ ଆଖିରୁ ଲୁହ ନିଗିଡି ପଡ଼ିଲା ଝିଅଟିର ମୁହଁକୁ ଚାହିଁ । ସେ ଗାଉନ୍ ଓହ୍ଲାଇ ଫେରିଯିବାକୁ ବସିଛନ୍ତି, ହଠାତ୍ ଜଣେ ସହକାରୀ ଚିତ୍କାର କରି ରକ୍ତ ସଞ୍ଚାଳନ ଫେରିଆସିଛି ବୋଲି ସୂଚନା ଦେଲେ । ଆଉଥରେ ଆନନ୍ଦରେ କାନ୍ଦି ପକାଇଲେ ଡାକ୍ତର । ଅପରେଶନ ସଫଳ ହେଲା । ଦୁଇଦିନ ପରେ ଝିଅଟିର ଶଯ୍ୟା ପାଖକୁ ଯିବା ପୂର୍ବରୁ ସେ ଜଣେ ସହଯୋଗୀ ଡାକ୍ତରଙ୍କୁ କହୁଥିଲେ, ‘‘ଏ ଯାଏ ମୁଁ ହୃତ୍‌ପିଣ୍ଡର ଅପରେଶନ କରି ଆସୁଥିଲି । ପ୍ରଥମଥର ପାଇଁ ଗୋଟିଏ ହୃଦୟକୁ ଦେଖିଲି ।’’ ଝିଅଟି ପାଖରେ ପହଞ୍ଚି ସେ ତା’ ମୁଣ୍ଡକୁ ଆଉଁଶି ଦେଇ କହିଲେ, ‘‘ତୁମ ଈଶ୍ୱରଙ୍କୁ ପଚାରିଲି । ସେ କହିଲେ, ତାଙ୍କର ବଡ଼ ଭୁଲ୍ ହୋଇଯାଇଛି । ଏଣିକି ଅନ୍ୟମାନଙ୍କ ପରି ତୁମେ ବି ଆନନ୍ଦରେ ଖେଳି ବୁଲିପାରିବ !’’

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣୀ, ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ଆକାଉଣ୍ଟିଂ ମାଷ୍ଟର

ବ୍ୟକ୍ତିତ୍ୱ



ଚନ୍ଦ୍ରମୌଳି ରାମନାଥନ୍

ଜାତିସଂଘ ବିଶ୍ୱର ହିତ ଦିଗରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଚାଲିଛି । ୨୦୧୯ ଜାନୁୟାରୀ ୧ରେ ଡିପାର୍ଟମେଣ୍ଟ ଅଫ୍ ମ୍ୟାନେଜ୍‌ମେଣ୍ଟ, ଷ୍ଟ୍ରାଟେଜି, ପଲିସି ଆଣ୍ଡ୍ କମ୍ପ୍ଲାଏନ୍ସ (ଡିଏମ୍‌ଏସ୍‌ପିସି) ନାମରେ ଏକ ବିଭାଗର ଶୁଭାରମ୍ଭ କରାଯାଇଛି । ପ୍ରତ୍ୟେକ କ୍ଷେତ୍ରର ନୀତି ଲାଗି ନେତୃତ୍ୱ ନେବା ସକାଶେ ଏକ ସ୍ୱଷ୍ଟ, ସମନ୍ୱିତ ଅନ୍ତର୍ଜାତୀୟ ପରିଚାଳନା, କୌଶଳ ଏବଂ ଯୋଜନାବଦ୍ଧ ଢାଞ୍ଚା ପ୍ରସ୍ତୁତ କରିବା ହେଉଛି ଡିଏମ୍‌ଏସ୍‌ପିସିର ମୁଖ୍ୟ ଲକ୍ଷ୍ୟ । ବଜେଟ ଓ ଅର୍ଥ ସମ୍ବନ୍ଧୀୟ ରିପୋର୍ଟିଂ, ମାନବ ସମ୍ବଳ ସମ୍ପର୍କିତ ନୀତି ଓ କୌଶଳ ନିର୍ଦ୍ଧାରଣ ନେଇ ଏହି ବିଭାଗ ଜାତିସଂଘ ମହାସଚିବଙ୍କୁ ଅବଗତ କରିବାର ବ୍ୟବସ୍ଥା କରାଯାଇଛି । ଭାରତୀୟଙ୍କ ପାଇଁ ସୁଖବର ଯେ, ଭାରତୀୟ ଅର୍ଥନୀତିଜ୍ଞ ଚନ୍ଦ୍ରମୌଳି ରାମନାଥନ୍ ଏହାର କାର୍ଯ୍ୟକ୍ରମ ପ୍ରଣୟନ, ବଜେଟ ଓ ଅର୍ଥ ସମ୍ବନ୍ଧୀୟ ବ୍ୟାପାରର ନିୟନ୍ତ୍ରକ ତଥା ସହକାରୀ ମହାସଚିବ ହେବାର ଗୌରବ ଅର୍ଜନ କରିଛନ୍ତି । ବିଶ୍ୱର ସର୍ବୋଚ୍ଚ ସଂସ୍ଥାର ଉଚ୍ଚସ୍ତରୀୟ ଆକାଉଣ୍ଟିଂ ପଦବୀରେ ଚନ୍ଦ୍ରମୌଳି ନିଯୁକ୍ତି ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି ।

କଷ୍ଟ ଆକାଉଣ୍ଟାଣ୍ଟ ଓ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିବା ଚନ୍ଦ୍ରମୌଳି ଭାରତର ଆର୍ଥିକ, ବେପାର ବଣିଜ କ୍ଷେତ୍ରରେ ଜଣେ ଆଗଧାଡ଼ିର ବ୍ୟକ୍ତି ଭାବେ ପରିଚିତ । ତାଙ୍କ କ୍ୟାରିୟର ଦେଖିଲେ ୧୯୯୩ରୁ ୧୯୯୫ ପର୍ଯ୍ୟନ୍ତ ସେ ଆସିଷ୍ଟାଣ୍ଟ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ରହିଥିଲେ । ଏହା ପୂର୍ବରୁ ୧୯୮୯ରୁ ୧୯୯୩ ଯାଏ ସେ ଭାରତର ଅଡିଟର ଜେନେରାଲର ଡାଇରେକ୍ଟର ଅଫ୍ ଆକାଉଣ୍ଟସ୍ ହୋଇଥିଲେ । ସମୟକ୍ରମେ ସେ ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ୨୦୧୬ରୁ ସେପ୍ଟେମ୍ବର ୨୦୧୮ ପର୍ଯ୍ୟନ୍ତ ସେ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂର କାର୍ଯ୍ୟକାରୀ ନିୟନ୍ତ୍ରକ ତଥା ସହକାରୀ ମହାସଚିବ ଥିବା ବେଳେ ଅନେକ ପ୍ରକାର ସଂସ୍କାର ଆଣିବାରେ ସକ୍ଷମ ହୋଇଥିଲେ । ଏଥିସହିତ ଆକାଉଣ୍ଟସ୍ ଡିଭିଜନ୍‌ର ନିର୍ଦ୍ଦେଶକ, ଉପନିୟନ୍ତ୍ରକ ଏବଂ ଆଇଟି ସର୍ଭିସେସ୍ ଡିଭିଜନ୍‌ର ସର୍ଭିସ ଚିଫ୍ ଥିବା ବେଳେ ଚନ୍ଦ୍ରମୌଳିଙ୍କ କର୍ତ୍ତବ୍ୟନିଷ୍ଠା ବରିଷ୍ଠମାନଙ୍କୁ ତାଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରାଇଥିଲା । ଫାଇନାନ୍ସ ଆଣ୍ଡ୍ ବଜେଟ, ମ୍ୟାନେଜ୍‌ମେଣ୍ଟ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍‌ନୋଲଜି ଦୁନିଆରେ ୪୦ ବର୍ଷର ଅନ୍ତର୍ଜାତୀୟ ସ୍ତରୀୟ ଅଭିଜ୍ଞତା ଯୋଗୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ତାଙ୍କୁ ଡିଏମ୍‌ଏସ୍‌ପିସି ପାଇଁ ବାଛିଥିବା ଆଲୋଚନା ହେଉଛି । ଚନ୍ଦ୍ରମୌଳିଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ଜାତିସଂଘ ପକ୍ଷରୁ କୁହାଯାଇଛି ଯେ, ସେ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସେକ୍ଟର ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡସ୍ (ଆଇପିଏସ୍‌ଏଏସ୍) ଏବଂ ୟୁନାଇଟେଡ୍ ନେଶନ୍ସ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ ସଲ୍ୟୁଶନରେ ପରିଚାଳନାଗତ ସଂସ୍କାର ଆଣିବାରେ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ଆର୍ଥିକ ବ୍ୟାପାରରେ ତାଙ୍କ ଦୂରଦୃଷ୍ଟି ଜାତିସଂଘର ଆକାଉଣ୍ଟିଂ ବ୍ୟବସ୍ଥାରେ ଆଉ ଏକ ଫର୍ଦ୍ଦ ଯୋଡ଼ିବ ବୋଲି ଆଶା କରାଯାଉଛି ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ତାମିଲନାଡୁର ୪୭ ବର୍ଷୀୟା ଜଣେ ମହିଳା ଏବଂ ତାଙ୍କର ୨୮ ବର୍ଷର କନ୍ୟା ଏକତ୍ର କୋଚିଂ ନେଇ ଏବଂ ସମାନ ପରୀକ୍ଷା ଦେଇ ସରକାରୀ ଚାକିରି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ମହିଳା ହେଉଛନ୍ତି ୩ କନ୍ୟାଙ୍କର ଜନନୀ । ଏନ୍. ଶାନ୍ତିଲକ୍ଷ୍ମୀ ନାମ୍ନୀ ଏହି ମହିଳାଙ୍କ ଶିକ୍ଷାଗତ ଯୋଗ୍ୟତା ବି.ଏ., ବି.ଏଡ୍. । ୨୦୧୪ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ଦାୟିତ୍ୱ ପଡିଲା ତାଙ୍କ ଉପରେ । ଗତବର୍ଷ ଶାନ୍ତିଲକ୍ଷ୍ମୀ ଏବଂ ତାଙ୍କର ବଡ଼ ଝିଅ ଆର୍. ଥେନ୍‌ମୋଝି ମାଗଣା କୋଚିଂ କ୍ଲାସ୍‌ରେ ତାଲିମ ନେଲେ । ସେ ପ୍ରଥମେ ଝିଅର ଆଡମିଶନ୍ ପାଇଁ ଆସିଥିଲେ । ନିଜେ ବି ତାଲିମ ନେବା ଆବଶ୍ୟକ ବୋଲି ଶିକ୍ଷକମାନେ ପ୍ରସ୍ତାବ ଦେବା ପରେ ସେ ଏଥିରେ ରାଜି ହୋଇଥିଲେ । ତାମିଲନାଡୁରେ ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ଦଶମଶ୍ରେଣୀ ହୋଇଥିଲେ ହେଁ ଅଧିକ ଶିକ୍ଷାଗତ ଯୋଗ୍ୟତା ଅର୍ଜନ କରିଥିବା ପ୍ରାର୍ଥୀଙ୍କ ନିମନ୍ତେ ବୟସ ସୀମା ନିର୍ଦ୍ଧାରଣ କରାଯାଇ ନାହିଁ । ଝିଅ ବୟସର ଛାତ୍ରୀଛାତ୍ରଙ୍କ ମେଳରେ ବସି ମଧ୍ୟ ଶାନ୍ତିଲକ୍ଷ୍ମୀ ବୁଝିପାରୁ ନ ଥିବା ବିଷୟ ବିନା ଦ୍ୱିଧାରେ ପଚାରି ପାରୁଥିଲେ । ଯେଉଁଦିନ ସେ କ୍ଲାସ୍‌ରେ ଯୋଗ ଦେଇ ନ ପାରନ୍ତି, ପଢ଼ାଯାଇଥିବା ବିଷୟ ଝିଅଠାରୁ ବୁଝି ନିଅନ୍ତି । ମା’ ଓ ଝିଅ ତାମିଲନାଡୁ ପବ୍ଲିକ୍ ସର୍ଭିସ୍ କମିଶନ୍ ଗ୍ରୁପ୍–୪ ପରୀକ୍ଷା ଦେଇ ଏଥିରେ ଯୋଗ୍ୟ ବିବେଚିତ ହେବା ପରେ ଦୁଇଜଣଙ୍କୁ ନିଯୁକ୍ତିପତ୍ର ମିଳିଛି । ଏହା କେତେକ ବିରଳ ଘଟଣା ମଧ୍ୟରୁ ଅନ୍ୟତମ । ବର୍ତ୍ତମାନ ଏହି ପ୍ରସଙ୍ଗ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା’ର ଏ ଭୁବନେ ନାହିଁ ଯା’ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ,
ବିହଙ୍ଗର ଗତି ପୁଣି କ୍ଷୀଣତମ ସ୍ୱରର ଚାଳନ
ସକଳ ଆକାଶଦେଶେ ଜଗାଏ କି ବ୍ୟଥିତ ସ୍ପନ୍ଦନ
ଏକ ଅଙ୍ଗେ ଲାଗେ ଯେବେ ଆଘାତ ବେଦନା
ଛୁଟେ ତା’ର ବ୍ୟଥିତ ଦ୍ୟୋତନା ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ ପ୍ରହସନ

ମହାଶୟ,

ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଅଭିଯାନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ପ୍ଲାଷ୍ଟିକ ତଥା ପଲିଥିନର ବ୍ୟବହାର କମାଇ ଓଡିଶାକୁ ଏକ ପ୍ଲାଷ୍ଟିକମୁକ୍ତ ରାଜ୍ୟ ଭାବରେ ଗଢ଼ିବା ଥିଲା ଏହି ଅଭିଯାନର ମୂଳଲକ୍ଷ୍ୟ । ଏଥିପାଇଁ ସରକାର ପ୍ଲାଷ୍ଟିକର ବିକଳ୍ପ, ଜନସଚେତନତା, ପ୍ଲାଷ୍ଟିକ ବ୍ୟବହାରକାରୀଙ୍କୁ ଜରିମାନା ଭଳି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । କିନ୍ତୁ ଦୁଃଖର କଥା, ଅଭିଯାନ କାର୍ଯ୍ୟକାରୀ ହେବା ଦିନଠୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାରିମାସ ହୋଇସାରିଥିଲେ ମଧ୍ୟ ଘରଠାରୁ ଆରମ୍ଭ କରି ବଜାର, ପାର୍କ, ଦୋକାନ ସବୁଠି ପ୍ଲାଷ୍ଟିକର ବ୍ୟବହାର ଦେଖିବାକୁ ମିଳୁଛି । ଏହାଦ୍ୱାରା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଅଭିଯାନ ପ୍ରହସନରେ ପରିଣତ ହୋଇଛି । ଏଣୁ ସରକାର ନିୟମକୁ କଡ଼ାକଡ଼ି ଲାଗୁ କରନ୍ତୁ ଏବଂ ସଚେତନ ଜନସାଧାରଣ ସରକାରଙ୍କୁ ସହଯୋଗ କରନ୍ତୁ ।

ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ବାକ୍‌ସଂଯମ ରକ୍ଷା କରାଯାଉ

ବିଭିନ୍ନ ରାଜନୈତିକ ଦଳର ମୁଖପାତ୍ରମାନେ ବୈଦ୍ୟୁତିକ ଗଣମାଧ୍ୟମର ବିତର୍କ, ଆଲୋଚନାଚକ୍ର ଆଦିରେ ଅଂଶଗ୍ରହଣ କରି ରାଜ୍ୟର ସମସ୍ୟା ଓ ପ୍ରସଙ୍ଗଗୁଡିକ ଉପରେ ବିବୃତି ପ୍ରଦାନ କରିଥାନ୍ତି । ପ୍ରତ୍ୟେକେ ନିଜ ନିଜ ଦଳର ଲକ୍ଷ୍ୟ, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟକ୍ରମର ବର୍ଣ୍ଣନା କରିଥାନ୍ତି । ଏହି ଅବସରରେ ପରସ୍ପର ମଧ୍ୟରେ ଆରୋପ, ପ୍ରତ୍ୟାରୋପ, ଆକ୍ଷେପ ଓ ପ୍ରତିଆକ୍ଷେପ ଆଦି ଲାଗିରହେ । ବେଳେବେଳେ ଏହି ରାଜନୈତିକ ବୟାନବାଜି ଶାଣିତ ଓ ତୀବ୍ର ହୋଇଥାଏ । କିଛି ପ୍ରବକ୍ତା ଉତ୍ତେଜନାର ବଶବର୍ତ୍ତୀ ହୋଇ ଉଚ୍ଚକଣ୍ଠରେ ବାର୍ତ୍ତାଳାପ କରନ୍ତି, ଯାହା କି ଅତ୍ୟନ୍ତ ଶ୍ରୁତିକଟୁ ହୋଇଥାଏ । ଲକ୍ଷ ଲକ୍ଷ ସାଧାରଣ ଜନତା ପ୍ରତିଦିନ ତାଙ୍କୁ ଗଣମାଧ୍ୟମରେ ଦେଖନ୍ତି ଓ ସେମାନଙ୍କ ବିବୃତି ଶୁଣନ୍ତି । ତେଣୁ ଗଣମାଧ୍ୟମର ବିତର୍କ ସମୟରେ ସେମାନେ ବାକ୍‌ସଂଯମ ଓ ନିରପେକ୍ଷତା ଅବଲମ୍ବନ କରିବା ଲାଗି ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀନିଳୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୩ ମାର୍ଚ୍ଚ ୧୯୯୪**

- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ଆସାମର ବାସିନ୍ଦା ନ ହୋଇ କିପରି ଏହି ରାଜ୍ୟର ଭୋଟର ତାଲିକାଭୁକ୍ତ ହେଲେ ତାହାର ତଦନ୍ତ ପାଇଁ ନିର୍ବାଚନ କମିଶନ ଟି.ଏନ୍. ଶେଷାନ୍ ନିର୍ଦ୍ଦେଶ ଦେଲେ ।
- ଉତ୍ତରପ୍ରଦେଶର ହମିରପୁରରେ ଏକ ବସ୍ ୧୬ ଫୁଟ୍ ଗାତକୁ ଖସିପଡିବା ଫଳରେ ୨୦ଜଣ ଯାତ୍ରୀଙ୍କ ମୃତ୍ୟୁ ।
- ସାମ୍ବାଦିକ ଓ ଅଣସାମ୍ବାଦିକମାନଙ୍କ ପାଇଁ ନୂଆ ମଜୁରି ବୋର୍ଡ ଗଠନ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | | | 7 | | D | | 6 | | | | 8 | | |
| 8 | | E | | C | D | 9 | | | | | 0 | | | |
| | | | | | | | C | | | | | 2 | 4 | 5 |
| | | | | | B | E | | 1 | | | | | | |
| | | C | 4 | 6 | 3 | | 5 | | | | 9 | | | 1 |
| 0 | | | | | 8 | B | | C | | 9 | | 6 | | |
| | 7 | | | | 1 | | | | | | 2 | | B | |
| | 4 | | | | | | | 7 | | | | | A | 8 |
| | | 5 | 7 | 9 | E | | | 0 | | D | | | | 4 |
| 1 | E | B | | | | | | A | | | | 5 | 2 | 7 |
| | | 0 | | 1 | C | | B | | | | D | 9 | | |
| | | 9 | 8 | 3 | | 7 | | 5 | | 0 | | | | |
| | B | | 9 | | 7 | 2 | 3 | | | | | | E | |
| | C | | 2 | D | 5 | | | | | 3 | A | | | 0 |
| | | | | | | | | | 4 | E | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 9 | 2 | 3 | 8 | B | D | 0 | E | C | 7 | 6 | 5 | A | 4 |
| 7 | 0 | D | 4 | 5 | 6 | C | A | 1 | E | 2 | 9 | 3 | 8 | B |
| 3 | A | B | 1 | 2 | E | 7 | 6 | 8 | D | 5 | 4 | 0 | C | 9 |
| C | 8 | E | A | 7 | 9 | 4 | 3 | 5 | 0 | B | 1 | D | 6 | 2 |
| 5 | 4 | 6 | D | 0 | C | B | 2 | 9 | 3 | A | 8 | 7 | E | 1 |
| B | 3 | C | 0 | A | 1 | 8 | 9 | 4 | 5 | 6 | 2 | E | 7 | D |
| 0 | 6 | A | 5 | 9 | 4 | E | 1 | D | B | C | 7 | 2 | 3 | 8 |
| 4 | D | 7 | E | 6 | 2 | 3 | C | A | 8 | 9 | 0 | 1 | B | 5 |
| E | 5 | 1 | 8 | D | 7 | 2 | B | 0 | A | 4 | 3 | C | 9 | 6 |
| 8 | 2 | 9 | B | C | 3 | 6 | 5 | 7 | 1 | E | D | 4 | 0 | A |
| A | C | 8 | 2 | 1 | 5 | 9 | 4 | 3 | 7 | 0 | B | 6 | D | E |
| D | 7 | 4 | 9 | 3 | 8 | 0 | E | B | 6 | 1 | 5 | A | 2 | C |
| 9 | E | 0 | 6 | B | A | 1 | 7 | 2 | 4 | D | C | 8 | 5 | 3 |
| 6 | B | 5 | 7 | 4 | D | A | 8 | C | 2 | 3 | E | 9 | 1 | 0 |
| 2 | 1 | 3 | C | E | 0 | 5 | D | 6 | 9 | 8 | A | B | 4 | 7 |

ଗତକାଲିର ଉତ୍ତର



ରୁଷିଆ ନାଗରିକ ତଥା ନୋବେଲ ପୁରସ୍କାର ବିଜୟୀ ଜୋରସ୍ ଆଲଫେରୋଭ ସେଣ୍ଟ୍ ପିଟର୍ସବର୍ଗରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ଏହି ପଦାର୍ଥ ବିଜ୍ଞାନୀଙ୍କୁ ୨୦୦୦ରେ ସେମି-କଣ୍ଡକ୍ଟର ଏବଂ ଲେଜର ଟେକ୍ନୋଲୋଜିରେ ବିଚକ୍ଷଣତା ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ପୋଲିସ କର୍ମଚାରୀଙ୍କ ପ୍ରୋତ୍ସାହନ ରାଶି, ଭତ୍ତା ବଢ଼ିଲା

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ପୋଲିସ ବାହିନୀରେ କାର୍ଯ୍ୟରତ ଥାନା ଅଧିକାରୀ, ଏସ୍ଆଇ, ଏଏସ୍ଆଇ, ସିପାହି, କନ୍ଷ୍ଟେବଲ, ହାବିଲଦାର, ଲାନ୍ସନାଏକ ଓ ସମାନ ର୍ୟାଙ୍କ୍ କର୍ମଚାରୀଙ୍କ ପ୍ରୋତ୍ସାହନ ରାଶି ସହ ବିଭିନ୍ନ ଭତ୍ତା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏ ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ସିପାହି, କନ୍ଷ୍ଟେବଲ ଓ ହାବିଲଦାର ଓ ସମାନ ର୍ୟାଙ୍କ୍ର କର୍ମଚାରୀଙ୍କ ପ୍ରୋତ୍ସାହନମୂଳକ ରାଶି ବାବଦକୁ ମିଳୁଥିବା ବାର୍ଷିକ ଗୋଟିଏ ମାସର ଦରମା ସର୍ବାଧିକ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ନକ୍ସଲ ପ୍ରବଣ ଅଞ୍ଚଳରେ କଣ୍ଟ୍ରାକ୍ଟୁଆଲରେ କାର୍ଯ୍ୟ କରୁଥିବା ଏହି ପୋଲିସ କର୍ମଚାରୀଙ୍କ କ୍ଷେତ୍ରରେ ମଧ ଏହା ଲାଗୁ ହେବ। ସେହିପରି ଖାଦ୍ୟ ଭତ୍ତା ବାବଦକୁ ସିପାହି, କନ୍ଷ୍ଟେବଲ, ହାବିଲଦାର, ଲାନ୍ସନାଏକ ଓ ସମାନ ର୍ୟାଙ୍କ୍ର କର୍ମଚାରୀଙ୍କୁ ପୂର୍ବରୁ ମାସିକ ୧୧୫୦ ଟଙ୍କା ମିଳୁଥିବାବେଳେ ତାହାକୁ ୧୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ନକ୍ସଲ ପ୍ରବଣ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ପ୍ରୋତ୍ସାହନମୂଳକ ରାଶି ବାବଦକୁ ମାସିକ ଅଧିକ ୧୪୦୦ଟଙ୍କା ଦିଆଯିବ। ରାଜ୍ୟର ବିଭିନ୍ନ ଥାନାରେ କାର୍ଯ୍ୟରତ ଏଏସ୍ଆଇଙ୍କଠାରୁ ଆରମ୍ଭ କରି ଇନ୍ସପେକ୍ଟର ପର୍ଯ୍ୟନ୍ତ ସମାନ ର୍ୟାଙ୍କ୍ର କର୍ମଚାରୀଙ୍କୁ ମୋଟରସାଇକେଲ ତେଲ ଖର୍ଚ୍ଚ ବା ଯାତାୟାତ ବାବଦରେ ମାସିକ ଭତ୍ତା ୭୦୦ଟଙ୍କା ମିଳୁଥିବାବେଳେ ତାହାକୁ ୧୦୫୦ଟଙ୍କାକୁ ବୃଦ୍ଧି କରାଯାଇଛି। ନକ୍ସଲପ୍ରବଣ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ପ୍ରୋତ୍ସାହନମୂଳକ ଭାବେ ଅଧିକ ୧୦୫୦ ଟଙ୍କା ମିଳିବ।

### ନାଲ୍କୋ ଟ୍ରେନ ଲାଇନଚ୍ୟୁତ



**ବଆଁରପାଳ, ୨।୩ (ଡି.ଏନ୍.ଏ):** ନାଲକୋର ଏକ ଟ୍ରେନ ଶନିବାର ସକାଳେ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଏଥିଯୋଗୁ ଟ୍ରେନର ଇଞ୍ଜିନ୍ ଅଂଶ ରେଳଧାରଣା ବାହାରକୁ ବାହାରି ଆସିଛି। ସକାଳେ ଟ୍ରେନଟି ନାଲ୍କୋ ସିପିପି ପ୍ଲାଣ୍ଟରୁ ସ୍ମେଲଟର ପ୍ଲାଣ୍ଟକୁ ଯାଉଥିବାବେଳେ ବଆଁରପାଳ ହାଟ ନିକଟସ୍ଥ ଲେବୁଲ କ୍ରସିଙ୍ଗ୍ରେ ଲାଇନ୍ ଚ୍ୟୁତ ହୋଇଥିଲା। ଏଥିଯୋଗୁ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଧାରଣାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଅନେକ ସମୟରେ ଟ୍ରେନ ଲାଇନ ଚ୍ୟୁତ ହେଉଥିବା କର୍ମଚାରୀ ମହଲରେ ଆଲୋଚନା ହେଉଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ଗ୍ରାମୀଣ କ୍ୟାମ୍ପସ ଉଦ୍ଘାଟିତ

- ୧୩ ପ୍ରକଳ୍ପର ଉଦ୍ଘାଟନ,ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ୨ବିଷୟରେ ଆରମ୍ଭ ହେଲା ସ୍ନାତକୋତ୍ତର ଶିକ୍ଷାଦାନ
- କାଳିଆ ଯୋଜନାରେ ଉପକୃତ ହୋଇଛନ୍ତି ୩୦ଲକ୍ଷ ଚାଷୀ

ଚଣ୍ଡିଖୋଲ,୨।୩(ଡି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବଡ଼ଚଣା ନିର୍ବାଚନ ମଣ୍ଡଳିକୁ ଦିନିକିଆ ଗସ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ଗ୍ରାମୀଣ କ୍ୟାମ୍ପସକୁ ଉଦ୍ଘାଟନ କରିବା ସହ ୧୫୨କୋଟି ୭୬ ଲକ୍ଷ ୭୨ହଜାର ଟଙ୍କା ବ୍ୟୟରେ ୧୩ଟି ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଚଣ୍ଡିଖୋଲ ନିକଟସ୍ଥ ସୁଙ୍ଗୁଡ଼ା ଖେଳପଡ଼ିଆରେ ଉତ୍କଳ ବିଶ୍ୱବିଦ୍ୟାଳୟ ଚଣ୍ଡିଖୋଲ ଗ୍ରାମୀଣ କ୍ୟାମ୍ପସର ଶିକ୍ଷାଦାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ଚଳିତଶିକ୍ଷା ବର୍ଷ ପାଇଁ ଏଠାରେ ୨ଟି ବିଭାଗରେ ୪୮ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ସେମାନେ ଶନିବାରଠାରୁ ଶିକ୍ଷା ଗ୍ରହଣ କରିଛନ୍ତି। ଏଠାରେ ଏମ୍ଏ, ଇନ୍ ପବ୍ଲିକ୍ ହେଲଥ୍ ଓ ଏମଏ ଇନ୍ ରୁରାଲ ମ୍ୟାନେଜମେଣ୍ଟ ବିଭାଗରେ ଶିକ୍ଷାଦାନ କରାଯିବ। ଶିକ୍ଷାଦାନ ନିମନ୍ତେ ପ୍ରତି ବିଭାଗରେ ୩ଜଣ ଲେଖାଏ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରୁଷା ସହାୟତାରେ ନିର୍ମିତ ୩ ମହାଲା ବିଶିଷ୍ଟ କୋଠାକୁ କଲେଜ କର୍ତ୍ତୃପକ୍ଷ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଯୋଗାଇ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି କୋଠାକୁ ନବୀକରଣ କରିବା ସହିତ ଶ୍ରେଣୀଗୃହ, ଉଚ୍ଚମାନର ପାଠାଗାର ଓ ପ୍ରଶାସନିକ କାର୍ଯ୍ୟାଳୟ ପରିଚାଳନା କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିଛନ୍ତି ବୋଲି ସୂଚନା ଦିଆଯାଇଛି। କେବଳ ଛାତ୍ରୀଛାତ୍ରମାନେ ରହିବା ପାଇଁ ହଷ୍ଟେଲ ସୁବିଧା କରାଯାଇ ନାହିଁ। ସାଧାରଣ ସଭାରେ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନା ଦେଶବାସୀଙ୍କୁ ନୂଆ ବାଟ ଦେଖାଇବା ସହ ରାଜ୍ୟର ୩୦ ଲକ୍ଷ ଚାଷୀ ଏଥିରେ ଉପକୃତ ହୋଇଛନ୍ତି ବୋଲି କହିଛନ୍ତି। କେନ୍ଦ୍ରସରକାର ଚାଷୀମାନଙ୍କ ପାଇଁ ଏବେ କରିଥିବା ଯୋଜନାରେ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଭାଗ ଚାଷୀ ଓ କୃଷିଶ୍ରମିକଙ୍କୁ ସାମିଲ କରାଯାଇ ନାହିଁ। ଯାହାଦ୍ୱାରା ଗରିବ ଚାଷୀମାନେ ଉପକୃତ ହୋଇପାରିବେ ନାହିଁ। ତେଣୁ ମୁଁ ଏଥିନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଗରିବ ଚାଷୀଙ୍କୁ ତାଙ୍କ ଯୋଜନାରେ ସାମିଲ କରିବା ପାଇଁ ଦାବି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବଡ଼ଚଣା ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବଡ଼ଚଣା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଶ୍ରଦ୍ଧା ଓ ଆବେଗ ଥିବା ପ୍ରକାଶ କରିଥିଲେ। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ତଥା ବିଜେଡିର ଯାଜପୁର ଜିଲା ପ୍ରଭାରୀ ଅଶୋକ ଚନ୍ଦ୍ର ପଣ୍ଡା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରୀ ବିଧାୟକ ଦେବାଶିଷ ନାୟକ, ସୁକିନ୍ଦା ବିଧାୟକ ପ୍ରୀତିରଂଜନ ଘଡ଼େଇ, ଯାଜପୁର ଏମ୍ପି ରୀତା ତରାଇ, ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉଦ୍ବୋଧନ ଦେଇ ରାଜ୍ୟ ସରକାରଙ୍କ ବହୁ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇଥିବାବେଳେ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ମଞ୍ଚରୁ ନାବାର୍ଡ଼ ସହାୟତାରେ ୨୦କୋଟି ୭୯ଲକ୍ଷ ଟଙ୍କା ବ୍ୟୟରେ ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାର ବଡ଼ଗେଙ୍ଗୁଟି ନଦୀ ଉପରେ ନିର୍ମିତ ଧନଞ୍ଜୟ ସେତୁ, ୭୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠର ୧୦୦ ଶଯ୍ୟା ବିଶିଷ୍ଟ ଅନୁସୁଚିତ ଜାତି ଓ ଜନଜାତି ଛାତ୍ରାବାସ, ୫କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସାନଗେଙ୍ଗୁଟି ନଦୀର ଶୁକଦେଇପୁର-ଢ଼ିହକରନ୍ଦା ରାସ୍ତାର ସେତୁ, ୧କୋଟି ୮୫ ଲକ୍ଷ ଟଙ୍କାରେ ନିର୍ମିତ ଯାଜପୁର ଜିଲା ଅଡିଟ୍ ଅଫିସ ଗୃହ, ୮ଲକ୍ଷ ଟଙ୍କା ବ୍ୟୟରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସ୍ତମ୍ଭର ଉଦ୍ଘାଟନ କରିଥିଲେ। ସେହିପରି ୫କୋଟି ଟଙ୍କା ବ୍ୟୟ ଅଟକଳରେ ବନ୍ଧାଳୋ-ଏଣ୍ଡରପଦା ରାସ୍ତାର ନବୀକରଣ ଓ ପ୍ରଶସ୍ତିକରଣ, ୧୧କୋଟି ୫୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲଳିତଗିରି-ଉଦୟଗିରି-ରତ୍ନଗିରି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନୟନ, ୫କୋଟି ଟଙ୍କା ବ୍ୟୟ ଅଟକଳରେ ପଲାଇଠାରେ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ, ୩କୋଟି ୯୪ଲକ୍ଷ ଟଙ୍କା ବ୍ୟୟରେ କୁମ୍ଭେଇ ଠାରୁ ଉପୁଳା ରାସ୍ତାର ପୁନରୁଦ୍ଧାର, ୨ କୋଟି ୭୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭୁଲୁକା-କୁଷ୍ପୁର ଶାସନ ରାସ୍ତା ନିର୍ମାଣ, ୩ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସଞ୍ଜୟ ନଗରଠାରୁ ଶାସନପୁରୁଷୋତ୍ତମପୁର ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ ସହ ୬କୋଟି ୩୨ ଲକ୍ଷ ଟଙ୍କା ବ୍ୟୟରେ ସାନ ଗେଙ୍ଗୁଟି ନଦୀର ଭୁବନ ଠାରେ ସେତୁ ନିର୍ମାଣର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ଦଳୀୟ ବଡ଼ଚଣା ବିଜେଡ଼ି ସଭାପତି ଅରବିନ୍ଦ ସାମଲ ଓ ଯୁବନେତା ସାରଦା ମହାନ୍ତିଙ୍କ ସଞ୍ଚାଳନରେ ଦଳର ସ୍ଥାନୀୟ ନେତାମାନେ ଉଦ୍ବୋଧନ ଦେଇଥିଲେ। ଏଥିରେ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଯାଜପୁର ଏସ୍ପି ଚରଣ ସିଂ ମୀନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟ ଚଣ୍ଡିଖୋଲ ଗ୍ରାମୀଣ କ୍ୟାମ୍ପସର ଉଦ୍ଘାଟନ ପରେ ଉଦ୍ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ବହୁ ବ୍ୟକ୍ତିବିଶେଷ ବିଜେଡିରେ ସାମିଲ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ନିଜ ନିର୍ବାଚନମଣ୍ଡଳୀର ବହୁ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର, ପୂର୍ବତନ ସରପଞ୍ଚଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀଙ୍କୁ ବିଜେଡିରେ ସାମିଲ କରାଇବାରେ ସଫଳ ହୋଇଛନ୍ତି। ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଶନିବାର ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।

ବିଜେଡିରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ ହେଉଛନ୍ତି- ସରପଞ୍ଚ ନିର୍ମଳା ହରପାଲ୍, କେତକୀ ଅମାତ, ହିମାଞ୍ଚଳ ବୁଡେକ୍, ଖୀରା ମାଝି, ପୁଷ୍ପାଞ୍ଜଳି ବାଗ, ସୁମୁଖି ଭୋଇ, ଭାରତୀ ରାଜପାଲିଆ, ସିରା ରଣା, ସମିତି ସଭ୍ୟ ଭୀମ ନାଗ, ପୂର୍ବତନ ସରପଞ୍ଚ ଅଲେଖ ସେଠୀ, ତୃତୀୟା ପ୍ରଧାନ, ହରେକୃଷ୍ଣ ରଣା, ପୂର୍ବତନ ସଇଁତଳା ବ୍ଲକ ଅଧ୍ୟକ୍ଷ ଦୁଃଖିଶ୍ୟାମ ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଲିଙ୍ଗା ରଣା, ଟିଟିଲାଗଡ଼ ବ୍ୟବସାୟୀ ସଂଘ ସଭାପତି କଂଗ୍ରେସର ତ୍ରିନାଥ ସରାଫ, ଟିଟିଲାଗଡ଼ ବାର୍ ଆସୋସିଏଶନ ସମ୍ପାଦକ ଲଳିତ ମୋହନ ତାଣ୍ଡି ପ୍ରମୁଖ। ଉପରୋକ୍ତ ନେତାଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି କରିବ ବୋଲି ବିଜେଡି ସଭାପତି ଆଶା ପ୍ରକଟ କରିଛନ୍ତି।

# ପୂର୍ବତଟ ରେଳପଥ ବିଭାଜନକୁ ବିରୋଧ କରି ବିଜେଡିର ବିକ୍ଷୋଭ

- ଛାତ୍ର, ଯୁବ ଏବଂ ମହିଳା କର୍ମକର୍ତ୍ତାଙ୍କ ଯୋଗଦାନ
- ନିଷ୍ପତ୍ତି ପୁନର୍ବିଚାର ନ କଲେ ଅର୍ଥନୈତିକ ଅବରୋଧ

ଭୁବନେଶ୍ୱର, ୨।୩(ବ୍ୟୁରୋ)

କେନ୍ଦ୍ର ସରକାର ପୂର୍ବତଟ ରେଳପଥକୁ ବିଭାଜନ କରିବା ପାଇଁ କିଛିଦିନ ତଳେ ଘୋଷଣା କରିଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଏନ୍ଡିଏ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଶନିବାର ବିଜେଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ମୁଖ୍ୟ ଦପ୍ତର ସମ୍ମୁଖରେ ପ୍ରତୀକାତ୍ମକ ବିକ୍ଷୋଭ କରାଯାଇଛି। ଦଳର ୩ ପ୍ରମୁଖ ଛାମୁଆ ସଙ୍ଗଠନ ଛାତ୍ର,ଯୁବ ଏବଂ ମହିଳା ସଙ୍ଗଠନ ପଦାଧିକାରୀ ଏଥିରେ ଯୋଗଦେଇଥିଲେ।

ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ,କେନ୍ଦ୍ର ସରକାର ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥକୁ ବିଭାଜନ କରିଛନ୍ତି। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ପାଇଁ ଏହାକୁ ଦୁଇଭାଗ କରିଦିଆଯାଇଛି। ଏହା ଓଡ଼ିଶାର ସ୍ୱାର୍ଥ ପ୍ରତି ଘୋର ଅବହେଳା। କୌଣସି ଯଥାର୍ଥ କାରଣ ନ ଥାଇ ପୂର୍ବତଟ ରେଳପଥକୁ ଭାଗ ଭାଗ କରିଦିଆଯିବା ଏକ ଅଦୂରଦର୍ଶୀ, ନିନ୍ଦନୀୟ ପଦକ୍ଷେପ ବୋଲି ଦାସବର୍ମା ସମାଲୋଚନା କରିଛନ୍ତି। ସେହିପରି ଉତ୍ତର ଭୁବନେଶ୍ୱର ବିଜେଡି ସଙ୍ଗଠକ ଚିନ୍ମୟ ସାହୁ କହିଛନ୍ତି ଯେ, ଏନ୍ଡିଏ ସରକାର ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ପୂର୍ବତଟ ରେଳପଥର ପରିସୀମା ସଙ୍କୁଚିତ ହେବ। ଏଥିସହ ଆନୁଷଙ୍ଗିକ କ୍ଷେତ୍ରରୁ ଯାହା ଅର୍ଥ ମିଳୁଥିଲା ତାହା ମଧ କମିଯିବ। ପୂର୍ବତଟ ରେଳପଥ ରେଲ୍ୱେକୁ ବାର୍ଷିକ ପାଖାପାଖି ୨୦ ହଜାର କୋଟି ଟଙ୍କା ରାଜସ୍ୱ ଦେଉଛି। ହେଲେ ବାରମ୍ବାର ରେଲୱେ ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଦୀର୍ଘଦିନର ଲଢେଇ ଓ ସଂଗ୍ରାମ ପରେ ପୂର୍ବତଟ ରେଳପଥ ପ୍ରତିଷ୍ଠା ହୋଇପାରିଥିଲା। ହେଲେ ଏବେ ଏହା ପ୍ରତି ଷଡ଼ଯନ୍ତ୍ର କରାଯାଇଥିବା ଚିନ୍ମୟ କହିଛନ୍ତି। ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମୁଖପାତ୍ର ସୁଲତା ଦେଓ, ସ୍ଥାନୀୟ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଯୁବ ବିଜେଡି ଉପସଭାପତି ଦୁର୍ଗା ସାମନ୍ତରାୟ ପ୍ରମୁଖ କେନ୍ଦ୍ର ବିରୋଧରେ ବର୍ଷିଥିଲେ। ଦୁର୍ଗା ସାମନ୍ତରାୟ କହିଥିଲେ ଯେ, ପୂର୍ବତଟ ରେଳପଥ ବିଭାଜନ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜାଣି ୨୦୧୮ ଫେବୃୟାରୀ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ସେଥିରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଥିଲେ ଯେ, ପୂର୍ବତଟ ରେଳପଥର ଯଦି ସାମାନ୍ୟତମ ଅଂଶ ଆନ୍ଧ୍ରପ୍ରଦେଶକୁ ଠେଲିଦିଆଯାଏ ତେବେ ବିଭିନ୍ନ ଦୃଷ୍ଟିକୋଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ। ହେଲେ ଏହାକୁ ଅଣଦେଖା କରାଯାଇଛି। ଭାରତ ସରକାରଙ୍କ ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ଦୁଇ ଓଡ଼ିଆ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜୁଏଲ ଓରାମ୍ ଏ ପ୍ରସଙ୍ଗରେ ନୀରବ ରହିବା ନିଶ୍ଚିତ ଦୁର୍ଭାଗ୍ୟର କଥା ବୋଲି ସାମନ୍ତରାୟ ମତ ଦେଇଛନ୍ତି। ଏନ୍ଡିଏ ସରକାର ନେଇଥିବା ନିଷ୍ପତ୍ତିରୁ ଯଦି ନ ଓହରେ, ତେବେ ବିଜେଡି ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପୂର୍ବତଟ ରେଳପଥ ବିଭାଜନ ପରେ ଶାସକ ବିଜେଡି ହୀନ ରାଜନୀତି କରିବା ସହ ସ୍ଥାଣୁତା ଓ ଅପାରଗତା ଲୁଚାଇବାକୁ ଯାଇ ଔଷଧ ବିକଳରେ ତାଟିଆ କାମୁଡୁଛି ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସମାଲୋଚନା କରିଛନ୍ତି।



ବିଜେଡିର ପ୍ରତିବାଦ ସଭାରେ ଦଳୀୟ ନେତା ଓ କର୍ମୀ।




## ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ବଲାଙ୍ଗୀରର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି। ଶନିବାର ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୪୬ ଜୁଲାଇରେ ଡିଗ୍ରୀ କଲେଜର ମାନ୍ୟତା ପାଇଥିବା ଏହି ମହାବିଦ୍ୟାଳୟ ୧୯୬୭ରୁ ୨୦୦୨ ପର୍ଯ୍ୟନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ରହିଥିଲା। ଏହାପରେ ୟୁଜିସି ଦ୍ୱାରା ସ୍ୱୟଂଶାସିତ ଅନୁଷ୍ଠାନ ଭାବେ ଘୋଷଣା କରାଯାଇଥିଲା।




■ ଭାଜପାର ବିଜୟ ସଙ୍କଳ୍ପ ସମାବେଶ

## ଆଜି ଆସୁଛନ୍ତି ବିନୟ କଟିୟାର

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ଭାଜପା ପକ୍ଷରୁ ରବିବାର ବିଜୟ ସଂକଳ୍ପ ସମାବେଶ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଏମ୍ପି ତଥା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୟ କଟିୟାର୍ ଆସୁଛନ୍ତି। କଟିଆର୍ ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ପହଞ୍ଚି ସେଠାରୁ ବଲାଙ୍ଗୀର ଜିଲା ଗସ୍ତ କରିବେ। ଦିନ ୧୨ଟାରେ ସେ ବଲାଙ୍ଗୀର ଜିଲା ଖପରାଖୋଲ ହାଇସ୍କୁଲ ପଡିଆରେ ପହଞ୍ଚି କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେବେ। ସମାବେଶ ପରେ କଟିୟାର ବରଗଡ ଜିଲା ଅତାବିରା ଭେଡେନ ବ୍ଲକ ରେମୁଣ୍ଡା ପଞ୍ଚାୟତ ଥଉପାଲି ଧନୁଯାତ୍ରା ପଡିଆରେ ଦିନ ୧ଟାରେ ପହଞ୍ଚି ବିଜୟ ସଂକଳ୍ପ ସମାବେଶରେ ଉଦବୋଧନ ଦେବେ ବୋଲି ଜଣାପଡିଛି। ସେଠାରୁ ସେ ସମ୍ବଲପୁର ଜିଲା ରେଢାଖୋଲ କଦମ ପଡିଆରେ ଅପରାହ୍ନ ୩ଟାରେ ପହଞ୍ଚି ସାଧାରଣ ସଭାରେ ଯୋଗ ଦେବେ। ଏହା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କଟିୟାର୍ ଭୁବନେଶ୍ୱର ଫେରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଶନିବାର ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବିଜୟ ସଂକଳ୍ପ ସମାବେଶରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଏବଂ ଭାଜପା ନେତ୍ରୀ ମହାଶ୍ୱେତା ରାୟ ପ୍ରମୁଖ ଉପସ୍ଥିତ ରହିବେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.:୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍:୦୬୭୪-୨୫୪୯୬୬୩,୨୫୪୯୬୧୨

ଡ଼ିମାଣ୍ଡ ନୋଟିସ୍

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ, ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଯାହାକି ଏବେ ଆକ୍ଟ ଭାବେ ଘୋଷିତ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍ଦାରମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ, ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତା/ଜାମିନ୍ଦାରମାନଙ୍କୁ ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡ଼ାକ / ସ୍ପିଡ୍ ଡ଼ାକ ଯୋଗେ ନୋଟିସ୍ ଜାରି କାରଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍ଦାରମାନଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା/ଜାମିନ୍ଦାରଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଏନ୍ପିଏ ତାରିଖ | ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଏସ୍ଆରଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ, ଶ୍ରୀ ହିମାଂଶୁ ରାଉତରାୟ,** ପିତା-ସଂଗ୍ରାମ କେଶରୀ ରାଉତରାୟ, **ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ,** ସ୍ୱା-ଉମାକାନ୍ତ ପ୍ରିୟଦର୍ଶୀ, **ଶ୍ରୀ ଦିପାଂଶୁ ଶେଖର ମହାନ୍ତି,** ପିତା-ରବିନ୍ଦ୍ର କୁମାର ମହାନ୍ତି, **ଜାମିନ୍ଦାର: ଶ୍ରୀ ହିମାଂଶୁ ରାଉତରାୟ, ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ, ଶ୍ରୀ ଦିପାଂଶୁ ଶେଖର ମହାନ୍ତି, ଶ୍ରୀମତୀ ପ୍ରିୟଦର୍ଶିନୀ ରାଉତରାୟ(ମେସର୍ସ ଏସ୍ଆରଏମ୍ ଗ୍ଲୋବାଲ ଇନ୍ଫ୍ରା ଲିଃ ର ନିର୍ଦ୍ଦେଶକ) ବ୍ୟକ୍ତିଗତ ଗ୍ୟାରେଣ୍ଟର ଅଟନ୍ତି,** ସମସ୍ତଙ୍କ ଠିକଣା: ପ୍ଲଟ ନଂ.-୫୮, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯। | ସମ୍ପତ୍ତିର ସମସ୍ତ ଅଂଶବିଶେଷ ମୌଜା - ରଘୁନାଥପୁର, ପ୍ଲଟ ନଂ.-୩/୬୯୬, ଖାତା ନଂ.-(୧୭୧/୧୯)୫୭୯, ଏରିଆ-୦.୦୯୫ ଡିସିମିଲି, ପ୍ଲଟ ନଂ.-୪/୩୩୬/୭୪୮, ଖାତା ନଂ.-୧୭୧/୧୦୩, ଏରିଆ-ଏକର୦.୦୧୬ ଡିସିମିଲିରେ ଅବସ୍ଥିତ, କିସମ-ଗୃହପୋଯୋଗୀ, ଏହି ସମ୍ପତ୍ତି ଏସ୍ଆରଏମ୍ ଆର୍ଟିଟେକ୍ଟରଆଣ୍ଡ କନ୍ଷ୍ଟ୍ରକ୍ସନ ଲିଃ ନାମରେ ଅଛି, ପରବର୍ତ୍ତି ସମୟରେ ଏହି କମ୍ପାନୀର ନାମ ପରିବର୍ତ୍ତନ ହୋଇ ଏସ୍ଆରଏମ୍ ଗ୍ଲୋବାଲ ଇନ୍ଫ୍ରାଷ୍ଟ୍ରକ୍ଚର ଲିଃ ହେଲା ଏବଂ ପୁଣି ଥରେ ଏହାର ନାମ ଏସ୍ଆରଏମ୍ ଗ୍ଲୋବାଲ ଇନ୍ଫ୍ରା ଲିଃ ହୋଇଛି। ଉପୋରୋକ୍ତ କମ୍ପାନୀ ଏସ୍ଆରଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ ନିମନ୍ତେ କର୍ପୋରେଟ୍ ଗ୍ୟାରେଣ୍ଟି ଦେଇଛି। | ୧୧.୦୨.୨୦୧୯ | ୨୮.୧୧.୨୦୧୮ | ତା ୧୫.୦୧.୨୦୧୯ ସୁଦ୍ଧା ଟ.୧,୨୦,୬୬,୫୬୭/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ନୋଟିସ୍ର ବିକଳ୍ପସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା/ଜାମିନ୍ଦାରମାନଙ୍କୁ ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ ବ୍ୟାଙ୍କ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ଉପରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

ସ୍ଥାନ: ଭୁବନେଶ୍ୱର, ତାରିଖ:୦୨.୦୩.୨୦୧୯ — ସ୍ୱା/-କ୍ଷମତାପ୍ରାପ୍ତ ଅଧୀକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ନିଜ ଦୋଷକୁ ସ୍ୱୀକାର କଲେ
ମନ ଶାନ୍ତ ଓ ପବିତ୍ର ହୋଇଥାଏ
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ୬ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟିତ

**ବାଲିପାଟଣା,୨।୩(ଡି.ଏନ୍.ଏ.):** ବାଲିପାଟଣା ବ୍ଲକରେ ଶନିବାର ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଦୁଇଟି ରାସ୍ତାର ଶିଳାନ୍ୟାସ କରାଯାଇଥିବା ବେଳେ ଦୁଇଟି ବ୍ରିଜ୍ ଓ ଦୁଇଟି ଭୂତଳ ଜଳ ପାଣି ଟାଙ୍କି ଉଦ୍‌ଘାଟିତ ହୋଇଛି। ୧୦କୋଟି ଟଙ୍କା ବ୍ୟୟରେ ବନମାଳିପୁରଠାରୁ ଅଢେଇଅଁ ପର୍ଯ୍ୟନ୍ତ ରାସ୍ତା, ୧୦କୋଟି ଟଙ୍କା ବ୍ୟୟରେ ଅଢେଇଅଁଠାରୁ ବିଷ୍ଣୁପୁର ରାସ୍ତାର ଶିଳାନ୍ୟାସ କରାଯାଇଛି। ପୂର୍ତ୍ତ ବିଭାଗ ଏହି ରାସ୍ତା ନିର୍ମାଣର ଦାୟିତ୍ୱ ନେଇଛି। ୧୨କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କୁଶଭଦ୍ରା ନଦୀର ଅଭୟମୁଖୀ-ଆଲୋଇ ବ୍ରିଜ, ଭେଙ୍କଟରାୟପୁର ଗାଁରେ ୭୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଭୂତଳ ଜଳଯୋଗାଣ ପ୍ରକଳ୍ପ, ତିହୁଡିଠାରେ ୭୯ଲକ୍ଷ ବ୍ୟୟରେ ନିର୍ମିତ ଭୂତଳ ଜଳଯୋଗାଣ ପ୍ରକଳ୍ପ ଓ ପ୍ରାଚୀ ନଦୀର ପଇଡପାଟଣା ପୋଲ ଉଦ୍‌ଘାଟିତ ହୋଇଯାଇଛି। ପ୍ରତି ଗାଁକୁ ରାସ୍ତା ଓ ଭୂତଳ ଜଳ ଯୋଗାଇଦେବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ରାଉତରାୟ, ପ୍ରତାପ କେଶରୀ ନାୟକ, ଅଚ୍ୟୁତାନନ୍ଦ ପାତ୍ର, ବୈଷ୍ଣବ ପାତ୍ର, ରମାକାନ୍ତ ପଣ୍ଡା, ଗ୍ରାମ ଜଳଯୋଗାଣ ବିଭାଗ ଓ ପୂର୍ତ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭାଜପାର ବିଜୟ ସଂକଳ୍ପ ଶୋଭାଯାତ୍ରା

**କଟକ ରୋଡ,୨।୩(ଡି.ଏନ୍.ଏ.):** ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଶନିବାର ବୁଦ୍ଧେଶ୍ୱରୀ ମଣ୍ଡଳରେ ବିଜୟ ସଂକଳ୍ପ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋଭାଯାତ୍ରାରେ ବନଦୁର୍ଗା, ଶ୍ରୀରାମ ଓ ନୟାପଲ୍ଲୀ ମଣ୍ଡଳର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ରେଲୱେ ଚିକିତ୍ସାଳୟରେ ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨।୩:** ମଞ୍ଚେଶ୍ୱର ରେଲୱେ କେନ୍ଦ୍ରୀୟ ଚିକିତ୍ସାଳୟରେ ବିରଳ ଜନ୍ମଗତ ବିଷମତା ଥିବା ଗୋଡର ଅସ୍ତ୍ରୋପଚାର କରାଯାଇଛି। ରେଲୱେ ଏହାର ନିଜସ୍ୱ ଉଦ୍ୟମରେ ଏଭଳି କାର୍ଯ୍ୟ କରିବାକୁ ସକ୍ଷମ ହୋଇଛି। ପୂର୍ବତଟ ରେଳପଥର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ (ଶଲ୍ୟ) ଡ.ଜେ. ଜେନାଙ୍କ ନେତୃତ୍ୱରେ ପରାମର୍ଶକାରୀ ଚିକିତ୍ସକ ଡ. ଦେବାଶିଷ ମିଶ୍ର, ଡ.ସମନ୍ୟୁ ତ୍ରିପାଠୀ ଏବଂ ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ (ନିଶ୍ଚେତକ) ଡ.ସେକ୍ ସିରାଜୁଦ୍ଦିନ ଏହି ବିରଳ ଅସ୍ତ୍ରୋପଚାର କରିଛନ୍ତି। ଏଥିରେ ୧୪ ବର୍ଷ ବୟସ୍କ ଏକ ଝିଅ ଗୋଡରୁ ପିଭନୀଲ ସ୍ନାୟୁକୁ ବାହାର କରି ସ୍ନାୟୁ ଏବଂ ଗୋଡର ଅସ୍ତ୍ରୋପଚାର କରାଯାଇଥିଲା। ଜନ୍ମଗତ ବିଷମତା ଯୋଗୁ ଝିଅଟି ଚାଲିବାକୁ ସକ୍ଷମ ହେଉ ନ ଥିଲା। ବିରଳ ଅସ୍ତ୍ରୋପଚାର ଲାଗି ପୂର୍ବତଟ ରେଳପଥ ପ୍ରମୁଖ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ଏସ୍.କେ. ମହାନ୍ତି ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଅରୁନ୍ଧତୀ ସେନାପତି ଚିକିତ୍ସକ ଟିମ୍‌କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ■ ତଥ୍ୟ ପ୍ରଦାନରେ ଅବହେଳା

# ଗୃହ ବିଭାଗ ଜନ ସୂଚନା ଅଧିକାରୀ ଦଣ୍ଡିତ

**ଭୁବନେଶ୍ୱର,୨।୩(ବ୍ୟୁରୋ)**

- ■ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଶୁଣି ନ ଥିଲେ
- ■ ଦଣ୍ଡାଦେଶ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସଚିବଙ୍କୁ ଚିଠି

ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନରେ ଅବହେଳା କରିଥିବା ଗୃହ ବିଭାଗର ଜନ ସୂଚନା ଅଧିକାରୀ ପ୍ରଣବ କୁମାର ଦେଙ୍କୁ ୧୦ ହଜାର ଟଙ୍କାର ଜରିମାନା ହୋଇଛି। ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଦଣ୍ଡାଦେଶ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସଚିବଙ୍କୁ ମଧ୍ୟ ଚିଠି ହୋଇଥିବା ସୂଚନା ମିଳିଛି।

ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ୨୦୧୬ ଫେବୃୟାରୀ ୯ରେ ଗୃହ ବିଭାଗର ଜନ ସୂଚନା ଅଧିକାରୀ ପ୍ରଣବ କୁମାର ଦେଙ୍କୁ ସୂଚନା ଆଇନ୍ ଅନୁଯାୟୀ କେତେଗୁଡ଼ିଏ ତଥ୍ୟ ମାଗିଥିଲେ। ସେଗୁଡ଼ିକ ହେଲା ପୋଲିସ ବିଭାଗରେ ବଦଳି ଓ ନିଯୁକ୍ତିରେ ରାଜନୈତିକ ହସ୍ତକ୍ଷେପ, କଳିଙ୍ଗ ନଗର ଗୁଳିକାଣ୍ଡ, କନ୍ଧମାଳ ସାମ୍ପ୍ରଦାୟିକ ଦଙ୍ଗା ଏବଂ ଚିଟ୍‌ଫଣ୍ଡ ଘୋଟାଲାର ବିଚାର ବିଭାଗୀୟ ତଦନ୍ତ ପାଇଁ ସରକାର ଜାରି କରିଥିବା ବିଜ୍ଞପ୍ତିର କପି। ମାତ୍ର ଜନସୂଚନା ଅଧିକାରୀ ଦେ କୌଣସି ତଥ୍ୟ ପ୍ରଦାନ ନ କରିବାରୁ ପ୍ରଧାନ ତା-୧୬।୦୫।୧୬ରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରିଥିଲେ। ତା-୨୯।୦୬।୧୬ରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଶୁଣାଣି କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ସୂଚନା ଅଧିକାରୀ ଦେ କୌଣସି ତଥ୍ୟ ପ୍ରଦାନ କରି ନ ଥିଲେ। ଏହାପରେ ପ୍ରଧାନ ଉକ୍ତବର୍ଷ ମେ ୨୯ରେ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅପିଲ୍ କରିଥିଲେ। ଦୁଇବର୍ଷ ପରେ ଅର୍ଥାତ ତା-୨୦।୦୬।୧୮ରେ ମୁଖ୍ୟ ସୂଚନା କମିଶନର କେସ୍ ନଂ.୨୦୫୫/୧୬ର ଶୁଣାଣି ଆରମ୍ଭ କରି ଜନ ସୂଚନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହାପରେ ସେହିବର୍ଷ ଅକ୍ଟୋବର ୩୦ରେ ସୂଚନା କମିଶନ ପୁନଃ ଶୁଣାଣି କରି ତଥ୍ୟ ପ୍ରଦାନରେ ବାରମ୍ବାର ଅବହେଳା କରିଥିବାରୁ ୧୦ ହଜାର ଟଙ୍କାର ଆର୍ଥିକ ଦଣ୍ଡବିଧାନ କରିବା ସହ ୩୦ ଦିନ ମଧ୍ୟରେ ତଦନ୍ତ ଅର୍ଥ ପଇଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଗୃହ ବିଭାଗ ସଚିବଙ୍କୁ ଗତମାସ ୨୨ ତାରିଖରେ ଜଣାଇ ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଜନ ସୂଚନା ଅଧିକାରୀମାନେ ତଥ୍ୟ ପ୍ରଦାନ କରୁନାହାନ୍ତି। ଫଳରେ ବର୍ଷ ବର୍ଷ ଧରି ହଜାର ହଜାର ଆବେଦନ ପଡି ରହିଛି। ଏପରି କି ସୂଚନା ଅଧିକାରୀମାନେ ମଧ୍ୟ ମିଥ୍ୟା ତଥ୍ୟ ପ୍ରଦାନ କରୁଥିବା ନଜିର ରହିଛି। ତଥ୍ୟ ପ୍ରଦାନରେ ଏପରି ଅବହେଳା କରୁଥିବା ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ହୋଇପଡିଛି।




କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ଶନିବାର ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ନ ଥିବାକୁ ପେଯ**
**କେହି ନ ଥିବାକୁ ତୋ ମୁହଁ ଚାହୁଁଛି**
**କହିବାକୁ ମାଡ଼େ ଲାଜ।**

ଗରିବ ଘରେ ଅଭାବ ଅନଟନ ଲାଗି ରହିଥାଏ। ଘରେ ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଯାଉ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ରହିବ ବୋଲି ଅନ୍ୟକୁ ଆପଣାର କରିଥିବା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ଦେଖି ଦୁଃଖରେ ଭାଙ୍ଗି ପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜାମିନି ହୋଇଛ ଦବା ପାଇଁ**
**ଗଛରେ ଚଢ଼ିଛି ମରିବା ପାଇଁ।**

ସାଧାରଣତଃ ଜାମିନମାନେ ବ୍ୟକ୍ତିଗତ ମୁଚାଲିକା ମାଧ୍ୟମରେ କୋର୍ଟରୁ ଲୋକକୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଦଉଡ଼ିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ବିଜେଡିରେ ମିଶିଲେ ଭାଜପା କର୍ମୀ

**ପୁରୁଣା ଭୁବନେଶ୍ୱର,୨।୩ (ଡି.ଏନ.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ଲିଙ୍ଗିପୁର ପଞ୍ଚାୟତର ଅନେକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ନାଥପୁରଠାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେଏହି ଦଳୀୟ କର୍ମୀମାନେ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିଥିଲେ। ମଣ୍ଡଳ ସଭାପତି, ଭାଜପା ସମର୍ଥିତ ୱାର୍ଡମେମ୍ବରଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ। ମିଶ୍ରଣ ପର୍ବରେ ବିଜେଡିର ସମ୍ପାଦକ ସଂଗ୍ରାମ ପାଇକରାୟ, ଲିଙ୍ଗିପୁର ସରପଞ୍ଚ ରୀନାରାଣି ବେହେରା, ସମିତିସଭ୍ୟ ରଜନୀ ଦାସ ଉପସ୍ଥିତ ଥିଲେ।

### ଆଦିତ୍ୟ ଗ୍ରୁପ ସହକାରୀ ଉପସଭାପତି ସମ୍ମାନିତ




**ଭୁବନେଶ୍ୱର,୨।୩**

ଆଦିତ୍ୟ ଗ୍ରୁପର ସହକାରୀ ଉପସଭାପତି ହରମୋହନ ମହାନ୍ତି ଏକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଅଟୋମୋବାଇଲ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଲାଗି ତାଙ୍କୁ ଅଟୋମୋବାଇଲ ସେଲ୍ସ ଗୁରୁ ଭାବେ ସମ୍ମାନିତ କରାଯାଇଛି। ଗତ ଏକ ଦଶନ୍ଧି ଧରି ସେ ଆଦିତ୍ୟ ଗ୍ରୁପ ସହ କାର୍ଯ୍ୟ କରିବା ସହ ଅଟୋମୋବାଇଲ କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଛନ୍ତି।

## କାର୍ ଭଙ୍ଗାରୁଜା, ମହିଳାଙ୍କୁ ମାଡ଼

**ଭୁବନେଶ୍ୱର,୨।୩ (ବ୍ୟୁରୋ)**

ନୟାପଲୀ ଥାନା ନେହେରୁ ବସ୍ତିରେ ସୁଧ ଟଙ୍କାକୁ ନେଇ ତୁମୁଳକାଣ୍ଡ ଘଟିଛି। ଉକ୍ତ ବସ୍ତିର ଜଣେ ମହିଳାଙ୍କ ଘର ସମ୍ମୁଖରେ ଥିବା କାର୍‌କୁ ଜଣେ ବ୍ୟକ୍ତି ବାଡ଼େଇ ଭାଙ୍ଗିବା ସହ ମାଡ଼ ମାରିଛନ୍ତି। ଏଥିସହ ତାଙ୍କୁ ଗାଳିଗୁଲଜ କରିଥିବା ନେଇ କାର ମାଲିକାଣୀ ସଂଯୁକ୍ତା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୧୧୩/୧୯ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏଥିସହ ପୋଲିସ ଶନିବାର ଅପରାହ୍ନରେ ହଂସପାଳରେ ଚଢାଉ କରି ଅଭିଯୁକ୍ତ ପ୍ରୀତମ୍‌ଙ୍କୁ ଗିରଫ କରି ଥାନାକୁ ଆଣିଛି। ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ପ୍ରୀତମଙ୍କ ଘର ହଂସପାଳରେ। ନେହେରୁ ବସ୍ତିରେ ରହୁଥିବା ସଂଯୁକ୍ତାଙ୍କ ସ୍ୱାମୀ ପ୍ରୀତମଙ୍କଠାରୁ ୨୦ ହଜାର ଟଙ୍କା ସୁଧକୁ ଆଣିଥିଲେ। ମୂଳ ଟଙ୍କା ସୁଝିଥିଲେ ମଧ୍ୟ ସୁଧ ଟଙ୍କା ଦେଇ ନ ଥିଲେ। ଗୁରୁବାର ରାତିରେ ପ୍ରୀତମ ସଂଯୁକ୍ତାଙ୍କ ଘରକୁ ଯାଇ ଟଙ୍କା ମାଗିଥିଲେ। ମାତ୍ର ସବୁ ଟଙ୍କା ଦେଇଥିବା ସଂଯୁକ୍ତା କହିବାରୁ ପ୍ରୀତମ ଉତ୍କ୍ଷିପ୍ତ ହୋଇ ଏପରି କାଣ୍ଡ ଘଟାଇଥିଲେ।

### ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସର ଇଣ୍ଡଷ୍ଟ୍ରିଆଲ୍ ଟ୍ରିପ୍

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସ ଏବଂ ଇକୋନୋମିକ୍ସ (ଏସ୍‌ଆଇସିସି)ର ଛାତ୍ରୀଛାତ୍ର ଚଳିତବର୍ଷ ଇଣ୍ଡଷ୍ଟ୍ରିଆଲ୍ ଟ୍ରିପ୍‌ରେ ଶୁକ୍ରବାର ପାରାଦୀପର ଇଣ୍ଡିଆନ୍ ଅଏଲ୍ ରିଫାଇନାରି ପରିଦର୍ଶନରେ ଯାଇଥିଲେ। କଲେଜର ୬୦ ଜଣ ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ସହିତ ଅଧ୍ୟାପିକା ଓ ଅଧ୍ୟାପକ ଏହି ଟ୍ରିପ୍‌ରେ ସାମିଲ ଥିଲେ। ଶକ୍ତି, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଉଦ୍ୟୋଗଗୁଡ଼ିକର ଓଡ଼ିଶାରେ ଏହାର ପ୍ରାଥମିକତା ଓ ମହତ୍ତ୍ୱ ସମ୍ବନ୍ଧରେ ବିସ୍ତୃତ ଭାବେ ଛାତ୍ରୀଛାତ୍ରଙ୍କୁ ଜଣାଇବା ଏହି ଟ୍ରିପ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପାରାଦୀପ ଇଣ୍ଡିଆନ୍ ଅଏଲ୍ ରିଫାଇନାରିର ଚିଫ୍ ମ୍ୟାନେଜର ଏସ୍.ଏସ୍. ପାତ୍ର ଛାତ୍ରୀଛାତ୍ରଙ୍କୁ ଏକ ପ୍ରେଜେଣ୍ଟେଶନ ମାଧ୍ୟମରେ ପ୍ଲାଣ୍ଟରେ କିପରି ଉତ୍ପାଦନ, ପ୍ରୋସେସିଂ ଏବଂ ସମ୍ପୂର୍ଣ୍ଣ ୟୁନିଟ୍‌ର ଉତ୍ପାଦନ କୌଶଳକୁ ବୁଝାଇବା ସହିତ କିପରି ଭାବେ ଏହାକୁ ପାଥେୟ କରି ଇଣ୍ଡଷ୍ଟ୍ରି ତିଆରି କରାଯାଇପାରିବ, ସେ ବିଷୟରେ ବିସ୍ତୃତ ଭାବେ ବୁଝିଥିଲେ।

### ସେତୁ, କଲ୍ୟାଣମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା,୨।୩(ଡି.ଏନ୍.ଏ.)**–ବାଲିଅନ୍ତାସ୍ଥିତ ପୁରୀ ମୁଖ୍ୟ କେନାଲ ଉପରେ ବିଜୁ ସେତୁ ଯୋଜନାର ଏକ ସେତୁ ନିର୍ମାଣ ଓ ବେଣୁପୁର ରାମଲୀଳା ପଡିଆରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଜୁ ସେତୁ ନିର୍ମାଣ ପାଇଁ ୪କୋଟି ୨୩ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ସହକାରୀ ଯନ୍ତ୍ରୀ ସାହେବ ସାହୁ କହିଛନ୍ତି। ଏହି ୨ଟି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ବେଣୁପୁର ସରପଞ୍ଚ ରଶ୍ମିତା ପାତ୍ର, ସମିତିସଭ୍ୟା ଗାୟତ୍ରୀ ପ୍ରଧାନ, ଦେବଶ୍ରୀ ବେହେରା, ତୈଲୋକ୍ୟ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ମନ୍ତ୍ରୀ

**ବାଲକାଟୀ,୨।୩(ଡି.ଏନ୍.ଏ.)**

ଜୟଦେବ ନିର୍ବାଚନମଣ୍ଡଳୀର ପ୍ରତାପ ଶାସନ ପଞ୍ଚାୟତକୁ ଶନିବାର ରାଜ୍ୟ ଅର୍ଥ ମନ୍ତ୍ରୀ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ନୂତନ ଗୃହ ଉଦ୍‌ଘାଟନ କରିଛନ୍ତି। ପ୍ରତାପ ଶାସନ ପଞ୍ଚାୟତର ପାନୀୟ ଜଳପ୍ରକଳ୍ପର ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ମନ୍ତ୍ରୀ ବେହେରାଙ୍କ ଦ୍ୱାରା ରଥିଯେମାସ୍ଥିତ ଗଡବାଡ଼ିଆ ମହାଦେବଙ୍କ ମନ୍ଦିର ନିକଟରେ ସ୍ଥାପନ କରାଯାଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧୀନରେ ଥିବା ଏହି ପ୍ରକଳ୍ପଟି ୩କୋଟି ୨୪ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଜଣାପଡ଼ିଛି। ଏଥିରେ ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ତିନୋଟି ଓଭରହେଡ ଟାଙ୍କି ରଖାଯାଇ ୨୨ହଜାର ଜନତାଙ୍କୁ ଆସନ୍ତା ୩୦ବର୍ଷ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ରହିଛି ବୋଲି ବିଭାଗୀୟ ଏସଡିଓ ଅଭିମନ୍ୟୁ ବାରିକ ସୂଚନା ଦେଇଛନ୍ତି। ଏହାସହ ମନ୍ତ୍ରୀ ବେହେରା ନୂଆପାଟଣା ଗ୍ରାମ ଜ୍ଞାନଦେବୀ କଲ୍ୟାଣ ମଣ୍ଡପ ନିକଟରେ ୨ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ନୂତନ କୋଠା ଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବାଲକାଟୀ ହାଟ ଭିତରେ ୧୮ଲକ୍ଷ ଟଙ୍କା ବ୍ୟୟରେ ନୂତନ ମାର୍କେଟ ଗୃହ ଉଦ୍‌ଘାଟନ କରିଥିଲେ। ଏଥିରେ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ନୟନା ବେହେରା, ବ୍ଲକ ବିଜେଡି ସଭାପତି ଅଚ୍ୟୁତାନନ୍ଦ ପାତ୍ର, ବାଲିଅନ୍ତା ସରପଞ୍ଚ ପ୍ରଶାନ୍ତ ସାହୁ ଓ କର୍ମୀମାନେ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## 'ଗାନ୍ଧୀ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨।୩(ବ୍ୟୁରୋ)**– ରାଜଭବନରେ ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ 'ଗାନ୍ଧୀ' ପୁସ୍ତକ ଉନ୍ମୋଚନ କରିଛନ୍ତି। ବନୋଜ ତ୍ରିପାଠୀ ଓ ଭାରତ ମାଝିଙ୍କ ଦ୍ୱାରା ସଙ୍କଳିତ ଏବଂ 'ପକ୍ଷୀଘର' ପ୍ରକାଶିତ ଏହି ପୁସ୍ତକଟି ଗାନ୍ଧିଜୀଙ୍କୁ ନେଇ ଲେଖା କବିତା ଓ ତାଙ୍କୁ ନେଇ ଅଙ୍କା ଚିତ୍ରର ଏକ ଅନୁପମ ସମାହାର। ତେଣୁ ଏହାକୁ କଳା ଓ କବିତାର ଅର୍ଘ୍ୟ ବୋଲି ଅଭିହିତ କରାଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ନୂଆପିଢ଼ିର କବିଙ୍କ ପର୍ଯ୍ୟନ୍ତ ଏଥିରେ ଗାନ୍ଧିଜୀଙ୍କୁ ନେଇ ୬୪ଟି କବିତା ଓ ୨୦ଟି ଚିତ୍ର ରହିଛି। ସାହିତ୍ୟିକ ଦାଶ ବେନହୁର ଏହାର ମୁଖବନ୍ଧ ଲେଖିଛନ୍ତି। ଏଥିରେ ବନୋଜ ତ୍ରିପାଠୀ, ଭାରତ ମାଝି, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଅସିତ୍ ମହାନ୍ତି ଉପସ୍ଥିତ ଥିଲେ।

## ■ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା

# ସରୁନି କାର୍ଯ୍ୟ, ଚାଲିଛି ବୈଠକ

**ପୁରୁଣା ଭୁବନେଶ୍ୱର,୨।୩(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜଙ୍କ ମହାଶିବ ରାତ୍ରି ସୋମବାର। ଶିବରାତ୍ରି ଆଉ ଗୋଟିଏ ଦିନ ଥିବାବେଳେ ଠାକୁରଙ୍କ ପ୍ରସ୍ତୁତି ଅଦ୍ୟାବଧି ଶେଷ ହୋଇପାରିନାହିଁ। ଶନିବାର ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପରିସରରେ ଠାକୁରଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ପ୍ରାୟ ୧୦ଟି ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନେଇ ପୁଣି ବୈଠକ ଅନୁଷ୍ଠିତ ହୋଇଥିଲା। ଏଡିଏମ୍ ଅରୁଣ କୁମାର ବେହେରା ଅଧକ୍ଷତା କରିଥିଲେ। ଜାଗର ଦିନ ଭୋର ସାଢେ ୩ ଟାରୁ ସକାଳ ସାଢେ ୭ଟା ପ୍ରଜାପିତା ଈଶ୍ୱରୀୟ ଭଉଣୀଭାଇମାନେ ମନ୍ଦିର ଭିତରେ ଉପସ୍ଥିତ ରହିବେ। ସାଢେ ୭ଟାରୁ ସକାଳ ସାଢେ ୧୦ ପ୍ରଦୀପ ସେବା ଟ୍ରଷ୍ଟ ଏବଂ ପରେ ଅନ୍ୟ ଅନୁଷ୍ଠାନ ସଦସ୍ୟ ଉପସ୍ଥିତ ରହିବାକୁ ବୈଠକରେ ସ୍ଥିର ହୋଇଥିଲା। ମନ୍ଦିର ଅଁଳାରୁ ଏଯାବତ ମହୁଫେଣା ଭାଙ୍ଗିବା କାମ ଶେଷ ହୋଇନାହିଁ। ରାତିରେ ତୁରନ୍ତ ଭାଙ୍ଗିବାକୁ ଏଡିଏମ୍ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସଦସ୍ୟଙ୍କୁ ପାଶ୍ ଦେବାକୁ ସ୍ଥିର ହୋଇଥିଲା। ସେହିଭଳି ମନ୍ଦିର ଦକ୍ଷିଣ- ପୂର୍ବ କୋଣରେ ବର୍ଷେ ପୂର୍ବରୁ ଆରମ୍ଭ ହୋଇଥିବା ଜିଗ୍‌ଜାଗ୍ ବ୍ୟାରିକେଡ ବାତିଲ ହେବା ପରେ ପର୍ଯ୍ୟଟକ ଆଶ୍ରୟସ୍ଥଳ (ଟୁରିଷ୍ଟ ଶେଡ) ଶନିବାର ସନ୍ଧ୍ୟାରେ ତରବରିଆ ଭାବେ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ସୁକ୍ଷ୍ମେଶ୍ୱର ମନ୍ଦିର ପୋଖରୀ ପାଚେରି ଯାହା ୨୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ମାସ କେଇଟା ପରେ ଭୁଶୁଡି ପଡିବା ନେଇ ଅଭିଯୋଗ ହୋଇଥିଲା। ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ, ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ପ୍ରଦୀପ ପୃଷ୍ଟି, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ମାଣ ଚାଲିଥିବା ପର୍ଯ୍ୟଟକ ଆଶ୍ରୟସ୍ଥଳୀ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993



"Odisha has always endeavoured to provide a hassle-free business environment for industries setting up and operating in the State."

# Over 6000 Investors have availed the various business reforms undertaken by the State through GO SWIFT online single window portal

**GO SWIFT**
Government of Odisha - Single Window for investor Facilitation and Tracking

- Approval process for 32 services from 15 State government departments made online, including online application submission, payment, tracking and processing of applications; one stop solution to get details for timelines, procedure and checklist for various the services
- Real time tracking of application status via SMS and e-mail notifications at all the stages of processing of applications

## 1 STARTING AN INDUSTRY
Initial approvals and clearances for establishing an industry

- **Infowizard: Customised list of incentives & approvals**
- **Govt. of Odisha Portal for Land Use and Services (GO PLUS)** GIS enabled Land Bank system
- **State Level Facilitation Cell:** One-stop facility to provide handholding support for industries
- Only 2 documents to be submitted for electricity connection
- Fixed cost estimate per KVA on contract demand
- Charged connection provided within 15 days

- Building plan approval in 30 days
- Master plans for Development Authorities available online
- NoCs for industrial buildings fast-tracked through joint site inspections
- Single Building code applicable across the State
- Third Party certification for architectural drawings and structural designs
- Reduction in processing duration for Tree Transit permission from 180 days to 42 days

## 2 PRE-COMMENCEMENT OF INDUSTRY
Approvals and clearances to enable the operations of the established industry

- All White category industries exempted from consent administration from State Pollution Control Board (SPCB)
- Consent to operate validity increased to 5 years
- Timelines reduced by 50%

- Online Property Registration
- Auto-calculation of fee and stamp duty

## 3 POST-COMMENCEMENT OF INDUSTRY
Renewal of approvals and Inspections after commencement of operations

**Govt. of Odisha: Synchronised Mechanism for Inspection of Licensed Enterprise (GO SMILE)**
- Risk-based selection of units and allocation of inspectors on a random basis using computerised online system.
- Inspection reports submitted within 48 hours
- Inclusion of Legal Metrology under Central Inspection Framework

**Govt. of Odisha CSR Administration and Responsive Engagement (GO CARE)**
- One-stop repository for all CSR related activities
- Dovetail CSR activities with developmental goals of the State

- **Incentive Administration:** Online application, sanction letter and disbursement of incentives under the Industrial Policy 2015
- Post land allotment services through Automated Post Allotment Application (APAA)
- **Voluntary Compliance Scheme:** Enables self-compliance for labour laws
- Factory license for 10 years
- Third party certification of Boilers allowed
- Green category industries exempted from inspections
- Inspection frequency reduced to once every 6 months from earlier 3 months by SPCB
- Third party certification of internal electrical installations

**E-Suvidha: Online portal to raise and resolve any issues faced with Government Departments**

For further information please visit https://investodisha.gov.in/goswift/
Contact us at email: support.investodisha@nic.in | Toll Free Number: 1800 345 7157

Download our mobile app **'InvestOdisha'** from
Follow us on @investInOdisha /investOdisha

DSPL_475
14005/13/0074/1819



ନିଷ୍ପାପର ଲୋକ ହିଁ ଅନ୍ୟର ନିଷ୍ପାକୁ ଚିହ୍ନିପାରେ।
- କାର୍ଲାଇଲ

# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୩।୩।୨୦୧୯(ରବିବାର)

### ଭୁବନେଶ୍ୱର

- ପଥ ଉତ୍ସବ, ରାମ ମନ୍ଦିର, ଜନପଥ, ସକାଳ ୬ଟା ୩୦।
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୩୧ତମ ଅଧିବେଶନ, ୟୁନିଟ-୯, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୯ଟା ୩୦।
- ଏନ୍ଆଇଏସ୍ଡବ୍ଲ୍ୟୁଏଏସ୍ଏସ୍ ପକ୍ଷରୁ ରାଜ୍ୟସ୍ତରୀୟ ଆଦିବାସୀ ନୃତ୍ୟ ପ୍ରତିଯୋଗିତା, କଲେଜ କ୍ୟାମ୍ପସ, ପୂର୍ବାହ୍ନ ୧୦ଟା।
- ଓରିଶା ଏନ୍ଭାଇରନ୍ମେଣ୍ଟାଲ(ଓଇଏସ୍) ସୋସାଇଟି ପକ୍ଷରୁ ସେମିନାର, ଓଇଏସ୍ ପରିସର, ଆଇଆର୍ସି ଭିଲେଜ, ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୨୬ତମ ରାଜ୍ୟ ସମ୍ମିଳନୀ, ସାମନ୍ତପୁରୀ, ଚନ୍ଦ୍ରଶେଖରପୁର, ସ୍ୱସ୍ତି ପ୍ରିମିୟମ ହୋଟେଲ ନିକଟ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଖବରକାଗଜ ମନ୍ଥନର ସ୍ୱନକ୍ଷତ୍ର ଉତ୍ସବ, ଉତ୍କଳ ସାମ୍ବାଦିକ ସଂଘ ସଭା ଗୃହ, ମଧ୍ୟାହ୍ନ ୧୨ଟା।
- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ନେତାଜୀ ଯୁବ ସୁରକ୍ଷା ବାହିନୀ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ଜିଜିପି କଲୋନୀ, ଅପରାହ୍ନ ୩ଟା।
- ସହଯୋଗର ସହାୟତା ସମ୍ବର୍ଦ୍ଧନା ଉତ୍ସବ, କେଶରୀ ହଲ ନିକଟ, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୩ଟା ୩୦।
- ବିଜୁ ଯୁବ ଜନତା ଦଳ ପକ୍ଷରୁ ଯୁବ ସମାବେଶ, ଦୁର୍ଗା ପୂଜା ଭସାଣି ପଡିଆ, ଇଣ୍ଡିଆନ ଅଏଲ ଅଫିସ ନିକଟ, ଚନ୍ଦ୍ରଶେଖରପୁର, ଅପରାହ୍ନ ୩ଟା ୩୦।
- ରିୟଲ ବେଟ୍ପନ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ କ୍ୟାମ୍ପ ପରିସର, ଶ୍ରୀ ବିହାର, ପଟିଆ, ଅପରାହ୍ନ ୪ଟା।
- ବୀଣାପାଣି ନାଟ୍ୟ ସଂସ୍ଥାର ରୌପ୍ୟ ଜୟନ୍ତୀରେ ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ ପରିବେଷଣ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଟ୍ୟୁନ୍ସ ପକ୍ଷରୁ ହାମ ସାଥ୍ ସାଥ୍ ହେଁ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟଶାଳା ଓ କଳାକୃତିର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଉତ୍ସବ ମାର୍ଗୀ, ଉତ୍କଳ ମଣ୍ଡପ, ଜିକେସିଏମ୍ଓଆର୍ସି କ୍ୟାମ୍ପସ ପରିସର, ସନ୍ଧ୍ୟା ୬ଟା ୩୦।

### ଖୋର୍ଦ୍ଧା

- ମିଶନ ଶକ୍ତି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା ମହାସମାବେଶ, ଗୋଶାଳା ପଡିଆ, ମଧ୍ୟାହ୍ନ ୧୨ଟା ୨୦।

### ପୁରୀ

- ବନ୍ୟପ୍ରାଣୀ ସଚେତନତା ଶୋଭାଯାତ୍ରା, ହୋଟେଲ ମହୋଦଧି ପ୍ୟାଲେସ ସମ୍ମୁଖ ବେଳାଭୂମି, ପୂର୍ବାହ୍ନ ୧୦ଟା।
- ଶ୍ରୀ ନୀଳାଚଳ ତତ୍ତ୍ୱସନ୍ଧାନ ପରିଷଦର ଆଲୋଚନାଚକ୍ର, ଜଗନ୍ନାଥ ବଲ୍ଲଭ ମଠ ପରିସର, ପୂର୍ବାହ୍ନ ୧୧ଟା।
- ପ୍ରଣତି କଳା ମନ୍ଦିର ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ବଳଗଣ୍ଡି, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ରୁଦ୍ରାଭିଷେକ ଓ ସପ୍ତସତୀଚଣ୍ଡି ଆହୁତି, ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ପୀଠ, ପ୍ରତାପରୁଦ୍ରପୁର, ସକାଳ ୮ଟା।
- ଶ୍ରୀ ଅଟଳେଶ୍ୱର ମହାଦେବଙ୍କ ଜନ୍ମବାର୍ଷିକୀ ଓ ଅଷ୍ଟପ୍ରହର ନାମ ଯଜ୍ଞର ଶୁଭାଦିବସ, ଅଟଳା, ସକାଳ ୮ଟା।

### ବାଲିପାଟଣା

- ସମୟର ପ୍ରାଚୀଧାରା ସାହିତ୍ୟ ପତ୍ରିକାର ସପ୍ତମ ସ୍ୱନକ୍ଷତ୍ର ଉତ୍ସବ ଓ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ, ଶିଶୁ ଅନନ୍ତ ମହାବିଦ୍ୟାଳୟ ନିକଟ, ଆମ୍ରକାନନ, ପୂର୍ବାହ୍ନ ୧୦ଟା।

## ୪।୩।୨୦୧୯(ସୋମବାର)

### ଭୁବନେଶ୍ୱର

- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ନୃତ୍ୟଶାଳା ଓ କଳାକୃତିର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଉତ୍ସବ ମାର୍ଗୀ, ଉତ୍କଳ ମଣ୍ଡପ, ଜିକେସିଏମ୍ଓଆର୍ସି କ୍ୟାମ୍ପସ ପରିସର, ସନ୍ଧ୍ୟା ୬ଟା ୩୦।।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ବାବା ଆଖଣ୍ଡଳମଣୀ ମନ୍ଦିର ଜାଗର ଉତ୍ସବ, ନବକଳେବର ରୋଡ, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା

- ଧବଳେଶ୍ୱରଙ୍କ ପୀଠରେ ଯାଗରଯାତ୍ରାରେ ପହଡଖୋଲା, ଗୁରୁଜଙ୍ଗ, ଭୋର ୩ଟା।
- ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠରେ ଯାଗରଯାତ୍ରାରେ ଦ୍ୱାରଫିଟା, ଅଟ୍ରି, ଭୋର ୪ଟା।

### ବାଲିଅନ୍ତା

- ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ରୁଦ୍ରାଭିଷେକ ଓ ରାମ-ହନୁମାନ ଆହୁତି, ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ପୀଠ, ପ୍ରତାପରୁଦ୍ରପୁର, ସକାଳ ୮ଟା।
- ଶ୍ରୀ ଅଟଳେଶ୍ୱର ମହାଦେବଙ୍କ ଜନ୍ମବାର୍ଷିକୀ ଓ ଅଷ୍ଟପ୍ରହର ନାମ ଯଜ୍ଞ, ଅଟଳା, ଅପରାହ୍ନ ୪ଟା।

## ୫।୩।୨୦୧୯(ମଙ୍ଗଳବାର)

### ଭୁବନେଶ୍ୱର

- ସାହିତ୍ୟ ଏକାଡେମୀ ଓ ଓଡ଼ିଆ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଆ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ, ସ୍ନାତକୋତ୍ତର ପରିଷଦ ସଭାକକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀ ଓ ବିଜୁ ପଟ୍ଟନାୟକ ହୋଟେଲ ମ୍ୟାନେଜମେଣ୍ଟ ଓ ଟୁରିଜମ୍ର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକଙ୍କ ୧୦୩ତମ ବାର୍ଷିକ ଉତ୍ସବ, ଜଗନ୍ନାଥ ନଗର, ବମିଖାଲ, ପୂର୍ବାହ୍ନ ୧୦ଟା ୩୦।
- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୩ଟା ୧୩।
- ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଜେଜ୍ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ସାହିତ୍ୟାଲୋଚନା, ସଂସ୍କୃତି ଭବନ, ଅପରାହ୍ନ ୩ଟା।

### ବାଲିଅନ୍ତା

- ଶ୍ରୀ ଅଟଳେଶ୍ୱରାୟ ମହାଦେବଙ୍କ ଅଷ୍ଟପ୍ରହରର ନଗରକୀର୍ତ୍ତନ ଓ ମହୋତ୍ସବ, ଅଟଳା, ସନ୍ଧ୍ୟା ୫ଟା।

## ୬।୩।୨୦୧୯(ବୁଧବାର)

### ଭୁବନେଶ୍ୱର

- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।

### ବାଲିଅନ୍ତା

- ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ ଓ ଜଳଯାତ୍ରା, ପ୍ରତାପରୁଦ୍ରପୁର, ଆଖଣ୍ଡଳେଶ୍ୱର ମନ୍ଦିର, ସକାଳ ୯ଟା।

## ୭।୩।୨୦୧୯(ଗୁରୁବାର)

### ଭୁବନେଶ୍ୱର

- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସର, ସନ୍ଧ୍ୟା ୬ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।

## ୮।୩।୨୦୧୯(ଶୁକ୍ରବାର)

### ଭୁବନେଶ୍ୱର

- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ଏବଂ କଳା ବିଭାଗର ମିଳିତ ଆନୁକୂଲ୍ୟରେ ଲୋକନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ୯।୩।୨୦୧୯(ଶନିବାର)

### ଭୁବନେଶ୍ୱର

- ଜୋନ୍ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।

# ୫ ବର୍ଷ ପାଇଁ କଳିଙ୍ଗ ସମ୍ମାନ ପୁରସ୍କାର ଘୋଷଣା

**ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯିବ**

**ଭୁବନେଶ୍ୱର, ୨।୩(ବ୍ୟୁରୋ)** କଳିଙ୍ଗ ଫାଉଣ୍ଡେଶନ ପକ୍ଷରୁ ପ୍ରଦାନ କରାଯାଉଥିବା କଳିଙ୍ଗ ସମ୍ମାନ ପୁରସ୍କାର ଶନିବାର ଘୋଷଣା କରାଯାଇଛି। ରାଜ୍ୟ ସରକାର ୨୦୧୫ରୁ ୨୦୧୯ ଯାଏ ଏହି ପୁରସ୍କାର ଘୋଷଣା କରିଛନ୍ତି। ୨୦୧୫ ପାଇଁ ପଦ୍ମଶ୍ରୀ ପ୍ରଫେସର(ଡକ୍ଟର) ପ୍ରଫୁଲ୍ଲ କୁମାର ଜେନା ଏହି ସମ୍ମାନ ପାଇବେ। ୨୦୧୬ ପାଇଁ ଡକ୍ଟର ଦ୍ୱିଜେଶ କୁମାର ପଣ୍ଡା, ୨୦୧୭ ପାଇଁ ଡକ୍ଟର ଜ୍ଞାନଦେବ ମହାରଣା, ୨୦୧୮ ପାଇଁ ଡକ୍ଟର ବୀରକିଶୋର ଦାସ ଏବଂ ୨୦୧୯ ପାଇଁ ପ୍ରଫେସର (ଡକ୍ଟର) ନିମାଇଁ ଚରଣ ପଣ୍ଡାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସାଧାରଣ ଜୀବନରେ ବିଜ୍ଞାନକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ନେଇଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com



ରାଇମନ



ରାଜେଶ



ଶିବାଙ୍ଗୀ




ଯୋଗେଶ୍ୱର

DSPL-477

ଓଡ଼ିଶା ସରକାର

ODISHA ONE
ଓଡ଼ିଶା ଆମ ଗୌରବ

ଏଥର ଶୁଭାରମ୍ଭ ହେଉଛି **ରାୟଗଡ଼ା** ଠାରୁ **ତିରୁପତି-ଭେଲୋର-ଶ୍ରୀକଳାହସ୍ତୀ** ଅଭିମୁଖେ
୧୨ତମ **"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"**ର ନୂତନ ଟ୍ରେନ୍।

କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ସୁବିଧାରେ ତୀର୍ଥଯାତ୍ରାରେ ଯିବା ପାଇଁ ଆରମ୍ଭ କରାଯାଇଛି ଏହି ନୂତନ ତୀର୍ଥଯାତ୍ରା ଟ୍ରେନ୍।

ରାୟଗଡ଼ା ରେଳ ଷ୍ଟେସନ୍‌ରୁ ତୀର୍ଥଯାତ୍ରାରେ ଯାଉଥିବା ବରିଷ୍ଠ ନାଗରିକମାନଙ୍କୁ ଶୁଭବିଦାୟ ଜଣାଇବା ସହିତ ସମସ୍ତଙ୍କ ପାଇଁ ଏକ ମଙ୍ଗଳମୟ ଯାତ୍ରାର କାମନା କରୁଛୁ।

**ରାୟଗଡ଼ା ରେଳ ଷ୍ଟେସନ**
**୩ ମାର୍ଚ୍ଚ ୨୦୧୯ | ପୂର୍ବାହ୍ନ ୧୧.୪୫**





**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ

ODISHA Scenic : Serene : Sublime

www.odishatourism.gov.in

@OdishaTourismOfficial @Naveen_Odisha
OdishaTourismOfficial CMO, Odisha
@odisha_tourism @CMO_Odisha
OdishaTourismOfficial CMO, Odisha

37001/13/0099/1819

Digital India
Power To Empower

ଦେଶ ସେବାରେ ନିରନ୍ତର
ଭାରତୀୟ ରେଳପଥ
www.indianrailways.gov.in
ଆମକୁ ଫଲୋ କରନ୍ତୁ /Railminindia



# ଡିଜିଟାଲ୍ ଭାରତର ଡିଜିଟାଲ୍ ରେଳପଥ

# ନୂଆ ଭାରତର ନୂଆ ରେଳପଥର ଅନୁଭୂତି ଲାଭ କରନ୍ତୁ

ଦେଶର ଯେକୌଣସି କୋଣ ଅନୁକୋଣକୁ ଭ୍ରମଣ କରନ୍ତୁ ନା କାହିଁକି, ଆପଣ ଏବେ ପ୍ରତ୍ୟେକ ଯାତ୍ରାରେ ଆଧୁନିକତାର ଛାପ ପାଇପାରିବେ। ଭାରତୀୟ ରେଳପଥ ଅଭିନବ ଜ୍ଞାନକୌଶଳ ଏବଂ ଡିଜିଟାଲ ସେବାର ଉପଯୋଗ ମାଧ୍ୟମରେ ସଂଯୋଗୀକରଣକୁ ପୁନଃ ପରିଭାଷିତ କରୁଛି, ଯାହା ଏକ ସୁରକ୍ଷିତ, ଉଚ୍ଚ କାର୍ଯ୍ୟକୁଶଳ ଏବଂ ପ୍ରଭାବୀ ପରିବହନ ପ୍ରଣାଳୀକୁ ସକ୍ଷମ କରିବା ସହ ଉଚ୍ଚତର ଗ୍ରାହକ ସନ୍ତୁଷ୍ଟି ଯୋଗାଇପାରୁଛି।

- ଡିଜିଟାଲ୍ ଜଗତ ସହ ସଂଯୁକ୍ତ ହୁଅନ୍ତୁ - ହାଇ ସ୍ପିଡ୍ ୱାଇଫାଇ ସେବା ୮୦୦ରୁ ଅଧିକ ଷ୍ଟେଶନରେ
  ଖୁବ୍‌ଶୀଘ୍ର ସମସ୍ତ ଷ୍ଟେଶନରେ ୱାଇଫାଇ ସେବାର ପ୍ରଚଳନ
- ନୂଆ ଟିକେଟିଂ ୱେବ୍‌ସାଇଟ୍ (ଆଇଆର୍‌ସିଟିସି) ଟିକେଟ୍ ସୁନିଶ୍ଚିତୀକରଣ ସମ୍ଭାବ୍ୟତା ଭଳି ଉତ୍ତମ ବୈଶିଷ୍ଟ୍ୟାବଳୀ ସହିତ
- ଜଞ୍ଜାଳମୁକ୍ତ ଟିକେଟିଂ - ସାରା ଭାରତରେ
  କାଗଜବିହୀନ ଅଣସଂରକ୍ଷିତ ଟିକେଟିଂର ପ୍ରଚଳନ
  (ମୋବାଇଲରେ ୟୁଟିଏସ୍)
- ସୁନିଶ୍ଚିତ ଟିକେଟ୍ ପାଇବା - ବିକଳ୍ପ ଯୋଜନା:
  ପ୍ରତୀକ୍ଷା ତାଲିକାରେ ଥିବା ଯାତ୍ରୀମାନେ ପରବର୍ତ୍ତୀ ବିକଳ୍ପ ଟ୍ରେନ୍‌ରେ ସୁନିଶ୍ଚିତ ବର୍ଥ ପାଇପାରିବେ
- ଷ୍ଟେଶନ୍‌ରେ ବିଶ୍ରାମ - ଯାତ୍ରୀଙ୍କ ସୁବିଧା ପାଇଁ ବିଶ୍ରାମ କକ୍ଷଗୁଡ଼ିକର ଅନ୍‌ଲାଇନ୍ ବୁକିଂ
- ଡିଜିଟାଲ ପେମେଣ୍ଟ ମୋଡ୍, ପିଓଏସ୍, ୟୁପିଆଇ/ଭୀମ ଇତ୍ୟାଦିର ଉପଯୋଗରେ ଯାତ୍ରୀ ସୁବିଧା
  ସହଜ, ନଗଦବିହୀନ ଏବଂ ପାରଦର୍ଶୀ ବିଲିଂ
- ଟିଟିଇମାନଙ୍କୁ ହ୍ୟାଣ୍ଡହେଲ୍ଡ ଉପକରଣ:
  ଟ୍ରେନ୍‌ଗୁଡ଼ିକରେ ପାରଦର୍ଶୀ ସିଟ୍ ଆବଣ୍ଟନ ପାଇଁ
- ଯାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତାରେ ଉନ୍ନତି:
  ସମସ୍ତ ଷ୍ଟେଶନ ଓ ଟ୍ରେନ୍ ରେ କ୍ଲୋଜ୍‌ଡ ସର୍କିଟ୍ ଟେଲିଭିଜନ୍ (ସିସିଟିଭି) ଭିତ୍ତିକ ସର୍ଭେଲାନ୍ସ ପ୍ରଣାଳୀ ସ୍ଥାପନ କରାଯାଉଛି
















## ଏକାମ୍ର-ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ

# ଦମ ଲଗାଇବେ ଭାଜପା, କଂଗ୍ରେସ

**ଅନିଲ ଦାସ**
**ଭୁବନେଶ୍ୱର,୨।୩(ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପାଖେଇ ଆସିଲାଣି। ଏକ ସାଙ୍ଗରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାରୁ ନିର୍ବାଚନ କ୍ଷେତ୍ରଗୁଡ଼ିକରେ ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱରର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ 'ଏକାମ୍ର-ଭୁବନେଶ୍ୱର' ଅନ୍ୟତମ। ଏଠାରେ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ଆଶାୟୀ ପ୍ରାର୍ଥୀମାନେ ଟିକେଟ୍ ପାଇଁ ଲବି ଆରମ୍ଭ କରିବା ସହ ଦଳୀୟ ସଂଗଠନରେ ନିଜର ପତିଆରା ବଢାଇବାରେ ଲାଗିଛନ୍ତି। ଆସନ୍ତା ନିର୍ବାଚନରେ ଏଠାରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ହେବ। ଯଦିଓ ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି, ତେବେ ଉକ୍ତ ୩ ପ୍ରମୁଖ ଦଳ ମଧ୍ୟରେ ହେବ ନିର୍ଣ୍ଣାୟକ ଲଢେଇ।

୨୦୦୯ରେ ବିଧାନସଭା କ୍ଷେତ୍ର ଭାବେ ସୃଷ୍ଟି ହୋଇଥିଲା ଏକାମ୍ର-ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ। ସେବେଠାରୁ ବିଜେଡି ଏଠାରେ ଆଧିପତ୍ୟ ବିସ୍ତାର କରିଆସିଛି। ତେବେ ଆସନ୍ତା ନିର୍ବାଚନ ବିଜେଡି ପାଇଁ ଏତେଟା ସହଜ ହେବ ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ଦୀର୍ଘଦିନ ଧରି ଦଳରେ ଥିବା କେତେଜଣ ନେତା ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଛନ୍ତି। ବିଜେଡି ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ଏଠାରେ ବିଧାୟକ ତଥା ସଂସ୍କୃତି ମନ୍ତ୍ରୀ ଥିବା ଅଶୋକ ଚନ୍ଦ୍ର ପଣ୍ଡା ଲଗାତର ଦୁଇଥର ନିର୍ବାଚିତ ହେବା ପରେ ଆସନ୍ତା ନିର୍ବାଚନରେ ପୁଣି ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ନିର୍ବାଚନମଣ୍ଡଳୀର ବିକାଶ ତ୍ୱରାନ୍ୱିତ ହୋଇଛି। ଏଠାରେ ବିଜେଡି ପୁଣି ବିଜୟୀ ହେବ। ତେବେ ତାଙ୍କୁ ବିରୋଧ କରି ଦଳରେ କେତେଜଣ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଅଣ୍ଟା ଭିଡିଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ଯଦି ଟିକେଟ ନ ମିଳେ ତେବେ ଆପଣଙ୍କର ରଣନୀତି କ'ଣ ହେବ ପ୍ରଶ୍ନର ଉତ୍ତରରେ ଅଶୋକ କହିଛନ୍ତି, ଦଳରେ କିଏ ଆଶାୟୀ ପ୍ରାର୍ଥୀ ଅଛନ୍ତି ମୁଁ ଜାଣିନି। ନବୀନବାବୁ ମୋତେ ରାଜନୀତିକୁ ଆଣିଛନ୍ତି। ଟିକେଟ ମିଳୁ ବା ନ ମିଳୁ ମୁଁ ତାଙ୍କ ନିକଟରେ ସବୁବେଳେ ରହିଥିବି ବୋଲି ସେ କହିଛନ୍ତି। ମୁଖ୍ୟତଃ ୨ଜଣଙ୍କ ନାମ ଏବେ ବିଜେଡିର ଆଶାୟୀ ପ୍ରାର୍ଥୀ ଭାବେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଭୁବନେଶ୍ୱର ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ବାବୁ ସିଂ ଏବଂ ସଂଗ୍ରାମ ପାଇକରାୟ। ବାବୁ ସିଂ କହିଛନ୍ତି ଯେ, କିଏ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବେ ତାହା ସଂଗଠନର ଲୋକମାନେ ସ୍ଥିର କରିବେ। ମୁଁ ୩୦ ବର୍ଷ ହେବ ଦଳ ପାଇଁ କାମ କରି ଆସିଛି। ଛାତ୍ରଜନତା ଦଳର ସଭାପତିଠାରୁ ଆରମ୍ଭ କରି ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଓ ଦଳର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସିଛି। ଟିକେଟ ମିଳିବ ବୋଲି ଆଶା ରଖିଛି। ଟିକେଟ ନ ମିଳିଲେ ସ୍ୱାଧୀନରେ ଛିଡ଼ା ହେବି ବୋଲି ସିଂ କହିଛନ୍ତି। ସଂଗ୍ରାମ ପାଇକରାୟ କହିଛନ୍ତି ଯେ, ଯଦି ଦଳ ତାଙ୍କୁ ଟିକେଟ ଦିଏ ତେବେ ସେ ନିଶ୍ଚିତ ନିର୍ବାଚନ ଲଢ଼ିବେ। କିଏ ପ୍ରାର୍ଥୀ ହେବ ତାହା ଦଳର ସଭାପତି ହିଁ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଏଠାରେ ଭାଜପା ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ। ଏହି ଦଳ ଶାସକ ବିଜେଡି ହାତରୁ ଆସନ ଛଡ଼ାଇ ଆଣିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି। ୨୦୧୪ରେ ଅମିୟ ଦାଶ ବିଜେଡି ପ୍ରାର୍ଥୀ ଅଶୋକ ପଣ୍ଡାଙ୍କୁ ଟକ୍କର ଦେଇଥିଲେ। ଆସନ୍ତା ନିର୍ବାଚନରେ ସେ ପୁଣି ଭାଜପାରୁ ପ୍ରାର୍ଥୀ ହେବେ ବୋଲି ଆଶା ରଖିଛନ୍ତି। ଅମିୟ କହିଛନ୍ତି ଯେ, ପାର୍ଟି ଯାହାକୁ ଟିକେଟ ଦେବ ସିଏ ପ୍ରତିଦ୍ୱନ୍ଦ୍ୱିତା କରିବ। ୩୦ ବର୍ଷ ଧରି ମୁଁ ଦଳରେ କାର୍ଯ୍ୟ କରୁଛି। ୨୦୦୯ରୁ ଲଗାତର ୧୦ ବର୍ଷ ଧରି ବିଜେଡି ଏଠାରୁ ପ୍ରତିନିଧିତ୍ୱ କରୁଛି। କୌଣସି ଆଖିଦୃଶିଆ କାମ ହୋଇନାହିଁ। ବିନ୍ଦୁସାଗର ଓ କେଦାରଗୌରୀ ପୁଷ୍କରିଣୀ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ଏକାମ୍ର ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିଲେ ମଧ୍ୟ ଏଠାରେ ବିକାଶର ନାଁ ଗନ୍ଧ ନାହିଁ। ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହେବେ। ମୁଁ ଆର୍‌ଏସ୍‌ଏସ୍ ସକ୍ରିୟ ସଦସ୍ୟ ହୋଇଥିବାରୁ ଏଥର ମଧ୍ୟ ଦଳ ଏଠାରେ ପ୍ରାର୍ଥୀ କରିବ ବୋଲି ଅମିୟ କହିଛନ୍ତି। ଭାଜପାର ଅନ୍ୟତମ ଆଶାୟୀ ପ୍ରାର୍ଥୀ ହେଉଛନ୍ତି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି। ସେ ଏଠାରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ୨୦୦୯ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ହୋଇଥିଲେ। ତେବେ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ସେ ସ୍ପଷ୍ଟ କରିନାହାନ୍ତି। ଦଳ ଯାହାକୁ ଟିକେଟ ଦେବ ସେ ଛିଡା ହେବେ। ଟିକେଟ ରେସ୍‌ରେ ସେ ନ ଥିବା କହିଛନ୍ତି।

ଏକାମ୍ର ନିର୍ବାଚନମଣ୍ଡଳୀକୁ ହାତେଇବା ପାଇଁ କଂଗ୍ରେସ ମଧ୍ୟ ଜୋରଦାର ଉଦ୍ୟମ ଆରମ୍ଭ କରିଛି। ୨୦୧୪ ନିର୍ବାଚନରେ ଶିବାନନ୍ଦ ରାୟ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ଏଥର ସେ ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ତେଣୁ ଏଥର କଂଗ୍ରେସ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବାକୁ ଯୋଜନା କରିଛି। ଏଥିପାଇଁ ପୁରୁଣା ଭୁବନେଶ୍ୱର ବାସିନ୍ଦା ରଶ୍ମି ମହାପାତ୍ରଙ୍କ ନାମ ଚର୍ଚ୍ଚା ହେଉଛି। ଏପରି କି ତାଙ୍କ ନାମ ଅଖିଳ ଭାରତ କଂଗ୍ରେସ ସ୍କ୍ରିନିଂ କମିଟିକୁ ସୁପାରିସ କରାଯାଇଥିବା କୁହାଯାଉଛି। ରଶ୍ମି ନିର୍ବାଚନ ପାଇଁ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେଣି। ଜନ ଆଶୀର୍ବାଦ ଯାତ୍ରାଠାରୁ ଆରମ୍ଭ କରି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାରିଲେଣି। ସେ କହିଛନ୍ତି ଯେ, ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ ଦଳ ପ୍ରାର୍ଥୀ କଲେ ନିଶ୍ଚିତ ଲଢ଼ିବି। ଏକାମ୍ର ଏକ ପୁରାତନ ଐତିହ୍ୟ କ୍ଷେତ୍ର। ଏହାର ରକ୍ଷଣାବେକ୍ଷଣ ନାଁରେ ବିଜେଡି ନେତାମାନେ ଶହ ଶହ କୋଟି ଟଙ୍କା ହରିଲୁଟ କରିଛନ୍ତି। ଅଞ୍ଚଳବାସୀଙ୍କର ବିକାଶ ନାଁରେ ବିନାଶ ହୋଇଛି। ମୁଁ ଏହି ଅଞ୍ଚଳର ବୋହୂ। ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଛି, ଆସନ୍ତା ନିର୍ବାଚନରେ କଂଗ୍ରେସରୁ ଲଢ଼ିବା ଆଶା ରଖିଛି ବୋଲି ରଶ୍ମି କହିଛନ୍ତି। କଂଗ୍ରେସର ଅନ୍ୟତମ ପୁରୁଖା ନେତା ଅଞ୍ଚଳ ବଟୁ ମଧ୍ୟ ପ୍ରାର୍ଥୀ ହେବା ନେଇ ଆଶା ବାନ୍ଧିଥିବା ଚର୍ଚ୍ଚା ହେଉଛି।

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଅଶୋକ ଚନ୍ଦ୍ର ପଣ୍ଡା | ୫୫,୦୯୫ |
| କଂଗ୍ରେସ | ପ୍ରତାପ ଜେନା | ୧୧,୬୪୫ |
| ଭାଜପା | ସମୀର ମହାନ୍ତି | ୧୧,୦୭୦ |

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଅଶୋକ ଚନ୍ଦ୍ର ପଣ୍ଡା | ୬୬,୩୭୬ |
| ଭାଜପା | ଅମିୟ ଦାଶ | ୨୯,୯୦୦ |
| କଂଗ୍ରେସ | ଶିବାନନ୍ଦ ରାୟ | ୮,୧୪୮ |



**ଜନସଂଖ୍ୟା**
୨,୮୩,୨୬୦
(୨୦୧୧ ଜନଗଣନା ଅନୁଯାୟୀ)

**ମତଦାତା**
୨,୫୭,୯୮୦
(୨୦୧୮ ଅନୁଯାୟୀ)

**ଅଞ୍ଚଳ:** ଭୁବନେଶ୍ୱର ବ୍ଲକ ଅଧୀନରେ ଥିବା ବାସୁଆଘାଇ, ଇଟିପୁର, ଟିକରପଡା, ଧଉଳି, ଶିଶୁପାଳଗଡ ପଞ୍ଚାୟତ, ଭୁବନେଶ୍ୱର ମହାନଗର ନିଗମର ୧୨,୧୪,୧୫, ୩୦ରୁ ୩୪, ୩୮ରୁ ୪୭ ନମ୍ବର ୱାର୍ଡ।


ଅଶୋକ ଚନ୍ଦ୍ର ପଣ୍ଡା


ରଶ୍ମି ମହାପାତ୍ର


ଅମିୟ ଦାଶ

# ବିଦ୍ରୋହୀଙ୍କ ପାଇଁ ବିଜେଡିରେ ଅଡୁଆ

**ଆଦିତେଶ୍ୱର ମିଶ୍ର/ଅଜିତ କୁମାର ବାରିକ**
**କନ୍ଧମାଳ/ବୌଦ୍ଧ, ୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

୨୦୦୯ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ କନ୍ଧମାଳ ଆସନକୁ ବିଜେଡି ଅକ୍ତିଆର କରି ରଖିଛି। ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଏହି ଆସନ ପାଇଁ ବିଜେଡିରେ ବହୁ ଆଶାୟୀ ରହିଛନ୍ତି। ସେଥିପାଇଁ ବିଧାୟକ ମହୀଧର ରଣାଙ୍କ ବିପକ୍ଷରେ ବିଦ୍ରୋହ ତେଜିବାରେ ଲାଗିଛି। ଏହି ବିଦ୍ରୋହର ଆଗଧାଡିରେ ବାଚସ୍ପତି ପ୍ରଦୀପ ଅମାତଙ୍କ କିଛି ଅନୁଗତ ଥିବାରୁ ବିଧାୟକ ପୁନର୍ବାର ବିଜେଡି ଟିକେଟ ପାଇବେ କି ନାହିଁ ସନ୍ଦେହ ଉପୁଜିଛି। ତାଙ୍କ ବିପକ୍ଷ ଗୋଷ୍ଠୀ ବହୁବାର ବୈଠକ ଓ ସଭା ସମିତି କରି କନ୍ଧମାଳ ବିଧାନସଭା ପାଇଁ ଯୋଗ୍ୟ ପ୍ରାର୍ଥୀ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷେ ବିରୋଧ ସତ୍ତ୍ୱେ ବିଧାୟକ ରଣା ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି। କାରଣ ଗତ ପଞ୍ଚାୟତ ନିର୍ବାଚନରେ କନ୍ଧମାଳର ୫ ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏହାବ୍ୟତୀତ ବିଧାୟକଙ୍କ ବିରୋଧରେ ସେଭଳି କୌଣସି ବଡଧରଣର ବିବାଦୀୟ ମାମଲା ନାହିଁ। ତାଙ୍କ ଲୋକପ୍ରିୟତା ସହି ନ ପାରି ବିପକ୍ଷ ଗୋଷ୍ଠୀର କେତେଜଣ କର୍ମୀଙ୍କ ମେଳି ଚାଲିଛି ବୋଲି ବିଧାୟକ ରଣା କହିଛନ୍ତି। ସେହିପରି ରାଜ୍ୟ ବୟନିକା ସଭାପତି ଶେଷଦେବ ମେହେର କନ୍ଧମାଳ ଆସନରୁ ବିଜେଡି ଟିକେଟ୍‌ରେ ନିଜ ଭାଗ୍ୟ ପରୀକ୍ଷା ପାଇଁ ଆଶା ରଖିଛନ୍ତି। ଟିକେଟ ନ ପାଇଲେ ମଧ୍ୟ ସେ ଦଳ ସଭାପତିଙ୍କ ନିଷ୍ପତ୍ତିକୁ ସ୍ୱୀକାର କରିନେବେ ବୋଲି କହିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କ ସହ ଥିବା ସମ୍ପର୍କକୁ ଆଧାର କରି ଶ୍ରୀକାନ୍ତ ମିଶ୍ର ବି ବିଜେଡି ଟିକେଟ୍ ପାଇଁ ଆଶାବାଦୀ ଅଛନ୍ତି। ୨୦୧୪ ନିର୍ବାଚନ ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଟିକେଟ୍ ଦୌଡରେ ଆଗରେ ଥିଲେ। ବର୍ତ୍ତମାନ ତାଙ୍କ ସ୍ତ୍ରୀ ଯାଜ୍ଞସେନୀ ପ୍ରଧାନ ବ୍ଲକ ଅଧ୍ୟକ୍ଷା ଅଛନ୍ତି। ଯଦି ବିଜେଡି ଏଠାରେ ମହିଳା କାର୍ଡ ଖେଳେ ତେବେ ଯାଜ୍ଞସେନୀଙ୍କୁ ଟିକେଟ ମିଳିବା ନେଇ ଆଶା ରଖିଛନ୍ତି ଶଙ୍କର୍ଷଣ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମତା ନାୟକ, ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ,ଆଇନଜୀବୀ ଯୋଗେଶ ନାୟକ, ଯୁବ ଜୋନାଲ ସଭାପତି ଅଶୋକ ସାହୁ, ସୁରଥ ମିଶ୍ର, ଆଦିବାସୀ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାମନ୍ତ ମାଝି, କୃଷ୍ଣ କହଁର ପ୍ରମୁଖ ଏହି ଦୌଡରେ ସାମିଲ ହୋଇଛନ୍ତି। ତେବେ ଦଳରେ ସେମିତି କିଛି ବିଦ୍ରୋହ ନାହିଁ। ବିଧାୟକ ରଣା କନ୍ଧମାଳର ବିକାଶ ପାଇଁ ବହୁ କାମ କରିଛନ୍ତି। ତାଙ୍କୁ ପୁନର୍ବାର ସୁଯୋଗ ଦିଆଯାଉ ବୋଲି ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ ମତ ଦେଇଛନ୍ତି। ଭାଜପାରେ ମଧ୍ୟ ଏକାଧିକ ଟିକେଟ୍ ଆଶାୟୀ ରହିଛନ୍ତି। କହ୍ନେଇ ଚରଣ ଡାଙ୍ଗଙ୍କ ନାମ ଚର୍ଚ୍ଚାରେ ରହିଛି । ଗତ ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ତାଙ୍କୁ ପ୍ରାୟ ୨୩ ହଜାର ଭୋଟ ମିଳିଥିଲା। ଏହାବ୍ୟତୀତ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ରଙ୍କ ବାପା ଡାକ୍ତର ସୁବ୍ରତ ମିଶ୍ର ଓ ଯୁବ ଇଞ୍ଜିନିୟର ରାକେଶ ତ୍ରିପାଠୀ ଭାଜପା ଟିକେଟ ଦୌଡରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ବିଜେଡିର ଜଣେ ଆଦିବାସୀ ନେତା ଭାଜପା ପ୍ରାର୍ଥୀ ହେବା ପାଇଁ ଦଳୀୟ ନେତାମାନଙ୍କ ସହ ଭିତିରି ସମ୍ପର୍କରେ ଥିବା ଆଲୋଚନା ଚାଲିଛି। ଦଳରେ କୌଣସି କନ୍ଦଳ କିମ୍ବା ବିବାଦ ନାହିଁ। ସମସ୍ତେ ଏକାଠି ହୋଇ କାମ କରୁଛୁ। କନ୍ଧମାଳ ନିର୍ବାଚନ ମଣ୍ଡଳୀ ଭାବେ ସ୍ୱୀକୃତି ପାଇବା ପରେ ଏଯାଏ ଯୋଗ୍ୟ ପ୍ରାର୍ଥୀ ନିର୍ବାଚିତ ହୋଇନାହାନ୍ତି। ଏଥର ଭାଜପା ଯୋଗ୍ୟ ପ୍ରାର୍ଥୀ ଦେଇ ନିର୍ବାଚନରେ ନିଶ୍ଚୟ ବିଜୟ କରାଇବ ବୋଲି ଭାଜପା ଜିଲା ସଭାପତି ସୌମିତ୍ରୀ ନାୟକ କହିଛନ୍ତି।

ଅନ୍ୟପକ୍ଷେ ଯୁବ ନେତା ସୁଧୀର ମହାକୁଡ ଓ ପ୍ରଶାନ୍ତ ସାହୁ କଂଗ୍ରେସ ଟିକେଟ୍ ଦୌଡରେ ଅଛନ୍ତି। ବିଜେଡି ମହିଳା କାର୍ଡ ଖେଳିଲେ କଂଗ୍ରେସ ମଧ୍ୟ ହରି ନାରାୟଣ ପ୍ରଧାନଙ୍କ ସ୍ତ୍ରୀ ମୈତ୍ରୀ ପ୍ରଧାନଙ୍କୁ ପ୍ରାର୍ଥୀ କରିପାରେ। ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି ନିରଞ୍ଜନ ପଟ୍ଟନାୟକଙ୍କ ହରିନାରାୟଣଙ୍କ ଘରେ ଅନୁଷ୍ଠିତ ବୈଠକ। କଂଗ୍ରେସ ମୁଖ୍ୟତଃ କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟାକୁ ନେଇ ନିର୍ବାଚନରେ ଲଢେଇ କରିବ। ଧାନର ଏମ୍‌ଏସ୍‌ପି ୨୬ଶହ ଟଙ୍କାକୁ ବୃଦ୍ଧି, ମାଗଣା ସୋଲାର ପମ୍ପ ଯୋଗାଣ ପାଇଁ ଦଳ ପ୍ରତିଶ୍ରୁତିବଦ୍ଧ। ୧୯ ବର୍ଷ ବିଜେଡି ଶାସନ କାଳରେ କନ୍ଧମାଳ ଅଞ୍ଚଳରେ ଜଳସେଚନ କ୍ଷେତ୍ରରେ ସୁଧାର ଆସିନାହିଁ। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଏସବୁ ପ୍ରସଙ୍ଗକୁ ନେଇ ଆମେ ନିର୍ବାଚନ ଲଢିବୁ। ଦଳ ଯାହାକୁ ପ୍ରାର୍ଥୀ କରିବ ଆମେ ତାଙ୍କ ପାଇଁ କାମ କରିବୁ ବୋଲି କଂଗ୍ରେସ ଜିଲା ସଭାପତି ସୁଧୀର ମହାକୁଡ କହିଛନ୍ତି।

**କନ୍ଧମାଳ ନିର୍ବାଚନମଣ୍ଡଳୀ ରୂପରେଖ**

ପୂର୍ବରୁ ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳ କନ୍ଧମାଳ ଜିଲା ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା। ୨୦୦୯ ସୀମା ନିର୍ଦ୍ଧାରଣ ପରେ କନ୍ଧମାଳ ସ୍ୱତନ୍ତ୍ର ବିଧାନସଭା କ୍ଷେତ୍ରର ମାନ୍ୟତା ପାଇଥିଲା ଏବଂ କନ୍ଧମାଳ ଲୋକ ସଭା ଅଧୀନରେ ରହିଥିଲା। ଏହି ଆସନ କନ୍ଧମାଳ ବ୍ଲକର ୨୪ ଓ ବୌଦ୍ଧ ବ୍ଲକର ୧୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଜଳସେଚନ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି। ଏହି ଅଞ୍ଚଳ ତେଲନଦୀ ଓ ମହାନଦୀ କୂଳରେ ରହିଥିଲେ ମଧ୍ୟ ଜଳସେଚନରେ ପଛୁଆ। ସେହିପରି ଏଠାକାର ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରହିଛି ଗମନାଗମନ। କନ୍ଧମାଳଠାରେ ତେଲ ନଦୀ ସେତୁ କାମ ଶେଷ ହୋଇଥିଲେ ମଧ୍ୟ ଆପ୍ରୋଚ୍ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଜନସାଧାରଣଙ୍କ ଗମନାଗମନରେ ଅସୁବିଧା ହେଉଛି।

**୨୦୧୪ ନିର୍ବାଚନ**

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ବିଜେଡି | ମହୀଧର ରଣା | ୪୯,୨୦୨ |
| କଂଗ୍ରେସ | ହରିନାରାୟଣ ପ୍ରଧାନ | ୨୩,୮୩୬ |
| ସ୍ୱାଧୀନ | କହ୍ନେଇ ଚରଣ ଡାଙ୍ଗ | ୨୩,୬୮୮ |
| ଭାଜପା | ସୁଧାଂଶୁ ଡାଙ୍ଗ | ୯,୩୩୬ |




**୨୦୧୯ ସୁଦ୍ଧା ଭୋଟରଙ୍କ ସଂଖ୍ୟା ୧,୫୯,୫୭୫**

| ପୁରୁଷ | ମହିଳା |
|---|---|
| ୮୧,୩୪୩ | ୭୮,୨୩୨ |


ମହୀଧର ରଣା

# ଦୁର୍ନୀତିକୁ ଅସ୍ତ୍ର କରୁଛନ୍ତି ବିରୋଧୀ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨।୩**

ଯାଜପୁର ଜିଲାରେ ଠିକାଦାରି ରାଜନୀତି, ଦୁର୍ନୀତି, ଲଘୁ ଖଣିଜ ଦ୍ରବ୍ୟ ଲୁଟ ଆଦି ଘଟଣା ଏକ ପ୍ରକାର ଭିନ୍ନ ପରିସ୍ଥିତି ସୃଷ୍ଟି କରିଛି। ଲୋକଙ୍କ ମୌଳିକ ସମସ୍ୟାକୁ ଏଡ଼ାଇ ଦେଇ ନିଜ ସ୍ୱାର୍ଥ ପାଇଁ ଦୁର୍ନୀତିକୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଉଥିବାରୁ ଶାସକ ଦଳ ବିଜେଡି ପ୍ରତି ବିପଦ ହୋଇଛି। ବିଶେଷକରି ୨୦୧୪ ସାଧାରଣ ନିର୍ବାଚନ ପରେ ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦୁର୍ନୀତି ଅଣାୟତ୍ତ ହୋଇଛି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ୧୯୯୦ରୁ ଜନତା ଦଳ ଓ ପରେ ବିଜେଡିରୁ ବିଧାୟକ ପ୍ରତିନିଧିତ୍ୱ କରି ଆସୁଛନ୍ତି। ୧୯୯୫ରେ କଳ୍ପତରୁ ଦାସ ଜନତା ଦଳରୁ ନିର୍ବାଚନ ହୋଇଥିଲେ। ବିଜେଡି ଗଠନ ହେବା ପରେ କଳ୍ପତରୁ ଜଣେ ପ୍ରଭାବଶାଳୀ ନେତା ଭାବେ ରାଜ୍ୟରେ ପରିଚିତ ଥିଲେ। ସେ ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ବିଜେଡିରୁ ନିର୍ବାଚିତ ହୋଇ ବିଭିନ୍ନ ମନ୍ତ୍ରୀପଦରେ ଅଳଙ୍କୃତ ହୋଇଥିଲେ। ସେହି ସମୟରେ ଧର୍ମଶାଳା ନିର୍ବାଚନ କ୍ଷେତ୍ରର ଅନେକ ବିକାଶ ହୋଇଛି ସତ ହେଲେ ସେହି ପରିମାଣର ଦୁର୍ନୀତିକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଇଛି। ଜମି କେଳେଙ୍କାରୀଠାରୁ ଆରମ୍ଭ କରି ଖଣି ଓ ଲଘୁ ଖଣିଜ ଦ୍ରବ୍ୟ ଲୁଟରେ ଏହି ନିର୍ବାଚନମଣ୍ଡଳୀ ସାରା ରାଜ୍ୟରେ ବଦନାମ ଆଣିଛି। ଧର୍ମଶାଳା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ସମେତ ରସୁଲପୁର ବ୍ଲକର ୯ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ କ୍ଷେତ୍ରରେ ବିରୋଧି ନେତାଏଁ ଏବେ ଏହାକୁ ଅସ୍ତ୍ର ଭାବେ ଗ୍ରହଣ କରିଛନ୍ତି। ୨୦୧୪ ନିର୍ବାଚନରେ କଳ୍ପତରୁଙ୍କୁ ରାଜ୍ୟସଭା ପଠାଇ ତାଙ୍କ ପୁତ୍ର ପ୍ରଣବ କୁମାର ବଳବନ୍ତରାୟ(ଜିତୁ)ଙ୍କୁ ବିଜେଡିରୁ ଟିକେଟ ମିଳିଥିଲା। ସେ କଂଗ୍ରେସ ପ୍ରାର୍ଥୀ ଶ୍ରୀନାଥ ମିଶ୍ରଙ୍କୁ ୮୫,୭୮୬ ଭୋଟ ବ୍ୟବଧାନରେ ପରାସ୍ତ କରି ପ୍ରଥମଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ଏଥିରେ ତାଙ୍କ ପିତା କଳ୍ପତରୁ ଦାସଙ୍କ ବିଶେଷ ଭୂମିକା ରହିଥିଲା। କିନ୍ତୁ କଳ୍ପତରୁଙ୍କ ମୃତ୍ୟୁ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ସେତେବେଳେ କଳ୍ପତରୁଙ୍କ ଅତି ନିକଟତର ଥିବା କେତେକ ପୁରୁଖା କର୍ମୀ ଜିତୁଙ୍କ ମନମୁଖିକୁ ପସନ୍ଦ ନ କରି ଅସହଯୋଗୀ ହୋଇପଡିଛନ୍ତି। ଗଙ୍ଗପାଟଣା ଜଙ୍ଗଲ ଜମିର ମାଲିକାନା, ସେଠାରେ ଜଙ୍ଗଲ ଜମିରେ ପାଚେରି ବୁଲିବା, ଜଙ୍ଗଲ ଜମିକୁ ସରକାରୀ ଅର୍ଥରେ ରାସ୍ତା ତିଆରି ହେବା, ଗୋକର୍ଣ୍ଣେଶ୍ୱର ଟ୍ରଷ୍ଟ ନାମରେ ଜଙ୍ଗଲ ଜମି ହଡପ, ଡଙ୍କାରୀରେ କଳାପଥର ଲୁଟ ଓ ଗ୍ରୀନ ଟ୍ରିବ୍ୟୁନାଲ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା ଜରିମାନା ଦେବା ନିର୍ଦ୍ଦେଶ ଆଦି ପ୍ରସଙ୍ଗରେ ବିଜେଡି ଏଠାରେ ହଟହଟା ହୋଇଛି। ଏହାବାଦ ହରିଦାସପୁର ଷ୍ଟକୟାର୍ଡ ଦୁର୍ନୀତି, ଟେଣ୍ଡର ଫିକ୍ସିଂ, ରାଜନୀତିର ବ୍ୟବସାୟୀକରଣ, ବିଜୁ ପରିବାର ଅନୁଗତଙ୍କୁ କୋଣଠେସା କରି ରଖାଯିବା, ସିବିଆଇ ଓ ଇଡି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସଜବାଜ ହେଉଥିବା ଆଲୋଚନା ହେଉଛି। ଏହିକ୍ରମରେ ଟିକେଟକୁ ନେଇ ବିଜେଡି ଯଦି ଅତି ଗମ୍ଭୀରତାର ସହ ଚିନ୍ତା ନ କରେ ତେବେ ଆଗାମୀ ଦିନରେ ଓଲଟପାଲଟ ହେବା ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏହାକୁ ଜିତୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଦୁର୍ନୀତିକୁ ସେ କେବେ ବି ପ୍ରଶ୍ରୟ ଦେଇ ନାହାନ୍ତି। ଆଇନ ତା ବାଟରେ ଯାଇଛି। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଜନସାଧାରଣ ତାଙ୍କ ପ୍ରତି ଅତୁଟ ସମର୍ଥନ ରଖିଛନ୍ତି। ଅନ୍ୟପକ୍ଷେ ବିଧାୟକଙ୍କ ବିକଳ୍ପ ଭାବେ ପୂର୍ବତନ ବିଧାୟକ ରବିଲାବଣ୍ୟ (ରବି ଦାଶ)ଙ୍କ ନାମକୁ ନେଇ ଧର୍ମଶାଳା ଅଞ୍ଚଳରେ ଜୋର ଚର୍ଚ୍ଚା ହେଉଛି। ୧୯୭୭ରେ ଜନତା ପାର୍ଟିରୁ ରବି ଦାସ ତତ୍କାଳୀନ ମନ୍ତ୍ରୀ ବାଙ୍କବିହାରୀ ଦାସଙ୍କୁ ପରାଜିତ କରି ଏଠାରେ ପ୍ରଥମକରି ଅଣକଂଗ୍ରେସ ସଂଗଠନର ମୂଳଦୁଆ ପକାଇଥିଲେ। ଛାତ୍ରଜୀବନରୁ ସେ ବିଜୁ ବାବୁଙ୍କ ଏକାନ୍ତ ଅନୁଗତ ଥିଲେ। ସେବେଠାରୁ ସେ କୌଣସି ଅନ୍ୟ ଦଳର ବିକଳ୍ପ ଚିନ୍ତା ନ କରି ଜନତା ଦଳ ତଥା ବିଜେଡିର ପ୍ରତିଷ୍ଠାତା ସଭ୍ୟ ରହି ଆସିଛନ୍ତି। ଦୀର୍ଘଦିନ ଧରି ଦଳରେ ରହିଥିବାରୁ ଜନସାଧାରଣଙ୍କ ସହାନୁଭୂତି ରହିଛି। ସେ ଜଣେ ସଚ୍ଚୋଟ ତଥା ନିର୍ବିବାଦୀୟ ବ୍ୟକ୍ତି ଭାବେ ପରିଚିତ ଥିବାରୁ ତାଙ୍କୁ ବିଜେଡିରୁ ପ୍ରାର୍ଥୀ କଲେ ସମସ୍ତେ ସମର୍ଥନ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ରବିଲାବଣ୍ୟ କହିଛନ୍ତି ବିଜେଡିରୁ ପ୍ରାର୍ଥୀ ହେଲେ ଜନସାଧାରଣଙ୍କ ବିପୁଳ ସମର୍ଥନ ଥିବାରୁ ବିଜୟ ସୁନିଶ୍ଚିତ। ଦଳ ପ୍ରାର୍ଥୀ ନ କଲେ ବି ଶୃଙ୍ଖଳିତ କର୍ମୀ ଭାବେ କାମ କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

କଂଗ୍ରେସ ଦଳ ଘର ସଜାଡିବାରେ ଲାଗିଛି। ତେବେ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡରେ କଂଗ୍ରେସର ବିଜୟ ଏଠାକାର କର୍ମୀଙ୍କୁ ଉତ୍ସାହିତ କରିଛି। ୧୯୯୦ରୁ ଏହି କ୍ଷେତ୍ର ଅଣକଂଗ୍ରେସ ଗଡ଼ ମାନ୍ୟତା ପାଇଛି। ତଥାପି କଂଗ୍ରେସ ଏଠାରେ ଆଶା ଛାଡି ନାହିଁ। କଂଗ୍ରେସ ପ୍ରାର୍ଥୀ ହେବାକୁ ନେତାଙ୍କ ଲମ୍ବାଧାଡ଼ି ଲାଗିଛି। ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସ୍ମୃତିରେଖା ପହି କୁହନ୍ତି, ବିଜେଡି ଏଠାରେ ସବୁପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଇଛି। ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ସେ ଲାଗି ପଡିଛନ୍ତି। ଦୁର୍ନୀତିକୁ ରୋକା ନ ଗଲେ ବିକାଶ ଅସମ୍ଭବ। ତେଣୁ ସେ କଂଗ୍ରେସରୁ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। ପୂର୍ବତନ ବିଧାୟକ କାଙ୍ଗାଳି ପଣ୍ଡା ଟିକେଟ ପାଇବା ଆଶାରେ ଅଛନ୍ତି। ସେ କହିଛନ୍ତି ତାଙ୍କୁ ଟିକେଟ ମିଳିଲେ ଯେଉଁମାନେ କଂଗ୍ରେସ ଛାଡ଼ି ଅନ୍ୟ ଦଳରେ ଯୋଗଦେଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ପୁନଶ୍ଚ କଂଗ୍ରେସରେ ଯୋଗଦେଇ ତାଙ୍କ ପାଇଁ କାମ କରିବେ। ଦଳ ପ୍ରାର୍ଥୀ ନ କଲେ ବି ଦଳୀୟ ବ୍ୟାନରରେ କାମ କରି ଦଳକୁ ଜିତାଇବାକୁ ସମସ୍ତ ଉଦ୍ୟମ କରିବେ। ସେହିପରି ଟିକେଟ ଦୌଡରେ ଥିବା କିଷାନ ପଣ୍ଡା କହିଛନ୍ତି, ବିଗତ ଦିନର କାଳିମାକୁ ଶେଷ କରିବାକୁ ଚାହାନ୍ତି। ଟିକେଟ ନ ମିଳିଲେ ବି ଦଳର ନିଷ୍ପତ୍ତି ଅନୁସାରେ ଦଳ ପାଇଁ କାମ କରିବେ।

ନୂଆ ପୁରୁଣା ବିବାଦ ଲାଗି ରହିଥିଲେ ହେଁ ଏଠାରେ ଦୁର୍ନୀତି ବିରୋଧରେ ସ୍ୱରଉତ୍ତୋଳନ କରିବାରେ ଭାଜପା ବହୁ ଆଗରେ ରହିଛି। ଡଙ୍କାରୀରେ ବେଆଇନ କଳାପଥର ଲୁଟ, ବିନା ଜନଶୁଣାଣିରେ ରାମକୋ ପ୍ରତିଷ୍ଠା, ବ୍ଲାକରୋଜ ବୁଡିବା ଘଟଣା ଆଦି ଦୁର୍ନୀତିକୁ ନେଇ ଭାଜପା ସିବିଆଇ, ହାଇକୋର୍ଟ ଓ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛି। ଏହାସହ ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ଦୂର କରିବାରେ ଭାଜପା ନେତୃବର୍ଗ ଲାଗି ପଡ଼ିଛନ୍ତି। ଏହିକ୍ରମରେ ସର୍ବେଶ୍ୱର ବେହୁରା ଦୌଡ଼ରେ ରହିଛନ୍ତି। ଭାଜପାର କେନ୍ଦ୍ର ଓ ରାଜ୍ୟସ୍ତରର ନେତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବେହୁରା ସଫଳ ହୋଇଛନ୍ତି। ତେବେ ବିଜେଡି ସହିତ ଭାଜପା କେତେଦୂର ଲଢେଇ କରି ପାରିବ ସେ ନେଇ ଲୋକଙ୍କ ମଧ୍ୟରେ ସଂଶୟ ରହିଛି। ସର୍ବେଶ୍ୱର ବେହୁରା କହିଛନ୍ତି ଧର୍ମଶାଳାରୁ ତାଙ୍କୁ ଟିକେଟ ମିଳିବା ସମ୍ଭାବନା ଅଧିକ ରହିଛି। ତେଣୁ ସେ ଲୋକଙ୍କ ସହିତ ଆହୁରି ଜଡିତ ହେବାକୁ ଲାଗି ପଡିଛନ୍ତି। ଟିକେଟ ନ ମିଳିଲେ ବି ତାଙ୍କ ଦୁର୍ନୀତି ବିରୋଧୀ କାର୍ଯ୍ୟ ଜାରି ରହିବ। ଭାଜପାରୁ ଆଶାୟୀ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା କହିଛନ୍ତି, ସଂଗଠନକୁ ମଜଭୁତ କରିବାରେ ସେ ଦିନରାତି ଏକ କରିଛନ୍ତି। ଟିକେଟ ନ ମିଳିଲେ ବି ଧର୍ମଶାଳାରୁ ସେ ଦଳୀୟ ପ୍ରାର୍ଥୀ ପାଇଁ କାମ କରି ବିଜୟରେ ସହାୟକ ହେବେ। ପବିତ୍ର ମୋହନ ଦାଶ କହିଛନ୍ତି ଭାଜପାର ମୂଳ ଲୋକ ହୋଇଥିବା ଦୃଷ୍ଟି କୋଣରୁ ଧର୍ମଶାଳା ବାସୀଙ୍କ ସ୍ନେହଶ୍ରଦ୍ଧା ଓ ଆଶୀର୍ବାଦ ତାଙ୍କ ଉପରେ ରହିଛି। ଟିକେଟ ନ ମିଳିଲେ ବି ସେ ଦଳ ସହିତ ଅଛନ୍ତି ଓ ଦଳରେ ରହିବେ। ସୁର ପଣ୍ଡା କହିଛନ୍ତି ବିଧାୟକ ପ୍ରାର୍ଥୀ ହେବା ପାଇଁ ସେ ଦଳରେ କାମ କରୁ ନାହାନ୍ତି। ସାଧାରଣ ଲୋକଙ୍କ ଉନ୍ନତି ତଥା ଅଞ୍ଚଳର ବିକାଶ ତାଙ୍କ ଲକ୍ଷ୍ୟ। ଯଦି ଦଳ ମତେ ପ୍ରାର୍ଥୀ କରେ ସାଧାରଣ ଭୋଟରଙ୍କ ଶ୍ରଦ୍ଧାକୁ ପାଥେୟ କରି ନିଶ୍ଚିତ ବିଜୟୀ ହେବେ।

**ନିର୍ବାଚନ ଫଳାଫଳ**

| ବର୍ଷ | ଦଳ | ପ୍ରାର୍ଥୀ | ଭୋଟ |
|---|---|---|---|
| ୨୦୧୪ | ବିଜେଡି | ପ୍ରଣବକୁମାର ବଳବନ୍ତରାୟ | ୧୦୯୨୪୧ |
| | କଂଗ୍ରେସ | ଶ୍ରୀନାଥ ମିଶ୍ର | ୨୩୪୫୫ |
| | ଭାଜପା | ରମେଶଚନ୍ଦ୍ର ପରିଡା | ୧୯୯୪୦ |
| ୨୦୦୯ | ବିଜେଡି | କଳ୍ପତରୁ ଦାସ | ୭୯୮୬୭ |
| | କଂଗ୍ରେସ | କାଙ୍ଗାଳି ଚରଣ ପଣ୍ଡା | ୪୪୭୩୪ |

**ଭୋଟର**

| ବର୍ଷ | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧୧୨୩୦୨ | ୧୦୧୭୭୧ | ୪ | ୨୧୪୦୭୭ |
| ୨୦୧୪ | ୧୦୩୮୯୦ | ୯୦୯୬୧ | ୨ | ୧୯୪୮୫୩ |





ପ୍ରଣବ କୁମାର ବଳବନ୍ତରାୟ


ସର୍ବେଶ୍ୱର ବେହୁରା


ସ୍ମୃତିରେଖା ପହି


ରବିଲାବଣ୍ୟ ଦାଶ

भारतीय डाक
India Post

सत्यमेव जयते
ଭାରତ ସରକାର
ସଞ୍ଚାର ମନ୍ତ୍ରଣାଳୟ
ଡାକ ବିଭାଗ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ



# ଭାରତୀୟ ଡାକ ସ୍ୱାଗତ ଜଣାଉଛି ନାଗରିକ-କୈନ୍ଦ୍ରିକ ସେବାର ନୂତନ ଯୁଗକୁ

इंडिया पोस्ट पेमेन्ट्स बैंक | India Post Payments Bank

## ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ

- ବ୍ୟାଙ୍କିଂ ସେବାକୁ ନେଉଛୁ ଗ୍ରାହକଙ୍କ ଦ୍ୱାରଦେଶକୁ – ଆପଣଙ୍କ ବ୍ୟାଙ୍କ, ଆପଣଙ୍କ ଦ୍ୱାର
- ଦେଶର କୋଣ ଅନୁକୋଣରେ ୬୫୦ ଗୋଟି ଶାଖା ଏବଂ ୧.୩୫ ଲକ୍ଷ ଆକ୍ସେସ୍ ପଏଣ୍ଟ ରେକର୍ଡ ସମୟରେ ସ୍ଥାପିତ
- ଏବେ ସୁଦ୍ଧା ୪୨ ଲକ୍ଷରୁ ଅଧିକ ଖାତା ଖୋଲାଯାଇଛି
- ଆର୍ଥିକ ଅନ୍ତର୍ଭୁକ୍ତତା ଉପରେ ବିଶେଷ ଗୁରୁତ୍ୱ, ବିଶେଷ କରି ଗ୍ରାମାଞ୍ଚଳରେ

AADHAAR

## ଡାକଘରେ ଆଧାର ସେବା

- ୧୩,୩୫୨ ଗୋଟି ଆଧାର ତାଲିକାଭୁକ୍ତୀକରଣ ଓ ଅଦ୍ୟତନ କେନ୍ଦ୍ର
- ୪୮ ଲକ୍ଷରୁ ଅଧିକ ଆଧାର ତାଲିକାଭୁକ୍ତୀକର/ଅଦ୍ୟତନକରଣ କରାଯାଇଛି
- ଆଧାର ତାଲିକାଭୁକ୍ତୀକରଣ/ ଅଦ୍ୟତନକରଣ ସୁବିଧା ନାଗରିକଙ୍କ ନିକଟରେ ଉପଲବ୍ଧ

## ଦୀନ୍‌ଦୟାଲ ସ୍ପର୍ଶ ଯୋଜନା

- ଡାକଟିକେଟ୍ ସଂଗ୍ରହକୁ ଏକ ହବି ଭାବେ ଗ୍ରହଣ କରିବା ପାଇଁ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ଲାଗି ଏକ ପ୍ରୟାସ
- ପ୍ରତିବର୍ଷ ସାରା ଭାରତରେ ସ୍କୁଲ୍ ପିଲାଙ୍କ ପାଇଁ ୯୨୦ ଗୋଟି ଛାତ୍ରବୃତ୍ତି
- ଏବେ ସୁଦ୍ଧା ପାଖାପାଖି ଏକଲକ୍ଷ ବିଦ୍ୟାର୍ଥୀ ସ୍ପର୍ଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି

## ଡାକଘର ପାସ୍‌ପୋର୍ଟ ସେବା କେନ୍ଦ୍ର

- ବଛା ବଛା ଡାକଘରେ ପାସ୍‌ପୋର୍ଟ ତିଆରି ସୁବିଧା
- ସାରା ଦେଶରେ ୪୦୦ରୁ ଅଧିକ ଡାକଘର ପାସ୍‌ପୋର୍ଟ ସେବା କେନ୍ଦ୍ର ସ୍ଥାପିତ
- ଏବେ ସୁଦ୍ଧା ୨୨ ଲକ୍ଷ ପାସ୍‌ପୋର୍ଟ ଆବେଦନର ପ୍ରକ୍ରିୟାକରଣ କରାଯାଇଛି
- ପ୍ରତ୍ୟେକ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ପାସ୍‌ପୋର୍ଟ ସେବା କେନ୍ଦ୍ରର ଉପଲବ୍ଧତାର ଲକ୍ଷ୍ୟ

PLI डाक जीवन बीमा POSTAL LIFE INSURANCE
RPLI ग्रामीण डाक जीवन बीमा Rural Postal Life Insurance

## ସମ୍ପୂର୍ଣ୍ଣ ବୀମା ଗ୍ରାମ ଯୋଜନା

- ସ୍ୱଳ୍ପ ପ୍ରିମିୟମ୍, ଉଚ୍ଚ ବୋନସ୍ ଇନ୍‌ସ୍ୟୁରାନ୍ସ ଯୋଜନା
- ୪୦୦୦ରୁ ଊର୍ଦ୍ଧ୍ୱ ଗ୍ରାମର ସମସ୍ତ ପରିବାର ସହିତ ବୀମାଭୁକ୍ତ
- ଗ୍ରାମାଞ୍ଚଳରେ ମୋଟ ୫.୬ ଲକ୍ଷ ପରିବାରଙ୍କୁ ବୀମା ଅନ୍ତର୍ଭୁକ୍ତତା ପ୍ରଦାନ



### ଭାରତୀୟ ଡାକ ସେବା

• ସ୍ପିଡ୍ ପୋଷ୍ଟ • ପାର୍ସଲ୍ • ବ୍ୟବସାୟିକ ଡାକ • ଲଜିଷ୍ଟିକ୍ସ ଡାକ • ଡାକ ଜୀବନ ବୀମା • ଗ୍ରାମୀଣ ଡାକ ଜୀବନ ବୀମା • ଆଇଏମ୍‌ଓ • ବୈଦ୍ୟୁତିକ ମନି ଅର୍ଡର • ରିଟେଲ୍ ଡାକ • ଏକ୍ସପ୍ରେସ୍ ପାର୍ସଲ • ବ୍ୟବସାୟ ପାର୍ସଲ • ଡାକଘର ସଞ୍ଚୟ ଯୋଜନା • ଡାକଟିକେଟ୍ ସଂଗ୍ରହ

150 YEARS OF CELEBRATING THE MAHATMA
स्वच्छ भारत — एक कदम स्वच्छता की ओर
@postoffice.IN @indiapostoffice
Toll Free No: 1800 266 6868
www.indiapost.gov.in

**ଏବେ ଅସମ୍ଭବ ହୋଇଛି ସମ୍ଭବ**

davp 06305/13/0011/1819

**ପ୍ରଥମ ଗାଡ଼ି ଚଲେଇବାର ଅନୁଭୂତି ଖୁବ୍ ନିଆରା। ନୂଆକରି ଘରକୁ ଗାଡ଼ିଟିଏ ଆସିଲେ ବା ନୂଆ ଗାଡ଼ିଟିଏ କିଣିଲେ ମନ କୁହେ କିପରି ଗାଡ଼ିଟିକୁ ଚଲାଇ ଦୁଇଘେରା ବୁଲି ଆସିବି ସାଙ୍ଗସାଥୀଙ୍କୁ ଦେଖାଇ କିଛି ପ୍ରଶଂସା ନ ସାଉଁଟିଲା ପର୍ଯ୍ୟନ୍ତ ମନ ଥୟ ଧରେ ନାହିଁ...**




ପ୍ରଥମକରି ଘଟିଥିବା ଘଟଣା କାହାର ବା ମନେ ନଥାଏ? ସେ ପ୍ରଥମ ପ୍ରେମ ହେଉ, ପ୍ରଥମ ଦେଖା ହେଉ ବା କଲେଜର ପ୍ରଥମ ଦିନ। ସମସ୍ତଙ୍କ ଜୀବନର ଏକ ସ୍ୱତନ୍ତ୍ର ସ୍ମୃତି ହୋଇ ରହିଥାଏ ନୂଆକରି ଘଟିଥିବା କୌଣସି ଘଟଣା। ତେବେ ପ୍ରଥମ ଗାଡି ଚଲେଇବାର ଅନୁଭୂତି ମଧ୍ୟ ଖୁବ୍ ନିଆରା। ବିଶେଷକରି ଆଜିର ଯୁବପିଢିଙ୍କଠାରେ ମୋଟରସାଇକେଲ ଚଲେଇବାର କ୍ରେଜ୍ ବହୁ ମାତ୍ରାରେ ଦେଖାଦେଇଥାଏ। ନୂଆକରି ଘରକୁ ଗାଡିଟିଏ ଆସିଲେ ବା ନୂଆ ଗାଡିଟିଏ କିଣିଲେ ମନକୁହେ କିପରି ଗାଡିଟିକୁ ଚଲାଇ ଦୁଇଘେରା ବୁଲି ଆସିବି। ସାଙ୍ଗସାଥିଙ୍କୁ ଦେଖାଇ କିଛି ପ୍ରଶଂସା ନ ସାଉଁଟିଲା ପର୍ଯ୍ୟପ୍ତ ମନ ଥୟ ଧରେ ନାହିଁ। ତେବେ ପ୍ରଥମ ଗାଡି ଚଲେଇବାର କିଛି ସ୍ମୃତିକୁ ନେଇ ଏହି ଉପସ୍ଥାପନା...

**ପ୍ରଥମେ ବାପାଙ୍କୁ ବସେଇ ଗାଡି ଚଲେଇଥିଲି:** ମୋଟରବାଇକ୍ ପ୍ରତି ମୋର ପିଲାବେଳୁ ଦୁର୍ବଳତା। ତେଣୁ ହେତୁ ପାଇବା ଦିନୁ ମୋର ମୋଟରବାଇକ୍ ଚଲାଇବା ପାଇଁ ବହୁତ ଇଚ୍ଛା ଥାଏ। ତେବେ ମୁଁ ଯେତେବେଳେ ଷ୍ଟାଣ୍ଡାର୍ଡ ୮ ରେ ପଢୁଥିଲି ସେତେବେଳ ବାପାଙ୍କୁ ତାଙ୍କ ବାଇକ ମାଗିଥିଲି ଚଲେଇବା ପାଇଁ। ପ୍ରଥମେ ବାପା ଅରାଜି ହୋଇଥିଲେ, କିନ୍ତୁ ପରେ ରାଜି ହେଲେ ହେଲେ ସର୍ତ୍ତ ରଖିଲେ ସେ ମୋ ପଛରେ ବସିବେ। ସେତେବେଳେ ମୋ ଖୁସି କହିଲେ ନ ସରେ। ପ୍ରଥମ କରି ବାଇକ୍ ଚଲାଉଥିବା ହେତୁ ଭୟ ଏବଂ ଏକ୍ସାଇଟମେଣ୍ଟର ଏକ ମିଶାମିଶି ଭାବନା ଥାଏ ମନରେ। ପ୍ରଥମେ ଟିକିଏ ଡର ଲାଗିଥିଲା କିନ୍ତୁ ଅଳ୍ପ ବାଟ ଗଲା ପରେ ସାହସ ବଢିଯାଇଥିଲା। ବାପା ପଛରେ ବସି ମୋତେ ବ୍ରେକ, ଏକ୍ସିଲେଟର, ସ୍ପିଡ କଣ୍ଟ୍ରୋଲ ଆଦି ଉପରେ ଇନ୍ଷ୍ଟ୍ରକଶନ୍ ଦେଉଥାନ୍ତି। ଏମିତିରେ ମୁଁ ୨-୩ କିଲୋମିଟର ବାଇକ୍ ଚଲେଇ ଯାଇଥିଲି। ଏହା ପରେ ମୋ ମନରେ ବାଇକ୍ ଚଲେଇବାର ଭୟ ଦୂର ହୋଇଯାଇଥିଲା ଏବଂ ଏହାସହ ମୋ ଭିତରେ ଆତ୍ମବିଶ୍ୱାସ ଆସିଯାଇଥିଲା।

*– ଅଲକ୍ରିତ୍ ଦେବ୍‌ଚରନ୍, ଏସ୍‌ଡବ୍ଲ୍ୟୁଓ, ଇଣ୍ଡିଆନ୍ ବ୍ୟାଙ୍କ୍, ବୁଗୁଡା*

**ଟ୍ରାଫିକ୍ ପୋଷ୍ଟ ଉପରେ ଗାଡି ଚଢେଇ ଦେଇଥିଲି:** ନୂଆ ନୂଆ କଲେଜ ପଢୁଥାଏ। ସେତେବେଳ ଅନ୍ୟ ଝିଅମାନଙ୍କୁ ସ୍କୁଟି ଚଲେଇବା ଦେଖି ମୋର ମଧ୍ୟ ଇଚ୍ଛା ହେଉଥାଏ। କିନ୍ତୁ ସୁଯୋଗ ମିଳୁ ନ ଥାଏ। ଦିନେ ମୋ ସାନ ମାଉସୀର ଝିଅ ଯାଉଥିଲେ। ତାଙ୍କୁ ଦେଖି ହସିଲା ବେଳକୁ ହଠାତ ଗାଡିର ଏକ୍ସିଲେଟରଟି ଜୋରସେ ମୋଡି ହୋଇଗଲା। ଗାଡିର ଗତି ଏତେଜୋରରେ ବଢିଗଲା ଯେ ମୁଁ କଣ୍ଟ୍ରୋଲ କରିପାରିଲି ନାହିଁ ଏବଂ ଗାଡିଟି ସାମ୍ନାରେ ଥିବା ଟ୍ରାଫିକ୍‌ପୋଷ୍ଟ ଉପରେ ଚଢିଗଲା ଏବଂ ମୁଁ ଗାଡି ସହିତ କଚାଡି ହୋଇ ତଳେ ପଡିଲି। ହାତ ଓ ଗୋଡରେ ମାଡ ବାଜିଥାଏ ତଥାପି ସମସ୍ତଙ୍କ ସାମ୍ନାରେ ପଡିଯାଇଥିବା ହେତୁ ଲାଜ ବି ଲାଗୁଥିଲା। ଏହି ସ୍ମୃତି ଆଜି ବି ମନେ ପଡିଲେ ହସ ଲାଗେ।

*–ଶୁଭଲକ୍ଷ୍ମୀ ମଙ୍ଗରାଜ (ଖୁସି), ମାଟିତୋଟା, ପୁରୀ*

**✲ ଗାଡିରୁ ପଡ଼ି ମାଆଙ୍କଠାରୁ ଗାଳି ଶୁଣିଥିଲି:** ମୋଟରବାଇକ୍ ଚଲେଇବା ପାଇଁ ମୁଁ ପାଗଳ କହିଲେ ଚଳେ। ଆଜି ବି ସାଙ୍ଗମାନଙ୍କ ନୂଆ ବାଇକ୍ ଦେଖିଲେ ତାକୁ ଯେମିତି ବି ହେଉ ନିଶ୍ଚୟ ଚଲେଇଥାଏ। ଏହି ପାଗଳାମୀ ମୋର ପିଲାବେଳୁ ହିଁ ଥିଲା। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ମୁଁ ପ୍ରଥମ ମୋଟରବାଇକ୍ ଚଲେଇବାର ସୁଯୋଗ ପାଇଲି। ଆମ ଘର ପାଖେ ଜଣେ ଭାଇ ରହୁଥିଲେ। ଘରେ କାହାକୁ ନ ଜଣାଇ ତାଙ୍କ ବାଇକ୍ ମାଗି ନେଇ ଚଲେଇବା ଆରମ୍ଭ କଲି। ପ୍ରତିଦିନ କିଛି କିଛି ଚଲାଇବା ଶିଖୁ ଶିଖୁ ମୋ ଭିତରେ ପୂର୍ଣ୍ଣଭାବେ ଗାଡି ଚଲେଇବାର କ୍ଷମତା ଅଛି ବୋଲି ମୁଁ ଭାବି ନେଇଥାଏ। ଏଣେ ସିଟ୍‌ରେ ବସିବା ପରେ ମୋର ତଳକୁ ଗୋଡ ଠିକ୍‌ସେ ପାଉ ନ ଥାଏ। ତଥାପି ଗାଡି ଚଲେଇବାର ନିଶାରେ ମୁଁ ସେଥିପ୍ରତି ଆଦୌ ଦୃଷ୍ଟି ଦେଉ ନ ଥାଏ। ଦିନେ ଦିପହରେ ଘରେ ସମସ୍ତେ ଶୋଇଗଲା ପରେ ମୁଁ ଭାଇଙ୍କ ଗାଡି ନେଇ ବାହାରିଲି ଚଲେଇବା ପାଇଁ।

## ପ୍ରଥମକରି ଟୁ ହ୍ୱିଲର ଚଲାଉଥିଲେ...

✲ ଟୁ ହ୍ୱିଲର ଚଲାଇବା ପୂର୍ବରୁ ଭଲଭାବେ ଟ୍ରେନିଂ ନେବା ଜରୁରୀ।
✲ ଲାଇସେନ୍ସ ନିହାତି ଭାବେ କରିବା ଆବଶ୍ୟକ।
✲ ନିଜର ସୁରକ୍ଷା ସକାଶେ ହେଲ୍‌ମେଟ ପିନ୍ଧିବା ଜରୁରୀ।
✲ ବାଇକ୍ ବା ସ୍କୁଟର ଚଲାଇବା ପୂର୍ବରୁ ଗାଡିର କଣ୍ଡିଶନ୍ ତଥା ପେଟ୍ରୋଲ ମାତ୍ରା ଭଲଭାବେ ଯାଞ୍ଚ କରିନିଅନ୍ତୁ।
✲ ବାଇକ୍ ବା ସ୍କୁଟରର ମିରର୍‌କୁ ଭଲ ଭାବେ ଆଡଜଷ୍ଟ କରିନିଅନ୍ତୁ ଯଦ୍ୱାରା ପଛରୁ ଆସୁଥିବା ଗାଡିକୁ ଆପଣ ସୁବିଧାରେ ଦେଖିପାରିବେ।
✲ ଗାଡି ଚଲାଇଲା ବେଳେ ମୋବାଇଲ ଫୋନ୍ କଲ୍ ବା ମ୍ୟୁଜିକ୍ ଶୁଣିବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ।
✲ ଝିଅମାନେ ଗାଡି ଚଳାଇଲା ବେଳେ ହାଇ ହିଲ୍ସ ନ ପିନ୍ଧିବା ଭଲ।
✲ ଗାଡି ସବୁବେଳେ ସ୍ୱାଭାବିକ ବା ନର୍ମାଲ ସ୍ପିଡ୍‌ରେ ଚଲାନ୍ତୁ।
✲ ଟ୍ରାଫିକ୍ ନିୟମ ବିଷୟରେ ଭଲଭାବେ ଅବଗତ ହେବା ଜରୁରୀ।
✲ ଗାଡିର ଜରୁରୀ କାଗଜପତ୍ର ତଥା ଡ୍ରାଇଭିଙ୍ଗ ଲାଇସେନ୍ସକୁ ନିଜ ସହିତ ନେବା ପାଇଁ ଆଦୌ ଭୁଲନ୍ତୁ ନାହିଁ।



ଅଲକ୍ରିତ୍


ଶୁଭଲକ୍ଷ୍ମୀ


ଅମ୍ଳାନ

ମାମୁନୀ ତା'ର ସ୍କୁଟି ନେଇ ଆସିଥାଏ ଘରକୁ। ଏହି ସୁଯୋଗକୁ ମୁଁ ହାତଛଡା କରିବାକୁ ଚାହୁଁ ନ ଥାଏ। ତେଣୁ ତା ସ୍କୁଟି ନେଇ ବୁଲି ଆସିବା ପାଇଁ ତାକୁ ପ୍ରସ୍ତାବ ଦେଲି। ମୋତେ ଗାଡି ଚଲେଇବା ଆସୁନି ବୋଲି ଜାଣିଲେ ସେ କାଳେ କ'ଣ ଭାବିବ ବୋଲି ତାକୁ ଯା ବିଷୟରେ କିଛି ବି ଜଣେଇଲି ନାହିଁ। ତା'ପରେ ଡର ଲାଗୁଥିବା ସତ୍ତ୍ୱେ ଗାଡି ଚଲେଇବାର ନିଶା ଏତେ ଘାରିଥାଏ ଯେ, ସ୍କୁଟି ନେଇ ଏକା ବାହାରି ଗଲି। ଡରି ଡରି କିଛି ବାଟ ଧୀର ଗତିରେ ଗାଡି ଚଲେଇବା ପରେ ମୋ ଭିତରେ ଆତ୍ମବିଶ୍ୱାସ ବଢିଯାଇଥାଏ। ତେଣୁ ଗାଡିର ଗତିକୁ ଆଉ ଟିକିଏ ବଢାଇବା ପାଇଁ ମୁଁ ଏକ୍ସିଲେଟରଟି ମୋଡିଲି। ଏହି ସମୟରେ ସେହି ବାଟ ଦେଇ ମୋର ଜଣେ ସାଙ୍ଗ ଗାଡି ଚଲେଇ ପାରୁଛି ବୋଲି ମୋ ଭିତରେ ଆତ୍ମବିଶ୍ୱାସ କାହିଁରେ କ'ଣ। ସେହି ଓଭର କନ୍‌ଫିଡେନ୍ସ ସହିତ ମୁଁ ଗାଡିର ଏକ୍ସିଲେଟରଟିକୁ ବି ଜୋରସେ ମୋଡି ଦେଇଥାଏ। ହଠାତ୍ ଗାଡିର ଗତି ଏତେ ବଢିଗଲା ଯେ, ମୁଁ ନିଜକୁ ସମ୍ଭାଳି ନ ପାରି ନିକଟରେ ଥିବା ଶିବ ମନ୍ଦିର ପାଚେରିରେ ନେଇ ଧକ୍କା କରିଦେଲି। ବାଇକ୍‌ର ଗତି ଅଧିକ ଥିବା ହେତୁ ମାଡ ବି ଜୋରରେ ହେଲା। ହାତ ଗୋଡ ଆଞ୍ଚୁଡି ହୋଇ ରକ୍ତ ବାହାରୁ ଥାଏ। ସେହି ଅବସ୍ଥାରେ ଘରକୁ ଆସିଲି ଏବଂ ମାଆଙ୍କଠାରୁ ଅନେକ ଗାଳି ଶୁଣିଲି। ତା'ପରଠାରୁ ମୋର ଗାଡି ଚଲେଇବା ବନ୍ଦ। ଏହି ଘଟଣା ପରେ ମୁଁ +୨ ପରେ ଲାଇସେନ୍ସ କରି ଗାଡି ଚଲେଇବା ଆରମ୍ଭ କଲି।

*– ଅମ୍ଳାନ ପଟ୍ଟନାୟକ, ଦୁର୍ଗାଦେବୀ ସାହି, ଗଞ୍ଜାମ*

***–ଲିପ୍‌ସା ବିଶୋଇ***

## ଏ ସପ୍ତାହର ପ୍ରଶ୍ନ

୧..........ବର୍ଷ ନିଉଟନ ମାଧ୍ୟାକର୍ଷଣ ଶକ୍ତି ଉଦ୍ଭାବନ କରିଥିଲେ ?
୨.........ମାଛ ସମୁଦ୍ରରେ ଅକ୍ଲେଶରେ ମାଇଲ ମାଇଲ ପହଁରି ଯାଇପାରେ ?
୩. ୧୯୧୦ରେ କ୍ୟାପଟେନ ସ୍କଟ ..........ଜାହାଜରେ ଆଣ୍ଟାର୍କଟିକାକୁ ଯାଇଥିଲେ ?
୪.ଜଣେ ବିଶ୍ୱପ୍ରସିଦ୍ଧ କବି ଲେଖାଲେଖି ସହ ଜଡିତ ହେବା ପୂର୍ବରୁ ଷ୍ଟାମ୍ପ ଭେଣ୍ଡର ଭାବରେ କାମ କରୁଥିଲେ। ସେ ............ ?
୫.............. ଦେଶର ପୁରୁଣା ନାଁ 'ଇଣ୍ଡୋ-ଚାଇନା' ଥିଲା ?

## ଗତ ସପ୍ତାହର ଉତ୍ତର

୧ ଦିଲ୍ଲୀର ଲାଲକିଲ୍ଲା
୨ କୃଷ୍ଣା ସୋବିତ
୩ ଦିଲ୍ଲୀ-ବାରାଣସୀ
୪ ତେଲେଙ୍ଗାନା
୫ ଚାଇନା

## ଉତ୍ତରଦାତା


ମୁକେଶ ଚନ୍ଦ୍ର ରଣା, ସେରଗଡ, ଗଞ୍ଜାମ


ସୌଦାମିନୀ ପଟ୍ଟନାୟକ ରାଉରକେଲା

## ଟପ୍ 10

### ପୃଥିବୀର ଲୋକପ୍ରିୟ ଖେଳ

୧. ଫୁଟବଲ.................................୪ ବିଲିୟନ ଫଲୋୟରସ୍
୨. କ୍ରିକେଟ................................୨.୫ ବିଲିୟନ ଫଲୋୟରସ୍
୩. ଫିଲ୍ଡ ହକି..............................୨ବିଲିୟନ ଫଲୋୟରସ୍
୪. ଲନ୍ ଟେନିସ୍...........................୧ବିଲିୟନ ଫଲୋୟରସ୍
୫. ଭଲିବଲ.............................୯୦୦ମିଲିୟନ ଫଲୋୟରସ୍
୬. ଟେବ୍‌ଲ ଟେନିସ୍......................୮୭୫ମିଲିୟନ ଫଲୋୟରସ୍
୭. ବାସ୍କେଟବଲ.........................୮୨୫ମିଲିୟନ ଫଲୋୟରସ୍
୮. ବେସ୍‌ବଲ.............................୫୦୦ମିଲିୟନ ଫଲୋୟରସ୍
୯. ରଗ୍‌ବି.................................୪୭୫ମିଲିୟନ ଫଲୋୟରସ୍
୧୦. ଗଲ୍‌ଫ..............................୪୫୦ମିଲିୟନ ଫଲୋୟରସ୍

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

# ସମର ଫ୍ୟାଶନ୍

**ଖରାଦିନେ ଷ୍ଟାଇଲିସ୍ ଏବଂ କୁଲ୍ ଦେଖାଯିବାକୁ ହେଲେ କିପରି ଫ୍ୟାଶନ୍ ଆପଣାଇବାକୁ ହେବ ସେ ନେଇ ଅଧିକାଂଶ ଯୁବପିଢି ଦ୍ୱନ୍ଦ୍ୱରେ ପଡିଥାନ୍ତି। ଜାଣନ୍ତୁ ସେ ନେଇ କିଛି ଟିପ୍ସ ଯାହାକି ଆପଣଙ୍କୁ କମ୍ଫର୍ଟେବୁଲ୍ ସହ ଫ୍ୟାଶନେବୁଲ୍ ବି ଲାଗିବ...**





❖କଲର କମ୍ବିନେଶନ୍ ପ୍ରତି ଧ୍ୟାନ ରଖନ୍ତୁ। ଗାଢ଼ ହଳଦିଆ, ଲାଲ୍, ରାନି କଲର ବଦଳରେ ହ୍ୱାଇଟ୍, ଲେମନ୍, ଲାଇଟ୍ ପିଙ୍କ୍ ଭଳି କଲରର ଡ୍ରେସ୍ ଆପଣାଇପାରିବେ।
❖ଲଙ୍ଗ୍ ସ୍କର୍ଟ ବି ଆପଣଙ୍କ ପାଇଁ ଭଲ ଅପ୍ସନ୍। ସ୍କର୍ଟ ଫର୍ମାଲ ହେଉ ବା ଡେଲି ଓୟର ଏହାକୁ ମ୍ୟାଚିଂ କରି ଟପ୍‌ସ ବାଛନ୍ତୁ। ଏଥେନିକ୍ ପ୍ରିଣ୍ଟ ସ୍କର୍ଟ, ବାନ୍ଧନୀ ଦୁପଟା ଏବଂ କୋଲ୍ହାପୁରୀ ଚପଲ ବି ଆପଣଙ୍କୁ ଷ୍ଟାଇଲିସ୍ ଲାଗିବ।
❖ ଖରାଦିନେ ବାହାରକୁ ଯିବାବେଳେ ସ୍କାର୍ଫ କିମ୍ବା ଷ୍ଟଲ୍ ନେବାକୁ ଭୁଲନ୍ତୁ ନାହିଁ। ଆଜିକାଲି ମାର୍କେଟରେ ବିଭିନ୍ନ ଭେରାଇଟିର ଷ୍ଟଲ୍ ମିଳୁଛି। ଯାହାକି ଆପଣଙ୍କୁ ଖରାରୁ ରକ୍ଷା କରିବା ସହିତ ସ୍ମାର୍ଟ ଲୁକ୍ ଦେବ।
❖ଫୁଟ୍ ଓୟରରେ ଫ୍ଲିପ୍ ଫ୍ଲାପ୍, ରଙ୍ଗବେରଙ୍ଗର କାନ୍‌ଭାସ୍ ଜୋତା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେବ।
❖ଖରାଦିନେ ସବୁଠାରୁ ଅଧିକ ପ୍ରଭାବ ପଡ଼ିଥାଏ ଆଖି ଉପରେ। ଏଥିପାଇଁ ଖରାରେ ବାହାରକୁ ଯିବାବେଳେ ସନ୍‌ଗ୍ଲାସ ପିନ୍ଧିବା ନିହାତି ଜରୁରୀ। ଏହିଦିନେ ଫଙ୍କି ସେପ୍ ଏବଂ କଲରଫୁଲ୍ ଗ୍ଲାସ୍ ଆପଣାନ୍ତୁ। ଏହି ଛୋଟ ଛୋଟ ଆସେସୋରିଜ୍ ହିଁ ଆପଣଙ୍କୁ ଟ୍ରେଣ୍ଡି ଏବଂ କୁଲ୍ ଲୁକ୍ ଦେବ।




**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**

No.1884-O

**Letter No.7072** **Dtd.28.02.2019**

**"e"-Procurement Notice for road works under PLAN SCHEME Online-11/2018-19 (Road) C.E. Plan Roads**

1. Name of the work : "Construction of Badapalaspal to Banuru Road 0/0 to 8/500 KM including Construction of Bridge at 4.500 Km under OMBADC in the District of Keonjhar".
2. Total No. of works : 1 (One) no
3. Estimated cost : Rs.792.58 Lakh
4. Class of Contractor : Special Class/Super Class as applicable.
5. Period of Completion : 15 (Fifteen) calendar months.
6. Other details :

| Procurement Officer | Bid Identification | No. of Road works | Availability of tender on line for bidding | |
|---|---|---|---|---|
| | | | From | To |
| Chief Engineer, Plane Roads, Odisha, Bhubaneswar | Online-11/2018-19 C.E, Plan Roads | 1 (One) no | 11.03.2019 at 11.00 A.M. | 03.04.2019 up to 3.00 P.M. |

Other details can be seen in the bidding documents, which is available in website **www.tendersorissa.gov.in.**
Any subsequent addendum or corrigendum will be made available in the above website.

**Sd./- Chief Engineer, Plane Roads**
**R.W Odisha, Bhubaneswar**
25123/11/0064/1819

**OFFICE OF THE EXECUTIVE ENGINEER**
**RWSS DIVISION, BHUBANESWAR**
**PLOT NO. 1214 (P), AT : TAPOVAN**
**P.O: KHANDAGIRI, BHUBANESWAR – 30**
**Tel- (0674) 2384108, E-Mail: eerwss_bbsr@nic.in**

No.1881-O

**Govt. of Odisha e-Procurement Notice**
**Bid Identification Notice No.67 of 2018-19**

The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid though e-procurement in double cover system according to norm of e-procurement.

| | | |
|---|---|---|
| 1. | Nature of Work | Supplying all labour , material T&P for laying of rising main and Distribution pipe line of HDPE/GI/DI, construction of pump house, compound wall, RCC ESR, UGR,SV chamber, Stand post with other ancillary works. For water supply schemes under Khordha Division |
| 2. | No. of Tender | 09 Nos. |
| 3. | Tender Paper Cost | Rs.6000.00 TO 10000.00 |
| 4. | Value of Work | From 14.40 Lakhs to 121.82 lakhs |
| 5. | Class of Contractor | A,B D" C" |
| 6. | Date & time of availability of Bid document in portal | 12.03.2019 4.00 P.M. to 23.03.2019 Up to 3.00 P.M. |
| 7. | Date & Time of seeking tender clarification | 12.03.2019 4.00 P.M. to 15.03.2019 Up to 3.00 P.M. during office hour |
| 9. | Date & Time of opening of tender | 25.03.2019 at 11.00 A.M. in the O/O E.E., RWSS Divn., Bhubaneswar |
| 10. | Time of Completion | 60 days TO 180 days |
| 11. | The bidders have to participate in online bidding only. Further details can be seen from the web site : **https://www.tendersorissa.gov.in.** Corrigendum if any shall only be published above web site | |
| 12. | The Bid cost and EMD to be deposited through online | |

**EXECUTIVE ENGINEER**
**RWS&S DIVISION, BHUBANESWAR**
25011/11/0043/1819

**Government of Odisha**
**Office of the Superintending Engineer**
**Northern Circle,Rural Works,Angul**
**E-Mail - sencrwangul@yahoo.co.in, Tele Phone: 06764 - 236404**
**e-Procurement Notice for PMGSY-II, Batch-I works in Odisha**
**Bid Identification No. PMGSY Online AGL- 15/2018-19**

No.1875-O

**No.421** **Dt.26.02.2019**

1. Name of the work : Road & Bridge works
2. Total No.of work : 20 Nos.
3. Estimated cost : Rs.96.00 to Rs.608.40 Lakhs.
4. Class of Contractor : 'B' to Super Class
5. Period of completion. : As per Annexure
6. Other details.

| Procurement Officer | Bid identification No. | Availability of tender on line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Northern Circle, Angul | PMGSY Online AGL-15/2018-19 | 06.03.2019 at 11.00 A.M. | 25.03.2019 up to 5.00 P.M. | 20.03.2019 up to 2.00 P.M. | 26.03.2019 at 11.00 A.M. | 03.04.2019 at 11.00 AM. |

(1) For detailed Notice inviting Tenders,Please visit to the website **www.pmgsytenders.gov.in**
25049/11/0019/1819 **Sd./- Superintending Engineer, N.C, Rural Works, Angul**

**Government of Odisha**
**Office of the Superintending Engineer**
**Northern Circle,Rural Works,Angul**
**E-Mail - sencrwangul@yahoo.co.in, Tele Phone: 06764 - 236404**
**e-Procurement Notice for Bridge work in Odisha**
**Bid Identification No. Bridge Online AGL- 16/2018-19**

No.1876-O

**No.429** **Dt. 26.02.2019**

1. Name of the work : Bridge work
2. Total No.of work : 1 No.
3. Estimated cost : Rs.245.00 Lakhs
4. Class of Contractor : 'B' & 'A' Class
5 Period of completion. : 12 (Twelve) Calendar Months
6. Other details.

| Procurement Officer | Bid identification No. | Availability of tender on line for bidding | | Last Date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works, Angul | Bridge Online AGL-16/2018-19 | 06.03.2019 at 11.00 A.M. | 25.03.2019 up to 5.00 P.M. | 20.03.2019 up to 2.00 P.M. | 26.03.2019 at 11.00 A.M. | 03.04.2019 at 11.00 AM. |

(1) For detailed Notice inviting Tenders,Please visit to the website **www.tendersorissa.gov.in**
25049/11/0021/1819 **Sd./- Superintending Engineer, N.C, Rural Works, Angul.**

## OFFICE OF THE KORAPUT MUNICIPALITY, KORAPUT

**NO. 901 / MUN-2019** **Date: 28.02.19**

**"e" PROCUREMENT NOTICE**

**Bid Identification No.: KPTMUN-064/2019**

**No.527-C:-** Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of works | : | 3 Nos. |
| 3. | Estimated Cost | : | Rs. 3.00 Lakhs to 67.00 Lakhs. |
| 4. | Period of Comletion | : | 30 days to 60 days. |
| 5. | Date & time of Bidding | : | From 11.00 AM of 02.03.2019 to 5.00 PM of 23.03.2019. |
| 6. | Last date & time for receipt of Bids in portal | : | 23.03.2019 at 5.00 PM. |
| 7. | Bids received online shall be opened on | : | 03.00 PM hours of 27.03.2019. |
| 8. | Name and address of the Officer inviting Bid | : | Executive Officer, Koraput Municipality. |
| | Further details can be seen from the procurement portal | : | www.tenderorissa.gov..in |

**Sd./- Executive Officer**
**Koraput Municipality**

**13074/11/0028/1819**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER NORTHERN (R&B) CIRCLE, SAMBALPUR

**No.1353-B:-** **e - Procurement**

**BID IDENTIFICATION No SENC(R&B) /20/ 2018-19**
**No. 399 Dtd. 02.03.2019**

| | | | |
|---|---|---|---|
| 1. | The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors. | | |
| 2. | No of Road works | : | 16 (Sixteen). |
| 3. | Tender Cost | : | Rs. 10,000/- |
| 4. | Class of contractor | : | "Special" Class, "A" Class and "B" Class. |
| 5. | Date & Time of available in website & receipt of Bids | : | From 16.04.2019 to 17.00 Hours of 01.05.2019. |
| 6. | Date of opening of Technical Bid | : | 02.05.2019 at 11.00 Hours. |
| 7. | The Bidders have to participate in ONLINE bidding only. Further details can be seen from the website www. tendersodisha.gov.in. | | |
| 8. | Any corrigendum / Addendum will be displayed in the website www.tendersodisha.gov.in. | | |

**Sd./- (S.K.Sahoo)**
**Superintending Engineer**
**Northern (R&B) Circle, Sambalpur**

**34035/11/0025/1819**

## GOVERNMENT OF ODISHA
## HOUSING & URBAN DEVELOPMENT DEPARTMENT
## OFFICE OF THE MUNICIPAL COUNCIL, PARADEEP

**No................** **Dt..................**

**e-Procurement Notice**

**Paradeep Municipality, Paradeep**

| | | |
|---|---|---|
| Tender Call Notice No. | : | No.G87/ dt.18.02.2019 |
| Bid Identificaation No. | : | EO/PDPM/08(91)/18-19 |
| Tender ID | : | 2019_ORULB_54256 |
| Nature of works | : | Civil works (4th SFC, 14th FC & Municipal Fund) |
| Number of works | : | 91 (Ninty one) Nos. |
| Tender value | : | 1.13 Lakhs-18.22 Lakhs |
| Available period | : | Dt.03.03.2019 from 17.00 hours to dt.13.03.2019 by 17.00 hours |
| Tender Opening Date | : | 16.03.2019 at 11.00 hours |

Bidders are requested read the NIT & DTCN and Particepate with their Class-II DSC before closing date **www.tendersodisha.gov.in**

***Sd./- Executive Office,***
***Paradeep Municipality***

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS CIRCLE, BOLANGIR

**At: Bolangir, P.O.- Bolangir, Near Treasury Office, Bolangir, Dist.- Bolangir, PIN - 767001**
**E-mail: serwblgr@gmail.com, Tel.: 06652-231981**

**e-Procurement Notice**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING**

**Bid Identification No.: PMGSY Online-BLGR-20/2018-19**

No.: 1886-O: **The Superintending Engineer, R.W. Circle, Bolangir on behalf of Odisha State Rural Road Agency invites the Percentage Rate Bids** in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Bolangir & Subarnapur for 3 (three)** number of packages with estiamted cost totaling to **Rs.26.17 Cr.** including their maintenance for five years from the eligible contractors registered with **State PWD/CPWD/MES/Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for Bids through e-procurement dtd.01.03.2019.

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original Affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with office of the **E.I.C. R.W. (O)/ Chief Engineer (PMGSY), R.W. (O), Bhubaneswar/S.E., R.W. Circle, Bolangir/concerned Executive Engineer, R.W. Division,** on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

**Last Date/Time for receipt of bids through e-procurement: 20.03.2019 upto 5.00 P.M.**

For further details pelase log on to **www.pmgsytenders.gov.in**.

**Sd./- Superintending Engineer**
**R.W. Circle, Bolangir**

**25111/11/0028/1819**

## ODISHA HYDRO POWER CORPORATION LTD.,

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No.: CAD-1536

**No. HHEP/Tech-W-199/VII/1028(WE)** **Date :27.02.2019**

**NOTICE INVITING TENDER NO HHEP-06/2019**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following materials/ providing services as mentioned below

| Sl. No | Name of work | Cost of tender (Non-Refundable) | EMD in Rs. |
|---|---|---|---|
| 1 | i) Procurement of 03 Nos. Split Inverter type Air Conditioner for Erectors' Hostel Suite No. 4, 5 & 6 of HHEP, Burla, 3 star, Capacity-1.5 Ton<br>ii) Procurement of 03 Nos. Split Inverter type Air Conditioner for Training Centre of HHEP, Burla, 3 star, Capacity- 2 Ton | Rs. 2360/- (Rs. 2000/- + GST 18%) | 3100/- |

- Sale of tender paper : **12.03.2019 to 25.03.2019 upto 05.00 PM**
- Last date and time of receipt of tender : **26.03.2019 upto 01.00 PM**
- Date & time of opening of tender: **26.03.2019 at 04.00 PM**

For details and further correspondence / corrigendum, please visit our website www.ohpcltd.com

**Sd/-**
**Unit Head, HHEP, Burla**

**04007/11/0036/1819**

## ODISHA HYDRO POWER CORPORATION LTD.,

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No.: CAD-1538

**No. HHEP/Tech-WK-113/Vol-II/ 1115** **Date :01.03.2019**

**TENDER CALL NOTICE NO. HHEP-11/2019**

Sealed tenders are invited in two part i.e. (i) Techno Commercial bid and & (ii) Price bid from the manufacturer / firm / agency/ reputed company having company registration certificate, HT License for supervision of works, Labour License, valid IT PAN, GST Regd. Certificate and past experience for carrying out such type of work and fulfilling the eligibility criteria as per the tender specification for the work as mentioned below

| Sl. No. | Name of work | Cost of tender paper (Non-Refundable) | EMD in Rs. |
|---|---|---|---|
| 1 | Repairing of one no. of 500 KVA, 11/0.4 KV Delta-Star Transformer of M/s Mutual Inductors make (Sl. No. 66) of Burla Power House | Rs. 2360/- (Rs. 2000/- + GST 18%) | 2600/- |

- Sale of tender paper : **11.03.2019 to 26.03.2019 upto 05.00 PM**
- Receipt of tender paper: **27.03.2019 upto 01.00 PM**
- Date & time of opening of tender: **27.03.2019 at 04.30 PM**

For details and further correspondence / corrigendum, please visit our website www.ohpcltd.com

**Sd/-**
**Unit Head, HHEP, Burla**

**04007/11/0038/1819**

## DISTRICT PROJECT OFFICE
## SARVA SHIKSHA ABHIYAN (R.T.E.-S.S.A.)
## SHIKSHA SADAN, KORAPUT - 764020

**Ph.: (06852) 252421 (Off), 252857 (MIS)**
**E-mail: dpckoraputssa.opepa@nic.in, financekoraput@gmail.com**
**Letter No.: 415/CW/19** **III-CW-236/18** **Date: 01.03.2019**

**NOTICE**

No.: 83-n: In continuation to this office Letter No. 312/CW/19, Dtd. 02.02.2019 the Opening Date of Tender Documents notified in Letter No. 173/CW/2019, Dtd.22.01.2019 is scheduled to be held on 07.03.2019 at 11.00 A.M. in the Office Chamber of District Project Coordinator, RTE-SSA, Koraput.

**Sd./- District Project Coordinator**
**RTE-SSA, Koraput**

**27035/11/0027/1819**

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**CORRIGENDUM TO RFP NO. 32/OMC/PROJ/19 DATED 01.03.2019**

In partial modificaiton to above RFP, interested bidders may kindly note that the bid document can be downloaded from the portal of OMC (**www.omcltd.in**) from 02.03.2019 & from the website of MSTC (**www.mstcecommerce.com/eprochome/omc**) from 07.03.2019. For more detail please visit **www.omcltd.in**

**Sd/-**
**General Manager (Projects)**
**Mob : 9937178848**

## ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ

**ବେଆଇନ୍ ଗୃହ ନିର୍ମାଣର ନିୟମିତୀକରଣ ନିମିତ୍ତ**

**ଅଧିସୂଚନା**

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହୋଇଥିବା ବିଜ୍ଞପ୍ତି ନଂ SRO No.478/18 ତା ୧୯।୧୨।୨୦୧୮ରିଖ ଅନୁଯାୟୀ, ବେଆଇନ୍ ଗୃହ ନିର୍ମାଣଗୁଡ଼ିକୁ ରଫାଯୋଗ୍ୟ (Compounding) ଦେୟ ଆଦାୟ କରି ନିୟମିତୀକରଣ କରିବା ଅବଧି ଉପରୋକ୍ତ ବିଜ୍ଞପ୍ତି ପ୍ରକାଶିତ ହେବାଠାରୁ ପୁନର୍ବାର ୬(ଛଅ ମାସ) ଅର୍ଥାତ୍ ଆସନ୍ତା ୧୮।୦୬।୨୦୧୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଆଗ୍ରହୀ ଦରଖାସ୍ତକାରୀ, ପୂର୍ବ ପ୍ରକାଶିତ ବିଜ୍ଞପ୍ତିର ନିୟମ ପ୍ରକାରେ ପି.କେ.ଡି.ଏ. କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟ ଦିବସରେ ଦାଖଲ କରିପାରିବେ।

ପୂର୍ବ ଅଧିସୂଚନା ସମ୍ପର୍କୀତ ସବିଶେଷ ବିବରଣୀ ଜାଣିବା ପାଇଁ ପି.କେ.ଡି.ଏ. କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ କିମ୍ବା ପୁରୀ ଜିଲ୍ଲା ୱେବ୍ ପୋର୍ଟାଲ ଓ ପି.କେ.ଡି.ଏ ୱେବ୍‌ସାଇଟ୍ **www.pkdapuri.in** ରେ ଏହାକୁ ଡାଉନ୍‌ଲୋଡ଼ କରିପାରିବେ।

**ସଚୀବ**
**ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ**

**ଉପାଧ୍ୟକ୍ଷ**
**ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ**

## OFFICE OF THE EXECUTIVE ENGINEER KALAHANDI M.I. DIVISION, BHAWANIPATNA

**AT/PO: BHAWANIPATNA, DIST: KALAHANDI (ODISHA)**
**No…454…../** **DATE……28.02.2019……**

**QUOTATION CALL NOTICE No…10…/2018-19**

**No.1370-A:-** Sealed quotations are invited by the Executive Engineer, Kalahandi MI Division, Bhawanipatna from interested reputed Travel agencies/ Tour operators or Private individuals for providing 1(One) number of Diesel Driven vehicle Make Mahindra SCORPIO VLX/ BOLERO SLX/ZLX having sitting capacity not more than seven including Driver which shall confirm to the Terms and conditions (Annexure-II) for the Official use in the Office of the Superintending Engineer, K.B.K M.I Circle-I, Bhawanipatna on monthly rent basis for the period from 01.04.2019 to 31.03.2020.

All other terms and condition will be available in the office of the Executive Engineer, Kalahandi M I Division, Bhawanipatna/ Deputy Executive Engineer, M I Sub Division, Bhawanipatna during office hours from 11.03.2019 to 18.03.19. The sealed quotation are received up to 11.00 AM of 19.03.2019 and the same will be opened on 12.00 PM on 19.03.2019.

**Sd./-AKPatel**
**Executive Engineer**
**K M.I Divn., Bh.patna**

**32035/11/0005/1819**

## Office Of The Executive Engineer, P. H. Division II, Cuttack, Nayabazar, Cuttack-753004.

**Ph. # 0671-2441063, Fax # 0671-2441063,**
**E-mail: eephiictc@ nic.in** No.535-C

**CORRIGENDUM TO TENDER CALL NOTICE EEPH-II, CTC-91 (6) of 2018-19**

1 Change of Detailed Tender Call Notice (DTCN).

3 Date & time of availability of bid document in the portal may be read as 5.00 PM of 11.03.2019 instead of 5.00 PM of 06.03.2019.

4 Date & time of opening of bids may be read as 11.00 AM of 12.03.2019 instead of 11.00 AM of 07.03.2019.

Further details can be seen from e-procurement portal **https:// www.tendersodisha.gov.in**

**Executive Engineer,**
**PH Division-II, Cuttack**

13012/11/0038/1819

## ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଉରକେଲା

**ବିଜ୍ଞାପନ ସଂଖ୍ୟା: ୧୬୩୮** **ତା ୨୧।୦୨।୧୯**

**ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ମୋଟର ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ, ୨୭ ଗୋଟି ଯାନର ଆସନ୍ତା ତା ୧୩।୦୩।୨୦୧୯ ରିଖ ଅପରାହ୍ନ ୪.୩୦ (PM) ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀ, ରାଉରକେଲା କାର୍ଯ୍ୟାଳୟରେ ଯାନଗୁଡ଼ିକ ନିଲାମ କରାଯିବ।

ଏଣୁ ସମସ୍ତ ଜନସାଧାରଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ସୂଚନା ଦିଆଯାଉଅଛି କି ନିଲାମ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଲିଖିତ ୱେବ୍‌ସାଇଟ୍ (website) ମାଧ୍ୟମରେ ଅବଗତ ହୋଇପାରିବେ।

1. www.odishatrasport.gov.in.
2. www.odishatransport.nic.in

ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି କି, websiteରେ ଦର୍ଶାଯାଇଥିବା ଫର୍ମ ପୂରଣ କରି ତାହା ସହିତ ଟ. ୫୦୦୦/-ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ରର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (Regional Transport Officer, Rourkela, payable at Uditnagar, Rourkela-12) ସଂଲଗ୍ନ କରି ତା ୧୨।୦୩।୨୦୧୯ରିଖ ଦିନ ଦିବା ୧୦ (AM) ଘଟିକା ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନ ପାଇଁ ପୃଥକ୍ ଭାବେ ଦାଖଲ କରିବାକୁ ହେବ।

କୌଣସି କାରଣ ନ ଦର୍ଶାଇ କୌଣସି ଯାନ/ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାକୁ ରଦ୍ଦ କରିବା, ନିଲାମ ଅଧିକାରୀ ସମ୍ପୂର୍ଣ୍ଣ କ୍ଷମତାସମ୍ପନ୍ନ ଅଟନ୍ତି।

**ସ୍ୱା./- ଟିକସ ଅସୁଲ ଅଧିକାରୀ**
**ଏବଂ ଆଞ୍ଚଳିକ ପରିବହନ ଅଧିକାରୀ, ରାଉରକେଲା**

## GOVERNMENT OF ODISHA
## "e"-PROCUREMENT NOTICE
## WORKS DEPARTMENT

No.1360-B **E-mail: ceroads.bbsr@gmail.com**

**RFP Identification No. CE-DPI & R- 12 /2018-19**

| | | | |
|---|---|---|---|
| 1. | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below: | | |
| 2. | Nature of work | : | Construction Supervision |
| 3. | No. of work | : | 01 No. |
| 4. | Tender Paper cost | : | NIL |
| 5. | Class of Contractor | : | Super Class |
| 6. | Available of bid document in the website | : | from 10.00 A.M of March 11,2019 to 5:00 PM of April 02, 2019 |
| 7. | Date of opening of Bid | : | 11.30 AM on April 06, 2019 |
| 8. | The Bidders have to participate in ONLINE bidding only. Further details can be seen from the website: **https:// tenderodisha.gov.in**. Any addendum / corrigendum cancellation of tender can also be seen in the said website. | | |

**Sd /-O.P.Patel Chief Engineer,**
**(DPI & Roads), Odisha**

34117/11/0229/1819

No.1359-B

## GOVERNMENT OF ODISHA
## "e"-PROCUREMENT NOTICE

**OFFICE OF THE SUPERINTENDING ENGINEER,**
**KHORDHA (R&B) CIRCLE, KHORDHA**
**E-mail: rbcirclekhurda@gmail.com**

## WORKS DEPARTMENT
## SHORT TENDER CALL NOTICE

Bid Identification No. SE-Khordha (R&B) Circle-20/2018-19
Memo No - Dt. .

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building & Road works as detailed in the table below:

| | | | |
|---|---|---|---|
| 1. | Nature of Work | : | Building & Road Works |
| 2. | No of Work | : | 6 Nos |
| 3. | Tender Cost | : | Rs.10000.00 (On-Line) |
| 4. | Class of Contractor | : | 'B ' Class & 'A ' Class |
| 5. | Available of Bid document in the Website | : | From Dt. 14.03.2019, 10.00 AM to Dt. 29.03.2019 05.00 PM |
| 6. | Date of opening of Bid | : | Dt. 30.03.2019 at 11.30 AM |
| 7. | The Bidders have to participate in ONLINE bidding only. Further details can be seen from the Website: https:// tenderodisha.gov.in . Any Addendum / Corrigendum / Cancellation of tender can also be seen in the said website. | | |

**Superintending Engineer,**
**Khordha (R&B) Circle, Khordha**

34127/11/0022/1819

## ODISHA HYDRO POWER CORPORATION LIMITED.

OHPC

**BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN; 764 051**
**PHONES : 06861-232581 (O)/ 232641 (R), FAX : 06861- 231541**
**Email : <unit.head_balimela@yahoo.com**

**No. BHEP:CW-101(B)/1300** **Date : 02.03.2019**

No. CAD-1541

**1ST CORRIGENDUM TO TENDER CALL NOTICE NO. 40/2018-19 (GROUP-B) DTD. 14.02.2019 OF BHEP, BALIMELA**

**NAME OF WORK : REPAIR OF CABLE TRENCH WITH REPLACEMENT OF DAMAGED RCC SLABS WITH NEW RCC SLABS FROM AB-7 TO VALVE HOUSE, BHEP, BALIMELA.**

1. The last date and time of submission of bids of the above tender call notice is extended upto 12.00 Noon of Dtd. 14.03.2019.
3. The date and time of opening of the above tender is at 12.30 P.M. of Dtd. 14.03.2019. All other terms and conditions of the above Tender Notice remain unchanged.

For further detail please visit the website https://tendersodisha.gov.in

**SD./- SENIOR GENERAL MANAGER (EI),**
**BALIMELA HYDRO ELECTRIC PROJECT, BALIMELA**

04019/11/0121/1819

## ODISHA HYDRO POWER CORPORATION LIMITED.

OHPC

**BALIMELA HYDRO ELECTRIC PROJECT, POST : BALIMELA, DIST : MALKANGIRI (ODISHA), PIN; 764 051**
**PHONES : 06861-232581 (O)/ 232641 (R), FAX : 06861- 231541**
**Email : <unit.head_balimela@yahoo.com/**

**NOTICE INVITING TENDER NO : BHEP/46/2018-19 DTD. 01.03.2019**

No. CAD-1530: Invites percentage rate bids in double cover system for below mentioned work through e-tender as detailed below. The bids shall be submitted online only at https://tendersodisha.gov.in by eligible "C' or "D" class of contractors registered with the State government and contractors of equivalent grade / class registered with central Government / Railways having valid registration number for execution of the following works. The bidders shall have necessary Portal Enrolment with his / her own digital signature certificate.

| Group | Name of Work | Estimated Cost in Rs. | EMD in Rs. | Cost of bid documents in Rs. | Period of completion |
|---|---|---|---|---|---|
| A | Supply and replacement of old GCI sheet by new metal roofing sheet of General store, BHEP | 7,89,965/- | 7,900/- | 4000/- + GST@ 18%= 4720/- | 90 days |
| B | Supply and laying of new metal roofing sheet with replacement of old Asbestoes sheet of SGM office building including provision of interior ceiling, BHEP. | 20,26,643/- | 20,300/- | 6000/- +GST @18%= 7080/- | 90 days |

Date & Time of availability of bid document in the portal : **From 11.00 Hrs of 04.03.2019 to 18.03.2019** (upto 16.00 Hrs)
The date & Time of opening of the bid : **12.30 Hrs onwards of 20.03.2019** (only Technical bid)
Further details can be seen from the e-procurement portal : https://tendersodisha.gov.in

04019/11/0120/1819 **Sd./- Senior General Manager (EI), BHEP, Balimela**

## OFFICE OF THE SARAPANCH, CHINDAGUDA GRAM PANCHAYAT, CHINDAGUDA

**AT/PO - CHINDAGUDA, P.S.-KHARIAR, DIST-NUAPADA, PIN-766107**

**No.25 / 2018-19** **Date: 01.03.2019**

**QUOTATION CALL NOTICE**

Sealed quotations are invited from the Registered Tractor owner / Contractor for the supply of safe drinking water to the water scarcity villages / hamlets of Chindaguda G.P. from 01.04.2019 to 15.06.2019 as per the following conditions.

1. No. of Tractor Run Water Tanker required : 02 nos
2. The capacity of the Water Tanker should not be less than 5000 Ltrs.
3. Rate is to be quoted on trip basis and One Tractor Run Water tanker has to supply a minimum of 04 trips every day.
4. The quotationer has to fill the water in the Tanker at his own cost.
5. The quotation must be submitted along with the attested Xerox copy of the RC of the Tractor / Contractor.
6. Payment will be made monthly on successful completion of the service.
7. The sealed quotation is to be submitted in the office of the Sarapanch, Chindaguda G.P. in office hours physically. The quotation sent through Fax/Mail will not be accepted.
8. The last date of receipt of quotation is 05.03.2019 up toPM. and the same will be opened at 3.00 PM. on same date in the presence of the quotationer or their authorized agents.
9. The quotations submitted after due date and time will not be considered.
10. The authority reserves the right to reject/accept any or all quotations without assigning any reason thereof.

**Sd./- Sarapanch, Chindaguda G.P.**

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁମାନଙ୍କୁ ଢେଙ୍କାନାଳ ଜିଲ୍ଲାର ଆଦୃତା ଶିଶୁ ଗୃହ, ଜୁବ୍ଲି ଟାଉନ୍ ଓ କାଠଗଡ଼ାସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (Specialized Adoption Agency) ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁମାନଙ୍କର ଯଦି କେହି ପିତା ମାତା କିମ୍ବା ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଏଲ୍.ଆଇ.ସି. ଲାଇନ୍, ଗଣେଶ ବଜାର, ଢେଙ୍କାନାଳ - ୭୫୯୦୦୧, ଫୋନ୍ - ୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡ଼ପଣ୍ଡା ସାହି, ଦୁର୍ଗା ବଜାର, ଢେଙ୍କାନାଳ, ଫୋନ୍ - ୦୬୭୬୨-୨୨୫୦୦୨କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତପଦକ୍ଷେପ ଗ୍ରହଣ କରାଯିବ।

**ନିମ୍ନରେ ଶିଶୁମାନଙ୍କର ବିବରଣୀ ପ୍ରଦାନ କରାଗଲା:**

| କ୍ର.ନଂ. | ଶିଶୁର ନାମ | ପୁଅ/ ଝିଅ | ବୟସ/ ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | କେଉଁ ସ୍ଥାନରେ ଉପସ୍ଥିତ | ଫଟୋ |
|---|---|---|---|---|---|---|---|
| ୧ | **ଅଭିନନ୍ଦନ** | ପୁଅ | ୧୨ ଦିନ | ୦୧।୦୩।୨୦୧୯ | ଏନ୍.ଏଚ୍-୫୫, ରାସ୍ତାକଡ଼, କୋରିଆଁ, ଜୁଆଙ୍ଗ ସାହି, ଜିଲ୍ଲା: ଢେଙ୍କାନାଳ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର |  |
| ୨ | **ସିପୁନ୍ ଦେହୁରୀ** | ପୁଅ | ୬ ବର୍ଷ | ୦୮।୦୧।୨୦୧୭ | ସବ୍‌ଡିଭିଜନାଲ୍ ହସ୍ପିଟାଲ, କାମାକ୍ଷାନଗର, ଢେଙ୍କାନାଳ | ଆଦୃତା ଶିଶୁ ଗୃହ |  |
| ୩ | **ଜଗା ଦେହୁରୀ** | ପୁଅ | ୧୦ ବର୍ଷ | ୦୮।୦୧।୨୦୧୭ | ସବ୍‌ଡିଭିଜନାଲ୍ ହସ୍ପିଟାଲ, କାମାକ୍ଷାନଗର, ଢେଙ୍କାନାଳ | ଆଦୃତା ଶିଶୁ ଗୃହ |  |

**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଢେଙ୍କାନାଳ**



“ଆର୍‌ସିଇପି ସଦସ୍ୟମାନେ ସମସ୍ୟା ସମାଧାନ ଲାଗି ନରମ ମନୋଭାବ ପୋଷଣ କରନ୍ତୁ

–ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



“୨୦୨୫ ସୁଦ୍ଧା ଭାରତକୁ ସଫ୍ଟୱେର ପ୍ରଡକ୍ଟର ଏକ ବୃହତ୍ ସେଣ୍ଟରଭାବେ ଗଢି ତୋଳିବାକୁ ସରକାର ନୂଆ ନୀତି ଆଣିଛନ୍ତି।

– ରବିଶଙ୍କର ପ୍ରସାଦ,କେନ୍ଦ୍ର ଆଇଟି ମନ୍ତ୍ରୀ

## ସଂକ୍ଷେପରେ

### ବିଲିୟନେୟାର କ୍ଲବ୍‌ରେ ସାମିଲ ହେଲେ ଏନ୍‌ଆର୍‌ଆଇ ଜୟ ଚୌଧୁରୀ



ନୂଆଦିଲ୍ଲୀ,୨-୩: ସାଇବର ସିକ୍ୟୁରିଟି କମ୍ପାନୀ ଜିସ୍କେଲରର ପ୍ରତିଷ୍ଠାତା ତଥା ଏନ୍‌ଆର୍‌ଆଇ(ପ୍ରବାସୀ ଭାରତୀୟ) ଜୟ ଚୌଧୁରୀ(୬୦) ବିଶ୍ୱର ବିଲିୟନେୟାରଙ୍କ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଅନ୍ୟ ୬ ଜଣ ମଧ୍ୟ ବିଲିୟନେୟାର କ୍ଲବ୍‌ରେ ଯୋଡି ହୋଇଛନ୍ତି। ସେମାନଙ୍କ ମୋଟ ସମ୍ପତ୍ତି ପରିମାଣ ୯.୫ ବିଲିୟନ ଡଲାର(୬୭,୪୫୦ କୋଟି ଟଙ୍କା) ବୋଲି ଜଣାପଡିଛି। ଉଲ୍ଲେଖ କରାଯାଇପାରେ ଯେ, ଜୟ ବହୁ ବର୍ଷ ପୂର୍ବରୁ ସିଲିକନ ଭ୍ୟାଲିରେ ସୁପର ରିଚ୍ ଭାବେ ସାମିଲ ହୋଇଥିଲେ। ତାଙ୍କ କମ୍ପାନୀ ଜିସ୍କେଲରର ବଜାର ପୁଞ୍ଜି ଏବେ ପ୍ରାୟ ୩ ବିଲିୟନ ଡଲାର(୨୧,୩୦୦ କୋଟି ଟଙ୍କା) ହେବ। ଅର୍ଥ ରୋଜଗାର କରିବା ଅପେକ୍ଷା ଇଣ୍ଟରନେଟ ଓ କ୍ଲାଉଡ ବିଜନେସକୁ ଅଧିକ ସୁରକ୍ଷିତ ରଖିବାର ଅଦ୍ୟମ ଇଚ୍ଛା ତାଙ୍କର ରହିଛି ବୋଲି ଗତ ମାସରେ ଏକ ସାକ୍ଷାତ୍‌କାରରେ ଜୟ କହିଥିଲେ। ଗତ ବର୍ଷ ମାର୍ଚ୍ଚରେ ଆମେରିକା ଷ୍ଟକ୍ ଏକ୍ସଚେଞ୍ଜରେ ଜିସ୍କେଲର ତାଲିକାଭୁକ୍ତ ହୋଇଥିଲା। ପ୍ରଥମ ଦିନ ହିଁ ଏହାର ଶେୟାର ମୂଲ୍ୟ ୧୦୬% ବୃଦ୍ଧି ପାଇଥିଲା। ସେହିଦିନର ବନ୍ଦ ହେବା ବେଳର ଶେୟାର ମୂଲ୍ୟଠାରୁ ଅଦ୍ୟାବଧି ଏହା ୫୦% ପ୍ରତିଶତ ଲାଭ ଦେଇସାରିଲାଣି।

■ଇଡି ଜାଲରେ ଛନ୍ଦି ହେଉଛନ୍ତି ଚନ୍ଦା

# ପ୍ରଥମେ ଚଢ଼ାଉ, ଏବେ ଜେରା

ନୂଆଦିଲ୍ଲୀ,୨-୩



■ଜେରାର ସମ୍ମୁଖୀନ ହେଲେ ଚନ୍ଦା, ଦୀପକ କୋଚର, ଧୂତ୍

■ଶୁକ୍ରବାର ବାସଭବନରେ ଚଢ଼ାଉ ହୋଇଥିଲା

■ମନିଲଣ୍ଡରିଂ ଆଇନ ଅଧୀନରେ ପୂର୍ବରୁ ମାମଲା ରୁଜୁ ହୋଇଥିଲା

ଭିଡିଓକନ ଗ୍ରୁପ୍‌କୁ ଋଣ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚର ଏବେ ଫସିଯାଇଛନ୍ତି। ଏଥିରୁ ବାହାରିବାର ବାଟ ପ୍ରାୟ ବନ୍ଦ ହେବାକୁ ଯାଉଛି। କାରଣ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବେ ଚନ୍ଦାଙ୍କୁ ଛାଡ଼ିବା ମୁଡ୍‌ରେ ନ ଥିବା ମନେହେଉଛି। ଶୁକ୍ରବାର ତାଙ୍କ ବାସଭବନରେ ଚଢ଼ାଉ କରିବା ପରେ ଶନିବାର ଇଡି ତାଙ୍କୁ ଜେରା କରିଛି। କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିର କାର୍ଯ୍ୟାନୁଷ୍ଠାନରୁ ଯାହା ଜଣାପଡୁଛି ଚନ୍ଦା ଗିରଫ ହେବା ସମ୍ଭାବନା ରହିଛି।

ପ୍ରାପ୍ତ ସୂଚନାନୁଯାୟୀ, ଜେରାର ସମ୍ମୁଖୀନ ହେବା ଲାଗି ଇଡି ପକ୍ଷରୁ ଚନ୍ଦା, ତାଙ୍କ ସ୍ୱାମୀ ଦୀପକ କୋଚର ଓ ଭିଡିଓକନ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍‌ଙ୍କୁ ଶନିବାର ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ୩ ଜଣ ହାଇପ୍ରୋଫାଇଲ ବ୍ୟକ୍ତି ଇଡିର ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ପହଞ୍ଚି ଜେରାର ସମ୍ମୁଖୀନ ହୋଇଥିଲେ। ପ୍ରଥମେ ସ୍ୱାମୀ ଦୀପକଙ୍କ ସହ ଚନ୍ଦା ମଧ୍ୟାହ୍ନରେ ହାଜର ହୋଇଥିଲେ। ଏହା ପରେ ଦ୍ୱିପ୍ରହର ପ୍ରାୟ ୨ଟାରେ ଧୂତ୍ ଇଡି ଅଫିସରେ ପହଞ୍ଚିଥିଲେ। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ଚନ୍ଦାଙ୍କ ବାସଭବନ, ଦୀପକଙ୍କ କାର୍ଯ୍ୟାଳୟ ଓ ବେଣୁଗୋପାଳଙ୍କ ବାସଭବନରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା ବୋଲି ଇଡି ପକ୍ଷରୁ କୁହାଯାଇଛି। ସେମାନଙ୍କ ବିରୋଧରେ ମନିଲଣ୍ଡରିଂ ଆଇନ ଅଧୀନରେ ମାମଲା ଦାଏର ହୋଇଛି। ଉଲ୍ଲେଖ କରାଯାଇପାରେ ଯେ, ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୨୦୧୨ରେ ଦିଆଯାଇଥିବା ୧୮୭୫ କୋଟି ଟଙ୍କାର ଋଣ ଏବଂ ଭିଡିଓକନ ଗ୍ରୁପ୍ ସହ ଦୀପକ କୋଚରଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବଲ୍ସର ନେଣଦେଣ ମାମଲାରେ ଇଡି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଧୂତ୍ ବ୍ୟାଙ୍କ ଋଣ ବଦଳରେ ଦୀପକଙ୍କ କମ୍ପାନୀରେ ନିବେଶ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହା ବ୍ୟକ୍ତିଗତ ସ୍ୱାର୍ଥ ସମ୍ବଳିତ ମାମଲା ହୋଇଥିଲେ ହେଁ ଚନ୍ଦା ଏହା ଲୁଚାଇଥିଲେ ଓ ଆଇସିଆଇସିଆଇ ବ୍ୟାଙ୍କକୁ ଜଣାଇ ନଥିଲେ। ଅଭିଯୋଗ ମିଳିବା ପରେ ସିବିଆଇ ପକ୍ଷରୁ ସେମାନଙ୍କ ବିରୋଧରେ ପ୍ରାଥମିକ ଯାଞ୍ଚ ପରେ ମାମଲା ଦାଏର କରାଯାଇଛି। ସେମାନଙ୍କୁ ବିଦେଶ ପଳାୟନରୁ ରୋକିବା ଲାଗି ସିବିଆଇ ଲୁକ୍ ଆଉଟ ନୋଟିସ ଜାରି କରିଛି। ଅନ୍ୟପକ୍ଷରେ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଜଷ୍ଟିସ ବି.ଏନ.ଶ୍ରୀକ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଯାଞ୍ଚ କମିଟି ଗଠନ କରାଯାଇଥିଲା। ଏହାର ରିପୋର୍ଟ ଭିତ୍ତିରେ ବ୍ୟାଙ୍କ ଚନ୍ଦାଙ୍କୁ ବହିଷ୍କାର କରିଥିଲା ଓ ତାଙ୍କର ସମସ୍ତ ପାଉଣା ଫେରସ୍ତ ନେଇଛି। ଅନ୍ୟପକ୍ଷରେ ଚନ୍ଦା ଏହା ପୂର୍ବରୁ ଆଗୁଆ ଇସ୍ତଫା ଦେଇଥିଲେ।

## ଫିନୋଲେକ୍ସର ନୂଆ ବୋର୍‌ୱେଲ ପାଇପ୍




ଭୁବନେଶ୍ୱର,୨-୩

ପୁଣେ ଭିତ୍ତିକ କମ୍ପାନୀ ଫିନୋଲେକ୍ସ ପାଇପ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଭୁବନେଶ୍ୱରଠାରେ ବୋର୍‌ୱେଲ ପାଇପ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଓଡ଼ିଶା ବୋରୱେଲ ରିଗ୍ ଓନର ଆସୋସିଏଶନର ସଭାପତି ଅରୁଣ କୁମାର ପଟ୍ଟନାୟକ, ସମ୍ପାଦକ ମନନ୍ଦ୍ର ଦାସ, କମ୍ପାନୀର ଓଡ଼ିଶା ମୁଖ୍ୟ ରଜନୀକାନ୍ତ ବିଶ୍ୱାଳ,ଆସିଷ୍ଟାଣ୍ଟ ମ୍ୟାନେଜର ଦୁର୍ଗା ଶଙ୍କର ପତି,ବିତରକ ଆରାଇଜ ମାର୍କେଟିଂର ପରିଚାଳକ ଉଦୟ ଶଙ୍କର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏହା ଉନ୍ମୋଚନ ହୋଇଛି। ୧୯୮୨ ମସିହାରୁ କମ୍ପାନୀ ଘରୋଇ ବଜାରରେ ଏହାର ପ୍ରଡକ୍ଟଗୁଡ଼ିକୁ ଉପଲବ୍ଧ କରାଉଛି। ସାନିଟାରୀ ପାଇପର ସବୁ ବର୍ଗରେ ଏହା ପ୍ରଡକ୍ଟ ଯୋଗାଉଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ନେଇ କମ୍ପାନୀ କାର୍ଯ୍ୟ କରୁଥିବା ସୂଚନା ଦେଇଛି।

## ପାୱାର ଗ୍ରୀଡ ପକ୍ଷରୁ ରେସିଂ ସାଇକେଲ ପ୍ରଦାନ

କଲିକତା,୨-୩

ପାୱାର ଗ୍ରୀଡ ଇଆର୍-୨ ପକ୍ଷରୁ ସାଇକ୍ଲିଷ୍ଟ ସୁଲତା ସିକଦାରଙ୍କୁ ଏକ ରେସିଂ ସାଇକେଲ ପ୍ରଦାନ କରାଯାଇଛି। ଚଳିତ ମାସ ୧୪ରୁ ୨୧ ଯାଏ ଆବୁଧାବିରେ ହେବାକୁ ଥିବା ସ୍ୱତନ୍ତ୍ର ଅଲିମ୍ପିକ ୱାର୍ଲଡ ଗେମ୍ସରେ ସେ ଭାରତରୁ ପ୍ରତିନିଧିତ୍ୱ କରିବେ। କମ୍ପାନୀର ସିଜିଏମ୍(ଏଏମ୍) ଏସ୍.କେ. ପ୍ରମାଣିକ ସାଇକେଲ ଏବଂ ଆସେସୋରିଜକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ପାୱରଗ୍ରିଡର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ପିଏଫ୍ ଉପରେ ସୁପ୍ରିମକୋର୍ଟ ରାୟ

## କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ଇପିଏଫ୍‌ଓ

ନୂଆଦିଲ୍ଲୀ,୨-୩: ପ୍ରୋଭିଡେଣ୍ଟ ଫଣ୍ଡ ମାମଲାରେ ସୁପ୍ରିମକୋର୍ଟ ରାୟ ପ୍ରକାଶ ପାଇବାର ଦିନକ ପରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ) କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି। ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ଦର୍ଶାଇଥିଲେ ଯେ, କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ମାମଲାରେ ସ୍ପେଶାଲ ଆଲାଉନ୍ସକୁ ମୂଳ ବେତନର ଅଂଶବିଶେଷ ଭାବେ ଧରାଯିବ। ଏହାକୁ ଗଭୀର ଭାବେ ତର୍ଜମା କଲେ ଜଣାପଡୁଛି ଯେ, ସୁପ୍ରିମକୋର୍ଟଙ୍କ ରାୟ କର୍ମଚାରୀଙ୍କ ହିତରେ ଏକ ସକାରାତ୍ମକ ପଦକ୍ଷେପ ହେବାକୁ ଯାଉଛି। ସୂଚନାଥାଉ କି, କମ୍ପାନୀଗୁଡିକ ପ୍ରୋଭିଡେଣ୍ଟ ଫଣ୍ଡ୍‌ରେ ନିଜର ଅଂଶଧନ କମାଇବାକୁ ଯାଇ ଜାଣିଶୁଣି ମୂଳ ଦରମାକୁ କମ୍ ଭାବେ ଦର୍ଶାନ୍ତି ଏବଂ ବେତନର ଏକ ବଡ଼ ଅଂଶକୁ ସ୍ପେଶାଲ ଆଲାଉନ୍ସ ଭାବେ ଉଲ୍ଲେଖ କରନ୍ତି। ପ୍ରୋଭିଡେଣ୍ଟ ଫଣ୍ଡ ନିୟମ ଅନୁଯାୟୀ, କର୍ମଚାରୀ ମୂଳ ଦରମାର ୧୨% ଯୋଗଦାନ ଦେଉଥିବା ବେଳେ ସମାନ ସଂଖ୍ୟକ ଯୋଗଦାନ କମ୍ପାନୀଗୁଡ଼ିକ ଦିଅନ୍ତି। ଏଣୁ ମୂଳ ଦରମା ଅଧିକ ହେଲେ କମ୍ପାନୀଗୁଡ଼ିକୁ ଅଧିକ ଯୋଗଦାନ ଦେବାକୁ ପଡିବ ବୋଲି ବିଚାର କରି ସେମାନେ ଗଣିତର ଏଭଳି ଖେଳ ଖେଳିଥାନ୍ତି।

## ୩୦ତମ ବର୍ଷ ପୂର୍ତ୍ତି ପାଳିଲା ଜେଏସ୍‌ପିଏଲ୍



ଭୁବନେଶ୍ୱର,୨-୩

ଶିଳ୍ପର ପ୍ରତି କ୍ଷେତ୍ରରେ ଭାରତକୁ ସ୍ୱୟଂ ସଂପୂର୍ଣ୍ଣ କରି ଗଢି ତୋଳିବା ଦିଗରେ ଓ.ପି.ଜିନ୍ଦଲଙ୍କର ରହିଥିବା ସ୍ୱପ୍ନର ଫଳ ହେଉଛି ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍)। ୧୯୮୯ରେ ରାଇଗଡଠାରୁ ଯାତ୍ରା ଆରମ୍ଭ କରି ଦେଶ ନିର୍ମାଣରେ କମ୍ପାନୀ ସଫଳତାର ସହ ଏହାର ଯୋଗଦାନ ରଖିଛି। ଦେଶର ଅର୍ଥନୀତିରେ ଇସ୍ପାତ, ଶକ୍ତି, ଭିତ୍ତିଭୂମି, ଖଣି ଏବଂ ସିମେଣ୍ଟ ଭଳି କ୍ଷେତ୍ରରେ ଏହା ଏକ ପ୍ରମୁଖ ସ୍ଥାନରେ ରହିଛି। ଗତ ୩୦ ବର୍ଷ ଧରି କମ୍ପାନୀ ସହ ଯୋଡି ହୋଇଥିବା ଲୋକଙ୍କ ସହଯୋଗ ଲାଗି କୃତଜ୍ଞ ବୋଲି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଶୁକ୍ରବାର କହିଛନ୍ତି। ଅନୁଗୋଳ ସ୍ଥିତ ୟୁନିଟରେ ଗ୍ରୁପର ପୂର୍ତ୍ତି କାର୍ଯ୍ୟକ୍ରମରେ ଅଭିଭାଷଣ ରଖିବା ସହ କମ୍ପାନୀ ସହ ଯୋଡି ହୋଇ ରହିଥିବା ଅଂଶୀଦାରଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଷ୍ଟେଟ୍ ଅଫ୍ ଫ୍ୟାକ୍ଟ୍ରି , ଦେଶ ତଥା ବିଦେଶରେ ଥିବା ଖଣି ପରିଚାଳନାରେ ସହଯୋଗ କରିଥିବାରୁ ସ୍ଥାନୀୟ ବାସିନ୍ଦା ଏବଂ କର୍ମଚାରୀଙ୍କ ନିକଟରେ ଜିନ୍ଦଲ କୃତଜ୍ଞତା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ସହଅଧ୍ୟକ୍ଷା ସାଲୁ ଜିନ୍ଦଲ ଚିତ୍ତାକର୍ଷକ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ। ଏଥିରେ କମ୍ପାନୀର ୭୪ କର୍ମଚାରୀଙ୍କୁ ସମ୍ମାନୀତ କରାଯାଇଥିଲା। ଏଥିରେ ଓପି ଜିନ୍ଦଲ ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ, ଜିନ୍ଦଲ ସ'ର ଅଧ୍ୟକ୍ଷ ପୃଥ୍ୱୀରାଜ ଜିନ୍ଦଲ, ଆରତୀ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁର ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ସଙ୍ଗୀତା ଜିନ୍ଦଲ, ଜିନ୍ଦଲ ଷ୍ଟେନଲେସ ଅଧ୍ୟକ୍ଷ ରତନ ଜିନ୍ଦଲ, ଜେଏସ୍‌ପିଏଲ୍ ଏମ୍‌ଡି ଏନ୍.ଏ. ଅନସାରୀ,ସିଇଓ ସୁଧାଂଶୁ ସରାଫ ପ୍ରମୁଖଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪ରେ ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨-୩



ମନୋଜ ସିହ୍ନା।

■ବ୍ରହ୍ମପୁରରେ ଫୁଟ୍ ଓଭରବ୍ରିଜ, ଏସ୍କାଲେଟର ଉତ୍ସର୍ଗ କରିବେ

■ଭୁବନେଶ୍ୱରରେ ଏସ୍କାଲେଟର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ

ରେଳ ତଥା ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ମନୋଜ ସିହ୍ନା ଆସନ୍ତା ୪ରେ ଓଡ଼ିଶା ଗସ୍ତରେ ଆସିବେ। ସେ ଏହି ଅବସରରେ ସ୍ଥାନୀୟ ରେଲୱେ ଅଡିଟୋରିୟମରେ ଅନୁଷ୍ଠିତ ରେଳବାଇ, ଭାରତ ସଞ୍ଚାର ନିଗମ ଲିମିଟେଡ ଏବଂ ଭାରତ ବ୍ରଡ୍‌ବ୍ୟାଣ୍ଡ ନେଟ୍‌ୱର୍କ ଲିମିଟେଡର କାର୍ଯ୍ୟକ୍ରମରେ ଯୋଗଦେବେ। ସେ ବ୍ରହ୍ମପୁରଠାରେ ଫୁଟ୍ ଓଭରବ୍ରିଜ ଓ ଏସ୍କାଲେଟରକୁ ଉତ୍ସର୍ଗ କରିବା ସହ ଭୁବନେଶ୍ୱର ରେଳ ଷ୍ଟେଶନରେ ଏସ୍କାଲେଟର, ୱାଇ-ଫାଇ ଗ୍ରାମୀଣ ହଟ୍‌ସ୍ପଟ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହାଛଡ଼ା ସେ ବହୁବିଧ କାର୍ଯ୍ୟକ୍ରମରେ ଯୋଗଦେବେ। ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

## ରାଷ୍ଟ୍ରାୟତ୍ତ ବୀମା କର୍ମଚାରୀଙ୍କୁ ପେନ୍‌ସନର ଆଉ ଏକ ବିକଳ୍ପ

ନୂଆଦିଲ୍ଲୀ,୨-୩

କେନ୍ଦ୍ର ସରକାର ୪୨ ହଜାର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ଅଧିକାରୀ, କର୍ମଚାରୀଙ୍କୁ ଖୁସି କରିବାକୁ ଯାଇ ପେନ୍‌ସନର ଆଉ ଏକ ବିକଳ୍ପ ଦେବାକୁ ଘୋଷଣା କରିଛନ୍ତି। ପୂର୍ବରୁ ପେନ୍‌ସନର ବିକଳ୍ପ ଆପଣାଇ ନ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସୁବିଧା ମିଳିବ। ଯେଉଁ କର୍ମଚାରୀମାନେ ୧୯୯୫ ଜୁନ ୨୮ ଅଥବା ଏହା ପୂର୍ବରୁ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ଚାକିରିରେ ଯୋଗ ଦେଇଥିବେ ସେମାନଙ୍କୁ ଏହି ଅବସର ସୁବିଧା ମିଳିବ ।


नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

TENDER NOTICE

E-tender No : SMLT/MMP/OT/401/3000005167, Dt.19/02/2019 with Tender ID no 2019_NALCO_446060_1

Digitally signed online tenders through Central Public Procurement Portal are invited in two part mode from Indian Suppliers for **supply of 1567 MT Mild Steel Cathode Bar.** The last date & time of bid submission : **Dt. 28/03/2019, 10:00 am.** Tender documents available at **http://eprocure.gov.in/eprocure/app, www.nalcoindia.com** . Bidders are requested to visit the above websites regularly for any modification/addition/bid due date extension for this tender.

**DGM (Materials)**



अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

F.No. J-11048(091)/2018-19/S&P Date: 02.03.2019

E-TENDER CALL NOTICE

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Electro-Hydraulic OT Table, (2) Semi Rigid Thoracoscope, (3) Gamma Detection Probe, (4) Mediastinoscope SPECS, (5) Electro hydraulic Autopsy Table, (6) Automated Tourniquet System, (7) Laryngoscopy Surgical Set, (8) Otology Middle Ear Instrument set, (9) Motorised Treadmill with Monitoring System, (10) Projection and Audio System at AIIMS, Bhubaneswar"** in Two Bid System". The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar



The Odisha Small Industries Corporation Ltd.
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

TENDER CALLNOTICE

RefNo.931/OSIC Dt. 02.03.2019

The Managing Director, OSIC Ltd. Invites tender from experienced MSMEs duly empanelled with OSIC for the work, **“Survey, investigation, design, Installation, Testing, Commissioning , Warranty and Comprehensive Maintenance contract for a period of 5 years of Solar pumping system and Micro Drip Irrigation system under the title of the project-Conserve water through the management of run-off in the river basin to reduce vulnerability and enhance resilience for traditional livelihood of Nuapada.**

| | |
|---|---|
| Estimated Cost | Rs.2,62,21,061.00 ( Without GST) |
| EMD | Rs. 2,63,000.00 |
| Period of availability of tender document | 07.03.2019 to 27.03.2019 upto 4.00 PM |
| Last date of submission of tender | 23.03.2019 at 3.00 PM |
| Date of opening of tender | 28.03.2019 at 3.30PM |
| Tender paper cost | Rs.10000.00 ( Rupees Ten Thousand only) |
| OSIC Service Charge | 5% of Bid Value |
| Validity of Tender | 90 Calendar days |

The detailed tender notice and paper can be downloaded from the OSIC website www.osicltd.in Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Sd/-
MANAGING DIRECTOR



OFFICE OF THE DISTRICT MANAGER
O.S.C.S.C. LTD., ANGUL
OSCSC Ltd.

No.1194 Dt. 02.03.2019

CORRIGENDUM NOTICE
Appointment of Level- I Transport Contractor for the year 2019-21
Tender Notice No.936, Dt.21.02.2019

Clause-7 Sub-Clause-7.13 of tender document hoisted in District website **www.angul.nic.in** at Page-9 of tender documents read as- if applicable additional sum of Rs.3,64,872.00/- (in words Rupees Three Lakh Sixty Four Thousand Eight Hundred Seventy Two) only instead of Rs.36,48,728.99 paisa (Rupees Thirty Six Lakh Forty Eighty Thousand Seven Hundred Twenty Eight and Ninety-Nine paisa) only equivalent to 50% of the Security deposits in shape of Demand draft and Bank Guarantee Issued............................After expiry of contract period.

Sd./- District Manager
O.S.C.S.C. Ltd., Angul



CHIEF DISTRICT MEDICAL & PUBLIC HEALTH OFFICER, JHARSUGUDA.

TENDER CALL NOTICE

**Advt. No.1808/ C.D.M & PHO Jharasuguda / Dt.28.02.2019**

Sealed tenders are invited by the chief District Medical & Public Health Officer of District, Jharasuguda from registered firms/ Suppliers / Manufactures/ Authorised Distributors interested to supply and installation of Instrument Brest Cancer early detection system District Headquarters Hospital Jharasuguda. Interested Bidders can obtain the tender document containing detailed terms and conditions, scope and eligibility criteria from the website **www.jharsuguda.nic.in.** The cost of the RPF document Rs.1000/- plus GST 18% non-refundable shall be submitted along with the proposal ( Technical bid) in the from of DD in favour of A/c RKS DHH, Jharasuguda, payable at Jharasuguda. The proposals (both technical and financial) by eligible Bidders shall reach to the Office of the undersigned by the due date and time i.e. 23.03.2019 up to 03.00 PM. in the prescribed format and manner. Proposals received after due date and time shall be rejected. Proposals shall be received only through registered post / speed post or courier service only. The authority reserves the right to reject all the tender process at any time without assigning the reason thereof.

Sd./- Chief District Medical & Public Health Officer, Jharsuguda.



The Odisha Small Industries Corporation Ltd.
( A Government of Odisha Undertaking) )
*(An ISO:9001:2008 certified Govt.Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com,osicltd@rediffmail.com website: osicltd.in

SHORT NOTICE INVITING WILLINGNESS

RefNo.930/OSIC Dt. 02.03.2019

The Managing Director, OSIC Ltd. Invites short Notice inviting willingness from experienced MSMEs duly empanelled with OSIC heaving similar experience may submit their willingness along with estimate for the work, “ Supply & Installation of 287 Nos of all in one solar st.light in different places of Jharsuguda District ” under MPLADS scheme Fund for the year 2018-19. **OSIC service charge of 5%** will be levied on the above work .You are requested to provide the following information while submission of willingness.

1. Detailed estimate with rate per unit as per specification of Project/OERC .
2. No previous record of abandonment or rescission of previously awarded work.
3. Warranty period for this project should be 5 years from the date of Handing over of Project to the Principal Authority.
4. Experience certificate or work order from OSIC or any other competent authority of Govt. not below the rank of EE relating to similar nature of work for last three years, not less than RS.55 Lakh.
5. ATO by registered CA for last 3 years (Not less than RS.92 Lakh.
6. The validity of willingness is for 90 calendar days

The willingness letter must be dropped in tender box of the MD OSIC on or before 4PM on **Dated: 11.03.19** failing which it will not be taken into consideration. The NIW will be opened on date 12.03.2019 at 3 PM

The time of completion of project is 3 calendar months.

The authority reserve the right to reject any or all willingness without assigning any reason thereof or cancel the NIW process in toto.

Willingness shall be dropped in the tender Box placed at the office of MD OSIC Ltd by fixed date and time after which no NIW will be entertained

Sd/-
Ranjan Kumar Kar
CHIEF GENERAL MANAGER



See Career Appointment on every Wednesday & Saturday



❝ ନିକ୍ କିର୍ଗିଓସ୍ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି ହୋଇପାରନ୍ତି, ହେଲେ ସେ ଦର୍ଶକ ଏବଂ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ପ୍ରତି ତାଙ୍କ ବ୍ୟବହାରରେ ସୁଧାର ଆଣିବା ଉଚିତ୍ ।

–ରାଫାଲ ନାଡାଲ, ବିଶିଷ୍ଟ ଟେନିସ୍ ଖେଳାଳି



❝ କୌଣସି ଦେଶରୁ ଲୋଭନୀୟ ଅଫର ପାଇ ମୁଁ ମୋ ପଦବୀରୁ ଇସ୍ତଫା ଦେଇଛି ବୋଲି ଯାହା ଆଲୋଚନା ହେଉଛି, ସେଥିରେ ସତ୍ୟତା ନାହିଁ ।

–ଟାନ୍ କିମ୍ ହର୍, ଭାରତର ଡବଲ୍ସ ବ୍ୟାଡ୍‌ମିଣ୍ଟନ କୋଚ୍

## ସଂକ୍ଷେପରେ

### ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ପାର୍ବତୀଙ୍କୁ ବ୍ରୋଞ୍ଜ



**କଟକ ଅଫିସ,୨।୩:** ପଞ୍ଜାବର ସଙ୍ଗ୍ରୁରସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଇଣ୍ଡିଆନ ଗ୍ରାଁ ପ୍ରି-୩ ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ଓଡ଼ିଶାର ପାର୍ବତୀ ସେଠୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମହିଳା ଡିସ୍‌କସ ଥ୍ରୋରେ ଶ୍ରେଷ୍ଠ ପ୍ରଦର୍ଶନ କରି ପାର୍ବତୀ ରାଜ୍ୟ ନିମନ୍ତେ ଏହି ସଫଳତା ଆଣିଛନ୍ତି। ଏତଦ୍‌ବ୍ୟତୀତ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶାର ଅନ୍ୟ ଦୁଇ ଆଥ୍‌ଲେଟ ଅମୀୟ କୁମାର ମଲ୍ଲିକ ଓ ଚିନ୍ମୟ ରଞ୍ଜନ ଜେନା କୌଣସି ପଦକ ଜିତି ନାହାନ୍ତି।

### ବ୍ୟାଡ୍‌ମିଣ୍ଟନ ଡବଲ୍ସ କୋଚ୍‌ଙ୍କ ଇସ୍ତଫା

**ନୂଆଦିଲ୍ଲୀ,୨।୩(ପିଟି):** ମାଲେସିଆର ଟାନ କିମ ହର ଭାରତୀୟ ଡବଲ୍ସ ବ୍ୟାଡ୍‌ମିଣ୍ଟନ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ରରେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ୪୭ ବର୍ଷୀୟ କୋଚ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ଥିଲା। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ସହ ହୋଇଥିବା ଚୁକ୍ତି ଅନୁଯାୟୀ ତାଙ୍କ କାର୍ଯ୍ୟକାଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପରେ ଶେଷ ହୋଇଥାନ୍ତା। ଏକ ମାସ ପୂର୍ବେ ଟାନ କିମ ଡବଲ୍ସ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି।

# ବେଙ୍ଗଲଠାରୁ ହାରି ଓଡ଼ିଶାର ଅଭିଯାନ ଶେଷ

**କଟକ ଅଫିସ,୨।୩**

ବାରବାଟୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ଉଇକେଟରେ ବେଙ୍ଗଲଠାରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଟୁର୍ନାମେଣ୍ଟରୁ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଗ୍ରୁପ-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୭ ମ୍ୟାଚ୍‌ରୁ ୩ ବିଜୟ ଓ ୪ ପରାଜୟ ସହ ୧୨ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ବିସିସିଆଇ ଆନୁକୂଲ୍ୟରେ ଏହା ମଧ୍ୟ ଚଳିତ ସିଜନର ଅନ୍ତିମ ଘରୋଇ ଟୁର୍ନାମେଣ୍ଟ। ଚଳିତ ସିଜିନରେ ଓଡ଼ିଶା ବିଜୟ ହଜାରେ ଟ୍ରଫି, ରଣ୍‌ଜୀ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ମଧ୍ୟରୁ କୌଣଣି ଗୋଟିଏରେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲା।

ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏହି ମ୍ୟାଚ୍‌ରେ ଅନୁରାଗ ଷଡ଼ଙ୍ଗୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦ୍ୱିତୀୟ ଓଭରର ଅନ୍ତିମ ବଲରେ ଓପନର ଶାନ୍ତନୁ ମିଶ୍ର (୮ ରନ)ଙ୍କୁ କ୍ଲିନ ବୋଲ୍ଡ କରି ବେଙ୍ଗଲର ଇଶାନ ପୋରେଲ ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଏହାପରେ ବେଙ୍ଗଲର ପେସ ଆଟାକ ସମ୍ମୁଖରେ ଓଡ଼ିଶା ହାତ ଟେକି ଦେଇଥିଲା। ୬୮ ରନରେ ଦଳ ୬ଟି ଉଇକେଟ ହରାଇଥିଲା। ରାଜେଶ ଧୂପର ୧୦, ଅଧିନାୟକ ଅନୁରାଗ ୨୦, ବିପ୍ଳବ ସାମନ୍ତରାୟ ୨, ଅଭିଶେକ ରାଉତ ୧୮ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଖାତା ଖୋଲିବା ଆଗରୁ ଆଉଟ ହୋଇଥିଲେ। ଅରବିନ୍ଦ ସିଂ (୧୬ ରନ) ଓ ରାଜେଶ ମହାନ୍ତି (୨୪ ରନ)ଙ୍କ ମଧ୍ୟରେ ୩୧ ରନ ଭାଗୀଦାରି ହେବା ଫଳରେ ଓଡ଼ିଶା ସମ୍ମାନଜନକ ସ୍କୋର କରି ପାରିଥିଲା। ନିର୍ଦ୍ଧାରିତ ଓଭରରେ ଓଡ଼ିଶା ୯ ଉଇକେଟ ହରାଇ ୧୦୮ ରନ କରିଥିଲା। ବେଙ୍ଗଲ ପକ୍ଷରୁ ଅଶୋକ ଦିଣ୍ଡା ୨, ଇଶାନ ୩ ଉଇକେଟ ବାଣ୍ଟି ନେଇଥିଲେ।

ଜବାବରେ ୨ ଉଇକେଟ ହରାଇ ବେଙ୍ଗଲ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଉଇକେଟକିପର ରିଦ୍ଧିମାନ ଶାହ ୫୨ ଓ ଅଭିମନ୍ୟୁ ଇଶ୍ୱରନ ୩୩ ରନର ଉପଯୋଗୀ ଇନିଂସ ଖେଳି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଛତିଶଗଡ଼ ୧୧୬ ରନରେ ମିଜୋରାମକୁ ହରାଇଥିଲା। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଆସାମ ୯ ଉଇକେଟରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଗ୍ରୁପ୍-ଡି'ରେ ଅପରାଜେୟ ସହ କର୍ଣ୍ଣାଟକ (୨୮ ପଏଣ୍ଟ) ଓ ବେଙ୍ଗଲ (୨୦) ନକ୍‌ଆଉଟରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ୬ଷ୍ଠ ସ୍ଥାନରେ ରହି ସନ୍ତୁଷ୍ଟ ହୋଇଛି।

**ସୟଦ ମୁସ୍ତାକ ଅଲି ଟି୨୦**



ରିଦ୍ଧିମାନ ଶାହ

**ଗ୍ରୁପ୍-ଡି ପଏଣ୍ଟ ତାଲିକା**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କର୍ଣ୍ଣାଟକ | ୭ | ୭ | ୦ | ୨୮ |
| ବେଙ୍ଗଲ | ୭ | ୫ | ୨ | ୨୦ |
| ଛତିଶଗଡ଼ | ୭ | ୪ | ୩ | ୧୬ |
| ଆସାମ | ୭ | ୪ | ୩ | ୧୬ |
| ହରିୟାଣା | ୭ | ୪ | ୩ | ୧୬ |
| ଓଡ଼ିଶା | ୭ | ୩ | ୪ | ୧୨ |
| ଅରୁଣାଚଳ ପ୍ରଦେଶ | ୭ | ୧ | ୬ | ୪ |
| ମିଜୋରାମ | ୭ | ୦ | ୭ | ୦ |

## ଶ୍ରେୟାସଙ୍କ ହ୍ୟାଟ୍ରିକ

**କଟକ ଅଫିସ, ୨।୩:** ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ଶନିବାର ଡ୍ରିମ୍ସ ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ କର୍ଣ୍ଣାଟକ ଲେଗ୍-ସ୍ପିନର ଶ୍ରେୟାସ ଗୋପାଳ ହ୍ୟାଟ୍ରିକ ଉଇକେଟ୍ ସଫଳତା ପାଇଛନ୍ତି। ଗ୍ରୁପ୍-ଡି'ର ଏହି ମ୍ୟାଚରେ କର୍ଣ୍ଣାଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍‌ରେ ୧୩୮ ରନ କରିଥିଲେ। ଅଧିନାୟକ ମନିଷ ପାଣ୍ଡେ ୨୮, କରୁଣ ନାୟାର ୧୮, ମୟଙ୍କ ଅଗ୍ରୱାଲ ୨୦ ରନ କରିଥିଲେ। ହରିୟାଣା ଅଧିନାୟକ ଅମିତ୍ ମିଶ୍ର ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ହରିୟାଣା ସୁମିତ୍ କୁମାରଙ୍କ ୬୩ ରନ ସତ୍ତ୍ୱେ ୧୯.୧ ଓଭରରେ ୧୨୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। କର୍ଣ୍ଣାଟକ ଦଳର ଶ୍ରେୟାସ ମ୍ୟାଚ୍‌ର ୧୧ତମ ଓଭରରେ ହ୍ୟାଟ୍ରିକ ଅର୍ଜନ କରି ବିଜୟର ନାୟକ ସାଜିଥିଲେ। ସେ ଏହି ଓଭରର ୩ୟ, ୪ର୍ଥ ଓ ୫ମ ବଲରେ ଯଥାକ୍ରମେ ନୀତୀନ ସାଇନି (୧୫), ଜୟନ୍ତ ଯାଦବ (୦) ଓ ଅମିତ୍ ମିଶ୍ର (୦)ଙ୍କୁ ଆଉଟ୍ କରିଥିଲେ। ଟୁର୍ନାମେଣ୍ଟରେ ୭ ମ୍ୟାଚ୍ ଖେଳି ଅପରାଜେୟ ସହ କର୍ଣ୍ଣାଟକ ନକ୍‌ଆଉଟ୍‌ରେ ପ୍ରବେଶ କରିଛି।

# ସୁଧୀରଙ୍କୁ ସମ୍ବର୍ଦ୍ଧିତ କଲା ଓସିଏ

**କଟକ ଅଫିସ, ୨।୩:** ଅନ୍ତର୍ଜାତୀୟ ଅମ୍ପାୟର ସୁଧୀର ଅସନାନି ବାରବାଟୀ ଷ୍ଟାଡିୟମରେ ଶନିବାର କ୍ୟାରିୟରର ଶେଷ ମ୍ୟାଚ୍ ପରିଚାଳନା କରିଛନ୍ତି। ଏଠାରେ ଖେଳାଯାଇଥିବା ଓଡ଼ିଶା-ବେଙ୍ଗଲ ବିପକ୍ଷ ମ୍ୟାଚ୍ ସୁଧୀରଙ୍କ ଶେଷ ମ୍ୟାଚ୍ ଥିଲା। ସୁଧୀର ପୂର୍ବରୁ ଅବସର ଘୋଷଣା କରି ସାରିଥିବା ବେଳେ ଏ ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓସିଏ ସିଇଓ ବିଦ୍ୟୁତ କୁମାର ନାୟକ ଉପସ୍ଥିତ ଥିଲେ।



ଓସିଏ କର୍ମକର୍ତ୍ତାଙ୍କ ଗହଣରେ ଅମ୍ପାୟର ସୁଧୀର ଅସନାନି।

# ପୂଜାଙ୍କୁ ସ୍ୱର୍ଣ୍ଣ, ସାକ୍ଷୀଙ୍କୁ ରୌପ୍ୟ

**ନୂଆଦିଲ୍ଲୀ, ୨।୩**

ବୁଲ୍‌ଗେରିଆର ରୁସେଠାରେ ଚାଲିଥିବା ଡାନ୍ କୋଲୋଭ ନିକୋଲ ପେଟ୍ରୋଭ ରେସ୍‌ଲିଂ ମିଟ୍‌ରେ ଭାରତର ପୂଜା ଧଣ୍ଡା ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସାକ୍ଷୀ ମଲିକ ରୌପ୍ୟ ଜିତିଛନ୍ତି। ପୂଜା ୫୭ କାଟେଗୋରିରେ ସ୍ୱର୍ଣ୍ଣ ଜିତିଥିବାବେଳେ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ସାକ୍ଷୀ ୬୫ କେଜି ମହିଳା ଫ୍ରିଷ୍ଟାଇଲ କାଟେଗୋରିରେ ତାଙ୍କ ଫାଇନାଲ ବାଉଟ ହାରି ଯାଇଛନ୍ତି। ଫଳରେ ପ୍ରତିଯୋଗିତାରେ ସେ ରୌପ୍ୟ ସହ ତାଙ୍କ ଅଭିଯାନ ଶେଷ କରିଛନ୍ତି। ଅନ୍ୟପକ୍ଷରେ ସନ୍ଦୀପ ତୋମାର ଓ ସରୀତା ମୋର୍ ମଧ୍ୟ ଭାରତ ପାଇଁ ଗୋଟିଏ ଲେଖାଏଁ ରୌପ୍ୟ ଜିତିଛନ୍ତି। ତୋମାର ପୁରୁଷ ଫ୍ରିଷ୍ଟାଇଲ ୬୧ କେଜି କାଟେଗୋରିରେ ତାଙ୍କ ଫାଇନାଲ ବାଉଟ୍ ହାରି ଯାଇଥିଲେ। ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ବଜରଙ୍ଗ ପୁନିଆ ପୁରୁଷ ୬୫ କାଟେଗୋରିରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଧଣ୍ଡା ପ୍ରତିଯୋଗିତାର ରାଉଣ୍ଡ ରବିନ୍ ଫର୍ମାଟରେ ଅପରାଜିତ ରହି ସ୍ୱର୍ଣ୍ଣ ଜିତିଥିଲେ। ଏହି ପର୍ଯ୍ୟାୟରେ ସେ ନିଜ ଦେଶର ସରିତା ମୋର୍‌ଙ୍କ ବ୍ୟତୀତ କିରଗିଜସ୍ତାନର ଆଇସୁଲୁ ଟାଇନିବେକୋଭା ଏବଂ ଲିଥୁଆନିଆର କୋର୍ନେଲିଜା ଜେସିଭେଟ୍‌ଙ୍କୁ ହରାଇ ଦେଇଥିଲେ। ୬୫କିଗ୍ରା ଫାଇନାଲରେ ମଲିକ ସ୍ୱିଡେନ୍‌ର ହେନା ଜୋହାନସନଙ୍କଠାରୁ ହାରିଯାଇଥିଲେ। ପୁରୁଷ ୬୧ କିଗ୍ରା ଫାଇନାଲରେ ତୋମାରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ସେ କାଜାଖସ୍ତାନର ନୁରିସ୍ଲାମ୍ ସାନାୟେଭଙ୍କଠାରୁ ମାତ୍ର ୩୪ ସେକେଣ୍ଡରେ ୦-୧୦ ପଏଣ୍ଟରେ ପରାଜିତ ହୋଇ ଯାଇଥିଲେ।



ପଦକ ସହ ସାକ୍ଷୀ ଓ ପୂଜା।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC ODISHA NEW OPPORTUNITIES
No. CAD-1543

**E-Procurement Notice**

**NIT No-OMC/MAT/E-PROC/08/19 Dtd. 02.03.2019**

| | | |
|---|---|---|
| 1. | Name of the work | Supply of LED Street Lights, Flood lights, tube light fittings, HPSV lamp/ bulb, Choke & Ignitors to different regions of OMC |
| 2. | Availability of bid document in Govt. portal | 06.03.2019 after 05:00PM |
| 3. | Last date of online submission of tender in portal | 28.03.2019 up to 05:00PM |
| 4. | Submission of EMD | The bidder has to deposit Rs.50,000.00 (Fifty thousand) only as EMD through online as available in www.tendersodisha.gov.in |
| 5. | Date of opening of Technocommercial Bid | 29.03.2019 up to 11:00AM |

All other details can be seen from the tender document available at Govt. website www.tendersodisha.gov.in & in OMC website i.e. www.omcltd.in.
OMC reserves the right to reject any or all tenders without assigning any reason therefor.

**General Manager (Material)**
30005/11/0199/1819 **E-mail: omcmatho@orissamining.com**

**ଓଡ଼ିଶା ସରକାର**
**ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ**
**ସୁନ୍ଦରଗଡ଼ଙ୍କ କାର୍ଯ୍ୟାଳୟ**
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, SUNDARGARH**
**Phone No: 06622-272247, e-mail: eemisundargarh@yahoo.co.in**
**No./ 719/MIDSNG/ Dt. 01.03.2019**
**e-Procurement Notice**
**BID IDENTIFICATION NO. ONLINE- 14/ MID SNG/2018-19**

**No.1371-A:-** Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | : | Improvement to MIP in different blocks of Sundargarh District under DPIW & MIPSP Scheme 2019-20. |
| 2 | No. of Works | : | 12 ( Twelve ) Nos. |
| 3 | Estimated cost | : | Varies from Rs 7.14 lakh to Rs. 60.50 lakhs (Approximately) |
| 4 | Period of completion | : | 02(Two) to 04 (Four) Calendar months |
| 5 | Date and Time of availability of bid documents in the portal | : | From 11.03.2019 (10.00 AM) to 22.03.2019 (5.00 PM) |
| 6 | Last date/ time of receipt of bids in the portal | : | 22.03.2019 (5.00 PM) |
| 7 | Date of opening of Bid | : | 23.03.2019 at 11.00 AM onwards |
| 8 | Name and address of the OIT | : | Executive Engineer, Minor Irrigation Division, Sundargarh |
| 9 | Mode of payment of Bid Cost & Bid security | : | Online |

** Further details can be seen from the e-Procurement market place http://tendersodisha.gov.in.

**Sd./- Er.S.K.Sahu**
**Executive Engineer**
**M.I. Division Sundargarh**
**32124/11/0019/1819**

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School Near Income Tax Office, Berhampur-760011)**
**E-Mail:- serwbpr2004@yahoo.com Tel/FAX:- 0680-2404287**
E-Mail / E-Despatch

**NATIONAL COMPETITIVE BIDDING THROUGH e-Procurement**
No.1904-O **Bid Identification No. Online Tender /48-2018-19/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 48-2018-19 BPR | Road Works under MMSY | 06 Nos. | From Rs. 113.21 lakhs to Rs. 1397.99 Lakhs | "B" Class or "A" Class or "Special" Class or "Super" Class as applicable | 06 (Six), 11 (Eleven), 12 (Twelve) & 15 (Fifteen) Calendar Months as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/48-2018-19/ BPR | 08.03.2019 at 10.00 A.M. | 28.03.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - **www.tendersodisha.gov.in**
25071/11/0071/1819 ***Sd./- Superintending Engineer,R.W.Circle, Berhampur***

**ODISHA STATE MEDICAL CORPORATION LIMITED (OSMC)**
**IN FRONT OF RAM MANDIR, CONVENT SQUARE,**
**UNIT - III, BHUBANESWAR-751 001**
**Tel. : (0674) 2380608, Website : www.osmcl.nic.in, Email : proc.osmcl.od@nic.in**
*Assuring Quality Saving Lives* **Date : 28.02.2019**

**NOTICE INVITING E-TENDER FOR SUPPLY & INSTALLATION OF LIQUID MEDICAL OXYGEN SYSTEM**

No. CAD-1531: Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of items as per the particulars mentioned below :

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-SLMO/29 | Supply, installation and commissioning of Liquid Medical Oxygen (LMO) Storage Vessel on Turnkey Basis and Supply of Liquid Medical Oxygen on Rate Contract Basis at SCBMCH-Cuttack, MKCGMCH-Berhampur and VIMSAR-Burla | 5,600/- |
| 2 | OSMCL/2018-19/ EQP-BURN/30 | Supply and installation of Items for Burn Unit at SCBMCH-Cuttack and Re-tender of items under Dept. of Plastic and Reconstructive Surgery at SCBMCH-Cuttack and MKCGMCH-Berhampur | 5,600/- |

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | **01.03.2019, 3 PM** | |
| 2 | Date & time of Pre-bid meeting | **12.3.2019, 11 AM (LMO Tender)** **08.03.2019, 11 AM (Burn Unit Tender)** Venue : Conference Hall, Odisha State Medical Corporation Ltd. Convent Square, Unit-III, Bhubaneswar | |
| 3 | Date & Time of Online bid submission | Start Date & Time | End Date & Time |
| | | **16.03.2019, 3 PM** | **02.04.2019, 5 PM** |
| 4 | Date & Time of online Technical bid opening | 05.04.2019, 11 AM | |
| 5 | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6 | Date of opening of price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites :www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.
10112/11/0064/1819 **Sd./- Managing Director, OSMC Ltd., Odisha**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WATER SUPPLY &**
**SANITATION, BHUBANESWAR**
**Jal O Parimal Bhawan, Unit-V, Bhubaneswar-751001,**
**Tel: 0674-2395734, Fax No.0674-2394946, Email: cerwss@nic.in, cerwssodisha@gmail.com**
**No: Dated: 02.03.2019**
**REQUEST FOR PROPOSAL (RFP)**
**No.1902-O:- BID. NO. EIC/RWSS/66/2018-19**
**RFP for Hiring of Agency for Professional Manpower Support for Water Testing Laboratory at State, District and Sub -Divisional Level under Rural Water Supply and Sanitation(RWSS), Panchayati Raj & Drinking Water Department, Government of Odisha**

The Engineer-in-Chief, RWSS, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP for Hiring of Agency for Professional Manpower Support for Water Testing Laboratory at State, District and Sub Divisional Level under Rural Water Supply and Sanitation(RWSS), Panchayati Raj & Drinking Water Department, Government of Odisha.

The eligibility criteria for selection of Agency/Firms are provided below:
(a) The bidder should be registered for a minimum period of 3 years under the Indian Companies Act, 1956/ Societies Registration Act/ Trust Act/ Any Other relevant Act in India.
(b) The bidder should have the average annual turnover of at least 10 crores during the last three Financial Years 2015-16, 2016-17 and 2017-18.
(c) The agency must have successfully undertaken at least either of the following Similar assignment/project of value specified herein during the last five financial years as on last date of submission for International/National/State level Govt./Corporate Sector Programs.
- One project of similar nature not less than the amount Rs. 4 crores or
- Two project of similar nature not less than the total amount of Rs. 2.5 crores each;
(d) The firm or any partners of the firm should not be blacklisted by any Government or any other organization in respect of any assignment or behaviour.
(e) Firm should have never been indicted by any court of law or any regulatory body or any State/Central Government agencies.

Interested Agency/ Firms may download the RFP document from Government of Odisha website i.e. www.tendersodisha.gov.in / www.odishapanchayat.gov.in from 03.03.2019 to 25.03.2019. The last date for submission of RFP document is 25.03.2019 at 3 PM.

A pre-bid meeting shall be conducted on 11:30 hours of dt. 14.03.2019 at Office of the Engineer-In-Chief, Rural Water Supply & Sanitation, Jal O Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting.

The Authority reserves the right to accept or reject any/all RFP without assigning any reason.

**Sd./- Engineer-in-Chief**
**Rural Water Supply & Sanitation**
**Bhubaneswar**
**25040/11/0048/1819**

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION**
**JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA, Tel: 0674-2395734,**
**FAX: 0674-2394946, e-mail: cerwssodisha@gmail.com**
**NOTICE INVITING BID**
**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**
**No. 2656 Date: 01.03.2019**
**Request for Proposal (RFP)**

**No.1887-O:-** The Engineer-in-Chief, RWSS (Water Supply), Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No | Indicative project cost (Rs. in crore) | Period for completion & O&M period | Availability of Bid document for online bidding | |
|---|---|---|---|---|---|---|
| | | | | | From | To |
| Pkg- I | Execution of Rural Piped Water Supply Project pertaining to the GB Nagar & Saraskana Block of Mayurbhanj district including 5 years O&M on EPC contract under the package | EIC, RWSS -59/18-19 | 89.61 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- II | Execution of Rural Piped Water Supply Project pertaining to Sukinda block of Jajpur District & Anandapur Block of Keonjhar District & Kusumi Block of Mayurbhanj district, including 5 years O&M on EPC contract under the package | EIC, RWSS -60/18-19 | 611.15 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- III | Execution of Rural Piped Water Supply Project pertaining to the Hemagiri, Kutra & Rajgangpur Block of Sundargarh district including 5 years O&M on EPC contract under the package | EIC, RWSS -61/18-19 | 387.04 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- IV | Execution of Rural Piped Water Supply Project pertaining to the Gurundia, Koira & Lahunipada Block of Sundargarh district including 5 years O&M on EPC contract under the package | EIC, RWSS -62/18-19 | 344.03 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- V | Execution of Rural Piped Water Supply Project pertaining to the Kuanramunda & Nuagaon Block of Sundargarh district including 5 years O&M on EPC contract under the package | EIC, RWSS -63/18-19 | 366.10 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- VI | Execution of Rural Piped Water Supply Project pertaining to the Saharapada, Ghasipura & Anandapur Block of Keonjhar district including 5 years O&M on EPC contract under the package | EIC, RWSS -64/18-19 | 468.90 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |
| Pkg- VII | Execution of Rural Piped Water Supply Project pertaining to the Telkoi, Patna, Harichandanpur, Ghatagaon Block of Keonjhar district including 5 years O&M on EPC contract under the package | EIC, RWSS -65/18-19 | 1081.22 | 24 (Twenty four months) & 60 (Sixty Months) | 17.00 hrs of 12.03.2019 | 17.00 hrs of 12.04.2019 |

Name & address of officer inviting Bid: Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com
Further details can be seen from the e-procurement portal http://tendersorissa.gov.in.

**Sd./- 1.3.2019**
**Engineer-in-Chief, RWSS**
**25040/11/0047/1819**



ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଭାରତ ଓ ଇଂଲଣ୍ଡକୁ ଫେଭରାଇଟ୍ ମନେ କରାଯାଉଥିଲେ ମଧ୍ୟ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ଡାର୍କହର୍ଷ ।

–ଶେନ୍ ୱର୍ନ, ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ



ମହିଳା କ୍ରିକେଟରେ ଡିଆର୍‌ଏସ ନିୟମିତ ବ୍ୟବହାର କରାଗଲେ ଅମ୍ପାୟର ଠିକ ନିଷ୍ପତ୍ତି ନେଇପାରିବେ ଓ ଖେଳାଳିମାନେ ମଧ୍ୟ ଅଭ୍ୟସ୍ତ ହୋଇପାରିବେ ।

–ମିଥାଲି ରାଜ, ଭାରତୀୟ କ୍ରିକେଟ ଅଧିନାୟିକା

## ସଂକ୍ଷେପରେ

### ରବି କୁମାରଙ୍କୁ ସ୍ୱର୍ଣ୍ଣ



**ବ୍ରହ୍ମପୁର ଅଫିସ୍, ୨।୩:** ରାଜସ୍ଥାନର ଜୟପୁରଠାରେ ୬୭ତମ ସର୍ବଭାରତୀୟ ପୋଲିସ କୁସ୍ତି କ୍ଲଷ୍ଟର ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳରୁ ପ୍ରତିନିଧିତ୍ୱ କରୁଥିବା କାଟୁଲୁ ରବି କୁମାର ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ୮୯ କି.ଗ୍ରା. ଓଜନ ବର୍ଗରେ ଭାଗ ନେଇଥିଲେ। ସ୍ନାଚ୍‌ରେ ୧୪୨ କି.ଗ୍ରା. ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୬୫ କି.ଗ୍ରା. ସହ ମୋଟ ୩୦୭ କି.ଗ୍ରା. ଓଜନ ଉଠାଇ ରବି କୁମାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବ୍ରହ୍ମପୁରର ରବି କୁମାର ଓଡ଼ିଶା ପୋଲିସ୍‌ରେ ଡିଏସ୍‌ପି ଭାବେ କାର୍ଯ୍ୟରତ। ସଂପ୍ରତି ସେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀରେ ପ୍ରଶିକ୍ଷଣ ନେଉଛନ୍ତି । ରବି କୁମାରଙ୍କ ଏହି ସଫଳତା ରାଜ୍ୟ ପୋଲିସ ପାଇଁ ଗର୍ବ ଆଣି ଦେଇଛି। ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସପ୍ତାହକ ଭିତରେ ରବି କୁମାରଙ୍କ ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ସଦ୍ୟ ସମାପ୍ତ ହୋଇଥିବା ଜାତୀୟ ବରିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତାରେ ମଧ୍ୟ ରବି କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ୱେଷ୍ଟଇଣ୍ଡିଜ୍‌ର ବୃହତ୍ ବିଜୟ

**ସେଣ୍ଟ ଲୁସିଆ, ୨।୩(ଏଏଫପି):** ଇଂଲଣ୍ଡ ଓ ଘରୋଇ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଅନୁଷ୍ଠିତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏଠାରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ରେକର୍ଡ ୨୨୭ଟି ବଲ୍ ବାକିଥାଇ ୭ ଉଇକେଟରେ ଇଂଲଣ୍ଡକୁ ହରାଇଛି। ଇଂଲଣ୍ଡ ୨୮.୧ ଓଭରରେ ୧୧୩ ରନ କରି ଅଲଆଉଟ୍ ହୋଇଥିଲା। ଦଳ ତରଫରୁ ଆଲେକ୍ସ ହେଲ୍ସ ୨୩, ଜୋସ ବଟଲର ୨୩ ରନ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଓଶେନ ଥୋମାସ ୨୧ ରନ ଦେଇ ସର୍ବାଧିକ ୫ ଉଇକେଟ ନେଇ ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୨.୧ ଓଭରରେ ୩ ଉଇକେଟ ହରାଇ ୧୧୫ ରନ କରି ବିଜୟୀ ହୋଇଥିଲା। ଓପନର କ୍ରିସ ଗେଲ ୨୭ଟି ବଲ ଖେଳି ୭୭ ରନ କରିଥିଲେ।

### କ୍ରିକେଟ କମିଟି ମୁଖ୍ୟ ପଦ ବଜାୟ ରଖିଲେ କୁମ୍ବଲେ

**ଦୁବାଇ, ୨।୩ (ପ.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ଅନ୍ତିମ ପର୍ଯ୍ୟାୟ ବୈଠକ ଶନିବାର ଶେଷ ହୋଇଛି। ଏଥିରେ ଅନିଲ କୁମ୍ବଲେ ପୁଣି ଥରେ କ୍ରିକେଟ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତି ପାଇଛନ୍ତି। ଆତଙ୍କବାଦୀ ଆକ୍ରମଣରେ ପୁଲୱାମାଠାରେ ୪୦ ଯବାନ ଶହିଦ ହେବା ପରେ ଖେଳାଳିଙ୍କ ନିରାପତ୍ତା ନେଇ ବିସିସିଆଇ ଉଦ୍‌ବେଗ ପ୍ରକାଶ କରିଥିଲା। ଏହି ବିଷୟ ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ବୈଠକରେ ପଡ଼ିଥିଲା। ବିଶ୍ୱକପ୍ ବେଳେ ଭାରତୀୟ ଦଳର ଖେଳାଳିଙ୍କ ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ବିସିସିଆଇ ସିଇଓ ରାହୁଲ ଜୋହରିଙ୍କୁ ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡର ଟମ୍ ହାରିସନ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ପ୍ରଥମ ଦିନିକିଆରେ ଭାରତର ସହଜ ବିଜୟ

**ହାଇଦ୍ରାବାଦ, ୨।୩(ପି.ଟି.)**

ଟି୨୦ ସିରିଜରେ ପରାଜୟ ବରଣ କରିଥିଲେ ମଧ୍ୟ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୦ଟି ବଲ ବାକିଥାଇ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଏଥିସହିତ ୫ ମ୍ୟାଚ୍‌ବିଶିଷ୍ଟ ଏହି ଦିନିକିଆ ସିରିଜରେ ଭାରତ ୧–୦ରେ ଅଗ୍ରଣୀ ହାସଲ କରିଛି। ଗୋଟିଏ ଉଇକେଟ ଅକ୍ତିଆର କରିବା ସହ ୮୧ ରନର ଉପଯୋଗୀ ଇନିଂସ (୮୭ ବଲ, ୯ ଚୌକା , ୧ ଛକା) ଖେଳିଥିବା କେଦାର ଯାଦବ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଘରୋଇ ବୋଲରଙ୍କ ଉଚିତ୍ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୩୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୮.୨ ଓଭରରେ ୪ ଉଇକେଟ ହରାଇ ୨୪୦ ରନ କରି ବିଜୟୀ ହୋଇଛି। ଦ୍ୱିତୀୟ ଦିନିକିଆ ନାଗପୁରରେ ମଙ୍ଗଳବାର ଖେଳାଯିବ।

୨୩୭ ରନ ଟାର୍ଗେଟର ପିଛା କରି ଭାରତ ଆରମ୍ଭରୁ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇ ଝଟ୍‌କା ଖାଇଥିଲା। ଧାୱନ ପ୍ରଥମ ବଲ୍‌ରେ ଖାତା ଖୋଲିବା ପୂର୍ବରୁ ନାଥନ କୁଲ୍ଟର ନିଲଙ୍କ ବଲ୍‌ରେ ପଏଣ୍ଟକୁ ଏକ ସହଜ କ୍ୟାଚ୍ ଦେଇ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ହାତରେ ଧରାପଡିଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ଓ ଓପନର ରୋହିତ ଶର୍ମା ଦ୍ୱିତୀୟ ଉଇକେଟ ଯୋଡିରେ ୭୬ ରନ କରି ସ୍ଥିତି ସମ୍ଭାଳିଥିଲେ। କିନ୍ତୁ ଭାରତ ୧୯ ରନ୍ ମଧ୍ୟରେ କୋହଲି, ରୋହିତ ଓ ଅମ୍ବାତି ରାୟୁଡୁଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇ ବିପଦରେ ପଡିଥିଲା। କୋହଲି ୪୫ଟି ବଲ୍ ଖେଳି ୬ ଚୌକା, ୧ ଛକା ସହ ୪୪ ରନ କରି ଆଡାମ ଜାମ୍ପା ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ରୋହିତ ୩୭ ରନ କରି କୁଲ୍ଟର ନିଲଙ୍କ ବଲ୍‌ରେ ଆରୋନ୍ ଫିଞ୍ଚ୍‌କୁ ମିଡ୍ ଅଫ୍‌ରେ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରାୟୁଡୁ ଉଇକେଟ କିପର ଆଲେକ୍ସ କେରୀଙ୍କୁ କ୍ୟାଚ୍ ଦେଇ ଜାମ୍ପାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ଆଉ କୌଣସି କ୍ଷତି ହେବାକୁ ନ ଦେଇ ପଞ୍ଚମ ଉଇକେଟ ଯୋଡିରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ କେଦାର ଅପରାଜିତ ୧୪୧ ରନ କରି ଦଳକୁ ଜିତାଇଥିଲେ। କେଦାର ୮୧ ରନ କରି ଅପରାଜିତ ରହିଥିବା ବେଳେ ଧୋନୀ ୭୨ଟି ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୫୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ କୁଲ୍ଟର ନିଲ ଓ ଜାମ୍ପା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



କେଦାର ଯାଦବ ଓ ମହେନ୍ଦ୍ର ସିଂ ଧୋନୀ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭ୍ରମଣକାରୀ ଦଳ ଅବଶ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଆରମ୍ଭରୁ ଅଧିନାୟକ ଫିଞ୍ଚ୍‌ଙ୍କୁ ହରାଇ ଦଳ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଫିଞ୍ଚ୍ ଖାତା ଖୋଲିବା ପୂର୍ବରୁ ଯଶପ୍ରୀତ ବୁମ୍‌ରାଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ୍‌କୁ ମାରିବାକୁ ଯାଇ ଉଇକେଟକିପର ଧୋନୀଙ୍କ ହାତରେ ଧରା ପଡିଥିଲେ। ଅନ୍ୟତମ ଓପନର ଉସ୍ମାନ ଖ୍ୱାଜା ଓ ମାର୍କସ ଷ୍ଟୋଇନିସ୍ ଦ୍ୱିତୀୟ ଉଇକେଟ ଯୋଡିରେ ୮୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୩୭ ରନ କରିଥିବାବେଳେ ଷ୍ଟୋଇନିସ୍ କେଦାର ଯାଦବଙ୍କ ବଲ୍‌କୁ ମିଡ୍ ଉଇକେଟକୁ ଶଟ୍ ଖେଳି କୋହଲିଙ୍କ ହାତରେ ଧରା ପଡିଥିଲେ। ଖ୍ୱାଜା ୫୦ ରନର ଅର୍ଦ୍ଧଶତକୀୟ ପାଳି (୭୬ ବଲ, ୫ ଚୌକା, ୧ ଛକା) ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌କୁ ଶଟ୍ ଖେଳିବାକୁ ଯାଇ ମିଡ୍ ଉଇକେଟରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇଥିଲେ। ପିଟର ହ୍ୟାଣ୍ଡସ୍କମ୍ବ ୧୯ ରନ କରିଥିବା ବେଳେ କୁଲଦୀପଙ୍କ ବଲ୍‌ରେ ଧୋନୀଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଆଷ୍ଟନ ଟର୍ନର ୨୧ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଗତ ଟି୨୦ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଗ୍ଲେନ୍ ମ୍ୟାକ୍ସୱେଲ୍ ୫୧ ବଲରୁ ୫ ଚୌକା ସହ ୪୦ ରନ କରିଥିବା ବେଳେ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କୁଲ୍ଟର ନିଲ ୨୭ ବଲରୁ ୩ ଚୌକା ସହ ଦ୍ରୁତ ୨୮ ରନ କରିଥିବା ବେଳେ ୱାଇଡ୍ ଲଙ୍ଗ୍ ଅନ୍‌କୁ ଶଟ୍ ଖେଳି କୋହଲିଙ୍କ ହାତରେ ଧରାପଡି ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୩୭ ବଲରୁ ୫ ଚୌକା ସହ ୩୬ ରନ କରି ଓ ପ୍ୟାଟ୍ କୁମିନ୍ସ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ସାମି, ବୁମ୍‌ରା ଓ କୁଲଦୀପ ଦୁଇଟି ଲେଖାଏ, କେଦାର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଇନିଂସ: ୫୦ ଓଭରରେ ୨୩୬/୭ (ଖ୍ୱାଜା- ୫୦, ମ୍ୟାକ୍ସୱେଲ- ୪୦, ଷ୍ଟୋଇନିସ୍- ୩୭, କେରୀ- ୩୬*, କୁଲ୍ଟର ନିଲ- ୨୮, ଟର୍ନର- ୨୧, ସାମି- ୨/୪୪, କୁଲଦୀପ- ୨/୪୬, ବୁମ୍‌ରା- ୨/୬୦, କେଦାର- ୧/୩୧)।

ଭାରତ ଇନିଂସ: ୪୮.୨ ଓଭରରେ ୨୪୦/୪ (କେଦାର- ୮୧ *, ଧୋନୀ- ୫୯*, କୋହଲି- ୪୪, ରୋହିତ- ୩୭, କୁଲ୍ଟର ନିଲ- ୨/୪୬, ଜାମ୍ପା- ୨/୪୯)।

**କେଦାର ପ୍ଲେୟାର ଅଫ୍ ଦି ମ୍ୟାଚ୍**

## ବ୍ଲାକବେଲ୍ଟ ପରୀକ୍ଷାରେ ୭ କୃତକାର୍ଯ୍ୟ




କୃତୀ କରାଟେକାଙ୍କ ସହ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତା।

**ଭୁବନେଶ୍ୱର, ୨।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଗତ ମାସ ୨୮ରେ ଅନୁଷ୍ଠିତ ହୋଇଥିବା ବ୍ଲାକ ବେଲ୍ଟ ପରୀକ୍ଷାରେ ୭ଜଣ କରାଟେକା ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ବିଭିନ୍ନ ଜିଲାରୁ ମୋଟ୍ ୧୫ଜଣ କରାଟେକା ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ସୁନ୍ଦରଗଡ଼ ଜିଲାର ପ୍ରଶିକ୍ଷକ ସେନ୍‌ସେଇ ଗଣେଶ ଚନ୍ଦ୍ର ବେହେରା ୩ୟରୁ ୪ର୍ଥ ଡାନ୍‌କୁ ଏବଂ ସେନ୍‌ସେଇ ଦୁଷ୍ମନ୍ତ କୁମାର ନାୟକ ଓ ସେନ୍‌ସେଇ ହରେକୃଷ୍ଣ ସାହୁ ୨ୟରୁ ୩ୟ ଡାନକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ଦେବାଶିଷ ପାତ୍ର, ଏସ୍. ଭନ୍ୟାଶ୍ରୀ ରାଓ, ଝପେଶ୍ୱର ବେହେରା ଓ ସଚିନ ମହନ୍ତ ବ୍ଲାକ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ କରାଟେକାମାନଙ୍କୁ ସିହାନ ଡ. ହରିପ୍ରସାଦ ପଟ୍ଟନାୟକ ଓ ଉତ୍କଳ କରାଟେ ସ୍କୁଲର ସମସ୍ତ କର୍ମମର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ବୁକି ଚାୱଲାଙ୍କ ପ୍ରତ୍ୟର୍ପଣ ପତ୍ର ସ୍ୱାକ୍ଷରିତ

**ଲଣ୍ଡନ, ୨।୩ (ପି.ଟି.):** ଗତ ୨୦୦୦ କ୍ରିକେଟ ମ୍ୟାଚ ଫିକ୍ସିଂ ମାମଲାର ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ବୁକି ସଞ୍ଜୀବ ଚାୱଲାଙ୍କୁ ଭାରତ ଅଣାଯିବା ସ୍ପଷ୍ଟ ହୋଇଛି । ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ସ୍ୱରାଷ୍ଟ୍ର ସଚିବ ସାଜିଦ ଜାଭିଦ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିସାରିଛନ୍ତି । ୟୁକେ ସ୍ୱରାଷ୍ଟ୍ର କାର୍ଯ୍ୟାଳୟ ତରଫରୁ ଏ ସମ୍ପର୍କରେ ଶନିବାର ସୂଚନା ଦିଆଯାଇଛି। ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଚଳିତ ବର୍ଷ ପ୍ରାରମ୍ଭରେ ଦେଇଥିବା ତାଙ୍କ ରୁଲିଂକୁ ରଦ୍ଦ କରିଦେବା ଫଳରେ ଚାୱଲାଙ୍କ ପ୍ରତ୍ୟର୍ପଣ ନେଇ ଦେଖାଦେଇଥିବା ସମସ୍ୟା ଦୂର ହୋଇଯାଇଥିଲା । ୨୦୦୦ରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ହାନ୍‌ସି କ୍ରୋନିଏଙ୍କୁ ନେଇ ହୋଇଥିବା କ୍ରିକେଟ ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲରେ ଚାୱଲା ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଥିଲେ । ସେ ଚାହିଁଲେ ୧୪ ଦିନ ମଧ୍ୟରେ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମା ବିରୋଧରେ ଆବେଦନ କରିପାରିବେ। ସାଜିଦ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଗତ ଫେବୃୟାରୀ ୨୭ରେ ଚାୱଲାଙ୍କ ଭାରତ ପ୍ରତ୍ୟର୍ପଣ ପତ୍ରରେ ସ୍ୱାକ୍ଷର କରିଥିବା ୟୁକେ ସ୍ୱରାଷ୍ଟ୍ର ବିଭାଗ କାର୍ଯ୍ୟାଳୟର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି।

# ଫେଡରରଙ୍କୁ ଶତକ ଟାଇଟଲ

**ଦୁବାଇ, ୨।୩ (ଏଏଫ୍‌ପି)**

ସୁଇସ୍ ଟେନିସ୍ ଖେଳାଳି ରୋଜର ଫେଡରର ତାଙ୍କ କ୍ୟାରିୟରର ୧୦୦ତମ ଟାଇଟଲ ହାସଲ କରିଛନ୍ତି। ଦୁବାଇ ଚାମ୍ପିୟନଶିପ୍‌ରେ ଷ୍ଟିଫାନସ ଟିସିଟପାସଙ୍କୁ ୬–୪, ୬–୪ ସେଟ୍‌ରେ ପରାସ୍ତ କରିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୦ ଗ୍ରାଣ୍ଡସ୍ଲାମ ବିଜେତା ଆଭିଏଶନ କ୍ଲବଠାରେ ରେକର୍ଡ ୮ମ ଥର ପାଇଁ ଚାମ୍ପିୟନ ହୋଇପାରିଛନ୍ତି। ୬୯ ମିନିଟ୍‌ରେ ଶେଷ ହୋଇଥିବା ଫାଇନାଲ ମ୍ୟାଚରେ ସେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ୧୧ତମ ର୍‌ୟାଙ୍କିଙ୍ଗ୍‌ପ୍ରାପ୍ତ ଗ୍ରୀକ୍ ୟଙ୍ଗଷ୍ଟରଙ୍କୁ ପରାସ୍ତ କରିବା ଦ୍ୱାରା ସେ ଅଷ୍ଟ୍ରେଲିଆନ ଓପନ ୪ର୍ଥ ରାଉଣ୍ଡ ପରାଜୟ ପ୍ରତିଶୋଧ ନେଇପାରିଛନ୍ତି। ଫେଡରରଙ୍କ ବ୍ୟତୀତ ୧୦୦ ଟାଇଟଲ ଜିତିଥିବା ଏକମାତ୍ର ଖେଳାଳି ହେଲେ ଜିମ୍ମି କନ୍ନର୍ସ (୧୦୯)। ସେ ତାଙ୍କ ୯୯ତମ ଟ୍ରଫି ଗତ ଅକ୍ଟୋବରରେ ହୋମ୍ ଇଭେଣ୍ଟ ବାସେଲଠାରେ ହାସଲ କରିଥିଲେ। ଫେଡରର କହିଛନ୍ତି, ଏଠାରେ ମୋ ରେକର୍ଡ ୮ମ ଏବଂ ମୋଟ ଉପରେ ୧୦୦ତମ ଟାଇଟଲ ଜିତିବା ମୋ ପାଇଁ ସ୍ୱତନ୍ତ୍ର। ସୁଇସ୍ ଟେନିସ ଷ୍ଟାର ପ୍ୟାରିସ ମାଷ୍ଟର୍ସ, ଏଟିପି ଫାଇନାଲ୍ସ ଏବଂ ଅଷ୍ଟ୍ରେଲିଆନ ଓପନ୍‌ରେ ତାଙ୍କ ଶତକ ଟାଇଟଲ ମିସ୍ କରିଥିଲେ।




ଶହେତମ ଟାଇଟଲ ଜିତିବା ପରେ ରୋଜର ଫେଡରର।

# ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୨।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଅନୁଗୋଳ ନାଲକୋନଗର ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ହଲ୍‌ଠାରେ ଶନିବାର ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଛି। ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ, ଅନୁଗୋଳ ଡିଷ୍ଟ୍ରିକ୍ଟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଓ ଦି କ୍ଲବ (ନାଲକୋନଗର)ର ମିଳିତ ଆନୁକୂଲ୍ୟରେ ଏହି ୨ ଦିନିଆ ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ଚାରିଜଣ ମହିଳାଙ୍କ ସମେତ ରାଜ୍ୟର ମୋଟ୍ ୨୫ଜଣ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍–୩ ଫାଇନାଲ ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ, ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍–୪ ଫାଇନାଲ ଦୀପ୍ ରଞ୍ଜନ ଓ ସୁବ୍ରତଜିତ୍ ମହାରଣା, ପୁରୁଷ ସିଙ୍ଗଲ୍ସ ଏସ୍‌ଏସ୍–୬ ଫାଇନାଲ ସୁନୀଲ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ରଙ୍କ ମଧ୍ୟରେ ରବିବାର ଖେଳାଯିବ। ସେହିଭଳି ପୂର୍ଣ୍ଣବାସୀ ପ୍ରଧାନ ଓ ଜୁଲି ସାହୁଙ୍କ ମଧ୍ୟରେ ମହିଳା ସିଙ୍ଗଲ୍ସ ଫାଇନାଲ ଅନୁଷ୍ଠିତ ହେବ। ଡବଲ୍ସ ମ୍ୟାଚ୍ ରବିବାର ଖେଳାଯିବ ବୋଲି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସମ୍ପାଦକ ସୂଚନା ଦେଇଛନ୍ତି। ମାନସ ପ୍ରସାଦ ମିଶ୍ର (ଜେନେରାଲ ମ୍ୟାନେଜର, ସ୍ମେଲଟର, ନାଲକୋ) ମୁଖ୍ୟଅତିଥି ଏବଂ ସତ୍ୟବାନ ସାହୁ, ପ୍ରଭାତ ପଲିତ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।




ଅତିଥିଙ୍କ ଗହଣରେ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

# ନ୍ୟୁଜିଲାଣ୍ଡର ରେକର୍ଡ ସ୍କୋର

**ହାମିଲଟନ, ୨।୩(ଏଏଫ୍‌ପି)**

ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ରେକର୍ଡ ୭୧୫ ରନ ସଂଗ୍ରହ କରି ପାଳି ଘୋଷଣା କରିବା ସହ ସ୍ଥିତି ଦୃଢ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ପ୍ରଥମ ଇନିଂସରେ ୫୯.୨ ଓଭରରେ ୨୩୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କ ୨୦୦ ରନର ଅପରାଜିତ ଦ୍ୱିଶତକ, ଟମ୍ ଲଥାମଙ୍କ ୧୬୧ ରନର ଶତକ ଓ ଓପନର ଜିତ୍ ରାଭାଲଙ୍କ ୧୩୨ ରନର ଶତକୀୟ ପାଳି ବଳରେ ୧୬୩ ଓଭରରେ ୬ ଉଇକେଟ ହରାଇ ୭୧୫ ରନ କରି ପାଳି ଘୋଷଣା କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୪୮୧ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୩ ଓଭରରେ ୪ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ବାଂଲାଦେଶ ୬ ଉଇକେଟ ହାତରେ ରଖି ୩୦୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ସୌମ୍ୟ ସରକାର ୩୯ ଓ ଅଧିନାୟକ ମହମଦୁଲ୍ଲା ୧୫ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତାମିମ ଇକବାଲ ୭୪, ଶଦମାନ ଇସ୍‌ଲାମ ୩୭ ରନ୍ କରିଥିଲେ। ଟ୍ରେଣ୍ଟ ବୋଲ୍ଟ ୨, ଟିମ୍ ସାଉଦି ଓ ନିଲ ୱାଗନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୫୧/୪ ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରି ପାଳି ଘୋଷଣା କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱିଲିୟମସନ ୯୩ରୁ ଖେଳ ଆରମ୍ଭ କରି ୨୦୦ ରନର ଦ୍ୱିଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ୱାଗନର ୪୭ ଓ ବିଜେ ୱାଟଲିଂ ୩୧ ରନ କରି ଆଉଟ ହୋଇଥିଲେ। କଲିନ୍ ଡି ଗ୍ରାଣ୍ଡହୋମ ୭୬ ରନ କରି ଅପରାଜିତ ରହିଥିଲେ। ସପ୍ତମ ଉଇକେଟ ଯୋଡିରେ ଗ୍ରାଣ୍ଡହୋମ ଓ ୱିଲିୟମସନ ଅପରାଜିତ ୧୧୦ ରନ ସଂଗ୍ରହ କରିଥିଲେ। ପୂର୍ବରୁ ଦୁଇ ଓପନର ଜିତ୍ ରାଭାଲ ଓ ଲଥାମ ଯଥାକ୍ରମେ ୧୩୨ ଓ ୧୬୧ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୨୫୪ ରନ ସଂଗ୍ରହ କରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସୌମ୍ୟ ସରକାର, ମେହିଦି ହାସନ ମିର୍ଜା ଦୁଇଟି ଲେଖାଏ, ଇବାଦତ ହୋସେନ ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ୱିଲିୟମ୍‌ସନ୍‌ଙ୍କ ଦ୍ୱିଶତକ**



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩/୨୦୧୯ Bhubaneswar, Sunday, March 3/ 2019

## ସଂକ୍ଷେପରେ

### ୨୦ ପ୍ରକାର ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ

## ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଯାଞ୍ଚ କଡ଼ାକଡ଼ି

**ଭୁବନେଶ୍ୱର, ୨।୩(ବ୍ୟୁରୋ):** ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଲାଗିରହିଛି। ସେହିପରି ଗତ ୨୩ ତାରିଖରେ ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଫୋନ୍‌ରେ ଆସିଥିବା ବିମାନ ଅପହରଣ ଧମକକୁ ନେଇ ଦେଶର ସମସ୍ତ ବିମାନବନ୍ଦରର ସୁରକ୍ଷାକୁ କଡାକଡି କରାଯାଇଛି। ଶନିବାର ଗୋଇନ୍ଦା ସୂଚନାକୁ ଆଧାର କରି ବ୍ୟୁରୋ ଫର୍ ସିଭିଲ ଆଭିଏଶନ ସିକ୍ୟୁରିଟି (ବିସିଏଏସ୍) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ପରେ ଦେଶର ସମସ୍ତ ବିମାନବନ୍ଦରରେ ୮ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଛି। ୨୦ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅନୁସାରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ କୁମାର ହୋତା ସୂଚନା ଦେଇଛନ୍ତି। ବିମାନବନ୍ଦରର ଭିତର ଓ ବାହାର ସହ ରନ୍‌ୱେ ଓ ପାର୍କିଂ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଦ୍ୱିଗୁଣିତ କରାଯାଇଛି। ସମ୍ବେଦନଶୀଳ ସ୍ଥାନଗୁଡିକରେ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଛି। ଏଥିସହ ବିମାନବନ୍ଦରରେ ନିୟୋଜିତ ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) ଏବଂ ପାରାମିଲିଟାରୀ ଫୋର୍ସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଛି। ସାଦା ପୋଷାକରେ ସୁରକ୍ଷା କର୍ମୀମାନେ ପଇଣ୍ତରା ମାରିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରବେଶ କରୁଥିବା ପ୍ରତ୍ୟେକ ଯାତ୍ରୀ ଓ ଲଗେଜକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ଚାଲିଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବିମାନବନ୍ଦର ଭିତରେ କୁଇକ୍ ରିଆକ୍ସନ ଯାନ ଦ୍ୱାରା କଡ଼ା ପାଟ୍ରୋଲିଂ କରାଯାଉଛି ବୋଲି ନିର୍ଦ୍ଦେଶକ ହୋତା କହିଛନ୍ତି।

## ପୁରୀ ହିଂସା, ପୁଣି ଜଣେ ଗିରଫ

**ପୁରୀ ଅଫିସ,୨।୩:** ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଶନିବାର ସିଂହଦ୍ୱାର ଥାନା ପୋଲିସ ପୁଣି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ଥାନାରେ ରୁଜୁ କେସ୍ (ନଂ.୮୩/୧୮)ରେ ଲୋକନାଥ ରୋଡ ଛପନ ଛକ ଅଞ୍ଚଳର କାର୍ତ୍ତିକ ପଣ୍ଡାଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି।

## ଜମିରେ କାମ କରୁଥିବା ବେଳେ ଚାଷୀଙ୍କ ମୃତ୍ୟୁ

**କଣାସ, ୨।୩(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ବେଲପଡା ଗ୍ରାମର ପାଣ୍ଡବ ବେହେରା(୫୫)ଙ୍କର ଜମିରେ କାମ କରୁଥିବା ଅବସ୍ଥାରେ ମୃତ୍ୟୁ ହୋଇଛି। ସକାଳ ୯ଟା୩୦ରେ ପାଣ୍ଡବ କାମକରୁଥିବା ବେଳେ ଅଚେତ ହୋଇ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ପୁଅ ପ୍ରତାପ ଆଖପାଖରେ କାମକରୁଥିବା ଗ୍ରାମବାସୀଙ୍କୁ ଡାକପକାଇବାରୁ ସେମାନେ ମିଳିତ ଭାବେ ପାଣ୍ଡବଙ୍କୁ ଚିକିତ୍ସାପାଇଁ କଣାସ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୬୪ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

**କଟକ ରୋଡ,୨।୩ (ଡି.ଏନ୍.ଏ.):** କମିଶନରେଟ ପୋଲିସର କୁଇକ ଆକ୍ସନ ଟିମ୍ (କ୍ୟୁଏଟି) ଓ ଲକ୍ଷ୍ମୀସାଗର ପୋଲିସ ଶନିବାର ଝାରପଡା ଓଭରବ୍ରିଜ ନିକଟରେ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ହଳଦୀପଡିଆ ବସ୍ତିରେ ରହୁଥିବା ବେଣୁଧର ଦାସ ଓ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଲକ୍ଷିଆ ବିନ୍ଧାଣୀ। ଏମାନଙ୍କଠାରୁ ୬୪ଗ୍ରାମ୍ ବ୍ରାଉନସୁଗାର ସହ ଏକ ମୋବାଇଲ ଫୋନ ଜବତ ହୋଇଛି। ଜବତ ନିଶାସାମଗ୍ରୀର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ସାଢେ ୨ଟାରେ ଉଭୟ ଅଭିଯୁକ୍ତ ଝାରପଡା ଓଭରବ୍ରିଜ ନିକଟରେ ବ୍ରାଉନସୁଗାର ବ୍ୟବସାୟ ଚଳାଇଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ଏକ ମାମଲା(ନଂ. ୬୯/୧୯)ରୁଜୁ ହୋଇଛି।



(ବାମରୁ) ଶ୍ରେଷ୍ଠ ଅଭିନେତା ଜଗଜିତ୍ ପାଲ୍, ଶ୍ରେଷ୍ଠ ଅଭିନେତ୍ରୀ ମିତାଲି ସରଘରିଆ ଓ ଏଲି ପାଢ଼ୀ, ଶ୍ରେଷ୍ଠ ଶିଶୁ କଳାକାର ମୟଙ୍କା ସିଂ ଏବଂ ଶ୍ରେଷ୍ଠ ହାସ୍ୟାଭିନେତା ରୁଷି ପଟ୍ଟନାୟକ।

# ‘ନୂଆ ବୋହୂ’ ଶ୍ରେଷ୍ଠ ଧାରାବାହିକ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**



ରାଜ୍ୟ ଟେଲି ପୁରସ୍କାର ପ୍ରଦାନ ଉତ୍ସବରେ ଆଶିଷ ବେହେରାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ କରାଯାଉଛି।

ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ଉତ୍କଳ ମଣ୍ଡପରେ ଷଷ୍ଠ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ପରିଜାଙ୍କ ‘ନୂଆ ବୋହୂ’କୁ ‘ଶ୍ରେଷ୍ଠ ଟେଲି ଧାରାବାହିକ’ ପୁରସ୍କାର ପ୍ରଦାନ କରାଯାଇଛି। ଟେଲି ଧାରାବାହିକ ‘ରାଜକନ୍ୟା’ର ଆଶିଷ ବେହେରାଙ୍କୁ ‘ଶ୍ରେଷ୍ଠ ନିର୍ଦ୍ଦେଶକ’ ଭାବେ ପୁରସ୍କୃତ କରାଯାଇଛି। ‘ନୂଆ ବୋହୂ’ର ଅଭିନେତା ଜଗଜିତ୍ ପାଲ୍‌ଙ୍କୁ ‘ଶ୍ରେଷ୍ଠ ଅଭିନେତା’ ଏବଂ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ‘ନୂଆବୋହୂ’ର ମିତାଲି ସରଘରିଆ ଓ ‘ଟୁପୁର ଟାପର’ର ଏଲି ପାଢୀଙ୍କୁ ମିଳିତ ଭାବେ ପୁରସ୍କୃତ କରାଯାଇଛି।

ସେହିପରି ‘ରାଜକନ୍ୟା’ର ସୋମେଶଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା’, ‘ମୋ ଜେଜେ ମା’ର ମନୀଷା ରଥ ‘ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ’, ‘ନୂଆ ବୋହୂ’ର ମୃତ୍ୟୁଞ୍ଜୟ କର ଓ ‘ଟୁପୁର ଟାପର’ର ବରଦାପ୍ରସନ୍ନ ପାତ୍ରଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଖଳନାୟକ’ ଏବଂ ‘ତୋ ଅଗଣାର ତୁଳସୀ ମୁଁ’ର ସୁଭଦ୍ରା ମହାନ୍ତିଙ୍କୁ ‘ଶ୍ରେଷ୍ଠ ପାର୍ଶ୍ୱ ଖଳନାୟିକା’, ‘କିଏ’ର ରୁଷି ପଟ୍ଟନାୟକଙ୍କୁ ‘ଶ୍ରେଷ୍ଠ ହାସ୍ୟ ଅଭିନେତା’, ‘ସମ୍ପର୍କ ହୃଦୟର’ର ମୟଙ୍କା ସିଂଙ୍କୁ ‘ଶ୍ରେଷ୍ଠ ଶିଶୁ କଳାକାର’, ‘ନୂଆ ବୋହୂ’ର ସୋନାଲି ଶ୍ରୀବାସ୍ତବଙ୍କୁ ‘ଶ୍ରେଷ୍ଠ କାହାଣୀ’ ଭାବେ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷରେ ‘କ୍ୟାପିଟାଲ ଖଟି’ର ସତିଶ ମିଶ୍ରଙ୍କୁ ‘ଶ୍ରେଷ୍ଠ ସଂଳାପ ଲେଖକ’, ‘ରାଜକନ୍ୟା’ର ଶରଣାରବିନ୍ଦ ଓଝାଙ୍କୁ ‘ଶ୍ରେଷ୍ଠ ଚିତ୍ରନାଟ୍ୟ’, ରାଜକନ୍ୟାର ବିଭୁ ମିଶ୍ରଙ୍କୁ ‘ଶ୍ରେଷ୍ଠ ଚିତ୍ରଗ୍ରହଣ’, ‘ମାନିନୀ’ର ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକଙ୍କୁ ‘ଶ୍ରେଷ୍ଠ ସମ୍ପାଦନା’, ‘କିଏ’ର କାଶୀନାଥ ଚମ୍ପତିଙ୍କୁ ‘ଶ୍ରେଷ୍ଠ ଶବ୍ଦ ଗ୍ରହଣ’ ପାଇଁ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯାଇଛି। ଏହାସହିତ ଟେଲି ଧାରାବାହିକ ‘ପାଇକ ବିଦ୍ରୋହ’ ପ୍ରଯୋଜକ ସମ୍ବିତ୍ ପଟ୍ଟନାୟକ ଓ ଟେଲି ଚଳଚ୍ଚିତ୍ର ‘ରଗଡ଼’ର ଲୋଚନୀ ବାଗ୍‌ଙ୍କୁ ‘ଶ୍ରେଷ୍ଠ ଜୁରି ସମ୍ମାନ’ ଓ ‘ସଞ୍ଜ ସକାଳ’ର ପ୍ରଯୋଜକ ସତ୍ୟକାନ୍ତ ସାହୁଙ୍କୁ ‘ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର’ ସମ୍ମାନରେ ସମ୍ମାନିତ କରାଯାଇଛି। ‘ଶ୍ରେଷ୍ଠ ଟେଲି ଫିଲ୍ମ’ ବିଭାଗରେ ‘ରଗଡ଼’ର ପ୍ରଯୋଜକ ଅଶୋକ କୁମାର ମିଶ୍ର ଓ ‘ନିରୁପାୟ’ର ନିର୍ଦ୍ଦେଶକ ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ଟେଲି ପୁରସ୍କାର ପ୍ରଦାନ କରାଯାଇଛି।

ଉତ୍ସବରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

**ରାଜ୍ୟ ଟେଲି ପୁରସ୍କାର**

- ଜଗଜିତ୍ ଶ୍ରେଷ୍ଠ ଅଭିନେତା
- ମିତାଲି ଓ ଏଲି ଶ୍ରେଷ୍ଠ ଅଭିନେତ୍ରୀ
- ଆଶିଷ ଶ୍ରେଷ୍ଠ ନିର୍ଦ୍ଦେଶକ

**ପଙ୍କୋଦ୍ଧାର ଏକାଦଶୀ**

# ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କଲେ ଭକ୍ତ



ଶ୍ରୀଲୋକନାଥ ମନ୍ଦିର ପରିସରରୁ ପଙ୍କୋଦ୍ଧାର କରାଯାଉଛି।

**ପୁରୀ ଅଫିସ,୨।୩**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ଠାକୁରଙ୍କ ଲିଙ୍ଗ ସର୍ବଦା ପାଣିରେ ବୁଡି ରହିଥାନ୍ତି। ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଭକ୍ତମାନେ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଲିଙ୍ଗ ଦର୍ଶନ କରିଥାନ୍ତି। ଶନିବାର ଥିଲା ପଙ୍କୋଦ୍ଧାର ଏକାଦଶୀ। ପଙ୍କୋଦ୍ଧାର ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।

ପଙ୍କୋଦ୍ଧାର ଏକାଦଶୀ ନୀତି ଲାଗି ଶୁକ୍ରବାର ରାତି ୨ଟାରେ ମନ୍ଦିର ଦ୍ୱାର ଫିଟି ମଙ୍ଗଳ ଆଳତି, ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ବଢି ସକାଳ ୮ଟାରୁ ପଙ୍କୋଦ୍ଧାର ଆରମ୍ଭ ହୋଇଥିଲା। ସେବାୟତମାନେ ପଙ୍କ ବାହାର କରିଥିଲେ। ପୂର୍ବାହ୍ନ ୧୧ଟାରେ ପଙ୍କୋଦ୍ଧାର ସରିବା ପରେ ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ଭକ୍ତମାନେ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରିଥିଲେ। ଭକ୍ତଙ୍କ ଦର୍ଶନ ସରିବା ପରେ ସନ୍ଧ୍ୟାଧୂପ, ଅନ୍ୟାନ୍ୟ ନୀତି ବଢି ମହାପ୍ରଭୁଙ୍କ ବଡ଼ସିଂହାର ବେଶ ହୋଇଥିଲା। ଏହି ଅବସରରେ ଲୋକନାଥ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପ୍ରାୟ ୪୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ପଙ୍କୋଦ୍ଧାର ଏକାଦଶୀ ପାଇଁ ମନ୍ଦିର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଆଲୋକମାଳାରେ ମଧ୍ୟ ସୁସଜ୍ଜିତ କରାଯାଇଥିଲା।

ବର୍ଷସାରା ଭକ୍ତମାନେ ବେଲପତ୍ର, କଦଳୀ, ଛାଚି, ଫୁଲ, ରୁପାର ଅଙ୍ଗ ଯାହା ମହାପ୍ରଭୁଙ୍କୁ ପ୍ରଦାନ କରୁଥିଲେ ତାହା ଗମ୍ଭୀରାରେ ରହି ପଙ୍କ ହୋଇଥାଏ। ଏହି ଗୋଟିଏ ଦିନ ପଙ୍କୋଦ୍ଧାର କରାଯାଇ ଗମ୍ଭୀରାକୁ ସମ୍ପୂର୍ଣ୍ଣ ପରିଷ୍କାର କରାଯାଏ। ମହାପ୍ରଭୁଙ୍କ ମସ୍ତକରୁ ଝରୁଥିବା ଗଙ୍ଗା ଜଳରେ ପୁନଶ୍ଚ ଗମ୍ଭୀରା ପୂର୍ଣ୍ଣ ହୋଇଥାଏ।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭାଜପାର ବିଜୟ ସଂକଳ୍ପ ବାଇକ୍ ଶୋଭାଯାତ୍ରା

**କଟକ ଅଫିସ,୨।୩**

ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଶନିବାର କଟକ ଭାଜପା ପକ୍ଷରୁ ବିଜୟ ସଙ୍କଳ୍ପ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସ୍ଥାନୀୟ ଦୋଳମୁଣ୍ଡାଇ ଛକ ଠାରୁ ବାଇକ ଶୋଭାଯାତ୍ରାରେ ବାହାରି ସମଗ୍ର ସହର ପରିକ୍ରମା କରିଥିଲେ। ଦେଶରେ ସାମ୍ପ୍ରତିକ ପରିସ୍ଥିତି, ପାକିସ୍ତାନ ବିରୋଧରେ ଭାରତର କଡା ଆଭିମୁଖ୍ୟ, କୂଟନୈତିକ ସ୍ତରରେ ଭାରତ ପ୍ରଭାବରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ସମୂହ ଭାରତକୁ ଖୋଲାଖୋଲି ଭାବେ ସମର୍ଥନ କରିବାକୁ ନେଇ ଦେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଥିଲେ। ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ସୌରଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ସାମଲ, ପ୍ରଦୀପ ସ୍ୱାଇଁ, ଦୟାନିଧି ଲେଙ୍କା, ସାକ୍ୟସିଂ ମିଶ୍ର, ସୁକାନ୍ତ ସିଂ, ହରପ୍ରସନ୍ନ ଦାସ, ଜିତେନ ବେହେରା, ଦିଲୀପ ଦାସ, ଲିଙ୍ଗରାଜ ହାତୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ଥିଲେ। ସୂଚନାଯୋଗ୍ୟ, ସାରା ଦେଶରେ ଭାଜପା ପକ୍ଷରୁ ଶନିବାର ବିଜୟ ସଙ୍କଳ୍ପ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ସଫଳ ହୋଇଥିବା ନେଇ ଶନିବାର ପ୍ରଧାନମନ୍ତ୍ରୀ ମୋଦି ଭାଜପାର ସମସ୍ତ ନେତା ଓ କର୍ମୀଙ୍କୁ ବଧାଇ ଦେଇଛନ୍ତି।



ଭାଜପା ପକ୍ଷରୁ ଦୋଳମୁଣ୍ଡାଇ ଛକଠାରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

## ରାଜଧାନୀରେ ଚାଞ୍ଚଲ୍ୟ

# ବିଜୁ ଯୁବବାହିନୀ ସଦସ୍ୟଙ୍କୁ ଛୁରି ଭୁସି ହତ୍ୟା

**ଭୁବନେଶ୍ୱର,୨।୩ (ବ୍ୟୁରୋ)**

- ବାହାରି ପଡ଼ିଲା ଅନ୍ତବୁଜୁଳା
- ଅନ୍ୟ ଜଣେ ଗୁରୁତର, ୧୦ରୁ ଉର୍ଦ୍ଧ୍ୱ ଯୁବକ ସାମିଲ



ଶିବଶଙ୍କର ଗୌଡ଼



ଆହତ ଲିଙ୍ଗରାଜ ରେଡ୍ଡୀ

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ କେତେଜଣ ଦୁର୍ବୃତ୍ତ ଛୁରି ଭୁସି ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଖଣ୍ଡଗିରି ତପୋବନ ବସ୍ତିରେ ରହୁଥିବା ଗଞ୍ଜାମ ଜିଲାର ଶିବଶଙ୍କର ଗୌଡ଼ (୧୯)। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶିବଶଙ୍କରଙ୍କ ସାଙ୍ଗ ଲିଙ୍ଗରାଜ ରେଡ୍ଡୀ ମଧ୍ୟ ଆହତ ହୋଇଛନ୍ତି।

ପୋଲିସ ସୂଚନାନୁଯାୟୀ, ଶିବଶଙ୍କର ପରିବାର ସହ ତପୋବନ ଲେନ୍ ବସ୍ତିରେ ରହି ରଙ୍ଗକାମ କରନ୍ତି। ମା’ ଦିନ ମଜୁରିଆ ଭାବେ କାମ କରୁଥିବାବେଳେ ତାଙ୍କର ଗୋଟିଏ ଭଉଣୀ ଓ ସାନ ଭାଇ ଅଛନ୍ତି। ସାଙ୍ଗ ଲିଙ୍ଗରାଜ ମଧ୍ୟ ଶିବଶଙ୍କରଙ୍କ ସହ ମିଶି ରଙ୍ଗକାମ କରନ୍ତି। ଏହାସହ ସେ ବିଜୁ ଯୁବ ବାହିନୀର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରନ୍ତି। ଶନିବାର ଛୁଟିଥିବାରୁ ସେମାନେ ରଙ୍ଗ କାମକୁ ଯାଇ ନ ଥିଲେ। ଜଣେ ସାଙ୍ଗର ବାହାଘର କାର୍ଡ ବାଣ୍ଟିବାକୁ ଯାଉଥିବା କହି ଶିବଶଙ୍କର ସନ୍ଧ୍ୟାରେ ଲିଙ୍ଗରାଜଙ୍କ ସହ ଏକ ବାଇକ୍ (ଓଡି୦୨ଏଜି୯୭୭୪)ରେ ଘରୁ ବାହାରିଥିଲେ। ରାତି ପ୍ରାୟ ୭ଟା ୩୦ରେ ବସ୍‌ଷ୍ଟାଣ୍ଡ୍ ନିକଟ ଓଭରବ୍ରିଜ ପାର୍ଶ୍ୱ ଦେଇ ଯାଉଥିବାବେଳେ ଏକ ଅନ୍ଧାରୁଆ ସ୍ଥାନରେ ପୂର୍ବରୁ ଜଗି ରହିଥିବା ୧୦ରୁ ଉର୍ଦ୍ଧ୍ୱ ଯୁବକ ସେମାନଙ୍କୁ ଅଟକାଇଥିଲେ। ଗାଳିଗୁଲଜ କରିବା ସହିତ ବାଇକ ଚାବି ଛଡାଇ ନେବା ସହ ଗୋଇଠା ମାରିଥିଲେ। ଫଳରେ ଦୁଇଜଣ ବାଇକ୍ ସହ ତଳେ ପଡିଯାଇଥିଲେ। ଏହି ସମୟରେ ଲିଙ୍ଗରାଜଙ୍କୁ ୫ଜଣ ଯୁବକ ଘୋଷାରିନେଇ କାଠ ଫାଳିଆ ଓ ବାଡ଼ିରେ ପିଟିବା ସହ ଗୋଇଠା ମାରିଥିଲେ। ଆଉ କେତେଜଣ ଶିବଶଙ୍କରଙ୍କୁ ଟାଣିନେଇ ନିସ୍ତୁକ ମାଡ଼ ମାରିଥିଲେ। ସଂଘବଦ୍ଧ ଆକ୍ରମଣ ସମୟରେ ଜଣେ ଯୁବକ ହଠାତ୍ ଛୁରି ବାହାର କରି ଶିବଶଙ୍କରଙ୍କ ପେଟ ଓ ଶରୀରକୁ ବାରମ୍ବାର ଭୁସି ଥିଲେ। ଫଳରେ ତାଙ୍କ ପେଟରୁ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ଘଟଣାସ୍ଥଳକୁ ଆସୁଥିବା ଦେଖି ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶିବଶଙ୍କର ଓ ଲିଙ୍ଗରାଜଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ଶିବଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ।

ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ଦୁଇଦିନ ତଳେ ଶିବଶଙ୍କର ଜଣେ ନାବାଳିକାଙ୍କୁ କମେଣ୍ଟ ମାରିଥିଲେ। ଏହାକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶନିବାର ରାତିରେ ଶିବଶଙ୍କର ଓ ତା’ର ସାଙ୍ଗକୁ ସମାଧାନ କରିବାକୁ ଡାକି ଏଭଳି କାଣ୍ଡ ଭିଆଇଛନ୍ତି। ହତ୍ୟା କରିଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି। ରବିବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନିଜ ଦୋଷକୁ ସ୍ୱୀକାର କଲେ
ମନ ଶାନ୍ତ ଓ ପବିତ୍ର ହୋଇଯାଏ
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### କୂଅରେ ପଡ଼ି ଛାତ୍ରୀ ଗୁରୁତର

**ଆଠଗଡ଼, ୨।୩(ସ୍ୱ.ପ୍ର.):** କୂଅରୁ ପାଣି କାଢୁଥିବାବେଳେ ଖସି ପଡ଼ି ଶନିବାର ଆଠଗଡ଼ ଥାନା ଅଧୀନ ରାଜନଗର ଗ୍ରାମର ବ୍ରଜବନ୍ଧୁ ଦେହୁରୀଙ୍କ ଝିଅ ଶୁଭଲକ୍ଷ୍ମୀ ଦେହୁରୀ(୧୬) ଗୁରୁତର ହୋଇଛନ୍ତି। ଗ୍ରାମବାସୀ ଦୂରରୁ ଏହା ଦେଖି ପାଟି କରିବାରେ ପରିବାର ଓ ପଡୋଶୀ ଲୋକମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ପ୍ରାୟ ଅଧଘଣ୍ଟା ପରେ ଶୁଭଲକ୍ଷ୍ମୀଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଅଚେତ ଶୁଭଲକ୍ଷ୍ମୀଙ୍କ ଚିକିତ୍ସା ଜାରି ରହିଛି। ପାଣି ପିଇ ହେଉ ବା ମୁଣ୍ଡରେ ଶକ୍ତ ଆଘାତ ହେତୁ ସେ ସଂଜ୍ଞାହୀନ ହୋଇପଡିଥିବା ଡାକ୍ତର କହିଛନ୍ତି। ଶୁଭଲକ୍ଷ୍ମୀ ନିକଟସ୍ଥ ବେଣ୍ଟପଦା ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି।

### ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

**ମାହାଙ୍ଗା, ୨।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡ଼ା ପଞ୍ଚାୟତର ଅନ୍ୟ ଦଳର କର୍ମୀ ଦଳଛାଡି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଜନ ହିତକର କାର୍ଯ୍ୟ ଏବଂ ମନ୍ତ୍ରୀ ଜେନାଙ୍କ ଦୃଢ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଉକ୍ତ ପଞ୍ଚାୟତର ମଣି ସାହୁ, ଉପେନ୍ଦ୍ର ନାଥ ସାହୁ, କୁଞ୍ଜବିହାରୀ ରାଉତ, ସୂର୍ଯ୍ୟମଣି ଲେଙ୍କା, ଗୟାଧର ସାହୁ, ଭାଗ୍ୟଧର ସ୍ୱାଇଁ, ବିଳାସ ରାଉତ, ରଞ୍ଜିତ ମଲିକ, ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ବିଜେଡିରେ ଯୋଗଦାନ କରିଛନ୍ତି। ଭେଡା ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ୍ତ ସିଂହ, ସରପଞ୍ଚ ଦେବାଶିଷ ସିଂହ, ସମିତିସଭ୍ୟ ଦିଲୀପ ନାୟକ, ନୀରୋଦ ସାମଲ ଓ ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଆଠଗଡ଼, ୨।୩(ସ୍ୱ.ପ୍ର.):** ଆଠଗଡ଼ ଏନଏସି ଅଞ୍ଚଳ ବିଜୁ ଯୁବବାହିନୀ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସି ସଂଯୋଜକ ଦିଲୀପ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ସୁପ୍ତ ପ୍ରତିଭାଙ୍କୁ ଜାଗ୍ରତ କରାଇ ଲୋକଲୋଚନକୁ ଆଣିବାରେ ଯୁବବାହିନୀର ଅତୁଳନୀୟ ଅବଦାନ ରହିଥିବା ପ୍ରକାଶ କରିଥିଲେ। ଏନଏସି ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା, ଯୁବ ବିଜେଡି ନଗର ସଭାପତି ପ୍ରଦୀପ୍ତ ମହାନ୍ତି, ସାମାଜିକ କର୍ମୀ ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସି ଯୁବବାହିନୀ ସଭାପତି ଅମରନାଥ ମହାନ୍ତି, ମୃତ୍ୟୁଞ୍ଜୟ ରଣା, ରୁଦ୍ର ନାରାୟଣ ଦେଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ କଳାକାରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ଝିଅାରୀଙ୍କ ଗର୍ଭପାତ କରାଇଲେ ଦାଦା

# ସ୍ୱାଇଁଙ୍କ ଏତଲା ପରେ ଅଭିଯୁକ୍ତ ଅଟକ

**ଆଠଗଡ଼, ୨।୩(ସ୍ୱ.ପ୍ର.)**

ଆଠଗଡ଼ ଏନଏସି ଅଞ୍ଚଳର କନ୍ତୋଲଠାରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ସ୍ୱାଇଁଙ୍କୁ ନ ଜଣାଇ ଦାଦା ଝିଅାରିଙ୍କ ଗର୍ଭପାତ କରାଇଛନ୍ତି। ଏ କଥା ସ୍ୱାଇଁ ଜାଣିବା ପରେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ଦାଦାଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ବଡ଼ମ୍ବା ବ୍ଲକ କାନପୁର ଥାନା ଅଧୀନ କନକପୁରର ଅକ୍ଷୟ ସାହୁଙ୍କ ପୁଅ ଅପୂର୍ବ ରଞ୍ଜନ ସାହୁ ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ଅଞ୍ଚଳର ସଞ୍ଜୟ ସାହୁଙ୍କ ଝିଅ ସୋନାଲୀଙ୍କୁ ୨୦୧୮ ଡିସେମ୍ବର ୨ରେ ପ୍ରେମ ବିବାହ କରିଥିଲେ। କିନ୍ତୁ ସୋନାଲୀଙ୍କ ପରିବାର ଲୋକେ ଏଥିରେ ସନ୍ତୁଷ୍ଟ ନ ଥିଲେ। ଅପୂର୍ବ ସମ୍ବଲପୁରରେ ଅଗ୍ନିଶମ ବିଭାଗରେ ଚାକିରି କରିଥିବାରୁ ସେଠାରେ ସୋନାଲି ତାଙ୍କ ସହ ରହୁଥିଲେ। ସୋନାଲିଙ୍କ ବାପଘର ଲୋକେ ପରବର୍ତ୍ତୀ ସମୟରେ ବିବାହକୁ ସ୍ୱୀକାର ପୂର୍ବକ ଝିଅସ୍ୱାଇଁଙ୍କୁ ବୁଝାଶୁଝା କରି ଘରକୁ ଆଣିଥିଲେ। ସୋନାଲି ନିଜ ବାପଘର ହିନ୍ଦୋଳ ରୋଡ୍ ସ୍ଥିତ ଘରେ ରହୁଥିଲେ। ଏହି ସମୟରେ ସେଠାରେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଏପରି କି ଗତ ୧ ତାରିଖ ରାତିରେ ତାଙ୍କ ଦାଦା ସୋନାଲିଙ୍କ ଗର୍ଭ ନଷ୍ଟ କରାଇଥିଲେ। ପରେ ତାଙ୍କୁ ଜଣେ ଔଷଧ ଦୋକାନୀଙ୍କ ଘରେ ଲୁଚାଇ ରଖିଥିଲେ। ସୋନାଲୀ କୌଣସି ବ୍ୟକ୍ତିଙ୍କ ସହାୟତାରେ ଏ ସମ୍ପର୍କରେ ଅପୂର୍ବଙ୍କୁ ଜଣାଇଥିଲେ। ଅପୂର୍ବ ଘଟଣା ସମ୍ପର୍କରେ ଚୌଦ୍ୱାରସ୍ଥିତ ଜାତୀୟ ମାନବିକ ଅଧିକାର ସୁରକ୍ଷା ସମିତିର ଦୃଷ୍ଟି ଆକର୍ଷଣ କରିଥିଲେ। ମାନବିକ ଅଧିକାର ସୁରକ୍ଷା ସମିତି ସଭାନେତ୍ରୀ ରେଣୁବାଳା ନାୟକଙ୍କ ନେତୃତ୍ୱରେ ପ୍ରମିଳା ଓଝା, ଗୋଲାପ ସିଂ, ନରୋତ୍ତମ ଦାସ ପ୍ରମୁଖ ଆଠଗଡ଼ ଆସି ପୋଲିସ ସହାୟତାରେ ଔଷଧ ଦୋକାନୀଙ୍କ ଘରୁ ସୋନାଲୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଅପୂର୍ବଙ୍କ ପକ୍ଷରୁ ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ସୋନାଲୀଙ୍କ ଦାଦା ଅଜୟ ସାହୁ ଥାନାରେ ଅଟକ ଅଛନ୍ତି। ସେ ସମ୍ପୃକ୍ତ ଔଷଧ ଦୋକାନୀଙ୍କ ଘରେ ଥିଲେ। ଏ ନେଇ ନଂ. ୩୭/୧୯ରେ ଏକ ମାମଲା ରୁଜୁ ହୋଇଛି।

## କଣ୍ଟାପାରି-ଓଢ଼ିଙ୍ଗିପୁର କାଳୀମାର୍ଗ ସେତୁର ଶିଳାନ୍ୟାସ

**ନେମାଳ, ୨।୩(ଡି.ଏନ.ଏ.)**



କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ନେମାଳ ଥାନା ଅଧୀନ ତିଲକଣା ପଞ୍ଚାୟତରେ କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ମନ୍ତ୍ରୀ ବେହେରା ୫ ଲକ୍ଷ ଟଙ୍କା ବ୍ୟୟରେ ପୁନ୍ଦାଳ ଶାଖା କେନାଲ ମଣ୍ଡପ ଦାରୁ ଗୋସାଇଁ ସେତୁ, କରାଣ୍ଡିଆ କେନାଲ ତିଲକଣା ମଲ୍ଲିକ ସାହି ସେତୁ ଓ ପରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨ କୋଟି ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହେବାକୁ ଥିବା କଣ୍ଟାପାରିଠାରୁ ଓଢିଙ୍ଗିପୁର କାଳୀମାର୍ଗ ସେତୁର ଶିଳାନ୍ୟାସ କରିବା ସହ ଭଗବାନପୁରସ୍ଥିତ ଅଙ୍ଗନୱାଡି ଗୃହର ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସରପଞ୍ଚ ବିଶ୍ୱନାଥ ପଣ୍ଡା, ବରିଷ୍ଠ ବିଜେଡି ନେତା ରମେଶ ଚନ୍ଦ୍ର ସ୍ୱାଇଁ, ଯୁବନେତା ରମେଶ ଚନ୍ଦ୍ର ଜେନା, ଉମେଶ ଭୂୟାଁ, ଭୀମସେନ୍ ଜେନା, ନେମାଳ ବିଜେଡି ସଭାପତି ବିମଳ ଦାସ, ସାନ୍ତପୁର ବିଜେଡି ସଭାପତି ଭୁବନାନନ୍ଦ ଦଳାଇ, ପ୍ରଦୀପ୍ତ ସାହୁ ଓ ଭୈରବ କାନ୍ତ ପ୍ରମୁଖ କର୍ମୀ ମନ୍ତ୍ରୀ ବେହେରାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

■ ବ୍ଲକ୍‌ସ୍ତରୀୟ ଭଲିବଲ୍ ପ୍ରତିଯୋଗିତା

## ସତ୍ୟଭାମାପୁର ଦଳ ଚାମ୍ପିୟନ

**ସାଲେପୁର, ୨।୩(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ନାନ୍ଦୋଳ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସ୍ଥାନୀୟ ବାସୁଲେଇ ମନ୍ଦିର ପଡ଼ିଆରେ ଏକ ଭଲିବଲ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନରଦା, ମଧୁପୁର, ପଟଣା, ସାଲେପୁର, ମହାସିଂହପୁର, ନୂଆସାହି, ସତ୍ୟଭାମାପୁର ଓ ପଦ୍ମପୁର ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ମଧୁପୁର ଓ ସତ୍ୟଭାମାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ସତ୍ୟଭାମାପୁର ଦଳ ୨-୧ପଏଣ୍ଟରେ ମଧୁପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥିଭାବେ ପ୍ରାକ୍ତନ ଜିଲାପରିଷଦ ଅଧ୍ୟକ୍ଷ ତଥା ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ନାନ୍ଦୋଳ ସରପଞ୍ଚ ମନସ୍ମିତା ସ୍ୱାଇଁ, ନାଏବ ସରପଞ୍ଚ ଜୟନ୍ତ ରାଉତ, ଶିଶିର ନାୟକ, ଜ୍ଞାନରଞ୍ଜନ ପଟ୍ଟନାୟକ, ବିଜୁ ଯୁବବାହିନୀ ସଭାପତି ବିନୋଦ ବିହାରୀ ସାହୁ ଓ ସମ୍ପାଦକ ମନୋଜ ଖିଲାର୍‌ଙ୍କ ସମେତ ବିଜୁ ଯୁବବାହିନୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିଥି ଚାମ୍ପିୟାନ୍ ଓ ରନର୍ସଅପ୍ ଦଳକୁ ଟ୍ରଫିସହ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ରଜନୀକାନ୍ତ ମହାନ୍ତି, ବାନାମ୍ବର ଦାସ, ଦୀପକ କୁମାର କବାଟି, ନୀରଞ୍ଜନ ଦାଶ ଓ ସୁବାସ ବେଜ୍ ପ୍ରମୁଖ ପରିଚାଳନା କରିଥିଲେ।



ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

## ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟାପକ, ଅଭିଭାବକ ସମ୍ମିଳନୀ

**ସାଲେପୁର, ୨।୩(ଡି.ଏନ.ଏ.)**

ସାଲେପୁର କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟାପକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର୍ ସରୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ବହୁ ଅଭିଭାବକ, ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ଯୋଗ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସ୍ୱାତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଅଧ୍ୟାପିକା ଡ. କ୍ଷଣପ୍ରଭା ମହାନ୍ତି ଅତିଥି ପରିଚୟ ସହ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବିଭାଗର ବିଭିନ୍ନ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ମହାନ୍ତି ସମ୍ମିଳନୀର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଭାଗ ପକ୍ଷରୁ ସମସ୍ତ ଅଭିଭାବକଙ୍କୁ ସ୍ୱାଗତ କରାଯିବା ସହ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିଭାବକଙ୍କ ପକ୍ଷରୁ ପ୍ରାଧ୍ୟାପକ ପ୍ରଭାତ କୁମାର ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ମୁଦୁଲି ପ୍ରମୁଖ ନିଜ ବକ୍ତବ୍ୟରେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରଥମ ବାର୍ଷିକ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ବରିଷ୍ଠ ଶିକ୍ଷକ ମନୋରଞ୍ଜନ ମୁଦୁଲି ପ୍ରସ୍ତାବ ଦେଇଥିଲେ। ଡେମୋନଷ୍ଟ୍ରେଟର୍ ମହେଶ ଚନ୍ଦ୍ର କର, ଗୌରାଙ୍ଗ ଚରଣ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଜପାର ବିଜୟ ସଂକଳ୍ପ ଶୋଭାଯାତ୍ରା

**ଆଠଗଡ଼, ୨।୩(ସ୍ୱ.ପ୍ର.)**

ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶନିବାର ସକାଳୁ ବହୁ କର୍ମୀ ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀଧବଳେଶ୍ୱରଙ୍କ ପୀଠରେ ସମବେତ ହୋଇଥିଲେ। ପୂଜାର୍ଚ୍ଚନା ପରେ ବ୍ଲକର ବିଭିନ୍ନ ଗ୍ରାମରେ ବାଇକ୍ ଶୋଭାଯାତ୍ରା କରି ଦଳ ସପକ୍ଷରେ ନାରା ଦେଇ ଆଠଗଡଠାରୁ ତିଗିରିଆ ବ୍ଲକକୁ ଯାଇଥିଲେ। ବରିଷ୍ଠ ନେତା ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ବିଭୂତିଭୂଷଣ ମିଶ୍ର, ମନ୍ମଥ ମିଶ୍ର, ପ୍ରଦୀପ ଶାହା, ସଂକର୍ଷଣ ମହାନ୍ତି, ଜଗଦାନନ୍ଦ ତ୍ରିପାଠୀ, ବିଚିତ୍ରାନନ୍ଦ ଜେନା, ପ୍ରକାଶ ସେଠୀ ଓ ତପନ ଲେଙ୍କାଙ୍କ ସମେତ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା କଳାପାଟଙ୍କ ମନ୍ଦିରଠାରେ ଶୋଭାଯାତ୍ରା ଶେଷ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ନ ଥିବାକୁ ପେଯ**
**କେହି ନ ଥିବାକୁ ତୋ ମୁହଁ ଚାହୁଁଛି**
**କହିବାକୁ ମାଡ଼େ ଲାଜ।**

ଗରିବ ଘରେ ଅଭାବ ଅନଟନ ଲାଗି ରହିଥାଏ। ଘରେ ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଯାଉ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ରହିବ ବୋଲି ଅନ୍ୟକୁ ଆପଣାର କରିଥିବା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ଦେଖି ଦୁଃଖରେ ଭାଙ୍ଗି ପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜାମିନି ହୋଇଛି ଦବା ପାଇଁ**
**ଗଛରେ ଚଢ଼ିଛି ମରିବା ପାଇଁ।**

ସାଧାରଣତଃ ଜାମିନମାନେ ବ୍ୟକ୍ତିଗତ ମୁଚାଲିକା ମାଧମରେ କୋର୍ଟରୁ ଲୋକକୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଦଉଡ଼ିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

**ମାହାଙ୍ଗା, ୨।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ଭେଡ଼ା, ମଉଦା ଓ ଆନନ୍ଦପୁର ପଞ୍ଚାୟତରେ ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ଏ ସବୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଭେଡ଼ା ହାଇସ୍କୁଲ ଛକରୁ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ମନ୍ତ୍ରୀ ଜେନାଙ୍କୁ ଭେଡ଼ା ପଞ୍ଚାୟତର ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ। ପ୍ରଥମେ ମନ୍ତ୍ରୀ ଜେନା ଭେଡା କମ୍ୟୁନିଟି ସେଣ୍ଟର, ରାମକୃଷ୍ଣପୁର ଅଙ୍ଗନୱାଡି ନୂତନ ଗୃହ ଓ ଭେଡା ବିଜୁ ଯୁବବାହିନୀ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ପରେ ମଉଦା ପଞ୍ଚାୟତ ଗସ୍ତକରି ତ୍ରିବେଣୀଶ୍ୱର ଉପର ବଜାର ଓ ତଳ ବଜାରର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କରିବା ସହ ତ୍ରିବେଣୀଶ୍ୱର ପଟ୍ଟାମୁଣ୍ଡାଇ କେନାଲ ସେତୁ ଏବଂ ତ୍ରିବେଣୀଶ୍ୱର ଶୁକ ନଦୀ ଉପରେ ନିର୍ମିତ ବିଜୁ ସେତୁକୁ ଉଦ୍‌ଘାଟନ କରିଥିଲେ। ଏହାପରେ ମଉଦା ୬ନଂ ଓ ୨ ନଂ ୱାର୍ଡରେ ନୂତନ ଅଙ୍ଗନୱାଡି ଗୃହକୁ ଉଦ୍‌ଘାଟନ କରିଥିଲେ।

ସେହିପରି ମଉଦା କ୍ଷେତ୍ରମଣି ପ୍ରାଥମିକ ବିଦ୍ୟାଳୟ ଗୃହ, ତେଲି ସାହି ସେତୁ, ଆନନ୍ଦପୁର ପଞ୍ଚାୟତର ଚଷାଖଣ୍ଡ ବାଲିତୋଟା ରାସ୍ତାର ଶିଳନ୍ୟାସ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଭିକାରୀ ଚରଣ ସ୍ୱାଇଁ, ଆତ୍ମା ଅଧ୍ୟକ୍ଷ ଗୌତମ ଶରଣ, ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମଉଦା ସରପଞ୍ଚ ଧୀରେନ୍ଦ୍ର ନାଥ ସେଠୀ, ମଉଦା ବିଜେଡି କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟକୁମାର ଦ୍ୱିବେଦୀ, ଭେଡା ସରପଞ୍ଚ ଦେବାଶିଷ ସିଂହ, ଲଳିତମୋହନ ମହାପାତ୍ର, ପ୍ରଦୀପ୍ତ ସିଂହ, ନିରୋଦ ସାମଲ, ମଧୁସ୍ମିତା ଦାସ, ଦିଲୀପ ନାୟକ ଓ ଅକ୍ଷୟ ଗୁରୁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଶୁଭ ସୂର୍ଯ୍ୟ ପକ୍ଷରୁ ସାହିତ୍ୟ ଆଲୋଚନା ସଭା



ସାହିତ୍ୟ ଆଲୋଚନା ସଭାରେ ଯୋଗ ଦେଇଥିବା ଅତିଥି।

**ସାଲେପୁର, ୨।୩(ଡି.ଏନ.ଏ.)**

ସାଲେପୁର ମଧୁସ୍ମୃତି ମଣ୍ଡପ ପରିସରରେ ଶୋଭନୀୟ ଆନ୍ଦୋଳନ ଓ ଶୁଭସୂର୍ଯ୍ୟ ପକ୍ଷରୁ ସାହିତ୍ୟ ଆଲୋଚନା ସଭା ଏବଂ ଯୁବଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଡ. ନିଖିଳେଶ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସାଲେପୁର ତହସିଲଦାର ପଦ୍ମଜା ଦାଶ, ସାମାଜିକ କର୍ମୀ ପ୍ରଶାନ୍ତ କର, ଭାଷା ପ୍ରତିଷ୍ଠାନ ଅଧ୍ୟକ୍ଷ ତମସାରାଣୀ ମହାପାତ୍ର, ଶୋଭନୀୟ କର୍ମୀ ମିନତୀ ଦେବୀ, ଲିନା ସାମନ୍ତରାୟ, ଶୋଭନୀୟ ଆନ୍ଦୋଳନ ସଂଯୋଜିକା ଜ୍ୟୋତିର୍ମୟୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୋଭନୀୟ ଆନ୍ଦୋଳନ ଓ ଭାଷା, ସଂସ୍କୃତି, ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା, ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ଆନ୍ତର୍ଜାତିକ ଚିତ୍ରକର ଓ ଲେଖକ ପଫୁଲ୍ଲ ମହାନ୍ତି, ଆଇନଜୀବୀ ସୁରେନ୍ଦ୍ର ପତ୍ରୀ, ଡ. କନକଲତା ଦେବୀ, ସାଲେପୁର ସାରସ୍ୱତ ସମାରୋହ ସଭାପତି ଅକ୍ଷୟ ଦାଶ, କବି ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମାଟି ମା' ର ସେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଶୁଭସୂର୍ଯ୍ୟ ପତ୍ରିକା ଉନ୍ମୋଚନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମାନସ ଦାଶ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଦେଶ ଶାନ୍ତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

## ଦୁଃସାହସିକ କ୍ରୀଡ଼ା ସମ୍ପର୍କରେ ଆଲୋଚନାଚକ୍ର

**ବାଙ୍କୀ, ୨।୩(ସ୍ୱ.ପ୍ର.)**

ବାଙ୍କୀ କଲେଜରେ ଚାଲିଥିବା ଦୁଃସାହସିକ କ୍ରୀଡ଼ା ସମ୍ପର୍କରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଜିଲାପରିଷଦ କେନ୍ଦ୍ର ଜୋନ ସଦସ୍ୟ ତ୍ରିଲୋଚନ ରାଉତ, ମୁଖ୍ୟବକ୍ତା ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମ୍ମାନିତ ଅତିଥି ବାଙ୍କୀ କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସନ୍ତୋଷ ରଣା ଯୋଗଦାନ କରି ପ୍ରତ୍ୟେକ ଛାତ୍ରୀଛାତ୍ର ସାହାସ, ବୀରତ୍ୱ ଓ ଧୈର୍ଯ୍ୟ ସହକାରେ ଦୁଃସାହାସିକ ଶିକ୍ଷାଲାଭ କଲେ ଦେଶର ଗୌରବ ବଢ଼ିବ ବୋଲି ମତପ୍ରକାଶ କରିଥିଲେ। ପ୍ରଶିକ୍ଷକ ରବୀନ୍ଦ୍ର ଭୂୟାଁ ଦୁଃସାହସିକ କ୍ରୀଡ଼ା ସମ୍ପର୍କରେ ବୁଝାଇଥିଲେ। ରୋଭର୍ସ ଲିଡର ଭୂପତି ଭୂଷଣ ପ୍ରଧାନ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଜାଲିନ ପଟ୍ଟନାୟକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ କଲେଜ ଆନୁକୂଲ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଳାୟ ଓଡ଼ିଶା ଚାପ୍ଟର୍ ମିଳିତ ସହଯୋଗରେ ଅନୁଷ୍ଠିତ ହେଉଛି।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କେଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Contact:- 8676907143, 9348274623

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993



"ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।
-ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ଜଟଣୀ,୨।୩(ଡି.ଏନ.ଏ.): ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ବିବେକାନନ୍ଦସାହିରେ ଥିବା ଏକ ସର୍ବସାଧାରଣ କୂଅରେ ପଡ଼ି ଶନିବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଯୁବକଙ୍କ ମୃତଦେହ କୂଅରୁ ବାହାର କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (୧୩/୧୯) ରୁଜୁ କରି ତଦନ୍ତ କରୁଥିଲା। ପରିବାର ଲୋକେ କେଉଁଠୁ ଶୁଣି ଥାନାରେ ପହଞ୍ଚିଥିଲେ। ମୃତ ଯୁବକଙ୍କ ଫଟୋ ଥାନାରେ ଦେଖିଥିଲେ। ପରେ ଥାନାରୁ ଯାଇ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ମୃତ ଯୁବକଙ୍କ ନାମ ବବୁଲ ଲାମା(୧୮) ବୋଲି ଜଣାପଡିଛି। ତାଙ୍କ ଘର ଏହି ଥାନା ଅଞ୍ଚଳର ଗାନ୍ଧୀନଗରରେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### କଲେଜର ବାର୍ଷିକୋତ୍ସବ

ଖୋର୍ଦ୍ଧା ଅଫିସ,୨।୩: ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଇଂଲିଶ ଭାଷା ସାହିତ୍ୟ ବିଭାଗର ବାର୍ଷିକୋତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଧାପକ ଅସୀମ ରଞ୍ଜନ ପାଢ଼ୀ ଯୋଗଦେଇଥିଲେ। କଲେଜର ଅଧକ୍ଷ ଶିବ ପ୍ରସାଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଇଂଲିଶ ବିଭାଗର ମୁଖ୍ୟ ଅଧାପକ ବିଭୂତି ଭୂଷଣ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ରମଣି ରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

### କ୍ରିକେଟ : ସୋରଣ ବିଜୟୀ

ଟାଙ୍ଗୀ (ଖୋର୍ଦ୍ଧା),୨।୩(ଡି.ଏନ.ଏ.)- ହନୁମନ୍ତ ଗ୍ରାମରେ ମହାବୀର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ହେଉଥିବା ଦୁର୍ଗାଚରଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଖେଳରେ ସୋରଣର ଦାସ୍ ଟିମ ବିଜୟୀ ହୋଇଛି । ପ୍ରଥମେ ଟସ୍ ଜିତି ସୋରଣ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୯୧ ରନ କରିଥିଲା। ଜବାବରେ ଗୋଡିସାହିର ରକ୍ଷ୍ଟାର ଟିମ୍ ସମସ୍ତ ଉଇକେଟ ହରାଇ ମାତ୍ର ୨୦ ରନ କରି ହାରି ଯାଇଥିଲା। ସୋରଣ ଦଳର ମଙ୍ଗଳଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ବିବେଚିତ କରାଯାଇଥିଲା। ଖେଳ ପରିଚାଳନା ନିଲୁ ସ୍ୱାଇଁ ଓ ଅରୁଣ ସ୍ୱାଇଁ କରିଥିଲେ।

### ପାଇକ ସ୍ମୃତିସ୍ତମ୍ଭ ଉଦ୍‌ଘାଟିତ

ବୋଲଗଡ଼,୨।୩(ଡି.ଏନ.ଏ.)-ଖୋର୍ଦ୍ଧା ପାଇକ ବିଦ୍ରୋହରେ ବୋଲଗଡ଼ ଓ ବେଗୁନିଆ ବ୍ଲକ ଅଞ୍ଚଳର ବୀର ଶହୀଦଙ୍କ ସ୍ମୃତିରେ ଏକ ଶହୀଦ ପାଇକ ସ୍ମୃତିସ୍ତମ୍ଭ ଶନିବାର ଉଦ୍‌ଘାଟିତ ହୋଇଛି । ଉତ୍ସବରେ ମୁଖ୍ୟଅତିଥ ଆଦିବାସୀ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇ ସ୍ମୃତିସ୍ତମ୍ଭ ଉଦ୍‌ଘାଟନ କରିଥିଲେ।
ସ୍ୱତନ୍ତ୍ର ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ନିର୍ବାଚନୀ ହିଂସା ପୋଲିସ ପାଇଁ ଚ୍ୟାଲେଞ୍ଜ

■ ଆଗକୁ ବିଧାନସଭା, ଲୋକସଭା ନିର୍ବାଚନ
■ ଚିଲିକା, ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା ଅଫିସ,୨।୩

ନିର୍ବାଚନୀ ହିଂସା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପାରେ। ୨୦୦୯, ୨୦୧୪ ବିଧାନସଭା ଏବଂ ୨୦୧୭ ପଞ୍ଚାୟତ ନିର୍ବାଚନର ହିଂସାକାଣ୍ଡକୁ ଅନୁଧ୍ୟାନ କଲେ ନିର୍ବାଚନୀ ହିଂସା ବଢ଼ି ଚାଲିଛି। ଆଗକୁ ବିଧାନ ସଭା ଓ ଲୋକ ସଭା ନିର୍ବାଚନ ଆସୁଛି। ଏବେଠାରୁ ପୋଲିସ ତତ୍ପରତା ଓ ନିରାକରଣ ପାଇଁ ବ୍ୟବସ୍ଥା ନ କରିଲେ ଖୋର୍ଦ୍ଧା ପୋଲିସ ଜିଲାରେ ଏହାକୁ ସମ୍ଭାଳିବା କାଠିକର ପାଠ ହୋଇପଡିବ ବୋଲି କୁହାଯାଉଛି।
ଖୋର୍ଦ୍ଧା ପୋଲିସ ଜିଲାରେ ଚିଲିକା, ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀ ଅଧୀନରେ ବୋଲଗଡ, ବେଗୁନିଆ, ଖୋର୍ଦ୍ଧା ଆଦର୍ଶ, ଖୋର୍ଦ୍ଧା ସଦର, ଜଙ୍କିଆ, ନିରାକାରପୁର, ବାଲୁଗାଁ, ବାଣପୁର ଆଦି ଥାନା ରହିଛି। ୨୦୦୯ ବିଧାନସଭା ନିର୍ବାଚନରେ ବାଣପୁର ଓ ଟାଙ୍ଗୀ ଥାନାରେ ୨ଟି ନିର୍ବାଚନୀ ହିଂସା ହୋଇଥିଲା। ୨୦୧୪ ବିଧାନସଭା ଓ ଲୋକ ସଭା ନିର୍ବାଚନରେ ୮ଟି ନିର୍ବାଚନୀ ହିଂସା ହୋଇଛି। ଏଥିରୁ ବାଣପୁର ଥାନାରେ ୩ଟି, ଖୋର୍ଦ୍ଧା ସଦର ଥାନାରେ ଗୋଟିଏ, ନିରାକାରପୁର ଥାନାରେ ୨ , ଜଙ୍କିଆ ଥାନାରେ ୨ଟି ମାମଲା ହୋଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ୧୪ଟି ନିର୍ବାଚନୀ ହିଂସା ହୋଇଛି। ଏଥିରୁ ବାଲୁଗାଁ ଥାନାରେ ୩, ଟାଙ୍ଗୀ ଥାନାରେ ୩, ନିରାକାରପୁର ଥାନାରେ ୩ , ଖୋର୍ଦ୍ଧା ସଦର ଥାନାରେ ୪, ବେଗୁନିଆରେ ଗୋଟିଏ ମାମଲା ହୋଇଥିଲା। ନିର୍ବାଚନ ପୂର୍ବ ଓ ପରବର୍ତ୍ତୀ ସମୟରେ ନିରାକାରପୁର ଥାନାର ବଡପୋଖରିଆ ଅଞ୍ଚଳ ବେଶି ଅଶାନ୍ତ ହୋଇପଡେ। ରାଜନୈତିକ ପତିଆରା ଜାହିର ପାଇଁ କଥା କଥାକେ ମାରପିଟ୍ ଓ ସିରିଜ୍ ବୋମାମାଡ ଏଠାରେ ହୁଏ। ସାଧାରଣ ଲୋକ ଶାନ୍ତି ଖୋଜୁଥିଲେ ବି ମିଳୁନି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରଚାରକୁ ନେଇ ପ୍ରଚାର ଗାଡି ଭଙ୍ଗାରୁଜା ହୋଇଥିଲା। ଉଭୟ ଗୋଷ୍ଠୀର ଲୋକେ ଆହତ ହୋଇଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ ବୋମାମାଡ ଏଠାରେ ସାଧାରଣ ଘଟଣା। ସେହିପରି ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଥାନାରେ ରାଜନୈତିକ ଗଣ୍ଡଗୋଳ ବଢ଼ି ଚାଲିଛି। ଏସ୍‌ପି ଅମୂଲ୍ୟ ଦାସଙ୍କୁ ପଚାରିବାରେ ରାଜନୈତିକ ବିବାଦ ଗାଁଗୁଡିକର ବିଚାର ଶୀଘ୍ର ଶେଷ କରିବାକୁ ପୋଲିସର ପ୍ରୟାସ ଜାରି ରହିଛି। କାଳେ ଏହି ଗାଁରେ ପୁଣି ଗଣ୍ଡଗୋଳ ହୋଇପାରେ ଏଥିପ୍ରତି ପୋଲିସ ନଜର ରଖିଛି। ଦରକାର ପଡିଲେ ୧୦୭ ଧାରା ଜାରି ହେଉଛି। ଏକାଧିକ ମାମଲା ଥିବା ଅଭିଯୁକ୍ତଙ୍କ ବିରୋଧରେ ୧୧୦ ଧାରା ଲାଗୁ କରାଯାଉଛି। ରାଜନୈତିକ ବିବାଦ ନ ହେବା ପାଇଁ ପୋଲିସ ଲୋକଙ୍କୁ ସଚେତନତା କରାଉଛି ବୋଲି ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ନ ଥିବାକୁ ପେଯ**
**କେହି ନ ଥିବାକୁ ତୋ ମୁହଁ ଚାହୁଁଛି**
**କହିବାକୁ ମାଡ଼େ ଲାଜ ।**

ଗରିବ ଘରେ ଅଭାବ ଅନଟନ ଲାଗି ରହିଥାଏ। ଘରେ ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଯାଉ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ରହିବ ବୋଲି ଅନ୍ୟକୁ ଆପଣାର କରିଥିବା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ଦେଖି ଦୁଃଖରେ ଭାଙ୍ଗି ପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜାମିନି ହୋଇଛି ଦବା ପାଇଁ**
**ଗଛରେ ଚଢ଼ିଛି ମରିବା ପାଇଁ ।**

ସାଧାରଣତଃ ଜାମିନମାନେ ବ୍ୟକ୍ତିଗତ ମୁଚାଲିକା ମାଧ୍ୟମରେ କୋର୍ଟରୁ ଲୋକକୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଦଉଡ଼ିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବୋଲଗଡ଼ ମହାବିଦ୍ୟାଳୟ ବାର୍ଷିକୋତ୍ସବ




କଲେଜର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ବୋଲଗଡ,୨।୩(ଡି.ଏନ.ଏ.)

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ୨୮ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅନିରୁଦ୍ଧ ପଣ୍ଡା ପୌରୋହିତ୍ୟ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ,ଆଦିବସୀ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ବୋଲଗଡ ବିଡିଓ ମଧୁସୂଦନ ବେହେରା ମଞ୍ଚାସୀନ ଥିଲେ । ପ୍ରାଧ୍ୟାପକ ସୁନୀଲ କୁମାର ରଥ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାକେଶ କୁମାର ପ୍ରଧାନ, କବିତା ଜେନାଙ୍କୁ ଚକ୍ରଧର ସ୍ମାରକୀ ସମ୍ମାନ ଦିଆଯାଇଥିଲା। ସେହିପରି ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଖେଳଶିକ୍ଷକ ଭଞ୍ଜ କିଶୋର ଯତି, ଅଧ୍ୟାପକ ଗଣେଶ ପଣ୍ଡା, ଅଧ୍ୟାପକ ଅଜୟ କୁମାର ସାହୁ ଓ ରଞ୍ଜନ କୁମାର ଦାଶ ପ୍ରମୁଖ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବିଜୟ ସଂକଳ୍ପ ଶୋଭାଯାତ୍ରା

ଖୋର୍ଦ୍ଧା ଅଫିସ,୨।୩

ଭାଜପା ପକ୍ଷରୁ ଶନିବାର ଜିଲା ସଦର ମହକୁମାରେ ବିଜୟ ସଂକଳ୍ପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆରୁ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୨ନଂ. ଓ ୩ନଂ. ଜୋନର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ନୂଆ ବସ୍‌ଷ୍ଟାଣ୍ଡରେ ସଭା ହୋଇଥିଲା। ଅନ୍ୟମାନଙ୍କ ମଧରେ ଦିଲୀପ କୁମାର ହୋତା, ନିକୁଞ୍ଜ ପଟ୍ଟନାୟକ, ବିଭୁ ପ୍ରସାଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।
**ଜଟଣୀ,(ଡି.ଏନ.ଏ.):** ଜଟଣୀରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଶୋଭାଯାତ୍ରା ବାହାରିଥିଲା। ଦଳର ଏଠାରୁ ଦୁଇ ଆଶାୟୀ ପ୍ରାର୍ଥୀ ସୁଦୀପ୍ତ ରାୟ ଓ ସନ୍ତୋଷ ଜେନା ପୃଥକ୍ ଭାବେ ଶୋଭାଯାତ୍ରା ବାହାର କରିଥିଲେ। ବହୁ ଦଳୀୟ କର୍ମୀଙ୍କୁ ନେଇ ବାଇକ୍ ରାଲି ଜଟଣୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ସନ୍ତୋଷଙ୍କ ନେତୃତ୍ୱରେ ସ୍ଥାନୀୟ ଖୁଦୁପୁର ପଡ଼ିଆରୁ ବାହାରିଥିଲା। ସେହିପରି ସୁଦୀପ୍ତଙ୍କ କୁଦିଆରୀ ବଜାରରୁ ବାଇକ୍ ରାଲି ବାହାରିଥିଲା।
**ଟାଙ୍ଗୀ (ଖୋର୍ଦ୍ଧା), (ଡି.ଏନ.ଏ.):** ଭାଜପାର ବିଜୟ ଦିବସ ଉପଲକ୍ଷେ ଟାଙ୍ଗୀଠାରେ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଟାଙ୍ଗୀ ମଣ୍ଡଳ ଭାଜପା ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ବ୍ଲକ୍ ଛକଠାରୁ ଶତାଧିକ ଦଳୀୟ କର୍ମୀ ବାଇକ୍ ଶୋଭାଯାତ୍ରାରେ ଟାଙ୍ଗୀ ମଣ୍ଡଳର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।
ବୋଲଗଡ, (ଡି.ଏନ.ଏ.)-ଭାଜପା ପକ୍ଷରୁ ବୋଲଗଡ ବ୍ଲକ ଅଞ୍ଚଳରେ ବିଜୟ ସଙ୍କଳ୍ପ ବାଇକ୍ ଶୋଭାଯାତ୍ରା ୩ ଜୋନରେ ହୋଇଥିଲା। ପିଚୁକୁଳିଠାରେ ୫୭ ନଂ. ଜାତୀୟ ରାଜପଥରେ ଆୟୋଜିତ ବାଇକ୍ ଶୋଭାଯାତ୍ରରେ ଭାଜପାର ପ୍ରକାଶ ବିଜୁଳି, ରବୀନ୍ଦ୍ର ପରିଡା ଓ ସମର୍ଥକମାନେ ସାମିଲ ହୋଇଥିଲେ ।



ଜଟଣୀରେ ବାହାରିଥିବା ବାଇକ୍ ଶୋଭାଯାତ୍ରା

## ଓରବରସିଂହ ସରପଞ୍ଚ ପଦବୀ ଅସିଦ୍ଧ ମାମଲା
# ଏଡିଜେଙ୍କ କୋର୍ଟରେ ଅପିଲ

ଖୋର୍ଦ୍ଧା ଅଫିସ,୨।୩

ଋଣ ଖିଲାପି ସମ୍ପର୍କରେ ତଥ୍ୟ ଦେଇ ନ ଥିବା ପ୍ରମାଣ ମିଳିବା ପରେ ଖୋର୍ଦ୍ଧା କନିଷ୍ଠ ଦେୱାନୀ ଅଦାଲତର ବିଚାରପତି ଶ୍ରଦ୍ଧାଞ୍ଜଳି ରାୟଙ୍କ କୋର୍ଟରେ ଖୋର୍ଦ୍ଧା ବ୍ଲକ ଓରବରସିଂହ ପଞ୍ଚାୟତ ସରପଞ୍ଚ ଲୋକନାଥ ପଟ୍ଟନାୟକଙ୍କ ଶୁକ୍ରବାର ପଦବୀ ଅସିଦ୍ଧ ଘୋଷଣା ହୋଇଥିଲା। ଅନ୍ୟପକ୍ଷେ ପରାଜିତ ପ୍ରାର୍ଥୀ ସଞ୍ଜୟ କୁମାର ରାଟସିଂହଙ୍କୁ କାର୍ଯ୍ୟ ଗ୍ରହଣ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ମିଳିଥିଲା। ଏଭଳିସ୍ଥଳେ ଲୋକନାଥ ଖୋର୍ଦ୍ଧାର ଅତିରିକ୍ତ ଜିଲା ଜଜ କୋର୍ଟ (ଏଡିଜେ) ଧନୁର୍ଦ୍ଧର ସେନାପତିଙ୍କ କୋର୍ଟରେ ଅପିଲ କରିଛନ୍ତି। ଯାହାକି ବିଚାର ପାଇଁ ଗ୍ରହଣୀୟ ହୋଇ ୭ ତାରିଖରେ ଶୁଣାଣି ଲାଗି ଦିନ ଧାର୍ଯ୍ୟ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜୟୀ ପ୍ରାର୍ଥୀ ଲୋକନାଥ ୧୨୩୯ ଭୋଟ୍ ପାଇଥିଲେ। ପରାଜିତ ପ୍ରାର୍ଥୀ ସଞ୍ଜୟ ୧୨୨୭ ଭୋଟ ଓ ତୃତୀୟ ପ୍ରାର୍ଥୀ ବିଭୂତି ଭୂଷଣ ବଳିଆରସିଂ ୬୨ ଖଣ୍ଡ ଭୋଟ ପାଇଥିଲେ। ନାମାଙ୍କନପତ୍ର ଦାଖଲ ସମୟରେ ବିଜୟୀ ପ୍ରାର୍ଥୀ ଲୋକନାଥ ୧୯୯୭-୯୮ ମସିହାରେ ଓରମି କୋ ଅପରେଟିଭ ସୋସାଇଟିର ସଭାପତି ଥିବା ବେଳେ ୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଋଣ ପରିଶୋଧ କରି ନ ଥିବା ଅଭିଯୋଗ ହୋଇଥିଲା। ପ୍ରତିପକ୍ଷ ପରାଜିତ ପ୍ରାର୍ଥୀ ସଞ୍ଜୟ ଏହାକୁ ଚ୍ୟାଲେଞ୍ଜ କରି କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟ ଏହାକୁ ଗ୍ରହଣ କରି ନଂ. ୫/୧୭ରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ।

# ସ୍ଥାୟୀ ପଟ୍ଟା ସହ ରୋଜଗାର ପ୍ରତିଶ୍ରୁତି ସମାବେଶ

ଟାଙ୍ଗୀ (ଖୋର୍ଦ୍ଧା),୨।୩(ଡି.ଏନ.ଏ.)-

ରାଜ୍ୟ ଭାଜପାର ଟାଙ୍ଗୀ ମଣ୍ଡଳ ତରଫରୁ ସ୍ଥାୟୀ ପଟ୍ଟାସହ ପକ୍କାଘର ଓ ବେରୋଜଗାରୀଙ୍କୁ ରୋଜଗାର ସମ୍ପର୍କିତ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ୍‌ର ମଙ୍ଗଳାଯୋଡି, ଉଜଳା ଗୋପୀନାଥପୁର, କନ୍ତଳବାଇ, ଭୁଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତଠାରେ ବେକାର ଯୁବତୀଯୁବକ ଓ ଭୂମିହୀନ ମା'ଭଉଣୀମାନଙ୍କ ସମସ୍ୟା ସମ୍ପର୍କରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଆଲୋଚନା କରିବା ସହିତ ସେମାନଙ୍କୁ ରୋଜଗାର ଓ ସ୍ଥାୟୀ ପଟ୍ଟା ଦେବାର ପ୍ରତିଶ୍ରୁତି ପତ୍ର ବଣ୍ଟନ କରିଥିଲେ। ଆଗାମୀ ଦିନରେ ଭାଜପା ସରକାର ଗଠନ କଲେ ଟାଙ୍ଗୀ ବ୍ଲକ୍‌ର ଏହି ସବୁ ଅଞ୍ଚଳର ଉନ୍ନତୀକରଣ ନିମନ୍ତେ ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଟାଙ୍ଗୀ ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡା, ବରିଷ୍ଠ ନେତା ଦୁର୍ଯ୍ୟୋଧନ ରାଉତରାୟ, ଟାଙ୍ଗୀ ମଣ୍ଡଳ ସମ୍ପାଦକ କପିଳେଶ୍ୱର ପାଟଶାଣୀ, ବାଲିପାଟପୁର ପୂର୍ବତନ ସରପଞ୍ଚ ବାଇଧର ମହାରଣାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହିସବୁ ପଞ୍ଚାୟତରେ ଅପରାଜିତା ଦଳୀୟ ଅଫିସ ଉଦ୍‌ଘାଟନ କରିଥିଲେ।




ଟାଙ୍ଗୀଠାରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

■ ଦୃଷ୍ଟିହୀନ ହୋଇ ବି ସକ୍ଷମ

# କଳାକାର ଭତ୍ତାରୁ ଆଦିକନ୍ଦ ବଞ୍ଚିତ

ଜଟଣୀ,୨।୩(ଡି.ଏନ.ଏ.)

ଆଦିକନ୍ଦ ସାହୁ। ବୟସ ୫୫। ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ୪ ନଂ. ୱାର୍ଡର ସେ ବାସିନ୍ଦା। ଜନ୍ମରୁ ଦୃଷ୍ଟିହୀନ। ଦୃଷ୍ଟିହୀନ ହୋଇ ମଧ ଚଣ୍ଡିଗଡ଼ର ପ୍ରାଚୀନ କଳାକେନ୍ଦ୍ରରୁ ତବଲାରେ ଭାସ୍କର ଓ ଆଲ୍ଲାହାବାଦର ପ୍ରୟାଗ ସଙ୍ଗୀତ ସମିତିରୁ ହିନ୍ଦୁସ୍ତାନୀ ଭୋକାଲରେ ସେ ବିଶାରଦ କରିଛନ୍ତି। ଏହି ସଙ୍ଗୀତ ଶିକ୍ଷା ତାଙ୍କୁ ବଞ୍ଚିବାର ରାହା ଦେଇଛି। ତବଲା ଓ ସଙ୍ଗୀତ ଶିକ୍ଷା ପ୍ରଦାନ କରି ଯାହା ରୋଜଗାର କରୁଛନ୍ତି ସେଥିରେ ସେ ଚଳୁଛନ୍ତି। ୪ ନଂ. ୱାର୍ଡର ରାଜାବଜାର ସୀତାରାମ କଲୋନୀରେ ଏକାକୀ ସେ ରହୁଛନ୍ତି। ଦୃଷ୍ଟିହୀନ ହୋଇ ମଧ୍ୟ ଅନ୍ୟମାନଙ୍କୁ ସଙ୍ଗୀତ ଶିକ୍ଷା ଦେବା ସହ ନିଜେ ରୋଷେଇଠାରୁ ସମସ୍ତ କାର୍ଯ୍ୟ କରୁଛନ୍ତି। ଏପରି ଜଣେ ବ୍ୟକ୍ତି କଳାକାର ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଆବେଦନ ପରେ ଜଟଣୀ ମ୍ୟୁନିସିପାଲିଟିଠାରୁ ଆରମ୍ଭ କରି ଖୋର୍ଦ୍ଧା ସଂସ୍କୃତି ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଯାଇ ଅନୁରୋଧ କରିବା ସତ୍ତ୍ୱେ କେହି ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ଦେଖିବା, ପରେ ଆସ, ଦ୍ୱିତୀୟ ପର୍ଯ୍ୟାୟରେ ହୋଇପାରେ। ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଏପରି ଉତ୍ତର ଶୁଣି ସେ ଫେରୁଛନ୍ତି। ଉତ୍ତର ଦେଉଥିବା କର୍ମଚାରୀ ଆଦିକନ୍ଦଙ୍କୁ ଦେଖି ସାମାନ୍ୟ ଦୟା ଭାବ ଆସୁ ନ ଥିବା ଏଥିରୁ ପ୍ରତୀୟମାନ ହେଉଛି। ଯେପରି ମାନବିକତା ହରାଇଲା ଭଳି ଉତ୍ତର ଦେଉଛନ୍ତି। ଏପରି ଜଣେ ଭିନ୍ନକ୍ଷମ ଯୋଗ୍ୟ କଳାକାରଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିବା ଜଟଣୀ ମ୍ୟୁନିସିପାଲିଟିର ପୂର୍ବତନ ଉପାଧକ୍ଷା ଅନ୍ନପୂର୍ଣ୍ଣା ସାହୁ କହିଛନ୍ତି। ଏ ସଂକ୍ରାନ୍ତରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ପଚାରିବାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଏ ନେଇ ଆଲୋଚନା କରି କିପରି ସମ୍ପୃକ୍ତ ବ୍ୟକ୍ତି ଭତ୍ତା ପାଇବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।



ଦୃଷ୍ଟିହୀନ କଳାକାର ଆଦିକନ୍ଦ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993



"ନିଜ ଦୋଷକୁ ସ୍ୱୀକାର କଲେ
ମନ ଶାନ୍ତ ଓ ପବିତ୍ର ହୋଇଥାଏ
- ମହାତ୍ମାଗାନ୍ଧୀ"



## ସଂକ୍ଷେପରେ

### ଭାଜପାର ବାଇକ ଶୋଭାଯାତ୍ରା



**ପୁରୀ ଅଫିସ,୨।୩:** ଭାଜପା ପକ୍ଷରୁ ଶନିବାର ପୁରୀରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ତିନୋଟି ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ଗୁଣ୍ଡିଚା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ବଡ଼ଦାଣ୍ଡ ଦେଇ ସିଂହଦ୍ୱାର, ହରଚଣ୍ଡୀସାହି, ବଳିଆପଣ୍ଡା, କଚେରି, ପେଣ୍ଟକଟା ଦେଇ ଆଖଣ୍ଡଳମଣି ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, କୃଷ୍ଣଚନ୍ଦ୍ର ଜଗଦେବ, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଚନ୍ଦନପୁର ମଣ୍ଡଳ ସଂଯୋଜକ ସଚେନ୍ଦ୍ର ବାନାର୍ଜୀ, ମାନସ ଲେଙ୍କା, ସଞ୍ଜୟ ସାହୁ, ଚିତ୍ରସେନ ବେହେରା, ସଞ୍ଜୟ ବେହେରା, ହରିହର ମହାପାତ୍ର, ମନୋରମା ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ୨.୫ କୋଟି ଟଙ୍କାର ୪୦ ପ୍ରକଳ୍ପ ଲୋକାର୍ପିତ

**ଗୋପ, ୨।୩(ଡି.ଏନ୍.ଏ.):** ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଶନିବାର ଗୋପ ବ୍ଲକ୍ର ୯ଗୋଟି ପଞ୍ଚାୟତର ୨.୫ କୋଟି ଟଙ୍କାର ୪୦ଗୋଟି ପ୍ରକଳ୍ପକୁ ଲୋକାର୍ପିତ କରିଥିବାବେଳେ ଜଳସମ୍ପଦ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗର ତିନିଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଗୋପ ବ୍ଲକର ୩୧ଟି ପଞ୍ଚାୟତରୁ ଗତ ଅଗଷ୍ଟ ମାସରେ ୪୨୬ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରି ୭ କୋଟି ୯୬ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ, ଗୋପ ବ୍ଲକ୍ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲା ଦୌରାଜଜ୍‌ଙ୍କ ଜେଲ୍ ପରିଦର୍ଶନ

**ନିମାପଡ଼ା,୨।୩(ଡି.ଏନ୍.ଏ.):** ପୁରୀ ଜିଲା ଦୌରାଜଜ୍ ଅମ୍ବୁଜ ମୋହନ ଦାଶ ଶନିବାର ନିମାପଡ଼ା ଜେଲ୍ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଜିଲା ଦୌରାଜଜ୍ ଦାଶ ଜେଲ ପରିସରରେ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଅନ୍ତେବାସୀଙ୍କ ଖାଦ୍ୟ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ସମୀକ୍ଷା କରିଥିଲେ। ଜେଲରେ ଥିବା ମହିଳା ୱାର୍ଡ, ରୋଷେଇ ଘର ବୁଲି ଦେଖିବା ସହ ଜେଲର ସ୍ୱଚ୍ଛତା ଦେଖି ସନ୍ତୋଷ ପ୍ରକାଶ କରିଥିବା ଜେଲର ବାବୁଲି ବାରିକ କହିଛନ୍ତି। ଜିଲା ଦୌରାଜଜ୍ ଦାଶଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟ ଡା. ଦେବୀ ପ୍ରସାଦ ମହାପାତ୍ର ମଧ ଉପସ୍ଥିତ ଥିଲେ।

# କିଡ୍‌ନୀ ରୋଗୀଙ୍କ ଲାଗି ହେବ ର୍‍ୟାମ୍ପ, ଲିଫ୍ଟ ବ୍ୟବସ୍ଥା

**ପୁରୀ ଅଫିସ,୨।୩**

**ରୋଗୀ କଲ୍ୟାଣ ସମିତି ବୈଠକ**



ବୈଠକରେ ଉପସ୍ଥିତ ଜିଲାପାଳ, ମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ

- ନିର୍ମଳ ଯୋଜନାରେ ନିୟୋଜିତ ହେବେ ଠିକା କର୍ମଚାରୀ
- ଇସିଜିରେ ନିଯୁକ୍ତି ପାଇବେ ୩ ଟେକ୍‌ନିସିଆନ୍

ପୁରୀ ଜିଲା ରୋଗୀ କଲ୍ୟାଣ ସମିତି (ଆରକେଏସ) ସାଧାରଣ ବୈଠକ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ସିଡିଏମଓ ପର୍ଶୁରାମ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

ଜିଲା ସ୍ୱାସ୍ଥ୍ୟ ସମିତି ଓ ରୋଗୀ କଲ୍ୟାଣ ସମିତିରେ କାର୍ଯ୍ୟରତ କର୍ମଚାରୀଙ୍କୁ ୨୦୧୮ ଏପ୍ରିଲରୁ ଦରମା ପ୍ରଦାନ କରାଯାଇନାହିଁ। ଏନେଇ ଆଲୋଚନା ହୋଇଥିଲା। ନିର୍ମଳ ଯୋଜନାରେ ୪୬ ଠିକା କର୍ମଚାରୀଙ୍କୁ ନିଯୋଜିତ କରାଯିବ। ଆଇସିୟୁରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ତଥା ଆରକେଏସଏସ ଫଣ୍ଡରୁ ଠିକା କର୍ମଚାରୀଙ୍କୁ ୧୦ମାସର ଦରମା ପ୍ରଦାନ ନେଇ ସ୍ଥିର ହୋଇଥିଲା। ଇସିଜିରେ ଠିକାରେ ୩ଜଣ ଟେକ୍‌ନିସିଆନଙ୍କୁ ନିଯୁକ୍ତି ନେଇ ନିଷ୍ପତ୍ତି ହୋଇଥିଲା। ଆମ୍ବୁଲାନ୍ସରେ ଆୟ ଅପେକ୍ଷା ଅଧିକ ବ୍ୟୟ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ମେଡିକାଲ ପରିସରରେ ଜେରିଆଟିକ୍ ୱାର୍ଡ ନିର୍ମାଣ ଲାଗି ପୁରୁଣା ଜେଲ ପରିସରରୁ କିଛି ଜାଗା ହସ୍ତାନ୍ତର ଲାଗି ପ୍ରସ୍ତାବ ଆସିଥିଲା। ପ୍ରଥମ ମହଲାରେ ଡାଏଲେସିସ ୱାର୍ଡ ରହିଥିବାରୁ କିଡ୍‌ନୀ ରୋଗୀଙ୍କୁ ଯାତାୟାତରେ ଅସୁବିଧା ହେଉଛି। ରୋଗୀଙ୍କ ଯାତାୟାତ ଲାଗି ସ୍ୱତନ୍ତ୍ର ଭାବେ ର୍‍ୟାମ୍ପ ଓ ଲିଫ୍ଟ ନିର୍ମାଣ କରାଯିବ। ଏକ୍ସ-ରେ ବିଭାଗକୁ ଏମଆରଆଇ ଏବଂ ସିଟିସ୍କାନ ନିକଟକୁ ସ୍ଥାନାନ୍ତରିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ ମହୋତ୍ସବ

**ପୁରୀ ଅଫିସ,୨।୩**



ଶ୍ରୀ ଲୋକନାଥଙ୍କ ପୀଠରେ ସର୍ବବୃହତ ଜଗତମଙ୍ଗଳ ଦୀପ ପ୍ରଜ୍ୱଳନ କରାଯାଉଛି।

ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶ୍ରୀଲୋକନାଥଙ୍କ ପୀଠରେ ଶନିବାର ସର୍ବବୃହତ୍ ଜଗତ ମଙ୍ଗଳ ଦୀପ ପ୍ରଜ୍ୱଳନ କରାଯାଇଛି। ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ, ତହସିଲଦାର ବରଣେନ୍ଦୁ ମହାନ୍ତି, ପ୍ରାକ୍ତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା, ଭକ୍ତଚରଣ ଦାସ, ସିଟି ଡିଏସ୍‌ପି ସୁଧାକର ସାହୁ, ସେବାୟତ ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରାୟ ୬ ଫୁଟ ଲମ୍ବ, ସାଢେ ୪ଫୁଟ ଓସାର ଓ ୨ ଫୁଟ ଗଭୀର ଏହି ବୃହତ୍ ଦୀପ ଶ୍ରୀଲୋକନାଥଙ୍କ ପୀଠ ପାର୍ବତୀ ସାଗର ନିକଟରେ ପ୍ରଜ୍ୱଳନ କରାଯାଇଛି। ଏହି ଦୀପ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇବା ଲାଗି ଆୟୋଜକ ଆଶା ରଖିଛନ୍ତି।

## ଲୋକନାଥ ମନ୍ଦିରରେ ରହଣି ଭୋଗ ଆରମ୍ଭ

**ପୁରୀ ଅଫିସ,୨।୩**

ଶ୍ରୀଲୋକନାଥ ମହାପ୍ରଭୁଙ୍କ ନିକଟରେ ଶନିବାରଠାରୁ ଆରମ୍ଭ ହୋଇଛି ରହଣି ଭୋଗ। ପ୍ରତ୍ୟହ ବଡ଼ସିଂହାର ଭୋଗରେ ଏହି ସ୍ୱତନ୍ତ୍ର ଭୋଗ ଲାଗି ହେବ। ଆସନ୍ତା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଶ୍ରୀଲୋକନାଥ ମନ୍ଦିର ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ ପଣ୍ଡା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପଙ୍କୋଦ୍ଧାର ଏକାଦଶୀ ପୂର୍ବରୁ ଶୁଦ୍ଧପୂତ ଭାବେ ଏହି ଭୋଗ ପ୍ରସ୍ତୁତ ହୋଇଥାଏ। ରହଣି ଭୋଗରେ ଖଜା, ମୁଠିଗଜା, ଜଗନ୍ନାଥବଲ୍ଲଭ, ମଗଜ ଲଡୁ, ଲୁଣି ଖୁରୁମା ପ୍ରଭୃତି ପ୍ରସ୍ତୁତ କରାଯାଏ। ମଇଦା, ଅଟା, ଘିଅ, ଚିନି, ଜୁଆଣି, ଅଦା, ଅଳେଇଚ, ହେଙ୍ଗୁ ପ୍ରଭୃତି ପଡି ଏହା ତିଆରି ହୁଏ। ଶ୍ରୀମନ୍ଦିରରୁ ଶ୍ରୀଲୋକନାଥ ମହାପ୍ରଭୁ ସ୍ୱମନ୍ଦିରକୁ ଯିବା ବାଟରେ ବିଭିନ୍ନ ରହଣି ସ୍ଥାନରେ ଏହି ଭୋଗ ଲାଗୁଥିବାରୁ ଏହାକୁ ରହଣି ଭୋଗ ବୋଲି କୁହାଯାଇଥାଏ। ଏହି ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ରହଣି ଭୋଗ ପାଇବା ପାଇଁ ବହୁ ଭକ୍ତ ଏହି ସମୟକୁ ଅପେକ୍ଷା କରି ରହିଥାନ୍ତି। ଏହିଦିନ ଚୂଡ଼ାଘଷା ଭୋଗ ପାଇଁ ପଞ୍ଚକୋଷୀ ଲୋକଙ୍କର ମଧ ଶ୍ରୀଲୋକନାଥ ମନ୍ଦିରଠାରେ ଗହଳି ଲାଗିଥାଏ।

## ଚୋରା ଶାଗୁଆନ ପଟା ସହ ଗାଡ଼ି ଜବତ

**କାକଟପୁର, ୨।୩(ଡି.ଏନ୍.ଏ.)**

ଏକ ଟାଟା ଏସିଇ (ନଂ ୦୨ଏଏସ୍-୬୧୦୩)ରେ ଚୋରା ଶାଗୁଆନ ପଟା କାକଟପୁରରୁ ଚାରିଛକ ଅଞ୍ଚଳକୁ ଚାଲାଣ ହେଉଥିବା ଖବର ପାଇ ଅସ୍ତରଙ୍ଗ ବନ ବିଭାଗ ଗାଡିଟିକୁ ଶନିବାର ବିଳମ୍ବିତ ରାତ୍ରିରେ ନୟାହାଟ କଲେଜ ଛକରୁ ଜବତ କରିଛି। ଅସ୍ତରଙ୍ଗ ରେଞ୍ଜର ଯୋଗେନ୍ଦ୍ରନାଥ ପାତ୍ରଙ୍କ ସୂଚନା ଅନୁସାରେ, ଏହି ଚୋରା ଚାଲାଣ ସମ୍ପର୍କରେ ସୂଚନା ପାଇ ବନପାଳ ବିଜୟଲକ୍ଷ୍ମୀ ବଳ, ବନରକ୍ଷୀ ବଳଭଦ୍ର ନାୟକ ଓ ରେଞ୍ଜର ପାତ୍ର କଲେଜ ଛକଠାରେ ଗାଡ଼ିଟିକୁ ଅଟକାଇବାରୁ ଗାଡିର ଡ୍ରାଇଭର ଅନ୍ଧାରରେ ଫେରାର ହୋଇଯାଇଥିଲେ। ବନ ବିଭାଗ ଗାଡ଼ିଟିକୁ ଜବତ କରି ପାଣିଛତ୍ରସ୍ଥିତ ରେଞ୍ଜ୍ କାର୍ଯ୍ୟାଳୟରେ ରଖିଛି। ଗାଡ଼ିରୁ ୪୦ରୁ ଊର୍ଦ୍ଧ୍ୱ ଶାଗୁଆନ ପଟା ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରେଞ୍ଜର କହିଛନ୍ତି। ଏ ନେଇ ବନ ବିଭାଗ ୧୪/୧୯ରେ ଏକ ମାମଲା ରୁଜୁ କରିଛି।

## ନିର୍ବାଚନ ପରିଚାଳନା ପାଇଁ ତାଲିମ

# ବିଧାନସଭା ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଖର୍ଚ୍ଚ କରିପାରିବେ

**ପୁରୀ ଅଫିସ,୨।୩**

ଆସନ୍ତା ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରାଯିବ। ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଓ ନିର୍ବାଚନ ପରିବାଳନା ପାଇଁ ଗଠିତ ବିଭିନ୍ନ ଟିମ୍ ସେମାନଙ୍କର କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରିବେ ବୋଲି କହିଛନ୍ତି ଜିଲାପାଳ ଜ୍ୟୋତିପ୍ରକାଶ ଦାସ। ସଂସ୍କୃତି ଭବନଠାରେ ଶନିବାର ନିର୍ବାଚନ ପରିଚାଳନା ସହ ସମ୍ପୃକ୍ତ ଅଧିକାରୀମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ଏହା କହିଛନ୍ତି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷଣ ସମ୍ପର୍କରେ କହିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜଣେ ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଟଙ୍କା ଓ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ତଦାରଖ କରିବେ। ବାଣିଜ୍ୟକର ଅଧିକାରୀ ରାଜଶ୍ରୀ ଶାହା ଓ ବାଣିଜ୍ୟକର ଯୁଗ୍ମ କମିଶନର ସଦାଶିବ ପଣ୍ଡା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଖର୍ଚ୍ଚ ଯାଞ୍ଚ କରିବା ଲାଗି ଗଠିତ ବିଭିନ୍ନ ଟିମ୍‌ର କାର୍ଯ୍ୟ ବିଷୟରେ କହିଥିଲେ। ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ତଦାରଖ କରିବା ଓ ନିର୍ବାଚନ ସମ୍ବନ୍ଧୀୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପର୍କରେ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଆଲୋଚନା କରିଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର ନିର୍ବାଚନ ପରିଚାଳନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପିକେଡିଏ ସଚିବ ଶୁଭାଶିଷ ମାନସିଂ, ଆଡିଶନାଲ ସବ୍‌କଲେକ୍ଟର ନିହାରିକା ନାୟକ ଓ ବିଭିନ୍ନ ଅଧିକାରୀ ଏହି ତାଲିମରେ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ନ ଥିବାକୁ ପେଯ**
**କେହି ନ ଥିବାକୁ ତୋ ମୁହଁ ଚାହୁଁଛି**
**କହିବାକୁ ମାଡ଼େ ଲାଜ।**

ଗରିବ ଘରେ ଅଭାବ ଅନଟନ ଲାଗି ରହିଥାଏ। ଘରେ ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଯାଉ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ରହିବ ବୋଲି ଅନ୍ୟକୁ ଆପଣାର କରିଥିବା ସତ୍ତ୍ୱେ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ଦେଖି ଦୁଃଖରେ ଭାଙ୍ଗି ପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଜାମିନି ହୋଇଛି ଦବା ପାଇଁ**
**ଗଛରେ ଚଢ଼ିଛି ମରିବା ପାଇଁ।**

ସାଧାରଣତଃ ଜାମିନମାନେ ବ୍ୟକ୍ତିଗତ ମୁଚାଲିକା ମାଧ୍ୟମରେ କୋର୍ଟରୁ ଲୋକକୁ ଆଣିଥାନ୍ତି। ଦୋଷୀ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହିଥାଏ। ହାଜିର ହୋଇ କୈଫିୟତ ଦେବାକୁ ଦଉଡ଼ିଥାଏ। ପରୋକ୍ଷରେ ସରଳ ମନରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

# ୭ ହଜାର ୮୨୪ ଅଣ୍ଡା ସଂଗ୍ରହ

**କାକଟପୁର, ୨।୩(ଡି.ଏନ୍.ଏ.)**



ଅସ୍ଥାୟୀ ହ୍ୟାଚେରିରେ ଅଲିଭ୍ ରିଡ୍‌ଲେ ଅଣ୍ଡା।

ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୩ ଦିନ ମଧ୍ୟରେ ଅସ୍ତରଙ୍ଗ ଉପକୂଳର ଦେବୀ ମୁହାଣଠାରୁ ଗଙ୍ଗାଦେବୀ ମୁହାଣ ମଧ୍ୟରେ ୧୧୧ କଇଁଛ ଅଣ୍ଡା ଦେଇଛନ୍ତି। ବନବିଭାଗର କର୍ମଚାରୀମାନେ ୭ ହଜାର ୮୨୪ ଅଣ୍ଡା ସଂଗ୍ରହ କରି ଅସ୍ଥାୟୀ ହ୍ୟାଚେରି ବାଲିରେ ପୋତିଥିବା ଅସ୍ତରଙ୍ଗ ରେଞ୍ଜର ଯୋଗେନ୍ଦ୍ର ପାତ୍ର କହିଛନ୍ତି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚାଲୁରହିବ ବୋଲି ଜଣାପଡ଼ିଛି। ଅସ୍ତରଙ୍ଗ ବନବିଭାଗ ଶନିବାର ସୁଦ୍ଧା ୧୪୨ଟି ବସାରୁ ୧୧ ହଜାର ୧୭୭ଟି ଅଣ୍ଡା ସଂଗ୍ରହ କରିଥିବା ଜଣାପଡ଼ିଛି।

## ମଦ ଜବତ, ୫ଗିରଫ

**ପୁରୀ ଅଫିସ,୨।୩:** ବେଆଇନ ମଦ ବିକ୍ରି ଅଭିଯୋଗରେ ପୁରୀ ଅବକାରୀ ପୋଲିସ ଶନିବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁରର ଯମେଶ୍ୱର ଭୋଇ, ନୃସିଂହ ଭୋଇ, ରମେଶ ଭୋଇ, ପିପିଲିର ମାନସ ଦୀକ୍ଷିତ ଓ ସପନ ରାଉଳ। ଯମେଶ୍ୱର ଓ ନୃସିଂହଙ୍କ ଠାରୁ ୬୦ଲିଟର ଦେଶୀମଦ ଓ ୧୮୦ଲିଟର ପୋଚ ଜବତ କରାଯାଇଛି। ସପନଙ୍କ ଠାରୁ ୨.୫ଲିଟର ପୋଚ ଓ ମାନସଙ୍କ ଠାରୁ ୫ଲିଟର ଦେଶୀମଦ ଜବତ କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଗୋଚର ଜମିରୁ ଗଛ କାଟି ରାସ୍ତା ନିର୍ମାଣ ଅଭିଯୋଗ

**କୋଣାର୍କ, ୨।୩(ଡି.ଏନ୍.ଏ.)**



ଗୋଚର ଜମିରୁ କଟାଯାଇଥିବା ଗଛ।

କୋଣାର୍କ ଥାନା ଅବଦାନ ପଞ୍ଚାୟତର ନୂଆଗାଁ ଗ୍ରାମରେ ଗୋଚର ଜମିରୁ ଗଛ କାଟି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା ପୁରୀ ଉପ ଜଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଚିତ୍ରେଶ୍ୱରୀ ରାଜସ୍ୱ ସର୍କଲ ଅଧୀନ ନୂଆଗାଁ ଗ୍ରାମର ଗୋପାଳ ଚରଣ ନାୟକଙ୍କ ସ୍ଥିତିବାନ ଖାତା ନଂ-୨୦୨, ପ୍ଲଟ ନଂ-୭୯୫କୁ ଲାଗିଥିବା ଗୋଚର ଜମି ଖାତା ନଂ-୨୫୨, ପ୍ଲଟ ନଂ-୧୨୯୬ରୁ ସେହି ଗ୍ରାମର କିଛି ମୁଷ୍ଟିମେୟ ଲୋକ ଆକଧିଆ, ଝାଉଁ ସମେତ ଶତାଧିକ ଗଛକାଟି ଦେଇଛନ୍ତି। ପରେ ଡୋଜର ଓ ଟ୍ରାକ୍ଟର ଲଗାଇ ସଫାକରି ବେଆଇନ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ନେଇ ନୂଆଗାଁ ଗ୍ରାମର ଗୋପାଳ ଚରଣ ନାୟକ ପୁରୀ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଏ ନେଇ ଗତ ତା୨୬।୧୧।୨୦୧୮ରେ ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ, କୋଣାର୍କ ବନାଞ୍ଚଳ ଅଧିକାରୀ ଓ କାକଟପୁର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷପ ନିଆଯାଇ ନ ଥିବା ଅଭିଯୋଗକାରୀ ନାୟକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାକଟପୁର ତହସିଲଦାର ରୋଜିନା ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଅଭିଯୋଗ ମୋର ହସ୍ତଗତ ହୋଇଛି। ୨ରୁ ୩ ଦିନ ମଧ୍ୟରେ ମୁଁ ଘଟଣାସ୍ଥଳ ପରିଦର୍ଶନ କରି ବେଆଇନ ରାସ୍ତା ନିର୍ମାଣ ଉପରେ ରୋକ୍ ଲଗାଇବା ସହ ବେଆଇନ ଗଛ କଟା ଉପରେ ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ। ଏ ନେଇ କୋଣାର୍କ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କୁ ପଚାରିବାରେ ନୂଆଗାଁ ଗ୍ରାମରୁ ବେଆଇନ ଭାବେ କଟା ଯାଇଥିବା ଗଛଗୁଡିକୁ ଜବତ କରାଯିବା ସହ ମାମଲା ରୁଜୁ ହୋଇଛି।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office
G-79 Aadrsh Nagar Karol Bagh
Contact :- 8676907143, 9348274623

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993